ଧରିତ୍ରୀ 51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜୁନ୍ ୨୨/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, June 22/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୨୦୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 207 | ମୂଲ୍ୟ₹୭/-




**ନୀରଜଙ୍କୁ ଡାଇମଣ୍ଡ ଲିଗ୍ ଟାଇଟଲ**

ପ୍ୟାରିସରେ ଡାଇମଣ୍ଡ ଲିଗ୍ ଟାଇଟଲ ଜିତିଛନ୍ତି ଭାରତୀୟ ଜାଭେଲିନ ଥ୍ରୋ ସୁପରଷ୍ଟାର ନୀରଜ ଚୋପ୍ରା।

୧୪

୦୯

**ନୂଆ ଲୁକ୍‌ରେ ଗୋବିନ୍ଦା**

ଇନ୍‌ଷ୍ଟାଗ୍ରାମରେ ବଲିଉଡ୍ ଅଭିନେତା ଗୋବିନ୍ଦା ନିଜର ଏକ ନୂଆ ଲୁକ୍‌କୁ ଶେୟାର କରିଛନ୍ତି, ଯାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।



# ଝାଡ଼ଖଣ୍ଡରେ ବର୍ଷା, ବାଲେଶ୍ୱରରେ ବନ୍ୟା

**▪ ସୁବର୍ଣ୍ଣରେଖା ବନ୍ୟାପାଣିରେ ଭାସିଗଲେ ଯୁବକ ▪ ୪ ବ୍ଲକର ଶତାଧିକ ଗାଁ ଜଳବନ୍ଦୀ ▪ ଭାଙ୍ଗିଲା ଖାଲଯୋଡ଼ି ସ୍ଲୁଇସ ଗେଟ୍**



ଭୋଗରାଇ ବ୍ଲକ ମନୁନଗର ଗ୍ରାମରେ ବନ୍ୟାଘେରରେ ରହିଥିବା ଘର।

ବିନା ବଡ଼ ବର୍ଷାରେ ବାଲେଶ୍ୱର ଜିଲାରେ ସୃଷ୍ଟି ହୋଇଛି ବନ୍ୟା। ବହୁ ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିବାବେଳେ ସୁବର୍ଣ୍ଣରେଖା ବନ୍ୟାଜଳ ସ୍ରୋତରେ ଶନିବାର ମଧ୍ୟାହ୍ନରେ ଭୋଗରାଇ ବ୍ଲକର ଜଣେ ଯୁବକ ଭାସି ନିଖୋଜ ହୋଇଯାଇଛନ୍ତି। ଝାଡ଼ଖଣ୍ଡରେ ହୋଇଥିବା ପ୍ରବଳ ବର୍ଷାର ପରିଣାମ ସ୍ୱରୂପ ଏଭଳି ସ୍ଥିତି ଉପୁଜିଛି। ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ଶୁକ୍ରବାର ସନ୍ଧ୍ୟାରେ ଝାଡ଼ଖଣ୍ଡରେ ଗାଲୁଡିହି ବ୍ୟାରେଜ୍‌ର ୮ ଗେଟ୍ ଖୋଲି ଦିଆଯାଇଥିଲା। ଫଳରେ ସୁବର୍ଣ୍ଣରେଖା ନଦୀ ଫୁଲି ଉଠିଛି। ଏଥିଯୋଗୁ ତଳମୁଣ୍ଡରେ ଥିବା ଅଞ୍ଚଳ ବନ୍ୟାପ୍ଲାବିତ ହୋଇଛି। ସେଥିମଧ୍ୟରୁ ବାଲେଶ୍ୱର ଜିଲାର ୪ ବ୍ଲକର ଶତାଧିକ ଗାଁ ଜଳବନ୍ଦୀ ହୋଇଯାଇଛି। ମୁଖ୍ୟ ରାସ୍ତାଗୁଡ଼ିକରେ ଆଣ୍ଠୁଏରୁ ଅଣ୍ଟାଏ ଯାଏ ପାଣି ଜମି ରହିଛି। ସେହିପରି ଭୋଗରାଇ ବ୍ଲକ୍‌ରେ ବ୍ରିଟିଶ ଅମଳରେ ନିର୍ମିତ ଖାଲଯୋଡ଼ି ସ୍ଲୁଇସ୍ ଗେଟ୍ ବନ୍ୟାସ୍ରୋତରେ ଭାଙ୍ଗିଯାଇଛି।

ଭୋଗରାଇ, ୨୧।୬ (ପ୍ରଦୀପ ଦାସ)

ଝାଡ଼ଖଣ୍ଡ ମାଳାଞ୍ଚଳରେ ଭୀଷଣ ବର୍ଷା ଓ ଗାଲୁଡିହି ବ୍ୟାରେଜ୍‌ର ପ୍ରାୟ ୮ ଗେଟ୍‌ରେ ପ୍ରତି ସେକେଣ୍ଡରେ ୨ଲକ୍ଷ ୪୨ କ୍ୟୁସେକ ଉଦ୍‌ବୃତ୍ତ ବର୍ଷାପାଣି ସୁବର୍ଣ୍ଣରେଖାକୁ ନିଷ୍କାସନ କରାଯିବାରୁ ନଦୀରେ ଆକସ୍ମିକ ବନ୍ୟା ଆସିଛି। ଶୁକ୍ରବାର ସନ୍ଧ୍ୟାରୁ ସୁବର୍ଣ୍ଣରେଖା ଜଳସ୍ତର ବୃଦ୍ଧିପାଇ ରାଜଘାଟ ଗେଜ୍‌ଠାରେ ବିପଦସଙ୍କେତ ୧୦.୩୬ମିଟର ଊର୍ଦ୍ଧ୍ୱରେ ପ୍ରବାହିତ ହେଉଥିଲା। ଶନିବାର ରାତି ୮ଟା ସୁଦ୍ଧା ଜଳସ୍ତର ୧୦.୪୮ ମିଟର ରହିଛି। ଭୋଗରାଇ ବ୍ଲକ କୁମ୍ଭୀରଗଡି ପଞ୍ଚାୟତ କୁହ୍ଲା ଗ୍ରାମର ମହେଶ୍ୱର ପିଲା(୨୨) ଶନିବାର ମଧ୍ୟାହ୍ନ ୧୨ଟା ୧୫ରେ ତାଙ୍କ ମା' ଓ ଅନ୍ୟ ଜଣେ ଭାଇଙ୍କ ସହ ବାଲିଆପାଳ ଜାମକୁଣ୍ଡାରୁ ଘରକୁ ଫେରୁଥିବା ☞ପୃଷ୍ଠା-୪

## ଯୋଗ ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା | ସ୍କୁଲ ପାଠ୍ୟକ୍ରମରେ ରହିବ ଯୋଗ

ଭୁବନେଶ୍ୱର,୨୧।୬ (ସୁନିତ୍ ମିଶ୍ର)



ପିଲାଙ୍କ ଶାରୀରିକ, ମାନସିକ ଓ ଆବେଗିକ ସୁସ୍ଥତା ପାଇଁ ସ୍କୁଲ ପାଠ୍ୟକ୍ରମ ଏବଂ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମଗୁଡ଼ିକରେ ଯୋଗକୁ ସାମିଲ କରାଯିବ। ଏହା ଏକ ସୁସ୍ଥ, ଆତ୍ମନିର୍ଭରଶୀଳ ଓ ସମର୍ଥ ଭାରତ ଗଢ଼ି ତୋଳିବାରେ ସହାୟକ ହେବ। ଏଥିସକାଶେ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି ବୋଲି ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ଏକାଦଶ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ଆମେ ଯୋଗକୁ ସମସ୍ତଙ୍କ ପାଇଁ ଉପଲବ୍ଧ କରାଉଛୁ। ସ୍କୁଲ, କଲେଜ, ହଷ୍ଟେଲ, ସ୍ପୋର୍ଟିଂ ସେଣ୍ଟର ଆଦିରେ ସଚେତନତା ଅଭିଯାନର ଆୟୋଜନ କରାଯାଉଛି। ତେଣୁ ସ୍କୁଲ ପାଠ୍ୟକ୍ରମ ଓ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଏହାକୁ ସାମିଲ କରିପାରିବା ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

## ନୋବେଲ ଶାନ୍ତି ପାଇଁ ଟ୍ରମ୍ପଙ୍କ ନାମ ସୁପାରିସ କଲା ପାକିସ୍ତାନ

ଇସ୍‌ଲାମାବାଦ/ନ୍ୟୁୟର୍କ,୨୧।୬

ଭାରତ-ପାକିସ୍ତାନ ସଂଘର୍ଷ ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଣ୍ଣାୟକ କୂଟନୈତିକ ହସ୍ତକ୍ଷେପ ନିମନ୍ତେ ତାଙ୍କୁ ୨୦୨୬ ବର୍ଷର ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ ଲାଗି ଇସ୍‌ଲାମାବାଦ ଆନୁଷ୍ଠାନିକ ଭାବେ ସୁପାରିସ କରିଛି। ହ୍ୱାଇଟ୍ ହାଉସ୍‌ରେ ଟ୍ରମ୍ପ୍ ପାକିସ୍ତାନ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଆସିମ ମୁନିରଙ୍କୁ ଆପ୍ୟାୟିତ କରିବାର ୩ ଦିନ ନ ବିତୁଣୁ ପାକିସ୍ତାନ ସରକାର ଉପରୋକ୍ତ ଘୋଷଣା କରିଛନ୍ତି। ଏପ୍ରିଲ୍ ୨୨ରେ ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ୨୬ ହିନ୍ଦୁ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟଣାର ଜବାବରେ ଭାରତୀୟ ସେନା ମେ' ୭ରେ ପାକିସ୍ତାନ ଓ ପାକ୍-ଅଧିକୃତ କଶ୍ମୀର(ପିଓକେ)ରେ ଥିବା ଆତଙ୍କବାଦୀ ଭିତ୍ତିଭୂମି ଉପରେ ଆକ୍ରମଣ କରିଥିଲା। ଉଭୟ ଦେଶ ପରସ୍ପର ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ନେବା ପରେ ମେ' ୧୦ରେ ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରୀ ଅପରେଶନ(ଡିଜିଏମ୍ଓ) ସ୍ତରୀୟ ଆଲୋଚନା ହୋଇ ଅସ୍ତ୍ରବିରତି ଲାଗି ନିଷ୍ପତ୍ତି ନିଆଯାଇଥିଲା। ତେବେ ଭାରତ-ପାକ୍ ଯୁଦ୍ଧକୁ ବନ୍ଦ କରାଇଥିବା ନେଇ ଟ୍ରମ୍ପ୍ କ୍ରମାଗତ ଭାବେ ଦାବି କରିଆସୁଛନ୍ତି। ତାଙ୍କ ଦାବିକୁ ଭାରତ ଖଣ୍ଡନ କରିବା ସହ ଅସ୍ତ୍ରବିରତିରେ କେହି ମଧ୍ୟସ୍ଥତା କରି ନ ଥିବା ସ୍ପଷ୍ଟ କରିଛି। ଭାରତୀୟ ସେନାର ଜୋର୍‌ଦାର ଆକ୍ରମଣରେ ଭୟଭୀତ ପାକ୍ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** କେବଳ ପ୍ରହେଳିକା





No. T-43

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା23.06.2025ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**

OIPR-09014/11/0151/2526









# 'ଯୋଗ ସ୍ୱଚ୍ଛ ମନ, ସୁସ୍ଥ ଶରୀରର ପ୍ରତୀକ'

## ବଲାଙ୍ଗୀରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

### 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ' ପାଇଁ ଯୋଗ

ବଲାଙ୍ଗୀର,୨୧।୬(ବୀରେନ୍ଦ୍ର କୁମାର ଝାଙ୍କର)



ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଅନ୍ତର୍ଜାତୀୟ ଯୋଗ ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀ।

ଶନିବାର ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ବଲାଙ୍ଗୀର ଜିଲାର ବିଭିନ୍ନ ସ୍ଥାନ, ସ୍କୁଲ, କଲେଜ, ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଥିଲା। ବଲାଙ୍ଗୀର ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମଠାରେ ସାମୁହିକ ଯୋଗାଭ୍ୟାସ ଅନୁଷ୍ଠିତ ହୋଇଥିଲା। ଏହି ଯୋଗ ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଜିଲାପାଳ ଗୌରଵ ଶିୱାଜୀ ଇସଲୱାର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଡ଼. ବିଜୟାନନ୍ଦ ସେଠୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ଜିଲା ପରିଷଦ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ତରଣୀ ସୁନା, ବଲାଙ୍ଗୀର ବିଡିଓ ହୃଷୀକେଶ ଗଣ୍ଡ ଉପସ୍ଥିତ ରହି ଯୋଗାସନ କରିଥିଲେ। ଏଠାରେ ବିଦ୍ୟାଳୟର ଛାତ୍ରୀଛାତ୍ର, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଖେଳାଳି, ସରକାରୀ, ବେସରକାରୀ ସଂସ୍ଥାର କର୍ମଚାରୀ ଓ ସ୍ୱାସ୍ଥ୍ୟ ସଚେତନ ବ୍ୟକ୍ତି ଯୋଗଦାନ କରି ଯୋଗାସନରେ ଅଂଶଗ୍ରହଣ କରିଥିଲେ। ମନ୍ତ୍ର ଉଚ୍ଚାରଣ ପରେ ପରେ ସ୍ୱାମୀ ବିଜ୍ଞାନ ଚୈତନ୍ୟା ନନ୍ଦ ସରସ୍ୱତୀ, ଶଶୀକାନ୍ତ ରାଉତ, ଦିଲୀପ କୁମାର ପ୍ରଧାନ, ନିଲୁ ପ୍ରଧାନ ଯୋଗାଭ୍ୟାସ କରାଇଥିଲେ। ପଦ୍ମାସନ, ତାଡାସନ, ଭୁଜଙ୍ଗାସନ, କପାଳ ଭାରତୀ ଓ ଶବାସନ ଭଳି ବିଭିନ୍ନ ଯୋଗାସନ ସବୁର ଆମ ଶରୀର ପାଇଁ ଥିବା ଉପାଦେୟତା ସମ୍ପର୍କରେ ବୁଝାଇଥିଲେ। ଶେଷରେ ଶପଥପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ଅଧିକାରୀ ପରାଶର ବର, ଜିଲା ସଂସ୍କୃତି ଅଧିକାରୀ ରଶ୍ମି ରଞ୍ଜନ ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ସାହୁ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ତଥା ଜିଲାପାଳଙ୍କ ଅଫିସର କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଦୈନନ୍ଦିନ ଜୀବନରେ ଯୋଗକୁ ସାମିଲକର

ଲାଠୋର,୨୧।୬(ଭୁବନେଶ୍ୱର ବାରିକ)



ଲାଠୋର ପଞ୍ଚାୟତ ଡିଗ୍ରୀ କଲେଜରେ ଯୋଗାଭ୍ୟାସ।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଡିଗ୍ରୀ କଲେଜରେ ଶନିବାର ଅଧ୍ୟକ୍ଷ ପ୍ରସନ ଦାଶଙ୍କ ଅଧ୍ୟକ୍ଷତାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ଖେଳ ଶିକ୍ଷକ ସଦାନନ୍ଦ ବେହେରା ଯୋଗ ଶିକ୍ଷକ ଭାବେ ଯୋଗଦେଇ ଉପସ୍ଥିତ ଅଧ୍ୟାପିକା, ଅଧ୍ୟାପକ ତଥା ଛାତ୍ରାଛାତ୍ରୀମାନଙ୍କୁ ବିଭିନ୍ନ ପ୍ରକାର ଯୋଗ ଅଭ୍ୟାସ କରାଇଥିଲେ। ଏହାଛଡ଼ା ଯୋଗର ଉପକାରିତା ସମ୍ପର୍କରେ ବୁଝାଇ ଥିଲେ। ପ୍ରତ୍ୟେକ ବ୍ୟକ୍ତି ନିଜର ଦୈନନ୍ଦିନ ଜୀବନରେ ଯୋଗକୁ ସାମିଲ କରି ନିରୋଗୀ ରହିବା ସହ ଦୀର୍ଘାୟୁ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଏବଂ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଯୋଗ ଶିବିର: ସୁସ୍ଥ ରହିବାକୁ ସଂକଳ୍ପ ପାଠ

ଟିଟିଲାଗଡ଼,୨୧।୬(ଶରତ ମିଶ୍ର)

ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଟିଟିଲାଗଡ଼ ସହରର ବିଭିନ୍ନ ସ୍ଥାନରେ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଟିଟିଲାଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ କୁମୁଡା କଲ୍ୟାଣମଣ୍ଡପ ପରିସରରେ ବିଡ଼ିଓ ଚନ୍ଦ୍ରମଣୀ ନାଗଙ୍କ ତତ୍ତ୍ୱାବଧାନରେ ଶତାଧିକ ବ୍ୟକ୍ତି ଯୋଗ ଗୁରୁ ଲକ୍ଷ୍ମୀକାନ୍ତ ପ୍ରଣୀଆ, ଦିବାକର ନାଗଙ୍କ ଠାରୁ ଯୋଗ ଶିକ୍ଷା ଲାଭ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଜିପିଏଡ ଦେବାଶିଷ ମିଶ୍ର, ସିଡିପିଓ ସୁଷମା ପାଢ଼ୀ, ଯନ୍ତ୍ରୀ ଲୋପାମୁଦ୍ରା ବିଶାଳ, ଏସଓ ରଶ୍ମିରଞ୍ଜନ ବେହେରା, ସିଆରସି ସିଦମ କୈକେୟୀ ବଗର୍ତ୍ତୀ, ଜିପିଓ ଦୀପକ ବାଗ, ମମତା ଯୋଜନାର ପିଏ ସଂଯୁକ୍ତା ମିଶ୍ର, ସିଆରପିସି ମାଳତୀ ବାଗ, ଏସବିସି ଓଏଲଏମ ସେକ ଅଞ୍ଜୁମ, ସିଆରପିସିଏମ ମାଳତୀ ବାଗ ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ବିଡ଼ିଓ ବାଗ ନିୟମିତ ଯୋଗ ପ୍ରାଣାୟାମ କରିବା ସହ ସୁସ୍ଥ ରହିବାକୁ ଶିବିରାର୍ଥୀମାନଙ୍କୁ ସଂକଳ୍ପ ପାଠ କରାଇଥିଲେ। ସେହିପରି ସ୍ଥାନୀୟ ଗୋବିନ୍ଦ ବାଟିକାଠାରେ ଲାୟନ୍ସ କ୍ଲବ ପକ୍ଷରୁ ସଭାପତି ଗଙ୍ଗାଧର ଶର୍ମାଙ୍କ ନେତୃତ୍ୱରେ ଯୋଗ ଦିବସ ପାଳିତ ହୋଇଯାଇଛି। ଟିଟିଲାଗଡ଼ ଥାନାରେ ଏସଡିପିଓ ଯଶୋବନ୍ତ ପ୍ରଧାନ, ଆଇଆଇସି କଲ୍ୟାଣୀ ବେହେରାଙ୍କ ନେତୃତ୍ୱରେ ହୋଇଥିବା ଯୋଗ ଶିବିରରେ ସମସ୍ତ ପୋଲିସ ଅଧିକାରୀ, କର୍ମଚାରୀ ଯୋଗ କରିଥିଲେ।

# ଲୋଇସିଂହା ବ୍ଲକ୍: ବିକାଶ ମେଳା ଉଦ୍‌ଯାପିତ



ବାଦିବାହାଲଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଜିଲାପାଳ ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି।

ଲୋଇସିଂହା,୨୧।୬(ସୁଶାନ୍ତ ବାରିକ)

ରାଜ୍ୟ ସରକାରଙ୍କ ୧ବର୍ଷ ପୂର୍ତ୍ତି ଉପଲକ୍ଷେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ଗତ ୧୨ ତାରିଖରୁ ଚାଲିଥିବା ବିକାଶ ମେଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ବ୍ଲକ ବାଦିବାହାଲ ଓ ଯୋଗୀସର୍ଡା ପଞ୍ଚାୟତ ମୁଖ୍ୟାଳୟରେ ଏହି ମେଳା ଆୟୋଜିତ ହୋଇଥିଲା। ପ୍ରଥମାର୍ଦ୍ଧରେ ବିକାଶ ବାହନ ବାଦିବାହାଲ ପଞ୍ଚାୟତରେ ପହଞ୍ଚିବା ପରେ ସ୍ୱାଗତ କରାଯାଇଥିଲା। ଏହାପରେ ବାଦିବାହାଲ ସରପଞ୍ଚ ପ୍ରଶାନ୍ତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା। ଏଥିରେ ଉପଜିଲାପାଳ ଆଲୋକ ପଟେଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଡିଓ ଅକ୍ଷୟପାଣି ଉଦ୍ଗ, ତହସିଲଦାର ସଂଘମିତ୍ରା କାଲୋ, ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଉପଜିଲାପାଳ ପଟେଲ ରାଜ୍ୟ ସରକାରଙ୍କ ଏକ ବର୍ଷର ଉପଲବ୍ଧି, ସେବା ଓ ସୁଶାସନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପଞ୍ଚାୟତର ୧୦ ଜଣଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ, ୪ ଜଣଙ୍କୁ ଜବକାର୍ଡ, ୧୫ ଜଣଙ୍କୁ ରାଶନ କାର୍ଡ, ୧୦ ଜଣ ବୟସ୍କଙ୍କୁ ବୟୋବନ୍ଦନା କାର୍ଡ, ୩ ଜଣଙ୍କୁ ଶ୍ରମିକ କାର୍ଡ ଏବଂ ୫ ଜଣ ୮୦ ବର୍ଷୀୟ ବୃଦ୍ଧାବୃଦ୍ଧଙ୍କୁ ୩୫ ଶହ ଟଙ୍କା ଭତ୍ତା ପ୍ରଦାନ କରାଯାଇଥିଲା। ସେହିପରି ଯୋଗୀସର୍ଡା ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ବିଜୁଳି ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଏଠାରେ ମଧ୍ୟ ଅଧିକାରୀମାନେ ସରକାରୀ ଯୋଜନା ଏବଂ ରାଜ୍ୟ ସରକାରଙ୍କ ଏକବର୍ଷ ଉପଲବ୍ଧି ଉପରେ କହିଥିଲେ। ପଞ୍ଚାୟତର ୫ ଜଣଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନ କାର୍ଯ୍ୟାଦେଶ, ୩ ଜଣଙ୍କୁ ଜବ୍ କାର୍ଡ, ୧୫ ଜଣଙ୍କୁ ରାଶନ କାର୍ଡ, ୨ ଜଣଙ୍କୁ ବୟୋ ବନ୍ଦନା କାର୍ଡ, ଜଣଙ୍କୁ ଶ୍ରମିକ କାର୍ଡ ଏବଂ ୮୦ ବର୍ଷ ଅତିକ୍ରାନ୍ତ କରିଥିବା ୫ ଜଣ ବୃଦ୍ଧାବୃଦ୍ଧଙ୍କୁ ୩୫ ଶହ ଟଙ୍କା ଭତ୍ତା ପ୍ରଦାନ କରାଯାଇଥିଲା।

# ଲୋକକଳା ମାଧ୍ୟମରେ ଜନସଚେତନତା

ଲୋଇସିଂହା,୨୧।୬(ସୁଶାନ୍ତ ବାରିକ)

ଶନିବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଡ଼ୀପଦର ଓ ହୀରାପୁର ପଞ୍ଚାୟତ ଅଞ୍ଚଳରେ ଲୋକକଳା ମାଧ୍ୟମରେ ନିଶା ନିବାରଣ ନେଇ ଜନସଚେତନତା ସୃଷ୍ଟି କରାଯାଇଛି। ସ୍ଥାନୀୟ ଅବକାରୀ ବିଭାଗ ଆନୁକୂଲ୍ୟରେ ମେ ୩୧ରୁ ଜୁନ ୨୬ ଯାଏ ଚଳିତବର୍ଷର ବାର୍ତ୍ତା ଆମ ସଂକଳ୍ପ ନିଶା ନୁହେଁ, ଜୀବନ ଉପରେ ଲୋକଗୀତ ମାଧ୍ୟମରେ ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ସଚେତନ କରାଯାଉଛି। ବୁଡ଼ୀପଦର ପଞ୍ଚାୟତ ସରପଞ୍ଚ ଲକ୍ଷ୍ମୀ ପଧାନ ଓ ହୀରାପୁର ସରପଞ୍ଚ ରମାକାନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ଲୋକକଳା ଦଳ ଗାଁକୁ ଗାଁ ଯାଇ ଲୋକଗୀତ ମାଧ୍ୟମରେ ମାଦକ ଦ୍ରବ୍ୟର କୁପ୍ରଭାବ ଉପରେ ବୁଝାଇଥିଲେ। ମଦ ନିଶା ଯୋଗୁ ଦୁର୍ଘଟଣା, ଘରୋଇ ହିଂସା, ବିଭିନ୍ନ ଆପରାଧିକ କାର୍ଯ୍ୟବୃଦ୍ଧି ପାଉଥିବାରୁ ସେ ଉପରେ ଗୀତ ମାଧ୍ୟମରେ ସଚେତନତା ବାର୍ତ୍ତା ଦେଇଥିଲେ।

# ତୁଷୁରାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

## ଯୋଗାଭ୍ୟାସ ଦ୍ୱାରା ଶାନ୍ତି ମିଳେ

ଗୁଡଭେଲା,୨୧।୬(ମନୋଜ କୁମାର ଜୈନ)



ଯୋଗ ଦିବସ ଅବସରରେ ଛାତ୍ରୀଛାତ୍ରମାନେ ଯୋଗ କରୁଛନ୍ତି।

ବଲାଙ୍ଗୀର ଜିଲା ତୁଷୁରା ସହରର ସରକାରୀ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାମାଜିକ କର୍ମୀ ରାଧାରମଣ କେଡିଆ ଓ ସମ୍ମାନିତ ଅତିଥି ଭାବେ ରାଜ୍ୟ ଜୈନ ତେରାପନ୍ଥ ସଭାର ମିଡିଆ ପ୍ରଭାରୀ ମନୋଜ କୁମାର ଜୈନ ଯୋଗ ଦେଇଥିଲେ। ଅତିଥିମାନେ କହିଥିଲେ, ମାନସିକ ସ୍ୱାସ୍ଥ୍ୟ ଓ ଉତ୍ତମ ଶରୀର ପାଇଁ ସମସ୍ତେ ଯୋଗ କରିବା ଦରକାର। ଦୈନନ୍ଦିନ ଯୋଗାଭ୍ୟାସ ଦ୍ୱାରା ମାନସିକ ଶାନ୍ତି ମିଳିଥାଏ। ସର୍ବୋପରି ଯୋଗ ଦ୍ୱାରା ସୁସ୍ଥ ଭାବେ ବଞ୍ଚି ହେବ ବୋଲି ମତବ୍ୟକ୍ତ କରିଥିଲେ। ଯୋଗଗୁରୁ ସନ୍ତୋଷ କୁମାର ସାହୁ ଶିବିରାର୍ଥୀଙ୍କୁ ଯୋଗ ଶିକ୍ଷା ଦେବା ସହ ପ୍ରତ୍ୟେକ ଦିନ ଯୋଗ ଅଭ୍ୟାସ କରିବା ପାଇଁ କହିଥିଲେ। ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମିଳନୀ ତୁଷୁରା ଶାଖାର ବାଳ ବିକାଶ ପ୍ରମୁଖ ଉଷା କେଡିଆଙ୍କ ନେତୃତ୍ୱରେ ସଭାନେତ୍ରୀ ଶାରଦା କେଡିଆ, ସମ୍ପାଦିକା ସୁଶୀଳା ଅଗ୍ରୱାଲ, ସଦସ୍ୟା ରାମା ଦେବୀ ଜୈନ, ମଞ୍ଜୁ କେଡିଆ ଓ ସ୍ୱିଟି ଅଗ୍ରୱାଲ ପ୍ରମୁଖ ଶିବିରରେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ରଞ୍ଜିତା ନାଗ ଓ ଆକାଂକ୍ଷା ରାଣୀ ଯୋଶୀ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ବିନ୍ଦୁ ମାହାଣା ଧନ୍ୟବାଦ ଅର୍ପଣ କରିଥିଲେ।

# ୨୪ରୁ ଜିଲା ପରିଷଦ ସଦସ୍ୟଙ୍କ ଧାରଣା

ବଲାଙ୍ଗୀର,୨୧।୬(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପରିଷଦ ସଦସ୍ୟାସଦସ୍ୟମାନେ ଆସନ୍ତା ୨୪ ତାରିଖରୁ ସ୍ଥାନୀୟ ଜିଲା ପରିଷଦ ଅଫିସ ସମ୍ମୁଖରେ ଧାରଣାରେ ବସିବେ। ଏନେଇ ଶନିବାର ଜିଲା ପରିଷଦ ସଭାପତି ଦେବକୀ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଜିଲାପାଳ ଅଫିସକୁ ଯାଇ ଲିଖିତ ଭାବେ ଜଣାଇଛନ୍ତି। ଏଡିଏମ୍ ଡ. ବିଜୟାନନ୍ଦ ସେଠୀ ଦାବିପତ୍ର ଗ୍ରହଣ କରିଥିଲେ। କେବିକେ ବିକାଶ ଯୋଜନା ଜିଲା ଅଂଶ ଅନୁମୋଦନ ନ କରିବା, ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ନିଯୁକ୍ତ ନ କରିବା, ଜିଲା ପରିଷଦ ବୈଠକ ନ କରିବା ଏବଂ ନିର୍ବାଚିତ ଜିଲା ପରିଷଦ ସଦସ୍ୟାସଦସ୍ୟଙ୍କୁ ଜିଲା ପ୍ରଶାସନ ଖାତିର ନ କରିବା ପ୍ରତିବାଦରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ ବୋଲି କୁହାଯାଇଛି। ଜିଲା ପରିଷଦ ସଭାପତି ସାହୁ କହିଥିଲେ, ବଲାଙ୍ଗୀର ଏକ ଆକାଂକ୍ଷୀ ଜିଲା। ଏହା ପୁଣି କେବିକେ ଅନ୍ତର୍ଗତ ଏକ ପଛୁଆ ଜିଲା। ଏଠାରେ ସମସ୍ତ ବିକାଶ କାମ ଠପ୍ ହୋଇଯାଇଛି। ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ନ ଥିବାରୁ କୌଣସି କାର୍ଯ୍ୟ ଠିକ୍ ଭାବେ ହୋଇପାରୁନାହିଁ। ଜିଲା ସଭାପତି ସାହୁ କହିଥିଲେ। ଜିଲା ପରିଷଦ ପ୍ରଶାସନ ନିର୍ବାଚିତ ଜିଲା ପରିଷଦ ସଦସ୍ୟା ସଦସ୍ୟଙ୍କୁ ସହଯୋଗ କରୁନାହିଁ। ଗତ ୧୮ ତାରିଖ ଦିନ ଜିଲାପାଳ କାର୍ଯ୍ୟାଳୟରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବାକୁ ଆସିଥିଲୁ। ତେବେ ଜିଲାପାଳ ଉପସ୍ଥିତ ନ ଥିଲେ। ଏଣୁ ଉକ୍ତ ଦାବିପତ୍ରକୁ ଇ-ମେଲ ଯୋଗେ ରାଜ୍ୟପାଳଙ୍କୁ ପଠାଇ ଦିଆଯାଇଛି। ଶନିବାର ଜିଲାପାଳ ଅଫିସକୁ ଆସି ଏଡିଏମ୍‌ଙ୍କୁ ଧାରଣା ସମ୍ପର୍କରେ ଜଣାଇ ଦେଇଛୁ ବୋଲି ସଭାପତି ସାହୁ କହିଥିଲେ। ଜିଲା ପରିଷଦ ସଦସ୍ୟ ସଦସ୍ୟ ଓ ଜିଲା ପ୍ରଶାସନ ଭିତିରେ ପୁର୍ଣ୍ଣମୂଷ୍ଟି ସ୍ଥିତିକୁ ଚାଲି ଆସିଥିବା ଦେଖାଯାଉଛି। ଜିଲା ପରିଷଦ ସଦସ୍ୟା ବୀଣାପାଣି ଦାଶ, ସଞ୍ଜୁକ୍ତା ବରିହା, ଜିଲା ପରିଷଦ ସଦସ୍ୟ ପ୍ରଦୀପ ପଣ୍ଡା ଜିଲାପାଳ କାର୍ଯ୍ୟାଳୟକୁ ଆସି ଧାରଣା ସମ୍ପର୍କିତ ଚିଠି ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀଙ୍କୁ ପ୍ରଦାନ କରିଥିଲେ।

# ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

କଣ୍ଟାବାଞ୍ଜି,୨୧।୬(ଗୁରୁ ଦୟାଲ ହଂସ)

ଶନିବାର ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସ୍ନାତକ ମହିଳା ମହାବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର ପୁରୋହିତଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ଅଞ୍ଚଳର ସାମାଜିକ କର୍ମୀ ତଥା ଅବସରପ୍ରାପ୍ତ ପୂର୍ବତନ ସେନା କର୍ମଚାରୀ କାହ୍ନୁ ଚରଣ ମିଶ୍ର ଯୋଗଦେଇ ଉପସ୍ଥିତ କର୍ମଚାରୀ ଓ ଛାତ୍ରୀମାନଙ୍କୁ ଯୋଗର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ଓଡିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ଅନୁସାରେ ମହାବିଦ୍ୟାଳୟରେ ସକାଳ ସାଢେ ୬ଟାରୁ ଯୋଗ ଶିକ୍ଷା ଆରମ୍ଭ ହୋଇ ୭ଟା ୪୫ରେ ଶେଷ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପୂର୍ବତନ ଛାତ୍ରୀ ଦୀପିକା ଅଗ୍ରୱାଲ ପ୍ରଶିକ୍ଷିକା ଭାବେ ଯୋଗଦେଇ ଯୋଗ କ୍ଲାସକୁ ପରିଚାଳନା କରିବା ସହ ବିଭିନ୍ନ ଯୋଗାସନ, ଶାରୀରିକ ବ୍ୟାୟାମ ଓ ପ୍ରାଣାୟାମ ବିଷୟରେ ଛାତ୍ରୀମାନେ ଅଭ୍ୟାସ କରାଇଥିଲେ। ଛାତ୍ରୀମାନେ ଶୃଙ୍ଖଳିତ ଭାବେ ଗୋଟିଏ ଘଣ୍ଟା ଯୋଗ ଅଭ୍ୟାସ କରିଥିଲେ। ଏହି ଅବସରରେ ଛାତ୍ରୀମାନେ ପ୍ରତ୍ୟେକ ଦିନ ଯୋଗ କରିବାର ଶପଥ ନେଇଥିଲେ। ଅଧ୍ୟକ୍ଷ ପୁରୋହିତ ଧନ୍ୟବାଦ ଦେଇଥିଲେ। ଏହାଛଡା କଣ୍ଟାବାଞ୍ଜିର ବିଭିନ୍ନ ଅନୁଷ୍ଠାନରେ ଯୋଗ ଦିବସ ପାଳିତ ହୋଇଥିଲା।

# ସିଭିଲ କୋର୍ଟ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ

କଣ୍ଟାବାଞ୍ଜି,୨୧।୬(ଗୁରୁ ଦୟାଲ ହଂସ)



କୋର୍ଟ ପରିସରରେ ଯୋଗ କରାଯାଉଛି।

କଣ୍ଟାବାଞ୍ଜି ସିଭିଲ କୋର୍ଟ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ଶନିବାର ଦିନ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଅତିରିକ୍ତ ଜିଲା ଜଜ୍ ରାଜେଶ କୁମାର ନାୟାର, ସବ୍‌ଜଜ୍ ସରୋଜିନୀ ସାହୁ, ଜେଏମଏଫସି ରାହୁଲ କୁମାର ଜେନା ଓ କୋର୍ଟର ସମସ୍ତ କର୍ମଚାରୀ ଏକ ଘଣ୍ଟା ଧରି ଯୋଗ କରିଥିଲେ। ଏହାପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ନିରୋଗ ରହିବା ଓ ସୁସ୍ଥ ସମାଜ ଗଠନ ପାଇଁ ପ୍ରତିଦିନ ଯୋଗ କରିବା ଉଚିତ୍ ବୋଲି ସଭାରେ ମତପ୍ରକାଶ ପାଇଥିଲା।

# ମହାରାଣୀ ସାଗରରେ ସଫେଇ କାର୍ଯ୍ୟ

ବଲାଙ୍ଗୀର,୨୧।୬(ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀର ମହାରାଣୀ ସାଗରରେ ସରକାରୀ ଆୟୁର୍ବେଦିକ କଲେଜ ଓ ହସ୍ପିଟାଲ ଛାତ୍ରୀଛାତ୍ର ଓ ଷ୍ଟାଫ୍ ସଫେଇ କରୁଛନ୍ତି।

ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ପୂର୍ବରୁ ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜ ଏବଂ ହସ୍ପିଟାଲ ପକ୍ଷରୁ ସହରର ସର୍ବବୃହତ୍ ଜଳାଶୟ ମହାରାଣୀ ସାଗରରେ ଶୁକ୍ରବାର ସଫେଇ କାର୍ଯ୍ୟ କରାଯାଇଥିଲା। ସରକାରୀ ଆୟୁର୍ବେଦିକ କଲେଜ ଅଧ୍ୟକ୍ଷ ପ୍ରଫେସର ଡା. ମନୋଜ କୁମାର ସାହୁଙ୍କ ନେତୃତ୍ୱରେ କଲେଜ ଛାତ୍ରୀଛାତ୍ର ଓ ଷ୍ଟାଫ୍ ମହାରାଣୀ ସାଗରର ଚାରିପଟେ ପଡ଼ିଥିବା ଅଳିଆ ଆବର୍ଜନା, ପ୍ଲାଷ୍ଟିକ, ପଲିଥିନ୍ ଓ ମଦ ବୋତଲ ସଫା କରିଥିଲେ। ସହରକୁ ଏକ ପ୍ଲାଷ୍ଟିକ ଓ ପଲିଥିନ୍ ମୁକ୍ତ ସହର କରିବା ଲକ୍ଷ୍ୟ ରଖି ଏହି ସଫେଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା କଲେଜ ଅଧ୍ୟକ୍ଷ ଡା. ସାହୁ କହିଛନ୍ତି। ପ୍ଲାଷ୍ଟିକ ଓ ପଲିଥିନ୍ କିପରି ଆମ ପରିବେଶକୁ ଦୂଷିତ କରୁଛି ଏବଂ ଏ ଦିଗରେ ଲୋକଙ୍କୁ କିଭଳି ସଚେତନ କରାଯିବ ସେନେଇ ଛାତ୍ରୀଛାତ୍ରମାନେ ସେଠାରେ ଗାଧୋଉ ଥିବା ଲୋକଙ୍କୁ ବୁଝାଇଥିଲେ। କଲେଜ ଅଧ୍ୟାପକ ତଥା ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡା. ବୁଦ୍ଧଦେବ ମିଶ୍ର, ଅଧ୍ୟାପିକା ଡା. ସ୍ନେହଲତା ପ୍ରଧାନ, ଡା. ଯଶୋବନ୍ତ ସାହୁ, ଡା. ନିଗମାନନ୍ଦ ବଳ, ଡା. ତୃପ୍ତି ମହାପାତ୍ର, ଡା.ଆଶୁତୋଷ ତ୍ରିପାଠୀ, ଡା. ସୌମ୍ୟ ରଞ୍ଜନ ନାଏକ, ଡା. ମନୀଷ ସାହୁ ଓ କଲେଜର ଡାକ୍ତରୀ ଛାତ୍ରୀଛାତ୍ର ମାନେ ଏହି ପ୍ଲାଷ୍ଟିକ ମୁକ୍ତ ଅଭିଯାନରେ ସାମିଲ ହୋଇଥିଲେ। ଆୟୁର୍ବେଦିକ କଲେଜର ଏଭଳି ସଚେତ ଅଭିଯାନକୁ ପ୍ରଶଂସା କରାଯାଉଛି।

# ସୁସ୍ଥ ଶରୀର ପାଇଁ ଯୋଗର ମହତ୍ତ୍ୱ ଗୁରୁତ୍ୱପୂର୍ଣ୍ଣ

ଲୋଇସିଂହା,୨୧।୬(ସୁଶାନ୍ତ ବାରିକ)



କଲେଜ ଛାତ୍ରୀଛାତ୍ର ଯୋଗାଭ୍ୟାସ କରୁଛନ୍ତି।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ବିଭିନ୍ନ ଅନୁଷ୍ଠାନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ସବୁଠି ସୁସ୍ଥ ଶରୀର ପାଇଁ ଯୋଗର ମହତ୍ତ୍ୱ ଉପରେ ଆଲୋଚନା କରାଯାଇଥିଲା। ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ, ବିଡିଓ ଅକ୍ଷୟପାଣି ଉଦ୍ଗ, ବ୍ଲକର କର୍ମଚାରୀ ଏବଂ ସ୍ଥାନୀୟ ଶିଶୁମନ୍ଦିର ଛାତ୍ରୀଛାତ୍ର ସାମିଲ ହୋଇ ଯୋଗ କରିଥିଲେ। ବ୍ଲକ ଅଧ୍ୟକ୍ଷ ପଟେଲ ଓ ବିଡିଓ ଉଦ୍ଗ ଯୋଗାଭ୍ୟାସର ଉପକାରିତା ଉପରେ କହିଥିଲେ। ସେହିପରି ଲୋଇସିଂହା କଲେଜରେ ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କୁ ନେଇ ଯୋଗ କରାଯାଇଥିଲା। ଏଥିରେ ଅଧ୍ୟକ୍ଷ ଗୋବିନ୍ଦଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ସସ୍ମିତା ସାହୁ ଓ ଜ୍ୟୋତିପ୍ରକାଶ ସାହୁ ଯୋଗବେଦ ଯୋଗ ପ୍ରଶିକ୍ଷଣ ଦେଇଥିଲେ। ଏହି ଅବସରରେ କେଉଁ ଯୋଗାଭ୍ୟାସର କ'ଣ ଉପକାରିତା ରହିଛି ସେ ଉପରେ ଆଲୋଚନା କରାଯାଇଥିଲା। ସେହିପରି ବ୍ଲକର ବିଭିନ୍ନ ବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ଯୋଗ ଦିବସ ପାଳନ କରାଯାଇ ନିୟମିତ ଅଭ୍ୟାସ ଜାରି ରଖିବାକୁ ପରାମର୍ଶ ଦିଆଯାଇଥିଲା।

# ଶରୀର ସୁସ୍ଥ ରଖିବା ଆମର ଦାୟିତ୍ୱ

**ବୀରମହାରାଜପୁର,୨୧।୬(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କଲ୍ୟାଣ ମଣ୍ଡପରେ ଶନିବାର ସକାଳ ୬ଟା୩୦ରେ ବ୍ଲକସ୍ତରୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁରୁଷୋତ୍ତମ ଧରୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପଖଣ୍ଡ ପୋଲିସ ଅଧିକାରୀ ହେମନ୍ତ କୁମାର ରାଓ ମୁଖ୍ୟ ଅତିଥି, ବରିଷ୍ଠ ନାଗରିକ ସଙ୍ଗଠନ ସଭାପତି ଡ ପ୍ରଫୁଲ୍ଲ ରଥ ସମ୍ମାନିତ ଅତିଥି, ନିତ୍ୟ ଯୋଗ କେନ୍ଦ୍ର ବୀରମହାରାଜପୁର ସଭାପତି ସନ୍ୟାସୀ ଶତପଥୀ ଅନ୍ୟତମ ସମ୍ମାନିତ ଅତିଥି, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ନିମନ୍ତ୍ରିତ ଅତିଥି ତଥା ଡ ଦ୍ୱିତୀକୃଷ୍ଣ ପଣ୍ଡା ଯୋଗାଚାର୍ଯ୍ୟଭାବେ ମଞ୍ଚାସୀନ ଥିଲେ। ଅତିଥିମାନେ କହିଥିଲେ, ଯୋଗ ଏକ ଜୀବନ ଦର୍ଶନ, ଏହା ଶରୀର, ମନ, ହୃଦୟ, ଚିନ୍ତା, ଚେତନା ଓ ଆଧ୍ୟାତ୍ମିକତାକୁ ପ୍ରଭାବିତ କରିଥାଏ। ଯୋଗ ପାରିବାରିକ ଓ ବ୍ୟକ୍ତିଗତ ଜୀବନରେ ଶୃଙ୍ଖଳା ଓ ସଦାଚାର ସୃଷ୍ଟି କରେ। ଶରୀରକୁ ସୁସ୍ଥ ରଖିବା ଆମର ଦାୟିତ୍ୱ। ତେଣୁ ପ୍ରତିଦିନ ଯୋଗାଭ୍ୟାସ କରିବା ସମସ୍ତଙ୍କର ସଂକଳ୍ପ ହେବା ଉଚିତ। ବୀରମହାରାଜପୁର ପାତଞ୍ଜଳି ଯୋଗ ସମିତିର ତହସିଲ ପ୍ରଭାରୀ ଯୁଗଳ କିଶୋର ମିଶ୍ର ସଭା ସଂଯୋଜନା କରିଥିଲେ। ଯୋଗାଚାର୍ଯ୍ୟ ପଣ୍ଡା ଯୋଗ ପ୍ରୋଟୋକଲ ମତେ ଶିଥିଳିକରଣ ଅଭ୍ୟାସ, ଯୋଗାସନ, ପ୍ରାଣାୟମ ଆଦି ଶିକ୍ଷା ପ୍ରଦାନ ସହିତ ଏହାର ଉପକାରିତା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।



ବୀରମହାରାଜପୁରରେ ଅନୁଷ୍ଠିତ ଶିବିରରେ ଯୋଗାଭ୍ୟାସ କରାଯାଉଛି।

## ବ୍ଲକସ୍ତରୀୟ ଯୋଗ ଦିବସ ପାଳନ

ସେହିପରି ବୀରମହାରାଜପୁର ମହାବିଦ୍ୟାଳୟରେ ଏନସିସି ଅଫିସର କ୍ୟାପଟେନ ସୂର୍ଯ୍ୟନାରାୟଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୋଗ ଶିବିରକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଯୋଗଶିକ୍ଷକ ରାକେଶ ବାରିକ ବିଭିନ୍ନ ଆସନ ଅଭ୍ୟାସ କରାଇଥିଲେ। ଏହାଦ୍ୱାରା ଶରୀରକୁ କି ଉପକାର ମିଳେ ସେ ସମ୍ପର୍କରେ ତାଲିମ ଦେଇଥିଲେ।

**ତରଭା(ମାନଭଞ୍ଜନ ମିଶ୍ର):** ତରଭା ପଞ୍ଚାୟତ ସମିତି କାର୍ଯ୍ୟାଳୟ ତରଫରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଯୋଗ ଦିବସ କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିରଞ୍ଜନ ନାଏକ ଉଦ୍‌ଘାଟନ କରିଥିଲେ। ଯୋଗ ପ୍ରଶିକ୍ଷକ ସୋମନାଥ ପଧାନ ଏବଂ ସୁବୋଧ କୁମାର ମହାରଣାଙ୍କ ନେତୃତ୍ୱରେ ସାମୂହିକ ଯୋଗ ଅଧିବେଶନ ଆୟୋଜିତ ହୋଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର କର୍ଣ୍ଣ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଭାରପ୍ରାପ୍ତ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ବିଜୟ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ବିନିକା(ରାମ ଗୋପାଳ ବାଘ):** ବିନିକା ସିଦ୍ଧାର୍ଥ କନିଷ୍ଠ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ଯୋଗ ଶିକ୍ଷା କରିଥିଲେ। ଖେଳ ଅଧ୍ୟାପକ ନାରାୟଣ ଚୌଧୁରୀ, ଅଧ୍ୟକ୍ଷା ରେଖା ପଧାନ ଯୋଗ ଶିକ୍ଷା ଦେଇଥିଲେ। ଅନ୍ୟପକ୍ଷେ ବିନିକା ଏନଏସି ତରଫରୁ ନଗରପାଳ ସୁବାଷ ଚନ୍ଦ୍ର ଭୁଏ, କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ଭୋଇଙ୍କ ତତ୍ତ୍ୱାବଧାନରେ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମରେ ଯୋଗ ଶିକ୍ଷା କରାଯାଇଥିଲା।

**ଅମରପାଲି(ପୀତାମ୍ବର ସାହୁ):** ବୀରମହାରାଜପୁର ବ୍ଲକ ଅମରପାଲି ହାଇସ୍କୁଲରେ ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ଶ୍ୟାମ ସୁନ୍ଦର ସେଠୀ, ପଦ୍ମନାଭ ପ୍ରଧାନ, ସମ୍ବିତ ପ୍ରଧାନ, ବ୍ରହ୍ମାନନ୍ଦ ପ୍ରଧାନ, ଖେଳ ଶିକ୍ଷକ କହ୍ନେଇ ଚରଣ ପ୍ରଧାନ ଯୋଗର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ପରେ ସାମୂହିକ ଯୋଗ କରାଯାଇଥିଲା। ଅମରପାଲି ସରକାରୀ ୟୁପି ସ୍କୁଲରେ ପ୍ରଧାନ ଶିକ୍ଷକ ଦୁଃଖିଶ୍ୟାମ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରାଣବନ୍ଧୁ ସାହୁ, ତାପକିରଣ ସାହୁ, ଯଦୁମଣି ବାଘ,ପ୍ରଦୀପ ଜଗଦଲା ଯୋଗଦେଇଥିଲେ। ସୁବଳୟା ଆଞ୍ଚଳିକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ବଳଦେବ ପୂଜାହାରୀଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ପଦ୍ମନାଭ ମେହେର, ଶୁଭ୍ରାଂଶୁ ଶେଖର ପଧାନ, ଶୟଦ ତାସିଫୁର ରେହମାନ ଛାତ୍ରୀଛାତ୍ରଙ୍କୁ ସୁସ୍ଥ ରହିବା ପାଇଁ ଯୋଗ କରିବା ଜରୁରୀ ବୋଲି ପ୍ରକାଶ କରିଥିଲେ। ବିଭୂତି ଭୂଷଣ କୁଦାଇ ଯୋଗ ଶିକ୍ଷକଭାବେ ଦାୟିତ୍ୱ ତୁଲାଇଥିଲେ।

**ଡୁଙ୍ଗୁରିପାଲି(ଦୀନବନ୍ଧୁ ସୁନା):** ଡୁଙ୍ଗୁରିପାଲି ବ୍ଲକ ଆରଏମ୍‌ସି କୃଷକ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡ଼ିଓ ଦିଲୀପ କୁମାର ବାଡା, ମୁଖ୍ୟ କିରାଣୀ କରୁଣାକର ପାତ୍ର, ଏପିଓ ପ୍ରଦ୍ୟୁମ୍ନ କୁମାର ସାହୁ, ପ୍ରଭୁଦତ୍ତ ନାଏକ, ପିଏଚଇଓ ଶେଷଦେବ ଥନାପତି, ବିପିଏମ ନାରାୟଣ ମେହେର, ଶିକ୍ଷୟିତ୍ରୀ ପଦ୍ମିନୀ ସାହୁଙ୍କ ସହ ବିଭିନ୍ନ ଅନୁଷ୍ଠାନ କର୍ମଚାରୀ, ଜନସାଧାରଣ ଯୋଗଦେଇଥିଲେ। ଯୋଗ ଗୁରୁ ପ୍ରଫୁଲ୍ଲ କୁମାର ବାରିକ ଓ ଉମାକାନ୍ତ ସାହୁ ଯୋଗ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଜିପିଓ ଦେବାଶିଷ ମହାନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଶାରୀରିକ, ମାନସିକ ସୁସ୍ଥତା ପାଇଁ ଯୋଗ ଜରୁରୀ



ଟାଉନ ହଲରେ ବିଧାୟକ ଓ ଅଧିକାରୀ ଯୋଗ ଅଭ୍ୟାସ କରୁଛନ୍ତି।

**ସୋନପୁର,୨୧।୬(ମୃତ୍ୟୁଞ୍ଜୟ ଶତପଥୀ)**

ଏକକ ବିଶ୍ୱ, ଏକକ ସ୍ୱାସ୍ଥ୍ୟ ପାଇଁ ଯୋଗ ବାର୍ତ୍ତାକୁ ନେଇ ସୁବର୍ଣ୍ଣପୁର ଜିଲା ସଦର ମହକୁମା ଓ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ଶନିବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଟାଉନ ହଲ, ଇନଡୋର ହଲ ଓ ରାମେଶ୍ୱର ଷ୍ଟାଡିୟମରେ ଆୟୋଜିତ ଯୋଗ ଦିବସରେ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ମୁଖ୍ୟ ଅତିଥି ଓ ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ସୋନପୁର ଉପଜିଲାପାଳ ଡ଼ ସୌମ୍ୟରୂପା ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାରା ବିଶ୍ୱକୁ ପ୍ରାଚୀନ ଭାରତୀୟ ପରମ୍ପରାର ଏକ ମହାନ ଅବଦାନ ହେଉଛି ଯୋଗ। ଶାରିରୀକ ଓ ମାନସିକ ସୁସ୍ଥତା ପାଇଁ ଯୋଗ ଜରୁରୀ ବୋଲି କହିଥିଲେ। ଯୋଗଗୁରୁ ମନୋଜ ପଣ୍ଡା ଶିବିର ପରିଚାଳନା କରିଥିଲେ । ସୁବର୍ଣ୍ଣପୁର ସହର ମଝିପଡ଼ା ସ୍ଥିତ ହାତିଶାଳ କଲ୍ୟାଣ ମଣ୍ଡପ ସମେତ ଜିଲାର ୬ଟି ବ୍ଲକ, ସମସ୍ତ ଗ୍ରାମ ପଞ୍ଚାୟତ ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶତାଧିକ ସ୍ଥାନରେ ଯୋଗ ଦିବସରେ ଶିବିର ଆୟୋଜିତ ହୋଇଥିଲା। ଏଥିରେ ସମାଜର ସବୁ ବର୍ଗର ଲୋକେ ଅଂଶଗ୍ରହଣ କରି ଯୋଗଭ୍ୟାସ କରିଛନ୍ତି। ଯୋଗ କାର୍ଯ୍ୟକ୍ରମ ଶେଷରେ ସମସ୍ତ ଅଂଶଗ୍ରହଣକାରୀ ଯୋଗକୁ ଦୈନ୍ୟନ୍ଦିନ ଜୀବନରେ ଅଂଶ ଭାବରେ ଗ୍ରହଣ କରିବାକୁ ସାମୁହିକ ଶପଥ ପାଠ କରିଥିଲେ।



ବୌଦ୍ଧ ଜିଲା କୋର୍ଟ ପରିସରରେ ଯୋଗ ଦିବସ ପାଳନ କରାଯାଉଛି।



ବାଉଁଶୁଣୀରେ ଆୟୋଜିତ ଶିବିରରେ ଛାତ୍ରୀଛାତ୍ରମାନେ ଯୋଗ କରୁଛନ୍ତି।

# ରକ୍ତଦାନ ଶିବିର, ୪୮ ୟୁନିଟ୍ ରକ୍ତ ସଂଗ୍ରହ

**ସୋନପୁର,୨୧।୬(ମୃତ୍ୟୁଞ୍ଜୟ ଶତପଥୀ)**

ଆସନ୍ତା ଜୁଲାଇ ୧ ତାରିଖ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ(ଏସବିଆଇ)ର ପ୍ରତିଷ୍ଠା ଦିବସ। ବ୍ୟାଙ୍କର ୭୦ତମ ଦିବସକୁ ସ୍ମରଣୀୟ କରିବା ପାଇଁ ଶନିବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ସୁବର୍ଣ୍ଣପୁର ଏସବିଆଇ ମୁଖ୍ୟ ଶାଖା ପରିସରରେ ଆୟୋଜିତ ଏହି ଶିବିରକୁ ଜିଲା ମୁଖ୍ୟ ଚିକିତ୍ସାଳୟ ଅଧିକ୍ଷକ ଡାକ୍ତର ଦୁର୍ଗାଦତ୍ତ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଶୁଭାରମ୍ଭ କରିଥିଲେ। ରକ୍ତଦାନ ମହାପୂଣ୍ୟ। ରକ୍ତଦାନ କରି ରକ୍ତ ଅଭାବରୁ ମୃତ୍ୟୁବରଣ କରୁଥିବା ମୂଲ୍ୟବାନ ଜୀବନକୁ ରକ୍ଷା କରିବା ଏକ ମହତ କାମ ବୋଲି ଡାକ୍ତର ଦାଶ କହିଥିଲେ। ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ଜିଏସଟି ସର୍କଲର ଡେପୁଟି କମିଶନର ବିକାଶ ମହାନ୍ତି ଓ ଏଲଡିଏମ୍ କାତ୍ତିକେଶ୍ୱର ପଣ୍ଡା ଯୋଗଦାନ କରିଥିଲେ। ଭୁବନେଶ୍ୱର ସର୍କଲରେ ୫୦୦୦ୟୁନିଟ୍ ରକ୍ତ ସଂଗ୍ରହ ପାଇଁ ଲକ୍ଷ୍ୟ ଥିବା ଏସବିଆଇର ସୁବର୍ଣ୍ଣପୁର ମୁଖ୍ୟ ପରିଚାଳକ ଲକ୍ଷ୍ମଣ କୁମାର ମାଝୀ ସୂଚନା ଦେଇଛନ୍ତି। ଜିଲା ରକ୍ତଦାତା ସଂଘର ସଭାପତି ମନୋଜ କୁମାର ପଣ୍ଡା, ବ୍ୟାଙ୍କ୍‌ର ଅଧିକାରୀ ଓ କର୍ମଚାରୀ ଶିବିର ଆୟୋଜନରେ ସହଯୋଗ କରିଥିଲେ। ଏହି ଅବସରରେ ମୋଟ ୪୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଡାକ୍ତର ସରୋଜ କୁମାର ପଟେଲଙ୍କ ତତ୍ତ୍ୱାବଧାନରେ ଜିଲା ରକ୍ତ ଭଣ୍ଡାର ଟେକ୍‌ନିସିଆନ ସତ୍ୟବ୍ରତ ତାଣ୍ଡି, ଜଗତ ଦରୱାନ, ସୁଶାନ୍ତ ନାଏକ ଓ ଯୁଧିଷ୍ଠିର ନାଏକ ରକ୍ତ ସଂଗ୍ରହ କରିଥିଲେ।



ଶିବିରରେ ଅତିଥି ଓ ଅଧିକାରୀଙ୍କ ଗହଣରେ ସ୍ୱେଚ୍ଛାସେବୀମାନେ ରକ୍ତଦାନ କରୁଛନ୍ତି।

## ବୌଦ୍ଧ ଜିଲାରେ ଯୋଗ ଦିବସ ପାଳିତ

# ସୁସ୍ଥ ଶରୀର ପାଇଁ ଯୋଗ ଆବଶ୍ୟକ

**ବୌଦ୍ଧ,୨୧।୬(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାରେ ଶନିବାର ଗାଁରୁ ସହର ପର୍ଯ୍ୟନ୍ତ ଯୋଗ ଦିବସ ପାଳିତ ହୋଇଯାଇଛି। ବୌଦ୍ଧ ସହରର ମହାନଦୀ ଆଳତି ଘାଟରେ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, ଜିଲାପାଳ ସୁବ୍ରତ କୁମାର ପଣ୍ଡା, ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲ, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଜିଲା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲାପାଳ ପ୍ରବୀର କୁମାର ବାଣୁଆ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସୁସ୍ଥ ଶରୀର ପାଇଁ ଯୋଗର ଆବଶ୍ୟକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଯୋଗଗୁରୁ ଦେବାଶିଷ ପୁରୋହିତ ଓ ଦିଲୀପ କୁମାର ଚୌଧୁରୀ ଯୋଗାଭ୍ୟାସ କରାଇଥିଲେ। ଜିଲା ନ୍ୟାୟାଳୟ ପରିସରରେ ଓଡିଶା ଉଚ୍ଚନ୍ୟାୟାଳୟର ବିଚାରପତି ଜଷ୍ଟିସ ସାବିତ୍ରୀ ରଥ ଯୋଗଦେଇ ଯୋଗାଭ୍ୟାସ କରିଥିଲେ। ଏହି ସମୟରେ ଜିଲା ଦୌରାଜଜ୍ ପ୍ରତାପ କୁମାର ପାତ୍ର ଓ ସମସ୍ତ ବିଚାରପତିଙ୍କ ସମତେ କୋର୍ଟ କର୍ମଚାରୀ ସାମିଲ ଥିଲେ। ସେହିପରି ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ମାଉସୀ ମା’ ମନ୍ଦିର, କେନ୍ଦ୍ରୀୟ ବିଦ୍ୟାଳୟ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ବ୍ରହ୍ମକୁମାରୀ, ଅଗ୍ରୱାଲା ଭବନ ସମତେ ସମସ୍ତ ଶିକ୍ଷାନୁଷ୍ଠାନରେ ଯୋଗ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଜିଲାର ଯୋଗ ଶିକ୍ଷୟତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ବାଉଁଶୁଣୀ(ଦେବାଶିଷ ନେପାକ):** ବୌଦ୍ଧ ଜିଲା ବାଉଁଶୁଣୀସ୍ଥିତ ମାଁ ମାହେଶ୍ୱରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଶନିବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଏକ ସଭାରେ ବିଦ୍ୟାଳୟର ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଏଥିରେ ଯୋଗଗୁରୁ ଦେବାଶିଷ ପୁରୋହିତ, ଶଙ୍କର ଅଗ୍ରୱାଲ, ଅବସରପ୍ରାପ୍ତ ବିଇଓ ସ୍ନେହଲତା ପୁରୋହିତ ଉପସ୍ଥିତ ରହି ଯୋଗର ଉପକାରିତା ଓ ଆବଶ୍ୟକତା ଉପରେ ଅଲୋକପାତ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଯୋଗଗୁରୁ ପୁରୋହିତ ଓ ଅଗ୍ରୱାଲ ଯୋଗାଭ୍ୟାସ କରାଇଥିଲେ। ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର, ଅଧ୍ୟାପକ ଓ କର୍ମଚାରୀ ଯୋଗାଭ୍ୟାସ କରିଥିଲେ। ଏନ୍‌ଏସ୍‌ଏସ୍ କୋ-ୟୁନିଟ୍‌ର ପ୍ରୋଗ୍ରାମ ଅଫିସର ଡ. ଉମାକାନ୍ତ ବିଶ୍ୱାଳ ଓ ରେଡ୍‌କ୍ରସ କାଉନସେଲର ରମେଶ ଚନ୍ଦ୍ର ମେହେର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସେହିପରି ମାଁ ମାହେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଅନିରୁଦ୍ଧ ମହାକୁଳ ଏଥିରେ ସଭାପତିତ୍ୱ କରିଥିଲେ। ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପିକା ଏବଂ କର୍ମଚାରୀ ଉପସ୍ଥିତ ରହିଥିଲେ। ଯୋଗ ଶିକ୍ଷକ ନିରଞ୍ଜନ ପାଣ୍ଡିଆ ଶିବିରାର୍ଥୀମାନଙ୍କୁ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ବାବାରାମ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ହିଲୁଙ୍ଗ, ଉଫୁଲା ପଞ୍ଚାୟତରେ ବୁଲିଲା ବିକାଶ ବାହନ



ବିଧାୟକ ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି।

**ବୀରମହାରାଜପୁର,୨୧।୬(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ଉଫୁଲା ଓ ହିଲୁଙ୍ଗ ପଞ୍ଚାୟତ ପରିକ୍ରମା କରିଛି ବିକାଶ ବାହନ ରଥ। ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ଅବସରରେ ବାହାରିଥିବା ବିକାଶ ବାହନ ପହଞ୍ଚିବା ପରେ ହିଲୁଙ୍ଗ ଟାଉନ ହଲଠାରେ ଆୟୋଜିତ ସଭାରେ ସରପଞ୍ଚ ବନିତାସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ବିକାଶ ଯୋଜନାରେ ସାମିଲ ହୋଇ ଜନସାଧାରଣ ଏହାର ଲାଭ ଉଠାଇବା ନେଇ ଲୋକଙ୍କୁ ଅବଗତ କରିଥିଲେ। ଏହି ଅବସରରେ ବିକାଶ ବାହନ ରଥରେ ରାଜ୍ୟ ସରକାରଙ୍କର ଏକ ଭିଡିଓ ପ୍ରଦର୍ଶିତ କରାଯାଇଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ।

ସେହିପରି ଉଫୁଲା ପଞ୍ଚାୟତରେ ଶନିବାର ପୂର୍ବାହ୍ନ ୧୦ଟାରେ ସରପଞ୍ଚ ଶ୍ରୀୟା କର୍ମୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ବିଧାୟକ ଇଂ. ରଘୁନାଥ ଜଗଦଲା ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ ଭୋଇ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁରୁଷୋତ୍ତମ ଧରୁଆ ମଞ୍ଚାସୀନ ଥିଲେ। ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ମୀତାଞ୍ଜଳି ରଥ ସ୍ୱାଗତ ଭାଷଣ ଦେଇଥିବାବେଳେ ଡକ୍ଟର ଦ୍ୱିତୀକୃଷ୍ଣ ପଣ୍ଡା ସଭା ସଂଯୋଜନା କରିଥିଲେ। ଏଥିଲେ ବିଧାୟକ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଓ ମଧୁବାବୁ ପେନସନ ଯୋଜନାରେ ହିତାଧିକାରୀଙ୍କୁ ଭତ୍ତା, ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ, ପ୍ରଧାନମନ୍ତ୍ରୀ ବୟୋ ବନ୍ଦନା କାର୍ଡ ବଣ୍ଟନ କରାଯାଇଥିଲା। ଜଗଦୀଶ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଙ୍କଡ ମୃତଦେହ ଜବତ, ପୋତିଲା ବନ ବିଭାଗ

**ଉଲୁଣ୍ଡା,୨୧।୬(ଗୌରଚନ୍ଦ୍ର ପରିଛା)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ମାଟିଖାଇ ନୂଆପଡ଼ା ନିକଟରେ ଶନିବାର ଏକ ମାଙ୍କଡ଼ର କ୍ଷତାକ୍ତ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ସେହି ସମୟରେ ଆସୁଥିବା ଅଗ୍ନିଶମ ବାହିନୀ କର୍ମଚାରୀ ଏହା ଦେଖି ବନବିଭାଗକୁ ଖବର ଦେଇଥିଲେ। ବନବିଭାଗ ଟିମ୍ ଘଟଣାସ୍ଥଳରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଥିଲା। ପରେ ବନବିଭାଗ ମାଙ୍କଡର ମୃତଦେହ ପୋତି ଦେଇଥବା ଉଲୁଣ୍ଡା ଫରେଷ୍ଟର ଦିନେଶ ମାଝି କହିଛନ୍ତି।

# ଶିଶୁ ମନ୍ଦିର ଶ୍ରେଣୀ ଗୃହ ଉଦ୍‌ଘାଟିତ

**ଉଲୁଣ୍ଡା,୨୧।୬(ଗୌରଚନ୍ଦ୍ର ପରିଛା)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଚଡାଇପଙ୍କ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ନୂତନ ଶ୍ରେଣୀ ଗୃହ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ରଘୁନାଥ ଜଗଦଲା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସଭାପତି ଜଗତପତି ଦେହୁରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ଜଗଦଲାଙ୍କ ସହ ପରିଚାଳନା କମିଟି ସମ୍ପାଦକ ଶ୍ରୀବନ୍ତ କୁମାରମିଶ୍ର, ଉପସଭାପତି ଶ୍ୟାମ କୁମାର ସାହୁ, କୋଷାଧ୍ୟକ୍ଷ ଆଦିତ୍ୟ ରଞ୍ଜନ ବ୍ରହ୍ମଚାରୀ ମଞ୍ଚାସୀନ ଥିଲେ ।

# ହାଇକୋର୍ଟ ବିଚାରପତିଙ୍କ ବୌଦ୍ଧ କୋର୍ଟ ପରିଦର୍ଶନ

**ବୌଦ୍ଧ,୨୧।୬(ଅଜିତ କୁମାର ବାରିକ)**

ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ ସାବିତ୍ରୀ ରଥ ଶନିବାର ବୌଦ୍ଧ କୋର୍ଟ ପରିଦର୍ଶନ କରିଥିଲେ। ଜଷ୍ଟିସ ରଥ କୋର୍ଟ କାର୍ଯ୍ୟ ତଦାରଖ କରିବା ସହ ଜିଲା ନ୍ୟାୟଳୟ ପରିସରରେ ଥିବା ସମସ୍ତ କୋର୍ଟକୁ ଯାଇ କାର୍ଯ୍ୟ ତଦାରଖ କରିଥିଲେ। ଜିଲା ଓକିଲ ସଂଘ ପକ୍ଷରୁ ଜଷ୍ଟିସ ରଥଙ୍କୁ ସ୍ୱାଗତ କରିବା ସହ ସଂଘ ପରିସରରେ ସଂଘ ସଭାପତି ଧୁରୀଣ କୁମାର ଦେହୁରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜଷ୍ଟିସ ରଥ ଓକିଲ ସଂଘ ପରିସରରେ ବିଭିନ୍ନ ସୁବିଧା ଓ ଅସୁବିଧା ପଚାରି ବୁଝିଥିଲେ। ଜିଲା ଓକିଲ ସଂଘ ପକ୍ଷରୁ ବିଭିନ୍ନ ଅସୁବିଧା ନେଇ ଜଷ୍ଟିସ ରଥଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଓକିଲ ସଂଘ ପରିଦର୍ଶନ ସମୟରେ ଜିଲା ଦୌରାଜଜ୍ ପ୍ରତାପ କୁମାର ପାତ୍ର ଉପସ୍ଥିତ ଥିଲେ। ଜିଲା ଓକିଲ ସଂଘ ବୈଠକରେ ବରିଷ୍ଠ ଆଇନଜୀବୀ ଓମ୍ ପ୍ରକାଶ ମିଶ୍ର, ସୁଧିର କର୍ଣ୍ଣ, ନବ କୁମାର ବିଶ୍ର, ସୁରେଶ ଚନ୍ଦ୍ର ମେହେର, ତାରେଣୀ କୁମାର ମହାପାତ୍ର ଓ ସମସ୍ତ ଆଇନଜୀବୀ ଉପସ୍ଥିତ ଥିଲେ।



ଜିଲା କୋର୍ଟ ପରିସରରେ ବିଚାରପତି ଓ ଆଇନଜୀବୀ।

**୩୩୩ ବୋତଲ କଫ ସିରପ ଜବତ, ଜଣେ ଅଟକ**

ସୁନ୍ଦରଗଡ଼ (ଜୟ ନାରାୟଣ ମେଣ୍ଡୁଲି): ସୁନ୍ଦରଗଡ଼ ଟାଉଥାନା ପୋଲିସ ଶନିବାର ୩୩୩ଟି କଫ ସିରପ ବୋତଲ ଜବତ କରିଛି। ରାଜଗାଙ୍ଗପୁର ଅଞ୍ଚଳରୁ ଏହି କଫ ସିରପ ବୋତଲ ଧରି ଜଣେ ବ୍ୟକ୍ତି ସୁନ୍ଦରଗଡ ଆସୁଥିବା ଟାଉନଥାନା ପୋଲିସ ଖବର ପାଇ ସ୍ଥାନୀୟ ମହନ୍ତିଆପଡାରୁ ତାଙ୍କୁ କାବୁ କରିଥିଲା। ତାଙ୍କ ନିକଟରୁ କଫ ସରିପ ବୋତଲ ଜବତ କରିବା ସହ ତାଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରୁଛି। ଏନେଇ ଟାଉନ ଥାନାରେ ଏକ ମାମଲା(ନଂ. ୪୫/୨୫ରେ ରୁଜୁ ହୋଇଛି।






କୁଆଁରମୁଣ୍ଡା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ଯୋଗ ଶିବିରରେ ଉପସ୍ଥିତ ଲୋକେ। ବଡ଼ଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଯୋଗ କରୁଛନ୍ତି। ହେମଗିର ବ୍ଲକସ୍ଥିତ ଭେଷଜ ପଟେଲ ଡୁଡୁକା ମହାବିଦ୍ୟାଳୟଠାରେ ଯୋଗ କରାଯାଉଛି।

# ମାନସିକ ସୁସ୍ଥତା ପାଇଁ ଯୋଗ ଆବଶ୍ୟକ

ସୁନ୍ଦରଗଡ଼,୨୧।୬(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ର ବିଭିନ୍ନ ସ୍ଥାନରେ ଶନିବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି କ୍ରମରେ ସ୍ଥାନୀୟ ଭବାନୀ ଭବନ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସୁନ୍ଦରଗଡ଼ ପୌରାଞ୍ଚଳ ଅଧ୍ୟକ୍ଷା ତନୟା ମିଶ୍ର, ଜିଲାପାଳ ମନୋଜ ମହାଜନ, ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଆଇଏଏସ୍ ଶିକ୍ଷାନବିସ ଫାବୀ ରସିଦ ତଥା ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ଏବଂ କର୍ମଚାରୀମାନେ ଯୋଗଦେଇ ଯୋଗାଭ୍ୟାସ କରିଥିଲେ। ଏହି ଅବସରରେ ଜିଲାପାଳ ମହାଜନ ନିଜ ଅଭିଭାଷଣରେ କହିଥିଲେ, ଯୋଗ ସ୍ୱାସ୍ଥ୍ୟ ପାଇଁ ହିତକର। ଯୋଗ କରିବା ଦ୍ୱାରା ଶରୀର ଭଲ ରହିବ ଏବଂ ସକାରାତ୍ମକ ମନୋଭାବ ମଧ୍ୟ ସୃଷ୍ଟି ହେବ। ସ୍ୱାସ୍ଥ୍ୟ ହିଁ ସମ୍ପଦ। ଆଜିର ଜୀବନଶୈଳୀ ପରିବର୍ତ୍ତନ ହୋଇଛି। ଲୋକମାନେ ଅଳ୍ପ ବୟସରୁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ନିୟମିତ ଯୋଗ ଅଭ୍ୟାସ ଦ୍ୱାରା ଆମେ ଏଭଳି ରୋଗରୁ ରକ୍ଷା ପାଇପାରିବା। ତେଣୁ ଆମେ ପ୍ରତ୍ୟେକ ଦିନ ଯୋଗ ଅଭ୍ୟାସ କରିବା ଅତ୍ୟନ୍ତ ଆବଶ୍ୟକ ବୋଲି ମୁଖ୍ୟ ଅତିଥି ଉପବାଚସ୍ପତି ଭୋଇ ଅଭିଭାଷଣରେ ପ୍ରକାଶ କରିଥିଲେ। ଏହି ଅବସରରେ ଭାଇଜାଗଠାରେ ଆୟୋଜିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକ୍ରମର ସିଧା ପ୍ରସାରଣ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଅନ୍ତର୍ଜାତୀୟ ଯୋଗ ଦିବସର ଚଳିତବର୍ଷର ଶୀର୍ଷକ ରହିଛି "ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ"। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଜନସାଧାରଣ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ସୁସ୍ଥତାକୁ ପ୍ରାଥମିକତା ଦେବା ନିମନ୍ତେ ସମସ୍ତେ ଶପଥ ଗ୍ରହଣ ମଧ୍ୟ କରିଥିଲେ।



ଜିଲାପାଳ ଓ ଅନ୍ୟମାନେ ଯୋଗ କରୁଛନ୍ତି।

**ବଡ଼ଗାଁ(ଅଶୋକ ଷଡ଼ଙ୍ଗୀ):** ବଡ଼ଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ଧୁଳେଶ୍ୱର ସାହୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରଙ୍କୁ ଅଧ୍ୟକ୍ଷଙ୍କ ସହିତ ଅଧ୍ୟାପକମାନେ ଯୋଗ କରିବା ଦ୍ୱାରା ହେଉଥିବା ଶାରୀରିକ ଓ ମାନସିକ ସୁସ୍ଥତା ଉପରେ ବୁଝାଇଥିଲେ। ବଡ଼ଗାଁ ଆଇଟିଆଇ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବଡ଼ଗାଁ ବିଡ଼ିଓ ପୁର୍ଣ୍ଣଚନ୍ଦ୍ର ଭୋଇ, ତହସିଲଦାର ଝରଣା ପ୍ରଧାନ, ବଡ଼ଗାଁ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ହେମନ୍ତ କୁମାର ପଣ୍ଡା, ବଡ଼ଗାଁ ନର୍ସିଂ କଲେଜ ଅଧ୍ୟକ୍ଷ ଡକ୍ଟର ଅରୁଣ କୁମାର ନାୟକ, ଅଧ୍ୟାପକ ମାଳବିକା ସାମଲ, ଅଧ୍ୟାପକ ଶୁଶାନ୍ତ ବିଶିଙ୍କ ସହିତ କର୍ମଚାରୀମାନେ ଯୋଗଦେଇଥିଲେ। ଯୋଗାଭ୍ୟାସରେ ବଡ଼ଗାଁ ବ୍ଲକର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଯୋଗ ପ୍ରଶିକ୍ଷକଙ୍କ ଦ୍ୱାରା ଯୋଗ ତାଲିମ ଦିଆଯାଇଥିଲା। ବିଡ଼ିଓ ଯୋଗ ଦିବସ ପାଳନ କରିବାର ଲକ୍ଷ ଓ ଉଦ୍ଦେଶ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ବଡ଼ଗାଁ ବନବିଭାଗ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବନ ଅଧିକାରୀ ପ୍ରଦୀପ ଭୁଟିଆ ଏହାକୁ ପରିଚାଳନା କରିଥିଲେ। ଜରଙ୍ଗଲୋଇ ସ୍ଥିତ ଗ୍ରାମ ଉତ୍ଥାନ ସଂଶାଧନ କେନ୍ଦ୍ରରେ ଆୟୋଜିତ ଯୋଗ ଦିବସରେ ଏକଲ ଅଭିଯାନର ସ୍ଥାନୀୟ ସଭାପତି ପରମାନନ୍ଦ ବାଗ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସଭାପତି ବାଗ ଓ ଗ୍ରାମ ଉତ୍ଥାନ ଫାଉଣ୍ଡେଶନର ସହ ଯୋଜନା ପ୍ରମୁଖ ଅର୍ଜୁନ ଶର୍ମା ଯୋଗର ଉପକାରିତା ଉପରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ସଙ୍ଗଠନର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତି ରହି ଯୋଗାଭ୍ୟାସ କରିଥିଲେ। ବ୍ଲକ ଅଞ୍ଚଳର ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ପ୍ରତିଷ୍ଠାନ ଗୁଡିକରେ ଯୋଗ ଦିବସ ପାଳିତ ହୋଇଥିଲା।

**ସୁନ୍ଦରଗଡ଼ରେ ଅନ୍ତର୍ଜାତୀୟ ଯୋଗ ଦିବସ**

**କୁଆଁରମୁଣ୍ଡା (ମହେନ୍ଦ୍ର କୁମାର ସାହୁ):** କୁଆଁରମୁଣ୍ଡା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ଅନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ଯୋଗରେ କୁଆଁରମୁଣ୍ଡା ବିଡିଓ ଡା. ଜଗଦୀଶ ଚନ୍ଦ୍ର ମହାନନ୍ଦ,ଏଇଇ ଚୈତନ୍ୟ ହେମ୍ବ୍ରମ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରଞ୍ଜନ ରାମ, କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାସଦା ପ୍ରମୁଖଙ୍କ ସହ ଶତାଧିକ ମହିଳା, ପୁରୁଷ ଓ ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। ଏହି ଯୋଗ ଶିବିର ସକାଳ ୬ଟାରୁ ଆରମ୍ଭ ହୋଇ ୮ ଟା ପର୍ଯ୍ୟନ୍ତ ଚାଲିଥିଲା। ସେହିପରି କଚାରୁ, କାଲୋଷିହିରିଆ, ପୁଟ୍ରିଖମଣ, ଡୁମେରଯୋର ଆଦି ଗ୍ରାମ ପଞ୍ଚାୟତରେ ସାମୂହିକ ଯୋଗ ଆୟୋଜିତ ହୋଇଥିଲା।

**ଲହୁଣୀପଡ଼ା(ଦାଶରଥି ପଣ୍ଡା):** ଲହୁଣୀପଡା କଲ୍ୟାଣ ମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାବୁଲ ପାରେଇ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଗବାନ ବାଙ୍କିରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଯାଉର ଏକ୍କା ଉପସ୍ଥିତ ରହି ଛାତ୍ରୀଛାତ୍ର ଓ ଜନ ସାଧାରଣଙ୍କୁ ନିୟମିତଭାବେ ଯୋଗ କରିବାକୁ ଉତ୍ସାହିତ କରିଥିଲେ। ପୁଷ୍ପଲତା ମାହାନ୍ତ, ଯମୁନା ମାହାନ୍ତ ଯୋଗ ଶିକ୍ଷା ଦେଇଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ,ଲହୁଣୀପଡା ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସହିତ ଶିକ୍ଷୟିତ୍ରୀ ଶିକ୍ଷକ ଓ ସ୍ଥାନୀୟ ଜନ ସାଧାରଣ ଏଥିରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଡବ୍ଲୁଇଓ ଭଗବତ ଟୁଡୁ,ମୁଖ୍ୟ କିରାଣୀ ମନୋଜ ପଟେଲ, ବରିଷ୍ଠ କିରାଣୀ ଦେବରାଜ ମାହାନ୍ତ, ବ୍ଲକ ଯୋଗାଣ ଅଧିକାରୀ ଶ୍ୟାମ ଚରଣ ମାଝୀ,ଏପିଓ ବିଷ୍ଣୁ ମୋହନ ନାଏକ, ସହକାରୀ ଯନ୍ତ୍ରୀ ବ୍ରଜବନ୍ଧୁ ବେହେରା, କନିଷ୍ଠ ଯନ୍ତ୍ରୀ ନରେଶ ମାଝୀ, ଶ୍ରୀକାନ୍ତ ସାହୁ, ରାଜ କିଶୋର କିଷାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଯୋଗ ଦିବସ ପାଳିତ ହୋଇଥିଲା।

**ବନ୍ଧମୁଣ୍ଡା(ସୁବ୍ରତ ଡେ):** ବନ୍ଧମୁଣ୍ଡା ଡି-କ୍ୟାବିନ୍‌ସ୍ଥିତ ଜୟ ହିନ୍ଦ୍ କ୍ଲବ ପରିସରରେ ବନ୍ଧମୁଣ୍ଡା ଭାଜପା ମଣ୍ଡଳ ସଭାପତି ଲଖନ ଲୋହାରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାଜପା କର୍ମୀ ଏବଂ ସ୍ଥାନୀୟ ଲୋକେ ଯୋଗଦେଇଥିଲେ। ଯୋଗ ପ୍ରଶିକ୍ଷକ ଭାବେ ଡକ୍ଟର ଶରବଜିତ ସିଂହ ଯୋଗଦେଇଥିଲେ। ବନ୍ଧମୁଣ୍ଡାର ପୂର୍ବତନ କାଉନ୍‌ସିଲର ପ୍ରମିଳା ସୁନା ଯୋଗର ଶାରୀରିକ ଏବଂ ମାନସିକ ଲାଭ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ରଞ୍ଜିତ ବୋଦ୍ରା, ଏମ୍. ମଧୁ, ପ୍ରମିଳା ସୁନା, ଲାବଣ୍ୟ, ଲକ୍ଷ୍ମୀ କୁମାରୀ, ତପସ୍ୱିନୀ କୁମାରୀ, ତୁଷାର ପ୍ରଧାନ, ରାଜୁ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

**ହେମଗିର(ଚୈତନ୍ୟ ପଟେଲ):** ହେମଗିର ବ୍ଲକସ୍ଥିତ ଭେଷଜ ପଟେଲ ଡୁଡୁକା ମହାବିଦ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅଶୋକ କୁମାର ନାଏକ ଯୋଗଦେଇ ଯୋଗର ମହତ୍ତ୍ୱ ଉପରେ ଅବଗତ କରାଇଥିଲେ। ଏହି ଅବସରରେ ମହାବିଦ୍ୟାଳୟ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଯୋଗ ଶିବିରକୁ କ୍ରୀଡ଼ା ଶିକ୍ଷକ ପରମେଶ୍ୱର ପଟେଲ ପରିଚାଳନା କରିଥିବାବେଳେ ଏନ୍‌ଏସ୍‌ଏସ୍‌ର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ନମିତା ମାଝୀ ଶପଥ ପାଠ କରାଇଥିଲେ।

**ରାଜଗାଙ୍ଗପୁର (ଅଶୋକ ପାଣି) :** ରାଜଗାଙ୍ଗପୁର ସ୍ଥିତ ରାଣିବନ୍ଧଠାରେ ଥିବା ଭିନ୍ନକ୍ଷମ ବିଦ୍ୟାଳୟ ହୋପ୍‌ରେ ଭିନ୍ନକ୍ଷମ ପିଲାମାନଙ୍କୁ ନେଇ ଯୋଗ ଦିବସ ପାଳନ କରାଯାଇଥିଲା। ଯୋଗ ପ୍ରଶିକ୍ଷକ ସୁଜାତା ଦାଶଙ୍କ ତତ୍ତ୍ୱାବଧାନରେ ପିଲାମାନେ ବିଭିନ୍ନ ଯୋଗାଭ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଡକ୍ଟର ସରୋଜିନିସାହୁ, ହୋପର ପ୍ରତିଷ୍ଠାତା ସଦସ୍ୟା ସରବଜିତ କୌର ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ହୋପର ସମ୍ପାଦକ ଆଶୀର୍ବାଦ ସାମଲଙ୍କ ସହ ଶିକ୍ଷିକା ପ୍ରତିଭା ସାହୁ, କଲ୍ୟାଣି ପୃଷେଠ, ଲକ୍ଷ୍ମୀ ସେଠ, ମଞ୍ଜୁଳା କୁଲୁ ପ୍ରମୁଖ ଉପସ୍ଥତି ଥିଲେ।

# ମାହେଶ୍ୱରୀ ଶିକ୍ଷାନୁଷ୍ଠାନ ସମୂହରେ ଯୋଗ ଦିବସ

ସୁନ୍ଦରଗଡ,୨୧।୬(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ମାହେଶ୍ୱରୀ ଶିକ୍ଷାନୁଷ୍ଠାନ ସମୂହରେ ଶନିବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ଯୁକ୍ତ ଦୁଇ ବିଜ୍ଞାନ ଓ କଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ମାହେଶ୍ୱରୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଏହି ଦିବସ ଉପଲକ୍ଷେ ସ୍ୱତନ୍ତ୍ର ଯୋଗ ଶିବିର ଆୟୋଜିତ ହୋଇଥିଲା। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଜୟନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ୫୦ଜଣ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ ଭବାନୀ ଭବନ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଆୟୋଜିତ ଜିଲାସ୍ତରୀୟ ଯୋଗ ଦିବସ ପାଳନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାନୁଷ୍ଠାନର ଡାଇରେକ୍ଟର ଫକୀର କର୍ଣ୍ଣ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ମାହେଶ୍ୱରୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପ୍ରିନ୍ସିପାଲ ଟି.ଭବାନୀଙ୍କ ତତ୍ତ୍ୱାବଧାନରେ ଯୋଗ ଦିବସ ପାଳିତ ହୋଇଥିଲା। ଏଥିରେ ବିଦ୍ୟାଳୟର ଛାତ୍ରୀ ଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକମାନେ ଯୋଗଦେଇ ଯୋଗ ଶିକ୍ଷା ଲାଭ କରିଥିଲେ।



ଛାତ୍ରୀଛାତ୍ରମାନେ ଯୋଗ କରୁଛନ୍ତି।

# ସଂଶୋଧନ ହେଉନି ଆଧାର, ମିଳୁନି ସରକାରୀ ସହାୟତା

ବଡ଼ଗାଁ, ୨୧।୬(ଅଶୋକ ଷଡ଼ଙ୍ଗୀ)

ଆଧାର କାର୍ଡରେ ତ୍ରୁଟି ଯୋଗୁ ଦୀର୍ଘ ବର୍ଷ ହେଲା ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ବଡ଼ଗାଁ ପଞ୍ଚାୟତ ୱାର୍ଡ ନମ୍ବର ୭ର ବାସିନ୍ଦା ଶରତ ଲାକ୍ରା (୭୫) ସରକାରଙ୍କ ସମସ୍ତ ଯୋଜନାରୁ ବଞ୍ଚିତ ହୋଇ ଆସୁଛନ୍ତି। ସେ ବଡ଼ଗାଁ ଆଧାର ସଂଶୋଧନ କେନ୍ଦ୍ରରେ ଜଣାଇ ନିରାଶ ହେଲାପରେ ତିନିମାସ ପୂର୍ବେ ବ୍ଲକ ଅଫିସରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣୀରେ ଲିଖିତ ଜଣାଇଥିଲେ। ହେଲେ କୌଣସି ସମାଧାନ ହୋଇନାହିଁ। ଏପ୍ରିଲ ପ୍ରଥମ ସପ୍ତାହରେ ଏ ସମ୍ପର୍କିତ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଲା ପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଚିଠି ହୋଇଥିଲା। ଆଜିକୁ ଦେଢ଼ ମାସ ବିତିଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଆଧାର କାର୍ଡରେ ସଂଶୋଧନ କରାଯାଇନାହିଁ ।

ସୂଚନାଯୋଗ୍ୟ ଯେ, ଚେମାପଡା ୱାର୍ଡ ନମ୍ବର ୭ର ଶରତ ଓ ସ୍ୱର୍ଗତ ଚିତ୍ରୁ ଡୁଙ୍ଗଡୁଙ୍ଗଙ୍କ ଆଧାର କାର୍ଡରେ ଫଟୋ ଭିନ୍ନ ଥିବାବେଳେ ଗୋଟିଏ ନମ୍ବର ରହିଛି। ଏହି କାରଣରୁ ଶରତ ସରକାରଙ୍କ ବିଭିନ୍ନ ଯୋଜନାରୁ ବାଦ୍ ପଡ଼ିଆସୁଛନ୍ତି। ଦୀର୍ଘ ୧୨ବର୍ଷ ହେଲା ଆଧାର ସଂଶୋଧନ ପାଇଁ ଜଣାଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏ ସମ୍ପର୍କରେ ଗ୍ରାମ ପଞ୍ଚାୟତ ଅଧିକାରୀ ଆଶୁତୋଷ ମିଶ୍ରଙ୍କୁ ପଚାରିବାରୁ ସେ କହିଲେ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଏ ନେଇ ଚିଠି ଆସିଥିଲା। ବିଡ଼ିଓଙ୍କ ନିର୍ଦ୍ଦେଶ କ୍ରମେ ତଦନ୍ତ କରି ରିପୋର୍ଟ ଦିଆଯାଇଥିବା କହିବା ସହିତ ଆଧାର ଅପରେଟରଙ୍କୁ ତ୍ରୁଟି ସଂଶୋଧନ ପାଇଁ ଚିଠି କରାଯାଇଥିବା ସେ କହିଥିଲେ। ଆଧାର ସଂଶୋଧନ ଦାୟିତ୍ୱରେ ଥିବା ସଚ୍ଚିଦାନନ୍ଦ ଖୁଣ୍ଟିଆ କହିଛନ୍ତି, ୨୦୨୩ ସେପ୍ଟେମ୍ବରରେ ରାଉରକେଲାଠାରେ ଆଧାର ସଂଶୋଧନ ପାଇଁ ସ୍ୱତନ୍ତ୍ର କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ସେତେବେଳେ ଏହା ଦୃଷ୍ଟିକୁ ଆସି ନ ଥିଲା। ପୁଣି ଯେବେ କ୍ୟାମ୍ପ ହେବ ସଂଶୋଧନ କରିଦିଆଯିବ। ତେବେ କ୍ୟାମ୍ପ କେବେ ହେବ ୟୁଡିଆଇ ଦିଲ୍ଲୀ କାର୍ଯ୍ୟାଳୟ ସ୍ଥିର କରି ଜିଲାପାଳ ଓ ବିଡ଼ିଓଙ୍କୁ ସୂଚନା ଦେବ। ଏହି ସୂଚନା ପଞ୍ଚାୟତଗୁଡ଼ିକୁ ମଧ୍ୟ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ସେହିପରି ଶଯ୍ୟାଶାୟୀ ଥିବା ଶରତଙ୍କ ସ୍ତ୍ରୀଙ୍କ ଆଧାର କାର୍ଡରେ ତ୍ରୁଟି ଥିବାରୁ ୭୦ ବର୍ଷ ହୋଇଥିଲେ ମଧ୍ୟ ସେ ବାର୍ଦ୍ଧକ୍ୟ ଭତ୍ତା ପାରୁ ନ ଥିବା ପରିବାର ଲୋକେ କହିଛନ୍ତି।



ଶରତ ଲାକ୍ରା

# ଟ୍ରେଲରକୁ ପିଟିଲା ବାଇକ୍, ୨ ଗୁରୁତର

ସୁନ୍ଦରଗଡ଼,୨୧।୬(ଜୟ ନାରାୟଣ ମେଣ୍ଡୁଲି): ସୁନ୍ଦରଗଡ଼ ଜିଲା ସଦର ଥାନା ଅନ୍ତର୍ଗତ ରସରାଜପୁର ନିକଟ ବିଜୁ ଏକ୍ସପ୍ରେସ୍ ୱେରେ ଶନିବାର ରାତି ପ୍ରାୟ ୯ଟା ୪୫ରେ ଏକ ଟ୍ରେଲର ପଛରେ ବାଇକ୍ ପିଟି ହେବାରୁ ୨ ଜଣ ଗୁରୁତର ହୋଇଛନ୍ତି। ଖବର ଲେଖା ହେବା ସୁଦ୍ଧା (ରାତି ୧୦ଟା) ଗୁରୁତରଙ୍କ ପରିଚୟ ମିଳିପାରିନାହିଁ। ସଦର ଥାନା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇ ତଦନ୍ତ କରୁଛି। ସୂଚନାଯୋଗ୍ୟ, ରାଉରକେଲା ପଟୁ ସୁନ୍ଦରଗଡକୁ ଯାଉଥିବା ଏକ ଟ୍ରେଲର ପଛପଟକୁ ଉକ୍ତ ବାଇକ୍ ଧକ୍କା ଦେଇଥିଲା।

# ସାପ କାମୁଡ଼ାରେ ବୃଦ୍ଧା ମୃତ

**କୁତ୍ରା,୨୧।୬(ଦେବାଶିଷ ସାହୁ):** କୁତ୍ରା ବ୍ଲକ ବିରତୋଲା ଗ୍ରାମରେ ସାପ କାମୁଡ଼ାରେ ଶନିବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ହେମବତୀ ବାଙ୍କରା(୭୩)। ଏନେଇ କୁତ୍ରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଘଟଣାରୁ ଜଣାପଡ଼ିଛି, ଶୁକ୍ରବାର ରାତିରେ ହେମବତୀ ରାତ୍ରିଭୋଜନ କରି ଶୋଇଥିଲେ। ହେଲେ ଶନିବାର ନ ଉଠିବାରୁ ପରିବାର ଲୋକେ ତାଙ୍କୁ ଉଠାଇଥିଲେ। ହେଲେ ସେ ଉଠି ନ ଥିଲେ। ତୁରନ୍ତ ତାଙ୍କୁ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘର ଅଗଣାରେ ଏକ ଚିତିସାପ ଦେଖାଯାଇଥିବା ନେଇ ହେମବତୀଙ୍କ ପୁଅ କହିଛନ୍ତି। ଡକ୍ଟର ମଧ୍ୟ ତାଙ୍କର ମୃତ୍ୟୁ ସାପ କାମୁଡାରେ ହୋଇଥିବା ସନ୍ଦେହ ପ୍ରକାଶ କରିବା ସହ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ୩ ପାଣି ଫ୍ୟାକ୍ଟ୍ରି ସିଲ, ୧୨ହଜାର ଜରିମାନା ଆଦାୟ

**ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ାଉ**

ସୁନ୍ଦରଗଡ,୨୧।୬(ଜୟ ନାରାୟଣ ମେଣ୍ଡୁଲି)

ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଶନିବାର ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ବିଭାଗ ପକ୍ଷରୁ ଜିଲାର ୮ଟି ପାଣି ଫ୍ୟାକ୍ଟ୍ରି ଯାଞ୍ଚ କରାଯାଇ ବ୍ୟବହାର ଉପଯୋଗୀ ପାଣି ନ ଥିବାରୁ ୩ଟି ଫ୍ୟାକ୍ଟ୍ରିକୁ ସିଲ କରାଯାଇଛି। ୬ଟି ପାଣି ନମୂନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପରୀକ୍ଷାଗାରକୁ ପଠାଯାଇଛି। ଏ ନେଇ ୧୨ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଖାଇବା ଅନୁପଯୋଗୀ ଥିବା ୧୦ କେ.ଜି. ଆଇସକ୍ରିମ ମଧ୍ୟ ନଷ୍ଟ କରାଯାଇଛି। ଖାଦ୍ୟ ନିରାପତ୍ତା ବିଭାଗର ଏହି ଟିମ୍ ଜିଲାର କଆଁରମୁଣ୍ଡା, ବୀରମିତ୍ରପୁର, ହାତୀବାରି, ପୁରୁଣାପାଣି ଓ ନୂଆଗାଁ ଅଞ୍ଚଳରେ ଚଢ଼ାଉ କରିଥିଲେ। ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ, କୁଆଁରମୁଣ୍ଡା ତହସିଲଦାର ବିଶ୍ୱଜୀତ ପ୍ରଧାନ, ବୀରମିତ୍ରପୁର ତହସିଲଦାର ଗୌରୀ ନାଏକ, ନୂଆଗାଁ ଗ୍ରାମ୍ୟ ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ, ଜିଲା ଖାଦ୍ୟ ନିରାପତ୍ତା ବିଭାଗ ଅଧିକାରୀ ପ୍ରତାପ ରୁଦ୍ର ମଣ୍ଡଳ, ରାଜଗାଙ୍ଗପୁର ଖାଦ୍ୟ ନିରାପତ୍ତା ଅଧିକାରୀ କୁନ୍ଦନ ଲୁହାର ପ୍ରମୁଖ ଏହି ଚଢ଼ାଉରେ ସାମିଲ ଥିଲେ।



ପାଣି ଫ୍ୟାକ୍ଟ୍ରି ଯାଞ୍ଚ କରାଯାଉଛି। .....

# ସର୍ଗୁକିଶାନ ଉଚ୍ଚ ବିଦ୍ୟାଳୟରେ ପ୍ଲେଜୋନ ଉଦ୍‌ଘାଟିତ

କୁତ୍ରା,୨୧।୬(ଦେବାଶିଷ ସାହୁ)

କୁତ୍ରା ବ୍ଲକ ଅନ୍ତର୍ଗତ ସର୍ଗୁକିଶାନ ଉଚ୍ଚ ବିଦ୍ୟାଳୟଠାରେ ପିଲାଙ୍କ ପାଇଁ ଶନିବାର ପ୍ଲେଜୋନ ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅମରେଶ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବରେ ବିଡିଓ ଯୁଗଳକିଶୋର ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ଲାକ୍ରା, ତୁନମୁରା ସରପଞ୍ଚ ତରୁଣିସେନ ବରିହା ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷା ଓ ଖେଳ ଉଭୟ ଛାତ୍ର ଜୀବନର ଏକ ଅବିଚ୍ଛେଦ ଅଙ୍ଗ। ଖେଳ ଓ ଶିକ୍ଷା ମଧ୍ୟରେ ସମନ୍ୱୟ ରକ୍ଷା କରିବା ଦ୍ୱାରା ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି ଅତିଥିମାନେ କହିଥିଲେ। ଏହାସହିତ ପାଠ ପଢା ସହିତ ଖେଳ କୁଦ କଲେ ଶରୀର ସୁସ୍ଥ ରହିବ ବୋଲି କହିଥିଲେ। ଶିକ୍ଷକ ବିକାଶ ଟପ୍ପୋ, ପ୍ରିୟଦର୍ଶନୀ ପାଢ଼ୀ, ରୋଶନି ମିଞ୍ଜ, ସୁମିତ୍ରା ବାର୍ଲା, କବିର ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ସର୍ଗୁକିଶାନ ଉଚ୍ଚ ବିଦ୍ୟାଳୟରେ.................

# ଟ୍ରାଫିକ ପରିଚାଳନା, ଭିଡ଼ ନିୟନ୍ତ୍ରଣ ଉପରେ ଗୁରୁତ୍ୱାରୋପ

**ରଥଯାତ୍ରା ପ୍ରସ୍ତୁତି ବୈଠକ**

ସୁନ୍ଦରଗଡ଼,୨୧।୬(ଜୟ ନାରାୟଣ ମେଣ୍ଡୁଲି)

ରଥଯାତ୍ରା ପାଇଁ ଶନିବାର ସଦର ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରଥଯାତ୍ରା ପ୍ରସ୍ତୁତି, ରାସ୍ତା ମରାମତି ଏବଂ ସଫେଇ, ସୁରକ୍ଷା ବ୍ୟବସ୍ଥା, ଟ୍ରାଫିକ ପରିଚାଳନା ଆଦି ଉପରେ ଆଲୋଚନା କରାଯାଇଥିଲା। ସଦର ଉପଜିଲାପାଳ ଦାଶରଥି ସରାବୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସଦର ତହସିଲଦାର କୁଳମଣି ରଣବିଡ଼ା, ଏସ୍‌ଡିପିଓ ନିର୍ମଳ ମହାପାତ୍ର, ଟାଉନ ଥାନା ଆଇଆଇସି ପ୍ରୀତି ମଞ୍ଜରୀ ମେଣ୍ଡୁଲି, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ରାଜବାଟି, ସୁନାରିପଡ଼ା, ମହେଶଡିହି ଏବଂ ଶଙ୍କରା ରଥଯାତ୍ରା କମିଟିର କର୍ମକର୍ତ୍ତା ଏବଂ ସଭ୍ୟମାନେ ଯୋଗ ଦେଇଥିଲେ। ବୈଠକରେ ରଥଯାତ୍ରା ଏବଂ ବାହୁଡ଼ା ଯାତ୍ରାରେ ଶାନ୍ତି ଶୃଙ୍ଖଳା ରକ୍ଷା କରି କିପରି ପାଳନ କରାଯିବ ସେନେଇ ଉପଜିଲାପାଳ ସରାବୁ ଗୁରୁତ୍ୱାରୋପ କରିଥିଲେ। ଟ୍ରାଫିକ ପରିଚାଳନା ତଥା ଭିଡ ନିୟନ୍ତ୍ରଣ ନିମନ୍ତେ ଆବଶ୍ୟକୀୟ ପୋଲିସ ମୁତୟନ କରିବା ଉପରେ ଆଲୋଚନା କରାଯାଇଥିଲା। ସେହି ସମୟରେ ଅସାମାଜିକ ଲୋକ ତଥା ବିକଟାଳ ଶବ୍ଦ ସୃଷ୍ଟି କରୁଥିବା ଏବଂ ଦ୍ରୁତ ବେଗରେ ଗାଡ଼ି ଚାଳନା ରୋକିବା ନିମନ୍ତେ ପୋଲିସ ବିଭାଗ ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଯୁଗ୍ମ ଏନଫର୍ସମେଣ୍ଟ କରାଯିବା ଉପରେ ଆଲୋଚନା କରାଯାଇଥିଲା। ସେହିଭଳି ରଥ ଯାଉଥିବା ଅଞ୍ଚଳ ଗୁଡିକରେ ସମସ୍ତ ଡ୍ରେନ ଓ ରାସ୍ତାଗୁଡ଼ିକର ସଫେଇ, ବ୍ଲିଚିଂ ପକାଇବା, ରାସ୍ତାରେ ଇଟା ବାଲି ଆଦି ଗଦା ହୋଇଥିଲେ ତାହାକୁ ମଧ୍ୟ ସଫା କରିବାକୁ ସୁନ୍ଦରଗଡ଼ ପୌରପାଳିକାକୁ କୁହାଯାଇଥିଲା। ରାସ୍ତାରେ ଥିବା ଖାଲଖମା ମରାମତି କରାଯିବା ନିମନ୍ତେ ଆଲୋଚନା କରାଯାଇଥିଲା। ସେହିଭଳି ରଥ ଗୁଡ଼ିକ ଯାଉଥିବା ବାଟରେ ଝୁଲି ଥିବା ସମସ୍ତ ବିଦ୍ୟୁତ ତାର, ଟେଲିଫୋନ ତାର ଏବଂ କେବୁଲ ତାର ଗୁଡ଼ିକ ପ୍ରତି ଦୃଷ୍ଟି ଦେବାକୁ ବିଦ୍ୟୁତ୍ ବିଭାଗ ଏବଂ ଅନ୍ୟାନ୍ୟ ବିଭାଗୀୟଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜନସମାଗମ ହେଉଥିବା ସ୍ଥାନ ଗୁଡିକରେ ୱାଟକୋ ଦ୍ୱାରା ଷ୍ଟାଣ୍ଡ ମାଧ୍ୟମରେ ପାଣି ଟାଙ୍କି ଯୋଗାଣ ନିମନ୍ତେ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ସେହିଭଳି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯିବା ନେଇ ଆଲୋଚନା କରାଯାଇଥିଲା। ରଥଯାତ୍ରା ଏବଂ ବାହୁଡ଼ା ଯାତ୍ରାକୁ ଭଲରେ ସମାପନ କରିବା, ଜନସାଧାରଣଙ୍କ ସୁରକ୍ଷା ଏବଂ ନିରାପତ୍ତା ଉପରେ ଉପଜିଲାପାଳ ସରାବୁ ଗୁରୁତ୍ୱାରୋପ କରିଥିଲେ। ପବିତ୍ର ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳା ସହ ପାଳନ ପାଇଁ ଉପ ଜିଲାପାଳ ସରାବୁ ସମସ୍ତ କମିଟି ଏବଂ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ।



ରଥଯାତ୍ରା ପାଇଁ ସଦର ଉପଜିଲାପାଳ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

# ହୀରାକୁଦ ଜଳଭଣ୍ଡାର ହେବ ଜଳକ୍ରୀଡ଼ାର କେନ୍ଦ୍ର

**ସମ୍ବଲପୁର,୨୧।୬(ଭବାନୀ ଶଙ୍କର ଭୋଇ)**



ହୀରାକୁଦ ପରିଦର୍ଶନରେ ଆସିଥିବା ବିଶେଷଜ୍ଞ ଦଳର ସଦସ୍ୟ।

- ଗୋଆ ଜାତୀୟ ଜଳକ୍ରୀଡା ପ୍ରତିଷ୍ଠାନ ଦଳର ହୀରାକୁଦ ପରିଦର୍ଶନ
- ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାକୁ ଚାଲିଛି ଯୋଜନା

ହୀରାକୁଦରେ ରହିଛି ବିଶାଳ ଜଳଭଣ୍ଡାର। ହେଲେ ପର୍ଯ୍ୟଟକମାନେ ଏ ପର୍ଯ୍ୟନ୍ତ ସେହି ଜଳ ରାଶିର ଠିକ୍‌ଭାବେ ମଜା ନେଇ ପାରୁ ନାହାନ୍ତି । ଅନେକ ବର୍ଷ ପର୍ଯ୍ୟନ୍ତ ହୀରାକୁଦ ବନ୍ଧରେ ସୁରକ୍ଷା ଦୃଷ୍ଟିରୁ ପର୍ଯ୍ୟଟକମାନଙ୍କ ପାଇଁ ଅନେକ କଟକଣା ରହିଥିଲା। ମୁଖ୍ୟବନ୍ଧ ଉପରେ ଯା'ଆସ ପାଇଁ ମଧ୍ୟ ସ୍ୱତନ୍ତ୍ର ଅନୁମତି ଦରକାର ପଡୁଥିଲା। ବନ୍ଧ ଉପରେ ଫଟୋ ଉଠାଇବା ଉପରେ ମଧ୍ୟ କଟକଣା ରହିଥିଲା। ଯାଦ୍ୱାରା ପର୍ଯ୍ୟଟକ ଏଠାକୁ ଆସିଲେ ମଧ୍ୟ ସେମାନଙ୍କ ଅନୁଭୂତିକୁ ସାଇତି ରଖିବା ଏବଂ ଅନ୍ୟ ଲୋକଙ୍କୁ ଦେଖାଇବାରେ ବିଫଳ ରହୁଥିଲେ। ହେଲେ ହୀରାକୁଦରେ ପର୍ଯ୍ୟଟନ ସମ୍ଭାବନାକୁ ଉପଯୋଗ କରାଯିବାକୁ ସରକାର ଚିନ୍ତା କରୁଛନ୍ତି। ସେଥିପାଇଁ କିଛି ବର୍ଷ ହେବ ହୀରାକୁଦ ବନ୍ଧ ମଧ୍ୟରେ ୱାଟର ସ୍ପୋର୍ଟସର ବ୍ୟବସ୍ଥା କାର୍ଯ୍ୟକାରୀ କରିବା ନେଇ ଚେଷ୍ଟା ଚାଲିଛି। ସମ୍ବଲପୁର ହୀରାକୁଦ ଜଳଭଣ୍ଡାରରେ ୱାଟର ସ୍ପୋର୍ଟସ ସମ୍ଭାବନାକୁ ଅନୁଧାନ କରିବା ପାଇଁ କିଛିଦିନ ତଳେ ଜଳଭଣ୍ଡାର ପରିଦର୍ଶନ କରିଛି ଗୋଆର ଜାତୀୟ ଜଳ କ୍ରୀଡା ପ୍ରତିଷ୍ଠାନର ଏକ ଦଳ। ଏହି ଦଳ ହୀରାକୁଦ ଜଳଭଣ୍ଡାରରେ ୱାଟର ସ୍ପୋର୍ଟସ ପାଇଁ ଥିବା ସମ୍ଭାବନାର ବିଭିନ୍ନ ଦିଗକୁ ଅନୁଧାନ କରିଛନ୍ତି। ଏନେଇ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସୂଚନା ଦେଇଛନ୍ତି।

ଇଣ୍ଡିଆନ ନାଭିର କମାଣ୍ଡର ରାଜୀବ ସର୍ଦାନା, ଡ. ପବନ ଗୁପ୍ତାଙ୍କ ନେତୃତ୍ୱରେ ଏହି ଟିମ୍ ସମ୍ବଲପୁର ଆସିଥିଲେ। ରାଜ୍ୟ ପର୍ଯ୍ୟଟନ ବିଭାଗର ଅଧିକାରୀମାନେ ମଧ୍ୟ ଏହି ଦଳ ସହ ସାମିଲ ହୋଇ ହୀରାକୁଦ ଜଳ ଭଣ୍ଡାରର ବିଭିନ୍ନ ଗଭୀର ଅଞ୍ଚଳ ଯେଉଁଠି ବିଭିନ୍ନ ପ୍ରକାରର ୱାଟର ସ୍ପୋର୍ଟସର ସମ୍ଭାବନା ରହିଛି ସେ ଅଞ୍ଚଳକୁ ବୋଟ ମାଧ୍ୟମରେ ପରିଦର୍ଶନ କରିଥିଲେ। ମୁଖ୍ୟତଃ ଏହି ଜଳଭଣ୍ଡାରର କେଉଁ ସ୍ଥାନ, କେଉଁ ଜଳକ୍ରୀଡା ପାଇଁ ପ୍ରଯୁଜ୍ୟ ହୋଇପାରେ ସେନେଇ ତର୍ଜମା କରାଯାଇଥିଲା। ଏନେଇ ଜିଲ୍ଲାପାଳ ବୋନ୍ଦର କହିଛନ୍ତି, ଗୋଆର ଏକ ଦଳ ହୀରାକୁଦ ପରିଦର୍ଶନ କରି ଫେରିଛନ୍ତି। ଏହି ଦଳ ଜଳଭଣ୍ଡାରରେ ଆଗକୁ ହେବାକୁ ଥିବା ପର୍ଯ୍ୟଟନ ସଂକ୍ରାନ୍ତୀୟ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବେ। ଏଠାରେ ସ୍କୁବା ଡାଇଭିଙ୍ଗ ତଥା ଅନ୍ୟାନ୍ୟ ସମ୍ଭାବ୍ୟ ୱାଟର ସ୍ପୋର୍ଟସ ନେଇ ଅନୁଧାନ କରିଛନ୍ତି। ଏହି ଦଳ ବର୍ଷତମାମ ବିଭିନ୍ନ ଋତୁରେ ଜଳଭଣ୍ଡାରର ଜଳସ୍ତରକୁ ଅନୁଧ୍ୟାନ କରିବେ। ଏଠାରେ କେଉଁଋତୁରେ, କେଉଁ ୱାଟର ସ୍ପୋର୍ଟସର ସମ୍ଭାବନା ରହିଛି ସେନେଇ ଅନୁଧ୍ୟାନ କରିବେ। ଗୋଟିଏ ବର୍ଷର ଅନୁଧ୍ୟାନ ପରେ ଏହି ଦଳ ସରକାରଙ୍କୁ ଏକ ରିପୋର୍ଟ ପ୍ରଦାନ କରିବ। ଏହି ରିପୋର୍ଟ ଅନୁସାରେ ହୀରାକୁଦରେ ଜଳକ୍ରୀଡା ପାଇଁ ମାଷ୍ଟର ପ୍ଲାନକୁ ଡିଜାଇନ କରାଯିବ। ତେବେ ଏନେଇ ଡିପିଆର ପ୍ରସ୍ତୁତ ହେଲା ପରେ କେନ୍ଦ୍ର ଏବଂ ରାଜ୍ୟ ସରକାର ସେହି ହିସାବରେ ପାଣ୍ଠି ମଞ୍ଜୁର କରିବେ ବୋଲି କହିଛନ୍ତି ଜିଲାପାଳ। ତେବେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ବର୍ଷକରୁ ଅଧିକ ସମୟ ଲାଗିବ। ତଥାପି ଏନେଇ କାମ ଆରମ୍ଭ ହୋଇଥିବାରୁ ହୀରାକୁଦ ପର୍ଯ୍ୟଟଙ୍କ ପାଇଁ ଆକର୍ଷଣରେ କେନ୍ଦ୍ର ହେବ ବୋଲି ବିଶ୍ୱାସ କରାଯାଉଛି।

# ଓଏସ୍ଓୟୁରେ ଅନ୍ତର୍ଜାତୀୟ ଯୋଗ ଦିବସ



ଆୟୋଜିତ କାର୍ଯ୍ୟକ୍ରମରେ କର୍ମଚାରୀ, ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ।

**ସମ୍ବଲପୁର,୨୧।୬(ବି.ଶଙ୍କର)**

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସଓୟୁ) ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ ବିଶ୍ୱ ସ୍ତରୀୟ ବିଷୟ ବସ୍ତୁ ଅଧିନରେ ବିଶ୍ୱବିଦ୍ୟାଳୟର ଆଧ୍ୟାତ୍ମିକ, ଶାରୀରିକ ଏବଂ ବୌଦ୍ଧିକ ସୁସ୍ଥତାକୁ ମିଶ୍ରଣ କରି ଦୁଇଟି ପର୍ଯ୍ୟାୟ ଉତ୍ସବ ଆୟୋଜନ ହୋଇଥିଲା। ଏଥିରେ ଅଧ୍ୟାପକ, କର୍ମଚାରୀମାନେ ଏକତ୍ରିତ ଯୋଗାଭ୍ୟାସ କରିଥିଲେ। ବିଶ୍ୱବିଦ୍ୟାଳୟ ପରିସରରେ ଏକ ଯୋଗ ଅଭ୍ୟାସ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ ଇଂଲିଶ ଏବଂ ଓଡ଼ିଆ ବିଭାଗ ମଧ୍ୟରେ ଏକ ସାର୍ବଜନୀନ ଯୋଗ ସଚେତନତା ଲିଫଲେଟ୍ ପ୍ରସ୍ତୁତ କରିବା ପାଇଁ ଏକ ସହଯୋଗମୂଳକ ପଦକ୍ଷେପ ପ୍ରସ୍ତାବ ଦେଇଥିଲେ।

# ବିଦ୍ୟା ବିକାଶ ଗ୍ରୁପ ପକ୍ଷରୁ ଯୋଗ ଦିବସ



ବିଦ୍ୟା ବିକାଶ ଗ୍ରୁପ ଖେଳ ବିଭାଗ ପକ୍ଷରୁ ଯୋଗାଭ୍ୟାସ କରାଯାଉଛି।

**ସମ୍ବଲପୁର,୨୧।୬(ବି.ଶଙ୍କର)**

ବିଦ୍ୟା ବିକାଶ ଗ୍ରୁପ ଖେଳ ବିଭାଗ ଆୟୋଜିତ ଆନ୍ତର୍ଜାତୀୟ ଯୋଗ ଦିବସ ସମ୍ବଲପୁର ଜିଲା ଶାସନ ସ୍ଥିତ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏଥିରେ ୨୦୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗଦେଇ ଯୋଗାଭ୍ୟାସ କରିଥିଲେ। ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନ ଚେୟାରମ୍ୟାନ ତଥା ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ ଓ ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଜି. ରାମକୃଷ୍ଣ ଯୋଗଦେଇ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଯୋଗ ଓ ପ୍ରାଣାୟାମର ଗୁରୁତ୍ୱ ଉପରେ ମତବ୍ୟକ୍ତ କରିଥିଲେ । ବିଦ୍ୟା ବିକାଶ ଗ୍ରୁପର ସିଇଓ ସଞ୍ଜୀବ କୁମାର ବାବୁ, ବିକାଶ ଦ କନ୍‌ସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି, ବିକାଶ ସମ୍ବଲପୁର ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷା ଡ.ପୁଷ୍ପିତା ପଣ୍ଡା, ବିକାଶ ହାଇୟର ସେକେଣ୍ଡାରୀ ସ୍କୁଲ ଇନ୍‌ଚାର୍ଜ ଅଧ୍ୟକ୍ଷ ଡ. ଦିବ୍ୟସିଂହ ମହାନ୍ତ, ବିକାଶ ନର୍ସିଂ କଲେଜ ଅଧ୍ୟକ୍ଷ ଈଶ୍ୱର ନାଗ, ବିକାଶ ଦ କନ୍‌ସେପ୍ଟ ସ୍କୁଲ ଉପାଧ୍ୟକ୍ଷ ଯଶୱନ୍ତ ସାହୁ ଉପସ୍ଥିତ ନିଜ ମତ ରଖି ଥିଲେ । ନିରୂପମା ସାହୁ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ରଙ୍କୁ ଯୋଗାଭ୍ୟାସ କରାଇଥିଲେ।

# ଆଇସିଆଇସିଆଇ ବ୍ୟାଙ୍କ ଖାଉଟି ଅଦାଲତରେ ଦଣ୍ଡିତ

**ସମ୍ବଲପୁର,୨୧।୬(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଶାନ୍ତିନଗର ନିବାସୀ ସୁଷେନ କୁମାର ପୁରୋହିତ ନିଜ ବ୍ୟାଙ୍କ ଏଟିଏମରେ ଟଙ୍କା ଉଠାଇବାକୁ ଯାଇ ଠକେଇର ଶିକାର ହୋଇଥିଲେ। ଏହି ମାମଲାର ବିଚାର କରି ସମ୍ବଲପୁର ଜିଲା ଖାଉଟି ଅଦାଲତ ଆଇସିଆଇସିଆଇ ବ୍ୟାଙ୍କକୁ ଦଣ୍ଡିତ କରିଥିବା ନେଇ ତାଙ୍କ ଓକିଲ ପ୍ରଶାନ୍ତ କୁମାର କର ଶନିବାର ସୂଚନା ଦେଇଛନ୍ତି। ୨୦୨୪ ମସିହା ମାର୍ଚ୍ଚ ୮ ସନ୍ଧ୍ୟାରେ ପୁରୋହିତ ତାଙ୍କ ଆକ୍ସିସ ବ୍ୟାଙ୍କ ଏଟିଏମ କାର୍ଡରେ ଟଙ୍କା ଉଠାଇବା ପାଇଁ ବୁଢ଼ାରଜା ସ୍ଥିତ ଏଟିଏମ କାଉଣ୍ଟରକୁ ଯାଇଥିଲେ। ଏଟିଏମ ଅଚଳ ଥିବାରୁ ସେ ପାଖରେ ଥିବା ଆଇସିଆଇସିଆଇ ଏଟିଏମ କାଉଣ୍ଟରକୁ ଯାଇ ତାଙ୍କର ଡେବିଟ କାର୍ଡ ବ୍ୟବହାର କରିଥିଲେ । କାର୍ଡଟି ଏଟିଏମ ମେଶିନ ଭିତରକୁ ଯିବା ପରେ ଟଙ୍କା ଉଠାଣ ପାଇଁ କୌଣସି ବାର୍ତ୍ତା ପରଦାରେ ଆସିଲା ନାହିଁ କିମ୍ବା କାର୍ଡ ଫେରି ପାଇବା ପାଇଁ ମଧ୍ୟ କୌଣସି ବାର୍ତ୍ତା ଦେଖାଗଲାନାହିଁ । ସହାୟତା ପାଇଁ ସେଠାରେ କୌଣସି ସୁରକ୍ଷା କର୍ମୀ ନଥିବାରୁ ପୁରୋହିତ ଏଟିଏମରେ ଲେଖା ହୋଇଥିବା ଟୋଲ ଫ୍ରି ନମ୍ବରକୁ ଫୋନ କରିଥିଲେ। ଫୋନଯୋଗେ ଦିଆଯାଇଥିବା ନିର୍ଦ୍ଦେଶ ଅନୁସାରେ ଏଟିଏମ ପରିଚାଳନା କରିଥିଲେ। ଏହାପରେ ତାଙ୍କ କାର୍ଡ ଫେରିପାଇବା ପରେ ଆଉ କୌଣସି ଟଙ୍କା ନ ଉଠାଇ ଘରକୁ ଚାଲି ଯାଇଥିଲେ। ଘରେ ପହଞ୍ଚିବା ପରେ ମୋବାଇଲ ଫୋନରେ ଆସିଥିବା ମ୍ୟାସେଜରେ ପର୍ଯ୍ୟାୟକ୍ରମେ ୭ଟି ଟ୍ରାନଜାକସନରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୬୫ ହଜାର ୮୯୬ ଟଙ୍କା ଉଠାଣ ହୋଇଥିବା ଜାଣିବାକୁ ପାଇଥିଲେ। ସେ ଠକେଇର ଶିକାର ହେଇଥିବା ଜାଣି ଉଭୟ ଆକ୍ସିସ ଓ ଆଇସିଆଇସିଆଇ ବ୍ୟାଙ୍କକୁ ଯାଇ ଅଭିଯୋଗ କରିଥିଲେ । ଏହାସହ ସାଇବର ପୋଲିସ ଷ୍ଟେଶନରେ ମଧ୍ୟ ଅଭିଯୋଗ କରିଥିଲେ। ତଥାପି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ପରେ ସେ ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ । ଖାଉଟି ଅଦାଲତ ସମସ୍ତ ପକ୍ଷଙ୍କ ଦଲିଲ ଶୁଣିବା ପରେ ତାଙ୍କର ରାୟ ପ୍ରକାଶ କରିଛନ୍ତି। ଅଭିଯୋଗକାରୀଙ୍କ କଟିଥିବା ୬୫ ହଜାର ୮୯୬ ଟଙ୍କା ସୁଧ ସହିତ ଫେରାଇବା ସହ ଗ୍ରାହକ ସେବାରେ ତ୍ରୁଟି ପାଇଁ ଅତିରିକ୍ତ ୫୦ ହଜାର ଏବଂ ମକଦ୍ଦମା ପରିଚାଳନା ଖର୍ଚ୍ଚ ବାବଦକୁ ୨୦ହଜାର ଟଙ୍କା ଏକ ମାସ ମଧ୍ୟରେ ପୁରୋହିତଙ୍କୁ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।



ସିଆରପିଏଫ ଗ୍ରୁପ ସେଣ୍ଟରରେ ଯବାନ ଏବଂ ଜନସାଧାରଣ ଯୋଗାଭ୍ୟାସ କରୁଛନ୍ତି।

# ସିଆର୍‌ପିଏଫ୍ ଗ୍ରୁପ ସେଣ୍ଟରରେ ଯୋଗ ଦିବସ

**ସମ୍ବଲପୁର,୨୧।୬(ଭବାନୀ ଶଙ୍କର ଭୋଇ)**

ଗୋଶାଳାସ୍ଥିତ ସମ୍ବଲପୁର ସିଆରପିଏଫ ଗୃପ ସେଣ୍ଟରରେ ଶନିବାର ୧୧ତମ ଆନ୍ତର୍ଜାତୀୟ ଯୋଗ ଦିବସ ଆୟୋଜିତ ହୋଇଥିଲା। ଗୃପ ସେଣ୍ଟର ସମ୍ବଲପୁରର ପୋଲିସ ଉପ ମହାନିରୀକ୍ଷକ ସଞ୍ଜୟ କୁମାର ସିଂହଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସମ୍ବଲପୁର ରେଞ୍ଜର ଉପମହାନିରକ୍ଷକ ଦଲିପ ସିଂହ ଅନ୍ୱେଶଙ୍କ ସହିତ ଅନ୍ୟ ଅଧିକାରୀ, ଯବାନ ଏବଂ ନିକଟସ୍ଥ ଗୋଶାଳା, କଳାମାଟି, ବସନ୍ତପୁରର ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଉପ ମହନିରିକ୍ଷକ ସିଂହ ସୁସ୍ଥ ଜୀବନ ଶୈଳୀ ପାଇଁ ଯୋଗକୁ ଜୀବନର ଅଙ୍ଗ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ଏହାସହ ସେ ଭାରତ ସରକାରଙ୍କ ଯୋଗ ସମ୍ବନ୍ଧୀୟ ଯୋଜନା ଏବଂ ଏହି ବର୍ଷର ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ ବିଷୟ ଉପରେ ଆଲୋକପାତ କରିଥିଲେ। ଗତ ଏକ ମାସ ଧରି ଗୃପ ସେଣ୍ଟର ଦ୍ୱାରା ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ବ୍ରହ୍ମା କୁମାରୀ ପ୍ରତିଷ୍ଠାନ ସହିତ ଯୋଗ ଉପରେ ବକ୍ତୃତା, ସ୍ୱାସ୍ଥ୍ୟ ଯାଞ୍ଚ ଶିବିର, ପିଲାମାନଙ୍କ ପାଇଁ ଚିତ୍ରକଳା ପ୍ରତିଯୋଗିତା, ସାଇକେଲ ରାଲି ଏବଂ ସମ୍ବଲପୁରର ହୀରାକୁଦ ଡ୍ୟାମ ପାର୍କ, ନବୋଦୟ ବିଦ୍ୟାଳୟ ଏବଂ ସମଲେଇ ମନ୍ଦିର ପରିସରରେ ସାମୂହିକ ଯୋଗ ଅଭ୍ୟାସ ଅନ୍ତର୍ଭୁକ୍ତ ଥିଲା।

# ଏମ୍‌ସିଏଲ୍ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ



ଏମ୍‌ସିଏଲ୍ ଆୟୋଜିତ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ କାର୍ଯ୍ୟକ୍ରମ।

**ସମ୍ବଲପୁର,୨୧।୬(ବି.ଶଙ୍କର)**

ଏମ୍‌ସିଏଲ ପକ୍ଷରୁ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ଶନିବାର ପାଳିତ ହୋଇଯାଇଛି। ଏମସିଏଲ ମୁଖ୍ୟାଳୟର ଆନନ୍ଦ ବିହାର ଗ୍ରାଉଣ୍ଡରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରାୟ ୭ଶହ ଜଣ ସାମିଲ ହୋଇ ଯୋଗାଭ୍ୟାସ କରିଥିଲେ। କୋଲ ଇଣ୍ଡିଆ ଲିମିଟେଡର ମାର୍କେଟିଂ ଏବଂ ବ୍ୟବସାୟ ବିକାଶ ନିର୍ଦ୍ଦେଶକ ମୁକେଶ ଚୌଧୁରୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏମ୍‌ସିଏଲ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ସଭାପତିତ୍ୱ କରିଥିଲେ । କମ୍ପାନୀ ନିର୍ଦ୍ଦେଶକ (ମାନବସମ୍ପଦ) କେଶବ ରାଓ

### ଏକ ପେଡ ମା' କେ ନାମ ଅନ୍ତର୍ଗତ ୧୪୩୦ ଚାରା ରୋପଣ

ଏବଂ ଏମସିଏଲର ସିଭିଓ ଶ୍ରୀ ପିକେ ପଟେଲ ଉପସ୍ଥିତ ଥିଲେ। ଏମ୍‌ସିଏଲ ମୁଖ୍ୟାଳୟ ସମେତ ଓଡ଼ିଶାର ଅନୁଗୁଳ, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲାରେ ବିସ୍ତାରିତ ତାଳଚେର ଏବଂ ଇବ୍ ଭ୍ୟାଲି କୋଇଲା କ୍ଷେତ୍ରର ସମସ୍ତ ୟୁନିଟରେ ଯୋଗ ଅଧିବେଶନ କରାଯାଇଥିଲା। କମ୍ପାନୀର ୭୭ଟି ସ୍ଥାନରେ ଆସନ ଏବଂ ପ୍ରାଣାୟମ କରିବାକୁ ଅଧିକାରୀ ଓ କର୍ମଚାରୀମାନେ ଏକାଠି ହୋଇଥିଲେ । ଏହି ଅବସରରେ ଏକ ପେଡ ମା କେ ନାମ ଅନ୍ତର୍ଗତ ୧୪୩୦ ଚାରା ରୋପଣ କରାଯାଇଥିଲା।

# ଡିଜେ ଗାଡ଼ିରୁ ଚୋରି, ୨ ଗିରଫ



ବୁର୍ଲା ପୋଲିସ ଦ୍ୱାରା ଗିରଫ ୨ ଅଭିଯୁକ୍ତ ଓ ଜବତ କାର।

**ସମ୍ବଲପୁର,୨୧।୬(ପ୍ରମୋଦ ବହିଦାର)**

**ଚୋରି ସାମଗ୍ରୀ ଉଦ୍ଧାର**

ବୁର୍ଲାରେ ଏକ ଡିଜେ ଗାଡ଼ିରୁ ଆମ୍ପ୍ଲିଫାୟାର ଓ ଲାଇଟ୍ ଇନୋଭେଶନ ମେଶିନ ଚୋରି ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବୁର୍ଲା ଥାନା ଅନ୍ତର୍ଗତ ମହତାବନଗର ଚର୍ଚ୍ଚ ଅଞ୍ଚଳର ରଜତ କୁମାର ପାଇକ ଓରଫ ରାଜେଶ କୁମାର(୨୧) ଓ ବୋର୍ଡ କଲୋନୀର ନରେନ୍ଦ୍ର ମିଶ୍ର(୩୬)। ସେମାନଙ୍କ ନିକଟରୁ ଗୋଟିଏ କଳା ରଙ୍ଗର ଲାଇଟ୍ ଇନୋଭେଶନ ମେଶିନ ଓ ଏକ ଆମ୍ପ୍ଲିଫାୟାର ଉଦ୍ଧାର କରାଯାଇଛି। ଚୋରି ସମାଗ୍ରୀ ପରିବହନରେ ବ୍ୟବହୃତ ଏକ କାର(ଓଡି-୧୫-ଡି-୭୬୩୮)କୁ ପୋଲିସ ଜବତ କରିଛି। ଡିଜେ ଗାଡ଼ି ମାଲିକ ବୁର୍ଲା ଗାନ୍ଧୀପଡ଼ାର ଦିନେଶ ଦାଶଙ୍କ କହିବା ଅନୁସାରେ ସେ ତାଙ୍କ ଗାଡ଼ିକୁ ବୁର୍ଲାର ବିଜୁ କଲ୍ୟାଣ ମଣ୍ଡପ ନିକଟରେ ରଖିଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ତାଙ୍କ ଗାଡ଼ିରୁ ଏକ ଆମ୍ପ୍ଲିଫାୟାର ସହିତ ଲାଇଟ୍ ଇନେଭେଶନ ମେଶିନ ଚୋରି ହୋଇ ଯାଇଥିଲା। ଚୋରି ଘଟଣାରେ ରଜତ ଓ ନରେନ୍ଦ୍ର ସାମିଲ ଥିବା ଜାଣିବାକୁ ପାଇଥିଲେ। ଏହାକୁ ନେଇ ଶନିବାର ସକାଳେ ସେ ବୁର୍ଲାଥାନାରେ ଏତଲା ଦେଇଥିଲେ। ଏତଲା ଆଧାରରେ ଥାନାରେ ଏକ ମାମଲା(ନଂ.୨୫୯/୨୫) ରୁଜୁ କରି ପୋଲିସ ଅଭିଯୁକ୍ତମାନଙ୍କ ଘରେ ଚଢ଼ାଉ କରିଥିଲା। ଅଭିଯୁକ୍ତମାନଙ୍କୁ ଶନିବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହୋଇ ଯିବାରୁ ଜେଲ ହାଜତ ପଠାଇ ଦିଆଯାଇଛି।

# ସ୍ନାତକ ମହାବିଦ୍ୟାଳୟରେ ଯୋଗ ଦିବସ

**ନାକଟିଦେଉଳ, ୨୧।୬(ବୈକୁଣ୍ଠ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟରେ ଶନିବାର ଅନ୍ତର୍ଜାତୀୟ ଯୋଗ ଦିବସ ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଯୋଗାଶନ ଅଭ୍ୟାସ ଓ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ସମ୍ମାନୀତ ଅତିଥିଭାବେ ନାକଟିଦେଉଳ ବିଡିଓ କ୍ଷମାନିଧି ଭୋଇ, ଏବିଡିଓ ବିଦ୍ୟାଧର ରାଉତରାୟ, ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ, ଯୋଗ ପ୍ରଶିକ୍ଷକ ପିଙ୍କି ସାହୁ, ନେତ୍ରାନନ୍ଦ ରାଉଳ, ପ୍ରମୋଦ ସାହୁ, ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର ସାହୁ, ଅବସରପ୍ରାପ୍ତ ଜବାନ ଗୋବର୍ଦ୍ଧନ ସାହୁ ଓ ଅଧ୍ୟାପକ ଦେବେଶ ବିଶାଳ ଯୋଗଦେଇ ଯୋଗର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସମାରୋହରେ ନାକଟିଦେଉଳ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଛାତ୍ରୀଛାତ୍ରଙ୍କ ସମେତ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିମାନେ ଭାଗ ନେଇ ବିଭିନ୍ନ ପ୍ରକାରର ଯୋଗ କରିଥିଲେ।

# ସ୍ୱାସ୍ଥ୍ୟ, ସମୃଦ୍ଧି ପାଇଁ ଯୋଗ ସିଦ୍ଧ ଉପଚାର

**ସମ୍ବଲପୁର,୨୧।୬(ବି.ଶଙ୍କର)**

ଯୋଗ ଶାରିରୀକ, ମାନସିକ ଓ ଆଧ୍ୟାତ୍ମିକ ଚେତନାର ବୈଜ୍ଞାନିକ ପ୍ରୟୋଗ। ଶନିବାର ସକାଳ ୬ଟା ୩୦ରେ ସମଲେଇ ମନ୍ଦିର ରିଂରୋଡ ଅଞ୍ଚଳରେ ସମ୍ବଲପୁର ଜିଲା ପ୍ରଶାସନ ଆୟୋଜିତ ଅନ୍ତର୍ଜାତୀୟ ଯୋଗ ଦିବସରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ସେ କହିଥିଲେ, ଯୋଗ ଭାରତର ପ୍ରାଚୀନ ସଂସ୍କୃତିର ଏକ ଅମୂଲ୍ୟ ଉପହାର। ସ୍ୱାସ୍ଥ୍ୟ ଏବଂ ସମୃଦ୍ଧି ପାଇଁ ଯୋଗ ଏକ ସିଦ୍ଧ ଉପଚାର। ଏଥିପାଇଁ ଜାତୀୟ ଶିକ୍ଷା ନୀତିରେ ଛାତ୍ରୀଛାତ୍ର ଏବଂ ଶିକ୍ଷକଙ୍କ ଶାରୀରିକ ଓ ମାନସିକ ସୁସ୍ଥତା ଉପରେ ଗୁରୁତ୍ୱ ଦିଆଯାଇଛି। ସମସାମୟିକ ସମୟରେ ସମ୍ବଲପୁରକୁ ସୁସ୍ଥ ଓ ସୁନ୍ଦର ରଖିବା ପାଇଁ ପଡ଼ିବ । ସୁସ୍ଥ ଓ ସୁଖି ଜୀବନଯାପନ ପାଇଁ ଯୋଗକୁ ଗ୍ରହଣ କରିବା ପାଇଁ ସେ ଜନସାଧାରଣଙ୍କୁ ଆହ୍ୱାନ କରିଥିଲେ। ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ କହିଥିଲେ, ଶାରୀରିକ ଓ ମାନସିକସ୍ତରରେ ସୁସ୍ଥ ରହିବାକୁ ହେଲେ ଯୋଗର ଆବଶ୍ୟକତା ରହିଛି। ଜିଲାପାଳ ଡାକ୍ତର ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ମହାନଗର ନିଗମ ଆୟୁକ୍ତ ବେଦ ଭୂଷଣ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଶାଖାପାଟଣାରୁ ପ୍ରଧାନମନ୍ତ୍ରୀଙ୍କ ଯୋଗ କାର୍ଯ୍ୟକ୍ରମର ସିଧା ପ୍ରସାରଣ ମଧ୍ୟ ଏଠାରେ ପ୍ରସାରିତ ହୋଇଥିଲା। ମୋଟ ୧୨୬ଟି ଶିକ୍ଷାନୁଷ୍ଠାନ, ସାମାଜିକ ଅନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନ, ସାଂସ୍କୃତିକ, କ୍ରୀଡାନୁଷ୍ଠାନ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟାଳୟ ସମେତ ବେସରକାରୀ କାର୍ଯ୍ୟାଳୟରୁ ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ମାନସ ରଞ୍ଜନ ମିଶ୍ର ମଞ୍ଚ ସଂଯୋଜନା କରିଥିଲେ। ଯୋଗ ପ୍ରଶିକ୍ଷିକା ଜେ ଗିରିଜା ଦେବୀ, ଡ. ସତ୍ୟନାରାଣ ଠାକୁର, ପ୍ରିତମ ପ୍ରତ୍ୟୁଷ ବାରିକ, ଅକ୍ଷୟ ପଣ୍ଡା ଓ ରଞ୍ଜନ ସାହୁ ଯୋଗାଭ୍ୟାସ କରାଇଥିଲେ। ଆରଡିସି ସଚିନ ରାମଚନ୍ଦ୍ର ଯାଧବ, ପୋଲିସ ଆଇଜି ହିମାଂଶୁ କୁମାର ଲାଲ, ଏସ୍‌ପି ମୁକେଶ କୁମାର ଭାମୁ, ଶିକ୍ଷାନବିଶ ଶୁଭ୍ରା ପଣ୍ଡା, ଆଇଆଇଏମ ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ, ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ବିଦ୍ୟୁଭୂଷଣ ମିଶ୍ର, ଭିସୁଟ କୁଳପତି ପ୍ରଫେସର ଦୀପକ କୁମାର ସାହୁ, ଗଙ୍ଗାଧର ମେହେର ବିଶ୍ୱଦିଦ୍ୟାଳୟ କୁଳପତି ପ୍ରଫେସର ଶୁଶାନ୍ତ କୁମାର ଦାଶ, ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ ମଞ୍ଚାସୀନ ଥିଲେ। ମଞ୍ଚରେ ବାଳିକାବାଳକମାନେ ଆକର୍ଷଣୀୟ ଯୋଗ ପ୍ରର୍ଦଶନ କରିଥିଲେ ।

### ସମ୍ବଲପୁରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ



ସମ୍ବଲପୁର ଜିଲା ପ୍ରଶାସନ ଆୟୋଜିତ ଯୋଗ ଦିବସରେ କେନ୍ଦ୍ରମନ୍ତ୍ରୀ ଓ ପଞ୍ଚାୟତି ରାଜ ମନ୍ତ୍ରୀଙ୍କ ସମେତ ଜିଲା ପ୍ରଶାସନିକ ଅଧିକାରୀମାନେ ଯୋଗାଭ୍ୟାସ କରୁଛନ୍ତି।

# ଓଡ଼ିଶା ପିଲାଙ୍କୁ ପଢ଼ାଉଛି ଆନ୍ଧ୍ର

## ଏକକ ଆପାର ଆଇଡି କରି ବଢ଼ାଉଛି ଛାତ୍ରୀଛାତ୍ର ସଂଖ୍ୟା

ନନ୍ଦପୁର,୨୧।୬(ତୁଷାରକାନ୍ତ ମହାନ୍ତି)

ଓଡ଼ିଶା ସୀମାନ୍ତବାସୀଙ୍କୁ ଆନ୍ଧ୍ରପ୍ରଦେଶ ଶିକ୍ଷା ଓ ମଙ୍ଗଳ ବିଭାଗର ବିଭିନ୍ନ ଯୋଜନାର ପ୍ରଲୋଭନ ଦେଖାଇ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟରେ ନାମ ଲେଖାଇବାରେ ସଫଳ ହେଉଥିବା ଜଣାପଡ଼ିଛି। କେନ୍ଦ୍ରୀୟ ଶିକ୍ଷା ମନ୍ତ୍ରଣାଳୟ ସମଗ୍ର ଦେଶର ଛାତ୍ରୀଛାତ୍ରଙ୍କ ଏକକ ଆପାର ଆଇଡି କରିବାକୁ ପଦକ୍ଷେପ ନେଇଛି। ଏହାର ସୁଯୋଗ ନେଇ ଓଡ଼ିଶା ପିଲାଙ୍କୁ ଆନ୍ଧ୍ରର ଦର୍ଶାଇ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବଢ଼ାଉଛି। ବିଦ୍ୟାଳୟରେ ନାମ ଲେଖାଇଲେ ଆନ୍ଧ୍ର ସରକାରଙ୍କ ଆମ୍ମାବାଡି ଯୋଜନାରେ ଛାତ୍ରୀଛାତ୍ରଙ୍କ ମା'ଙ୍କ ନାଁରେ ୧୫ ହଜାର ଟଙ୍କା ଜମା, ଉଚ୍ଚସ୍ତରୀୟ ଭିତ୍ତିଭୂମି, ଶିକ୍ଷା ଓ ଆବାସିକ ବ୍ୟବସ୍ଥାର ପ୍ରଲୋଭନ ଦେଖାଉଛି। ଆନ୍ଧ୍ର ସ୍କୁଲ ବସ୍ ପଠାଇ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟକୁ ନେବା ଆଣିବା ବ୍ୟବସ୍ଥା କରୁଥିବା ଦେଖିବାକୁ ମିଳୁଛି।

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ଅଧୀନ ପାଡୁଆ, କୁଲାବିର, ଚାଟୁଆ, ପାଛଲୁଙ୍ଗ, କୁଲାରସିଂ, ଗୋଲୁର, ଖିନବର ଆଦି ପଞ୍ଚାୟତର ଛାତ୍ରୀଛାତ୍ର ଆନ୍ଧ୍ର ସ୍କୁଲରେ ପଢୁଛନ୍ତି। ସେମାନଙ୍କ ଅଭିଭାବକଙ୍କୁ ପ୍ରଲୋଭନ ଦେଖାଇ ପାଡୁଆ ଓ କୁଲାବିର ପଞ୍ଚାୟତର ୪୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ସ୍କୁଲ ବସ୍ ପଠାଇ ଆରକୁ ବିଦ୍ୟାଳୟ ନେବା ଆଣିବା କରୁଥିବା ଦେଖିବାକୁ ମିଳିଛି। ପାଛଲୁଙ୍ଗ, ଗୋଲୁର ଓ କୁଲାରସିଂ ପଞ୍ଚାୟତର ୬୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆନ୍ଧ୍ର ପେଦାବାଇଲିରେ ଥିବା ୧୦ ଆବାସିକ ବିଦ୍ୟାଳୟରେ ପାଠ ପଢୁଛନ୍ତି। ଅଟୋ ଓ ଅନ୍ୟ ଗାଡ଼ି ଯୋଗେ ସେମାନଙ୍କ ସ୍କୁଲକୁ ଯାତାୟାତ ବ୍ୟବସ୍ଥା କରାଯାଇଛି। ବିଲାପୁଟ ପଞ୍ଚାୟତର ଜୋଲାପୁଟ ଓ ଖିନମୁଙ୍ଗ ଗ୍ରାମର ୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆନ୍ଧ୍ର ମୁଚିଙ୍ଗପୁଟରେ ଥିବା ସରକାରୀ ଓ ବେସରକାରୀ ସ୍କୁଲରେ ପାଠ ପଢୁଛନ୍ତି। ଏହା ଦେଖିବା ସତ୍ତ୍ୱେ ନନ୍ଦପୁର ବ୍ଲକ୍, କୋରାପୁଟ ଜିଲା ଓ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ନୀରବତା ଅବଲମ୍ବନ କରୁଥିବାରୁ ଶିକ୍ଷାବିତ୍ଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଖରାଛୁଟିରେ ଆନ୍ଧ୍ର ସ୍କୁଲ କର୍ତ୍ତୃପକ୍ଷ ସୀମାନ୍ତ ନନ୍ଦପୁର ବ୍ଲକର ୭ ପଞ୍ଚାୟତ ବୁଲି ଅଭିଭାବକଙ୍କୁ ବିଭିନ୍ନ ଯୋଜନାର ପ୍ରଲୋଭନ ଦେଖାଇ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟରେ ନାମ ଲେଖାଇବାରେ ସଫଳ ହୋଇଛି। ଅଭିଭାବକଙ୍କୁ ଆମ୍ମାବାଡ଼ି, ଭାସତି ବେଦନା ଯୋଜନାରେ ୧୫ ହଜାର ଲେଖାଏ ଆନ୍ଧ୍ର ପ୍ରଦାନ କରୁଛି। ଏ ସମ୍ପର୍କରେ ନନ୍ଦପୁର ଗୋଷ୍ଠୀ ଶିକ୍ଷାଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକଙ୍କୁ ପଚାରିବାରୁ ଆନ୍ଧ୍ର ସୀମାନ୍ତ ପଞ୍ଚାୟତରେ ବ୍ଲକ୍ ଶିକ୍ଷା ବିଭାଗ ପକ୍ଷରୁ ଘର ଘର ବୁଲି ଶିକ୍ଷୟିତ୍ରୀ ଶିକ୍ଷକ ଅଭିଭାବକଙ୍କୁ ଓଡ଼ିଶା ସ୍କୁଲରେ ପିଲାଙ୍କ ନାମ ଲେଖାଇବାକୁ ସଚେତନ କରାଯାଉଛି। କିନ୍ତୁ ଆନ୍ଧ୍ର ବିଦ୍ୟାଳୟ କର୍ତ୍ତୃପକ୍ଷ ଅଭିଭାବକଙ୍କ ସମେତ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଆଳରେ ପ୍ରଲୋଭିତ କରୁଛନ୍ତି। ଆନ୍ଧ୍ର ବିଦ୍ୟାଳୟ ବସ୍ ବିନା ପର୍ମିଟ୍‌ରେ ସୀମା ପାରହୋଇ ଆସି ଛାତ୍ରୀଛାତ୍ରଙ୍କୁ ନେଉଛି। ଘଟଣା ସମ୍ପର୍କରେ ବ୍ଲକ୍ ଶିକ୍ଷା ବିଭାଗ ପକ୍ଷରୁ ଜିଲା ଶିକ୍ଷାଧିକାରୀଙ୍କ ଜରିଆରେ ଜିଲାପାଳଙ୍କୁ ଅବଗତ କରାଯାଇଛି ବୋଲ କହିଛନ୍ତି।

ଏ ନେଇ ବିଲାପୁଟ ସରପଞ୍ଚ ରାଜେଶ ଲେନ୍ଦୁଙ୍କୁ ପଚାରିବାରୁ ୧୦ ବର୍ଷ ତଳେ ବିଲାପୁଟ ପଞ୍ଚାୟତର ଜୋଲାପୁଟ ପ୍ରାଥମିକ ବିଦ୍ୟାଳୟରେ ଓଡ଼ିଶା ଶିକ୍ଷା ବିଭାଗ ପକ୍ଷରୁ ତେଲୁଗୁ ଶିକ୍ଷକ ନିଯୁକ୍ତ ଥିଲେ। ଜୋଲାପୁଟ ଅଞ୍ଚଳର ସମସ୍ତ ତେଲୁଗୁ ଭାଷୀ ପରିବାର ପିଲାଙ୍କୁ ଉକ୍ତ ବିଦ୍ୟାଳୟରେ ପଢ଼ାଇ ତେଲୁଗୁ ସମେତ ଓଡ଼ିଆ ଭାଷାରେ ଶିକ୍ଷା ଗ୍ରହଣ କରୁଥିଲେ। ଉକ୍ତ ସ୍କୁଲକୁ ଅପ୍‌ଗ୍ରେଡ୍ କରି ଉଚ୍ଚ ବିଦ୍ୟାଳୟ କରାଯାଇ ତେଲୁଗୁ ଶିକ୍ଷକ ପଦବୀ ହଟାଇ ଦିଆଗଲା। ଏଥିପାଇଁ ସ୍ଥାନୀୟ ବାସିନ୍ଦା(ତେଲୁଗୁ ଭାଷୀ) ପିଲାଙ୍କୁ ଆନ୍ଧ୍ର ସ୍କୁଲରେ ପାଠ ପଢ଼ାଉଛନ୍ତି। ଆନ୍ଧ୍ର ସୀମାକୁ ଲାଗିଥିବା ପଞ୍ଚାୟତର ସମସ୍ତ ବିଦ୍ୟାଳୟରେ ତେଲୁଗୁ ଶିକ୍ଷା ସହ ଶିକ୍ଷକ ନିଯୁକ୍ତି ଦିଆଗଲେ ପିଲା ତେଲୁଗୁ ସହ ଓଡ଼ିଆ ଭାଷାରେ ଶିକ୍ଷା ଓଡ଼ିଶା ସରକାରଙ୍କ ବିଦ୍ୟାଳୟରେ ପଢ଼ିପାରିବେ।

କୋରାପୁଟ ଜିଲାପାଳ ଭି. କୀର୍ତ୍ତିଭାସନ କହିଛନ୍ତି, ଜିଲାର ଆନ୍ଧ୍ର ସୀମାବର୍ତ୍ତୀ ନନ୍ଦପୁର ବ୍ଲକ୍‌ର ୮ ପଞ୍ଚାୟତ, ପଟ୍ଟାଙ୍ଗି ବ୍ଲକ୍‌ର କୋଟିଆ ସମେତ ୭ ପଞ୍ଚାୟତ, ବନ୍ଧୁଗାଁ ଓ ନାରାୟଣପାଟଣା ବ୍ଲକ୍‌ର ୬ ପଞ୍ଚାୟତରେ ଶିକ୍ଷା ବ୍ୟବସ୍ଥା ଉପରେ କଡ଼ା ନଜର ରଖା ଯାଇଛି। ରାଜ୍ୟ ସରକାରଙ୍କ ପ୍ରତିଷ୍ଠିତ ସମସ୍ତ ଶିକ୍ଷାନୁଷ୍ଠାନର ଭିତ୍ତିଭୂମିରେ ଉନ୍ନତି ଆଣିବାକୁ ଚେଷ୍ଟା କରାଯାଉଛି। ନିଯୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଉଛି। ଅଭିଭାବକଙ୍କୁ ଆନ୍ଧ୍ରର ପ୍ରଲୋଭନର ଶିକାର ନ ହୋଇ ଓଡ଼ିଶା ସ୍କୁଲରେ ପାଠ ପଢ଼ାଇବାକୁ ସଚେତନ କରାଯାଉଛି। ରାଜ୍ୟ ସରକାରଙ୍କୁ ଆନ୍ଧ୍ରର ପ୍ରଲୋଭନ ଓ ଛାତ୍ରୀଛାତ୍ରଙ୍କ ଆପାର ଆଇଡି କରୁଥିବା ସମ୍ପର୍କରେ ଅବଗତ କରାଯାଇଛି। ନିର୍ଦ୍ଦେଶ ଅନୁସାରେ ଆଗାମୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ପାଡୁଆ ଅଞ୍ଚଳର ଛାତ୍ରୀଛାତ୍ର ଆନ୍ଧ୍ର ସ୍କୁଲ ବସ୍‌ରେ ଯାଉଛନ୍ତି।

## ୩ ମନ୍ଦିରରୁ ସିରିଜ ଚୋରି

ସୋର,୨୧।୬(ଜନ୍ମେଜୟ ମିଶ୍ର): ବାଲେଶ୍ୱର ଜିଲା ସୋର ଥାନା ମୁଳିସିଂ ପଞ୍ଚାୟତ ଉଲ୍ଲାସଖଡଗପୁର ଗାଁରେ ୩ଟି ମନ୍ଦିରରୁ ଶୁକ୍ରବାର ବିଳମ୍ବିତ ରାତିରେ ସିରିଜ୍ ଚୋରି ହୋଇଛି। ଶନିବାର ସକାଳେ ପୂଜକ ପୂଜା ପାଇଁ ଆସିବା ପରେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ତେବେ ଗାଁରେ ଥିବା ରାଧାକୃଷ୍ଣ ମନ୍ଦିର, ଲକ୍ଷ୍ମୀନାରାୟଣ ମନ୍ଦିର ଓ ଚଣ୍ଡୀ ମନ୍ଦିରରୁ ଚୋରି ହୋଇଛି। ଚୋରମାନେ ଠାକୁରଙ୍କର ରୁପା ଅଳଙ୍କାର ସହିତ ଦାନ ବାକ୍ସ ନେଇଯାଇଛନ୍ତି। ଦୁଇଟି ରୁପା ମୁକୁଟ ସମେତ ଦାନବକ୍ସକୁ ନେଇ ମନ୍ଦିରରୁ କଳାକନା ବୁଲାଇଦେଇଛନ୍ତି। ଘଟଣାସ୍ଥଳକୁ ସୋର ପୋଲିସ ପହଞ୍ଚି ତଦନ୍ତ କରିଛି। ଗ୍ରାମାଞ୍ଚଳରେ ଚୋରମାନେ ମାତିଥିବାରୁ ଚୋରି ଭୟ ଦେଖିବାକୁ ମିଳିଛି।

## ମନୁଷ୍ୟ-ବନ୍ୟପ୍ରାଣୀ ସଂଘର୍ଷରେ ଅନୁକମ୍ପାମୂଳକ ସହାୟତା ରାଶି ବୃଦ୍ଧି ନେଇ ବିଜ୍ଞପ୍ତି

ଭୁବନେଶ୍ୱର,୨୧।୬(ବନ୍ଦନା ସେଠୀ)

ମନୁଷ୍ୟ-ବନ୍ୟପ୍ରାଣୀ ସଂଘର୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ରାଶିକୁ ବୃଦ୍ଧି କରାଯାଇଛି। ପୂର୍ବରୁ ମନୁଷ୍ୟ-ବନ୍ୟପ୍ରାଣୀ ସଂଘର୍ଷରେ କୌଣସି ଲୋକଙ୍କ ମୃତ୍ୟୁ ହେଲେ କ୍ଷତିପୂରଣ ବାବଦକୁ ୬ଲକ୍ଷ ଟଙ୍କା ପ୍ରଦାନ କରାଯାଉଥିଲା। ତେବେ ଗତ ୯ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ରାଶିକୁ ବୃଦ୍ଧି କରି ୧୦ଲକ୍ଷ ଟଙ୍କା ଘୋଷଣା କରିଥିଲେ। ବନ୍ୟପ୍ରାଣୀ (ସୁରକ୍ଷା) (ଓଡ଼ିଶା) ଆଇନ, ୧୯୭୪ର ନିୟମ ୪୫-କେକେ ଦ୍ୱାରା ପ୍ରଦତ୍ତ କ୍ଷମତା ବ୍ୟବହାର କରି ରାଜ୍ୟ ସରକାର ଅନୁକମ୍ପାମୂଳକ ରାଶିରେ ସଂଶୋଧନ କରିଛନ୍ତି। ଏନେଇ ଶନିବାର ଜଙ୍ଗଲ, ଜଳବାୟୁ ଓ ପରିବେଶ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ସଂଶୋଧିତ କ୍ଷତିପୂରଣ ଭାବେ ମନୁଷ୍ୟ-ବନ୍ୟପ୍ରାଣୀ ସଂଘର୍ଷରେ ମୃତ୍ୟୁ ହେଲେ ୧୦ଲକ୍ଷ ଟଙ୍କା, ଆଂଶିକ ଘର କ୍ଷତିହେଲେ ୧୦ହଜାର ଟଙ୍କା, ରୋଷେଇ ଘର, ଧାନ ଗୋଦାମ, ଗୋରୁ ଗୁହାଳ, ଛେଳି ଆଶ୍ରୟସ୍ଥଳ ଆଦି କ୍ଷତି ହେଲେ ୩ହଜାର ଟଙ୍କା, ପକ୍କା ପାଚେରି, କାନ୍ଥ ଆଦି ଭାଙ୍ଗିଲେ ୫ହଜାର ଟଙ୍କା ଏବଂ ସର୍ବାଧିକ ୨୫ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବ। ସେହିପରି ସଂଘର୍ଷରେ ସମ୍ପୂର୍ଣ୍ଣ ଘର ଭାଙ୍ଗିଲେ ଅନ୍ତ୍ୟୋଦୟ ଗୃହ ଯୋଜନା କିମ୍ବା ସମତୁଲ୍ୟ ଆର୍ଥିକ ସହଯୋଗ ପ୍ରଦାନ କରାଯିବ। ତେବେ ଅନ୍ୟ ପ୍ରକାର କ୍ଷୟକ୍ଷତି ପାଇଁ ପୂର୍ବରୁ ରହିଥିବା ଅନୁକମ୍ପାମୂଳକ ଦେୟ ହାର ଅପରିବର୍ତ୍ତିତ ରହିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।




## ସୁରଭି ଜୈନ ଇନ୍‌ସ୍ପାୟାର୍ ଫେଲୋଶିପ ପାଇଁ ମନୋନୀତ

ଭୁବନେଶ୍ୱର,୨୧।୬(ଅନୁରାଧା ମହାରଣା)

ଓଡ଼ିଶାର ଗବେଷିକା ଡ. ସୁରଭି ଜୈନଙ୍କୁ ୨୦୨୪ ବର୍ଷ ପାଇଁ ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ (ଡିଏସଟି) ଦ୍ୱାରା ଦିଆଯାଉଥିବା 'ଇନ୍‌ସ୍ପାୟାର୍ ଫେଲୋଶିପ' ପାଇଁ ଚୟନ କରାଯାଇଛି। ଏହି ଫେଲୋଶିପ୍ ଗବେଷଣା କ୍ଷେତ୍ରରେ କାର୍ଯ୍ୟ କରୁଥିବା ବୈଜ୍ଞାନିକଙ୍କ ପାଇଁ ପାଞ୍ଚବର୍ଷ ଧରି ଆର୍ଥିକ ସାହାଯ୍ୟ ପ୍ରଦାନ କରିଥାଏ। ଦେଶସାରା ଚୟନ ହୋଇଥିବା ୩୬ଜଣ ଇଞ୍ଜିନିୟରିଂ ଫେଲୋମାନଙ୍କ ମଧ୍ୟରୁ ଡ. ଜୈନଙ୍କ ସମେତ ୬ଜଣ ସିଭିଲ ଇଞ୍ଜିନିୟରିଂ ବର୍ଗରୁ ରହିଛନ୍ତି। ସେ ଏନ୍‌ଆଇଟି ରାଉରକେଲା ଓ ଆଇଆଇଟି ମାଡ୍ରାସର ପୂର୍ବତନ ଛାତ୍ରୀ। ସେ ଜିଓିଆଇଆଇଟି ଚାଇନା ଓ ଆଇଆଇଟି ଧାନବାଦରେ ପୋଷ୍ଟଡକ୍ଟୋରାଲ ଗବେଷଣା କରିଛନ୍ତି। ୨୦୨୨ରେ ତାଙ୍କୁ ପିଇସିଏଫ୍‌ଏଆର୍ ଫେଲୋଶିପ୍ ପାଇଁ ଭାରତରୁ ଚୟନ ହୋଇଥିବା ଏକମାତ୍ର ମହିଳା ଗବେଷିକା ଭାବେ ବଛାଯାଇଥିଲା, ଯାହା ମାଧ୍ୟମରେ ସେ ଜର୍ମାନୀର ଟେକ୍ନିକାଲ ୟୁନିଭର୍ସିଟି ଅଫ୍ ମ୍ୟୁନିକ (ଟିୟୁଏମ୍) ସହିତ ଗଠନାତ୍ମକ ଗବେଷଣାରେ ସହଯୋଗ କରିଥିଲେ। ସଷ୍ଟେନେବଲ୍ ଇଞ୍ଜିନିୟରିଂ ଉପରେ ଗଭୀର ଧ୍ୟାନ ଦେଇ ଡ. ଜୈନ ଶିଳ୍ପ ଅବଶେଷ ଓ ଖଣି ତଳଛା ଭଳି ଔଦ୍ୟୋଗିକ ତ୍ୟାଗାବଶେଷକୁ ପରିବେଶ ମିତ୍ର ନିର୍ମାଣ ସାମଗ୍ରୀରେ ପରିଣତ କରିବା ଏବଂ ପ୍ରଦୂଷଣ ନିରାକରଣ ପାଇଁ ନୂତନ ବୈଜ୍ଞାନିକ ପ୍ରୟୋଗ ଆବିଷ୍କାର ଦିଗରେ କାର୍ଯ୍ୟ କରୁଛନ୍ତି। ଶିଳ୍ପ ଅବଶେଷ ମାଧ୍ୟମରେ ବିକାଶ କରାଯାଇଥିବା ଗ୍ରୀନ୍ ବିଲ୍ଡିଂ ପ୍ରଡକ୍ଟ ପାଇଁ ଡ. ଜୈନ ପେଟେଣ୍ଟ ମଧ୍ୟ ପାଇଛନ୍ତି। ଶିକ୍ଷା ଓ ଗବେଷଣା ବ୍ୟତୀତ ସେ ଓଡ଼ିଶା ପରିବେଶ ସମିତିର ସଂଯୁକ୍ତ ସଚିବ ଭାବେ କାର୍ଯ୍ୟ କରୁଛନ୍ତି।

STATE INSTITUTE OF HOTEL MANAGEMENT
DIGITAL DOOR NO.ODBLGBIJ01A002, BIJAKHAMAN, BALANGIR (ODISHA)
(ESTABLISHED BY MINISTRY OF TOURISM, GOVT. OF INDIA & DEPARTMENT OF TOURISM, GOVT. OF ODISHA)
SPOT ADMISSION
FOR HOTEL MANAGEMENT COURSES
FOR 10+2 PASSOUT CANDIDATES
ENGLISH SHOULD BE ONE OF THE SUBJECT AT THE 12TH LEVEL
DEGREE IN B.Sc IN HOSPITALITY & HOTEL ADMINISTRATION/VEGETARIAN
Age: No age limit
Duration - 03 Years
FOR 10+2 PASSOUT CANDIDATES
DIPLOMA IN HOTEL MANAGEMENT
Trade: 1. Food Production (only vegetarian option available) 2. Housekeeping Operation 3. Food & Beverage Service 4. Front Office Operations 5. Bakery & Confectionery
Age: No age limit
Duration - 1 Year & 6 Months
FOR CLASS 10 PASSOUT CANDIDATES
CERTIFICATE COURSE IN FOOD PRODUCTION/VEGETARIAN
Age: No age limit
Duration - 1 Year & 6 Months
&
CERTIFICATE COURSE IN FOOD & BEVERAGE SERVICE
Age: No age limit
Duration - 6 Months
FOR FURTHER DETAILS
visit our website: www.sihmbalangir.org
e-mail : admissions@sihmbalangir.org
Contact No. 8447903803, 9437140772, 8018581031






## ରଥଯାତ୍ରା ପରେ ଭାଜପା ଘୋଷଣା କରିପାରେ ସଭାପତି ପଦ

ଭୁବନେଶ୍ୱର,୨୧।୬(ସୁନିତ୍ ମିଶ୍ର)

ରଥଯାତ୍ରା ପରେ ଭାଜପାକୁ ନୂଆ ରାଜ୍ୟ ସଭାପତି ମିଳିପାରନ୍ତି। ଏହା ପୂର୍ବରୁ ଦଳର ନୂଆ ସଭାପତି ଚୟନ କଥା ନେଇ କିଛି ସମ୍ଭାବନା ନାହିଁ। ଦଳର ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର ଏଭଳି ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ତୋମାର କହିଛନ୍ତି, ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିଯୁକ୍ତି ପ୍ରକ୍ରିୟା ସରିନି। ଏବେ ରଥଯାତ୍ରା କାର୍ଯ୍ୟକ୍ରମ ରହିଛି। ମହାପ୍ରଭୁଙ୍କ ରଥଯାତ୍ରା ପରେ ଏନେଇ ହେଇପାରେ। ଖୁବଶୀଘ୍ର ଦଳର ସାଙ୍ଗଠନିକ ନିଯୁକ୍ତି ପ୍ରକ୍ରିୟା ସରିବ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ଭାଜପା କ୍ଷମତାକୁ ଆସିବାର ବର୍ଷେ ପୂରଣ ହୋଇସାରିଛି। ହେଲେ ଏ ପର୍ଯ୍ୟନ୍ତ ରାଜ୍ୟ ସରକାର ୬ ମନ୍ତ୍ରୀପଦ ପୂରଣ କରିନାହାନ୍ତି। କିଛିଦିନ ହେଲା ଏହି ୬ ମନ୍ତ୍ରୀ ପଦ ନେଇ ଘୋଷଣା ହେଇପାରେ ବୋଲି ଚର୍ଚ୍ଚା ଏବଂ ଆଲୋଚନା ହେଉଛି। ଏହି ଆଲୋଚନା ଭିତରେ କେତେଜଣ ନେତା ମଧ୍ୟ ମନ୍ତ୍ରୀପଦ ଲାଗି ନିଜକୁ ଆଶାୟୀ କରି ରଖିଛନ୍ତି। ତେଣୁ ସରକାର କୌଣସି ସମୟରେ ଏହି ୬ ମନ୍ତ୍ରୀ ପଦ ନେଇ ଘୋଷଣା କରିପାରନ୍ତି ବୋଲି ଶୁଣିବାକୁ ମିଳୁଛି। ସେହିପରି ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ବର୍ଷେ ବିତିଯାଇଥିଲେ ମଧ୍ୟ କୌଣସି ବୋର୍ଡ ଓ ନିଗମର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିନାହାନ୍ତି। ତେଣୁ ଏହା ମଧ୍ୟ ରାଜ୍ୟ ସରକାର ଘୋଷଣା କରିବେ। ଅନ୍ୟପଟେ ଦଳ ସରକାରକୁ ଆସିବା ପରେ ସଭାପତି ଚୟନ ପ୍ରକ୍ରିୟା ସବୁଠୁ ଚର୍ଚ୍ଚାର ବିଷୟ ପାଲଟିଛି। ହେଲେ ସଭାପତି ଚୟନରେ ଦଳରେ ବିଳମ୍ବ ହେବାରେ ଲାଗିଛି। ତେଣୁ ସଭାପତି ଚୟନ ପ୍ରକ୍ରିୟାକୁ ନେଇ ଦଳ ଭିତରେ ବିଭିନ୍ନ ସମୟରେ ଚର୍ଚ୍ଚା ଏବଂ ଆଲୋଚନା ହେଉଛି।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ପୂଜାର୍ଚ୍ଚନା, ସ୍ଥାନ: ଲିଙ୍ଗରାଜ ମନ୍ଦିର, ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: ତୃପ୍ତି ଅଟୋୱାର୍ଲ୍ଡ, ପାତ୍ରପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଶହୀଦ ବିର୍ଷା ମୁଣ୍ଡାଙ୍କ ଉପରେ ଲୋକାର୍ପିତ ହୋଇଥିବା ଅନ୍‌ଲାଇନ କଳା ପ୍ରଦର୍ଶନୀରେ ଚିତ୍ରକଳା ପ୍ରଦର୍ଶନ କରିଥିବା କେତେଜଣ କଳାକାରଙ୍କୁ ସମ୍ବର୍ଦ୍ଧିତ, ସ୍ଥାନ: ଧଉଳି ପାଦଦେଶ, ସମୟ: ପୂର୍ବାହ୍ନ ୧୧ଟା।
- ଗନ୍ଧର୍ବ କଳା ପରିଷଦ ପକ୍ଷରୁ ଡ. ଦିବାକର ମିଶ୍ର ଗନ୍ଧର୍ବ କଳା ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

### କଟକ

- କଟକ ମହାନଗର ତୈଳିକ ବୈଶ୍ୟ ସମାଜ ପକ୍ଷରୁ ଯୁବ ସମ୍ମିଳନୀ, ସ୍ଥାନ: ଟାଉନ ହଲ୍, ଚୌଧୁରୀ ବଜାର, ସମୟ: ପୂର୍ବାହ୍ନ ୧୦ଟା।
- ଆଇନ ସେବା ସଂସ୍ଥା କ୍ଲାପ ପକ୍ଷରୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଉପରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଶଙ୍ଖାମେରୀ ଉଚ୍ଚ ବାଳିକା ବିଦ୍ୟାଳୟ ପରିସର, ବଡ଼ମ୍ବା, ସମୟ: ପୂର୍ବାହ୍ନ ୧୧ଟା।

### ବାଲେଶ୍ୱର

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସତ୍ୟସାଇ ମନ୍ଦିର, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ପ୍ରସ୍ତୁତି ବୈଠକ, ସ୍ଥାନ: ଖୁସି ପ୍ଲାଜା, ଜଳେଶ୍ୱର, ସମୟ: ଅପରାହ୍ନ ୩ଟା ୩୦।
- ରାମଚନ୍ଦ୍ର ଫାଉଣ୍ଡେଶନ ପକ୍ଷରୁ ଦ୍ୱାଦଶ ବାର୍ଷିକ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ତେଲିଆଗଞ୍ଜ ଶିବମନ୍ଦିର ନିକଟ, ସୋର, ସମୟ: ଅପରାହ୍ନ ୪ଟା।

### ଗଞ୍ଜାମ

- ରକ୍ତଦାନ ଶିବିର, ସ୍ଥାନ: ଭଞ୍ଜନଗର ଷ୍ଟେଟ ବ୍ୟାଙ୍କ, ସମୟ: ସକାଳ ୯ ଟା।
- ମାନବ ସେବା ସମିତି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ହରିହର ହାଇ ସ୍କୁଲ ଆସିକା, ସମୟ: ସକାଳ ୯ ଟା।
- ପୂର୍ବତନ ବିଧାୟକ ବିଶନାଥ ସାହୁଙ୍କ ଜନ୍ମ ଶତବାର୍ଷିକୀ ସମାରୋହ, ସ୍ଥାନ: ଶ୍ରୀଚନ୍ଦ୍ର ଚୁଡେଶ୍ୱର ଶୈବପୀଠ ଦିଗପହଣ୍ଡି, ସମୟ: ପୂର୍ବାହ୍ନ ୧୦ ଟା।

### କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।

### ନୟାଗଡ଼

- ଉପନ୍ୟାସ ଉନ୍ମୋଚନ ଓ ସାହିତ୍ୟ ସଭା, ସ୍ଥାନ: ଦଶପଲ୍ଲା ମେଳିଆ ତୋଟା ତୈଳିକ ବୈଶ୍ୟ ସମାଜ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

### ରାୟଗଡ଼ା

- ଶ୍ରୀ ଭେଙ୍କେଟେଶ୍ୱର ମନ୍ଦିରର ୪୪ ତମ ବାର୍ଷିକ ଉତ୍ସବ, ସ୍ଥାନ: ଗୁଣପୁର ଶ୍ରୀ ଭେଙ୍କେଟେଶ୍ୱର ମନ୍ଦିର, ସମୟ: ସକାଳ ୮ଟା ୩୦।
- ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ମେଧାବୀ ଅଭିନନ୍ଦନ କାର୍ଯ୍ୟକ୍ରମ, ସ୍ଥାନ: ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ରାୟଗଡା ବିଧାୟକଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ରାୟଗଡ଼ା ତେଜସ୍ୱୀ ହୋଟେଲ, ସମୟ: ପୂର୍ବାହ୍ନ ୧୧ଟା।

### ସମ୍ବଲପୁର

- ଜିଲା କିକ ବକ୍ସିଂ ସଂଘ ପକ୍ଷରୁ ମାଗଣା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୬ଟା।
- ବାବା ମଠେଶ୍ୱର ପୀଠ ଆୟୋଜନରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଖର୍ସନମାଲର ଖଇରମାଲ ଗ୍ରାମ, ସକାଳ ୮ଟା।
- କଲମ ପରିବାର ଆୟୋଜନରେ କବିତା ପାଠୋତ୍ସବ ଓ ଆଲୋଚନା ଚକ୍ର, ସ୍ଥାନ : ସମ୍ବାଦିକ ଭବନ, ସମୟ : ସକାଳ ୯ଟା ୪୫।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁର ଦିନ ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁର ଦିନ ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁର କଳା ପରିଷଦ, ସମୟ : ପୂର୍ବାହ୍ନ ୧୧ଟା।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଲିଗ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦।

### ବଲାଙ୍ଗୀର

- ଚତୁରଙ୍ଗର ସମ୍ପାଦନା ମଣ୍ଡଳୀ ବୈଠକ,ସ୍ଥାନ: ଜିଲା ସଂସ୍କୃତି ଭବନ ପାଠାଗାର, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ।
- ଲୋକ ନାଟକ ମହୋତ୍ସବ ଆଲୋଚନାଚକ୍ର, ସ୍ଥାନ: ଆଇସିଡିଏସ୍ ସଭାଗୃହ, ଲୋଇସିଂହା,ସମୟ: ପୂର୍ବାହ୍ନ ୧୧ଟା।

### ରାଉରକେଲା

- ରାଜ୍ୟ ପରିବହନ ଶ୍ରମିକଙ୍କ ରାଜ୍ୟ ସମାବେଶ, ସ୍ଥାନ: ସେକ୍ଟର-୫ ଆଦର୍ଶ ପାଠାଗାର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆପୋଲୋ ୟୁରୋକନ୍ ୨୦୨୫, ସ୍ଥାନ: ସେକ୍ଟର-୧୯ ଆପୋଲୋ ହସ୍ପିଟାଲ, ସମୟ: ସକାଳ ୯ଟା।
- ସୁର ତରଙ୍ଗ ପକ୍ଷରୁ ଇନ୍ଦ୍ରଧନୁର ସପ୍ତରଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।

### ବରଗଡ଼

- ଜାବ୍‌ର ସାଧାରଣ ପରିଷଦ ବୈଠକ,ସ୍ଥାନ: ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ସମ୍ମିଳନୀ କକ୍ଷ, ବରଗଡ଼,ସମୟ:ପୂର୍ବାହ୍ନ ୧୦ଟା।
- ହଲଧର ସାହିତ୍ୟ ସେମିନାର୍ ପ୍ରସ୍ତୁତି,ସ୍ଥାନ: ବିକାଶ ଫାଷ୍ଟଷ୍ଟେପ୍, ବରଗଡ଼,ସମୟ: ଅପରାହ୍ନ ୪ଟା।
- ମାସିକ ଆଲୋଚନା ସଭା,ସ୍ଥାନ:ଗାନ୍ଧୀ ଭବନ, ବରଗଡ଼,ସମୟ:ସନ୍ଧ୍ୟା ୭ଟା।

### କଳାହାଣ୍ଡି

- ନବନିର୍ମିତ ମାଉସୀ ମା' ମନ୍ଦିର ପ୍ରତିଷ୍ଠା ଉତ୍ସବର ରତ୍ନମୁଦ, ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଲାଞ୍ଜିଗଡ଼ ମାଉସୀ ମା' ମନ୍ଦିର ପରିସର, ସମୟ: ସକାଳ ୯ଟା।

### ସୁବର୍ଣ୍ଣପୁର

- ମଦ୍ୟପ ଡ୍ରାଇଭିଂ ବିରୋଧରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ଅବକାରୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୮ଟା ୩୦।
- ତରଭା ବ୍ଲକ ଚାରଭଟା ପଞ୍ଚାୟତରେ ନିଶା ନିବାରଣ ସଚେତନତା ଅଭିଯାନ, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ତରଭା ବ୍ଲକ ସିଂହାରୀ ପଞ୍ଚାୟତରେ ନିଶା ନିବାରଣ ସଚେତତନତା ଅଭିଯାନ, ସ୍ଥାନ:ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ତରଭା ଅନ୍ତର୍ଡା ତ୍ରିନାଥ ମନ୍ଦିରରେ ତ୍ରିନାଥ ମେଳା ଓ ପୁରାଣ ପଠନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।

### ନୂଆପଡ଼ା

- କ୍ରାନ୍ତିବୀର ସଦ୍‌ଗୁରୁ ଘାସିଦାସ ପୁସ୍ତକର ଲୋକାର୍ପଣ ସମାରୋହ, ସ୍ଥାନ: ପୋଲିସ ପଡିଆ କଲ୍ୟାଣ ମଣ୍ଡପ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଗୋପବନ୍ଧୁ ସ୍ମାରକୀ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ମୃତ୍ତିକା ସଂରକ୍ଷଣ ବିଭାଗ ସମ୍ମିଳନୀ କକ୍ଷ ନୂଆପଡ଼ା, ସମୟ: ସକାଳ ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ପାରିବାରିକ ସଦ୍ଭାବ ଓ ସମ୍ପର୍କୀୟଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦର ପାଇ ଖୁସି ରହିବେ। ଆଜକୁ କେତେଦିନ ହେଲା ଯାହା ଭାବୁଥିଲେ ତାହା ଆଜି ସୁବିଧାରେ ପାଇଯାଇପାରନ୍ତି। ନିର୍ମାଣ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନର ଆଶା ରହିଛି। ଅଶ୍ୱିନୀ ନକ୍ଷତ୍ରର କର୍ମ ପରିସର ବୃଦ୍ଧି ସହ ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିବେ।

**ବୃଷ** — ଘରୋଇ ଝାମେଲା କାରଣରୁ ମାନସିକ ଅସ୍ଥିରତା ଅନୁଭବ କରିବେ। ବାଣିଜ୍ୟ, ପରିବହନ, ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ନ ରହିଲେ ଅଦଳବଦଳ ହୋଇଯାଇପାରେ। କୃତ୍ତିକା ନକ୍ଷତ୍ରର ଦୂରସ୍ଥ ସନ୍ତାନ କିମ୍ବା ଆତ୍ମୀୟଙ୍କ ସକାଶେ ମନ ବିଚଳିତ ରହିବ।

**ମିଥୁନ** — କର୍ମକ୍ଷେତ୍ରରେ ଅସୁବିଧା ମଧ୍ୟରେ ଅଟକି ରହିଥିବା କାମ ସୁବିଧାରେ ହୋଇଯିବ। ଆର୍ଦ୍ରା ନକ୍ଷତ୍ରର ଦୈହିକ ଦୁର୍ବଳତା ଯୋଗୁ ମନ୍ଥର ଗତିରେ ପ୍ରତ୍ୟେକ କାମ ସମ୍ପନ୍ନ ହେବ। ଆଲୋଚନା କାଳରେ ଦ୍ୱନ୍ଦ୍ୱରେ ପଡ଼ି ବନ୍ଧୁଙ୍କ କଥାକୁ ଠିକ୍ ଭାବେ ବୁଝିପାରିବେ ନାହିଁ। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ ବିକଳ୍ପ ବ୍ୟବସ୍ଥା ସକାଶେ ମନସ୍ଥ କରିପାରନ୍ତି।

**କର୍କଟ** — ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିଙ୍କୁ ଆପଣେଇ କାମ ହାସଲ କରିନେବେ। କର୍ମକ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ସେମିତି କିଛି ହେବନି। ଅଶ୍ଳେଷା ନକ୍ଷତ୍ରର ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କାମ ସ୍ଥଗିତ ରହିବ ନାହିଁ। ପରିବାର ବିଷୟରେ କୌଣସି ଦୁଶ୍ଚିନ୍ତା ମନକୁ ବ୍ୟାକୁଳିତ କରିବାର ସୂଚନା ରହିଛି।

**ସିଂହ** — ନିଜର ବିଚାରଧାରା ଅନୁଯାୟୀ କାର୍ଯ୍ୟ ସମ୍ପନ୍ନ ସାଙ୍ଗକୁ ଅର୍ଥ ଓ ଦ୍ରବ୍ୟ ଲାଭ ସମ୍ଭାବନା ରହିଛି। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ରର ପାରିବାରିକ ପରିସ୍ଥିତି ମନ୍ଦ ହେବନି। ଦେହ ଭଲ ରହିଲେ ମଧ୍ୟ କଠିନ ପରିଶ୍ରମ କିମ୍ବା ଭ୍ରମଣଜନିତ କ୍ଲାନ୍ତିବୋଧ କରିବେ। କଳା, କ୍ରୀଡ଼ା, ଚଳଚ୍ଚିତ୍ର, ସଙ୍ଗୀତ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**କନ୍ୟା** — ବନ୍ଧୁଙ୍କ ସହ ଧାର୍ମିକ ବାତାବରଣ କିମ୍ବା ସାମୂହିକ କାମରେ ତତ୍ପରତା ପ୍ରକାଶ କରିବେ। ଚିତ୍ରା ନକ୍ଷତ୍ର କୌଣସି ଖଳ ଲୋକଙ୍କ କଥାରେ ପଡ଼ି ହଇରାଣ ହୋଇପାରନ୍ତି। ଅବହେଳା କାରଣରୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ। ମକଦ୍ଦମା, ବିତର୍କ, ସଙ୍ଗଠନ କ୍ଷେତ୍ରରୁ ଶୁଭଫଳ ପାଇପାରନ୍ତି।

**ତୁଳା** — କର୍ମକ୍ଷେତ୍ରରେ ଉନ୍ନତ ବିଚାରଧାରା ସାଙ୍ଗକୁ ସୁସଂଯତ କାର୍ଯ୍ୟଶୈଳୀରୁ ପ୍ରଶଂସିତ ହେବେ। ବିଶାଖା ନକ୍ଷତ୍ର ହଠାତ୍ ମୂଲ୍ୟବାନ୍ ଜିନିଷଟି ନ ପାଇ ବନ୍ଧୁଙ୍କ ଉପରେ ରାଗିପାରନ୍ତି। ଶିଳ୍ପ, ବ୍ୟବସାୟ, ରାଜନୀତିରେ ସମ୍ମାନିତ ହେବେ। ଗବେଷଣା, ସାହିତ୍ୟ, ସାମ୍ବାଦିକତା ତଥା ପ୍ରଶାସନିକ ସ୍ତରରେ ଆଶାନୁରୂପ ସଫଳତା ପାଇପାରନ୍ତି।

**ବିଛା** — ଭାଗ୍ୟାଧିପତିଙ୍କ ଉଚ୍ଚାବସ୍ଥାନରୁ ପ୍ରତ୍ୟେକ କ୍ଷେତ୍ରରେ ସକାରାତ୍ମକ ଚିନ୍ତାଧାରା ସମସ୍ତ ପ୍ରକାରର ସୁଖସୌଭାଗ୍ୟ ପ୍ରଦାନ କରିବ। କିନ୍ତୁ ଜ୍ୟେଷ୍ଠା ନକ୍ଷତ୍ର କ୍ରୋଧର ବଶବର୍ତ୍ତୀ ହୋଇ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। କଳା, ସାହିତ୍ୟ, ସାମ୍ବାଦିକତା ଓ କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** — ବୃହସ୍ପତିଙ୍କ ଦୃଷ୍ଟି ପ୍ରଭାବରୁ ପାରିବାରିକ ଜୀବନ ନିୟନ୍ତ୍ରଣରେ ରହିବ। ବନ୍ଧୁ ସମ୍ମୁଖରେ ପ୍ରିୟ କଥା କହି ଭୁଲ୍ ବୁଝାମଣା ହେତୁକ ସମସ୍ୟାକୁ ସୁଧାରି ନେବେ। ମୂଳା ନକ୍ଷତ୍ରର ପଡ଼ୋଶୀଙ୍କ ସହାୟତାରେ ବକେୟା ଅର୍ଥ ଲାଭ ହୋଇପାରେ। ଆଜି ଯାତ୍ରା ସମୟରେ ଅନ୍ୟମନସ୍କ ରୁହନ୍ତୁ ନାହିଁ ଏବଂ ଯାନ ବାହନରେ ସତର୍କତା ରକ୍ଷାକରନ୍ତୁ।

**ମକର** — ଅନୁକୂଳ ଗ୍ରହସ୍ଥିତି ପ୍ରଭାବରେ ଆପଣଙ୍କ ଅଭିଳାଷ ଅବିଳମ୍ବେ ପୂରଣ ହୋଇଯିବ। ବିଶେଷତଃ ଶ୍ରବଣା ନକ୍ଷତ୍ରର ପାରିବାରିକ ସ୍ଥିତି ଏବଂ ବନ୍ଧୁ ସମ୍ପର୍କ ଭଲ ରହିବ। ବାଣିଜ୍ୟ, ରପ୍ତାନି କାରବାର ତଥା ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ। ପୂର୍ବ ବିବାଦକୁ ନେଇ ସମ୍ପର୍କୀୟମାନେ ପ୍ରତ୍ୟେକ କ୍ଷେତ୍ରରେ ଦୂରେଇ ରହିପାରନ୍ତି।

**କୁମ୍ଭ** — ଶତଭିଷା ନକ୍ଷତ୍ର ସକାଶେ ଅନୁରୋଧ ରକ୍ଷାକରି ଜଣେ ବନ୍ଧୁ ପାରିବାରିକ ସମସ୍ୟା ସମାଧାନ ସକାଶେ ଚେଷ୍ଟା କରିବେ। ଜମିଜମା ବିବାଦର ସମାଧାନ ସାଙ୍ଗକୁ କଚେରି ମାମଲାରେ ଆଶାଜନକ ଫଳ ପାଇବେ। ନିର୍ମାଣ କାର୍ଯ୍ୟ କିମ୍ବା ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହେବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ଅସୁବିଧାରେ ପଡ଼ିବେ।

**ମୀନ** — ପରିବାରରେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ଆଶଙ୍କା ରହିଛି। ଅଟକି ରହିଥିବା କାମ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। ରେବତୀ ନକ୍ଷତ୍ରର ଅନାବଶ୍ୟକ ଖର୍ଚ୍ଚ ପରିମାଣ ବୃଦ୍ଧି ହେତୁ ମନରେ ସରସତା ରହିନପାରେ। ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ଶ୍ରୀମନ୍ଦିରରେ ଅନବସର ଦ୍ୱାଦଶୀ, ରାଜପ୍ରସାଦ ବିଜେ, ଜୁନ୍ ୨୨ ତାରିଖ ରବିବାର। ରାଶିନକ୍ଷତ୍ର-ଦ୍ୱିଜା/ମେଷ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୫୮ ଗତେ ଘ.୦୯।୩୬ ମଧ୍ୟେ, ଘ.୦୧।୨୭ ଗତେ ଘ.୦୨।୫୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୪୫ ଗତେ ଘ.୦୬।୨୪ ମଧ୍ୟେ ରାହୁକାଳ।

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ପିସିସି ସଭାପତି

### ୨୪ରେ ଭେଟିବାକୁ ସମୟ ମାଗିଲେ

ଭୁବନେଶ୍ୱର,୨୧।୬(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶନିବାର ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ଶନିବାର ଚିଠି ଲେଖିଛନ୍ତି। ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ରାଜ୍ୟରେ ଭାଜପା ଶାସନକୁ ଆସିବାର ବର୍ଷେ ପୂରଣ ହୋଇଛି। ଏହି ବର୍ଷକ ମଧ୍ୟରେ ସବୁ କ୍ଷେତ୍ରରେ ବିଫଳ ହୋଇଥିବା ସରକାର ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। ଏହା ସହ ସାରା ରାଜ୍ୟରେ ନାରୀ ନିର୍ଯାତନା, ବାଳିକା ଅପହରଣ ଓ ଗଣବଳାତ୍କାର ଉଦ୍‌ବେଗଜନକ ଭାବେ ବୃଦ୍ଧିପାଇଛି। ଏହିସବୁ ଘଟଣାକୁ ଅନୁଧ୍ୟାନ କରିବା ପାଇଁ ଏଆଇସିସିର ଏକ ତଥ୍ୟ ଅନୁଧ୍ୟାନ କମିଟି ଓଡ଼ିଶା ଆସିଛନ୍ତି। ଆସନ୍ତା ୨୪ରେ ଲୋକସେବା ଭବନରେ ଆପଣଙ୍କ ସହ ତଥ୍ୟ ଅନୁଧ୍ୟାନ କମିଟି, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏବଂ ସେ ଭେଟି ଏ ସମ୍ପର୍କରେ ଆଲୋଚନା କରିବାକୁ ଚାହୁଁଛନ୍ତି। ମୁଖ୍ୟମନ୍ତ୍ରୀ ଉପରୋକ୍ତ ନେତୃବୃନ୍ଦଙ୍କୁ ସମୟ ଦେଇ ଆଲୋଚନା କରିବେ କି ବୋଲି ପିସିସି ସଭାପତି ଚିଠି ଜରିଆରେ ଅନୁରୋଧ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିଶୁଆ ତେଲି,**
**ନା ଯାଉଛି ପେଲି।**

ନ ବୁଝି ନ ଶୁଝି ଆଗକୁ ମାଡ଼ିଚାଲିଲେ ବିପଦ ମୁଣ୍ଡେଇବାର ସମ୍ଭାବନା ରହିଥାଏ। ହୋସ ନ ଥାଇ ଆଗମୁହାଁ ହୋଇ ଧାଉଁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନଣନ୍ଦ ନାରୀ ଚଉ ପାହାରୀ**
**ବସିଥାଏ ପାଆ ଭାଗେ,**
**ଟିକିଏ ଟିକିଏ ଫୋଡ଼ି ଦେଉଥାଏ**
**ଭାଇ ଘଇତାଙ୍କ ଆଗେ।**

ନଣନ୍ଦ ଭାଉଜଙ୍କ ମଧ୍ୟରେ ତିକ୍ତତା ଦେଖାଗଲେ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥାଏ। ଯେଉଁ ଘରେ ନଣନ୍ଦ ଭାଉଜଙ୍କ ମଧ୍ୟରେ ଭଲ ପଡ଼ି ନ ଥାଏ ସେ ଘରେ ଅଶାନ୍ତି ସୃଷ୍ଟି ହେବା ଥୟ। ନଣନ୍ଦ ଛୋଟ ଛୋଟ କଥାକୁ ନେଇ ଭାଇ ଓ ସ୍ୱାମୀ ଆଗରେ କହି ଅପଦସ୍ଥ କରାଉଥିବା ଦେଖି ଭାଉଜ ମନ ଖରାପ କରି ବସିବା ସହ ଦୁଃଖରେ ଭାଙ୍ଗିପଡ଼ିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡସ ପବ୍ଲିଶର୍ସ



ଶନିବାର ଅପରାହ୍ନ ୬ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଗୋପାଳପୁରରେ କଂଗ୍ରେସର କେନ୍ଦ୍ରୀୟ ତଥ୍ୟ ଅନୁସନ୍ଧାନକାରୀ ଟିମ୍



ଘଟଣାସ୍ଥଳ ପରିଦର୍ଶନ କରୁଛନ୍ତି କଂଗ୍ରେସର କେନ୍ଦ୍ରୀୟ ତଥ୍ୟ ଅନୁସନ୍ଧାନକାରୀ ଟିମ୍।

### ଛାତ୍ରୀଙ୍କୁ ଗଣବଳାତ୍କାର ମାମଲା: ଘଟଣାସ୍ଥଳ ପରିଦର୍ଶନ କଲା

ଗୋପାଳପୁର,୨୧।୬(ନବୀନରାଜ୍ ଆଚାରୀ)

ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାର ତଦନ୍ତ ଏବେ କ୍ରାଇମବ୍ରାଞ୍ଚ କରୁଛି। ଏହାକୁ ଗୁରୁତ୍ୱର ସହ ନେଇ ଶନିବାର କଂଗ୍ରେସର କେନ୍ଦ୍ରୀୟ ତଥ୍ୟ ଅନୁସନ୍ଧାନକାରୀ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିଛି। ମଧ୍ୟାହ୍ନରେ ଏଆଇସିସିର ୫ ଜଣିଆ ଟିମ୍ ସଂଯୋଜକ ଦୀପା ଦାସମୁନ୍‌ସିଂ, ଏମ୍‌ପି ରଞ୍ଜିତ୍ ରଞ୍ଜନ, ଏମ୍‌ପି ପ୍ରଣିତୀ ସିନ୍ଦେ, ଏମ୍‌ପି ଏସ୍. ଜ୍ୟୋଥିମନି ଓ ଶୋଭା ଓଜା ଭୁବନେଶ୍ୱରରେ ପହଞ୍ଚିବା ପରେ ସେମାନଙ୍କୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ବିମାନବନ୍ଦରଠାରେ ସ୍ୱାଗତ କରିଥିଲେ। ଟିମ୍‌ରେ ରାଜ୍ୟ ମହିଳା କଂଗ୍ରେସ ଅଧ୍ୟକ୍ଷା ମିନାକ୍ଷୀ ବାହିନୀପତି, ସସ୍ମିତା ବେହେରା, ବନ୍ଦିତା ପରିଡ଼ା, ସୋନାଲି ସାହୁ, ମନିଷା ଦାଶ ପଟ୍ଟନାୟକ, ଜୟଶ୍ରୀ ପାତ୍ର ରହିଛନ୍ତି। ସେମାନେ ପ୍ରଥମ ଦିନରେ ଗୋପାଳପୁର ଗଣବଳାତ୍କାର ଘଟଣାସ୍ଥଳ ପରିଦର୍ଶନ କରିବା ସହ ବେଳାଭୂମିରେ କ୍ରାଇମ ସ୍ପଟ୍ ବୁଲି ଦେଖିଛନ୍ତି। ପୁରୁଷ ବନ୍ଧୁ ଓ ଛାତ୍ରୀ ଜଣକ କେଉଁଠାରେ ବସିଥିଲେ, କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା ଟିମ୍ ତାହାର ତଦାରଖ କରିଥିଲେ।

ଏସମ୍ପର୍କରେ ସଂଯୋଜକ ଦୀପା ଦାସମୁନ୍‌ସିଂ କହିଛନ୍ତି, ବେଳାଭୂମିରେ ଆଲୋକୀକରଣ ନାହିଁ, ଶୂନ୍‌ଶାନ ଅଞ୍ଚଳ ସହ ଏଠାରେ ସିସି କ୍ୟାମେରା ଖଞ୍ଜାଯାଇନାହିଁ। ଏହାର ସୁଯୋଗ ଅପରାଧୀମାନେ ନେଉଛନ୍ତି ବୋଲି ସେ କହିଛନ୍ତି। ଟିମ୍‌ରେ ଥିବା ସାନଖେମୁଣ୍ଡି ବିଧାୟକ ରମେଶ ଜେନା କହିଛନ୍ତି, ଏଆଇସିସି ଟିମ୍ ରାଜ୍ୟର ବିଭିନ୍ନ ସ୍ଥାନକୁ ଯାଇ ଅନୁଧ୍ୟାନ କରିବ। ଏହି ଘଟଣାର ସ୍ଥାନ ପରିଦର୍ଶନ କଲୁ। ସରକାରଙ୍କ ଅପାରଗତା ଲାଗି ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ଘଟଣା ଘଟୁଛି ବୋଲି ବିଧାୟକ ଜେନା ଅଭିଯୋଗ କରିଥିଲେ। ଏହି ଅବସରରେ ଗଞ୍ଜାମ ଜିଲା କଂଗ୍ରେସର (ପୂର୍ବ) ସଭାପତି ଦୀପକ ପଟ୍ଟନାୟକ, ରଶ୍ମିରଞ୍ଜନ ପଟ୍ଟନାୟକ, ରାଜ୍ୟ ମହିଳା କଂଗ୍ରେସର ପୂର୍ବତନ ସଭାନେତ୍ରୀ ବନ୍ଦିତା ପରିଡ଼ା, ସସ୍ମିତା ବେହେରା, ସାକା ସୁଜିତ କୁମାର, ଶ୍ୟାମସୁନ୍ଦର ସାହୁ, ପିସିସି ସଭ୍ୟ ଶମ୍ଭୁ ପାଣିଗ୍ରାହୀଙ୍କ ସମେତ ବହୁ କଂଗ୍ରେସ ନେତା, କର୍ମୀ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଟିମ୍ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍‌ଙ୍କ ସହିତ ଆଲୋଚନା କରିଥିବା ଜଣାପଡ଼ିଛି। ତେବେ ପୀଡ଼ିତା ଓ ତାଙ୍କ ପରିବାର ସହିତ ସାକ୍ଷାତ୍ ଆଲୋଚନା ହୋଇପାରିନାହିଁ। ଟିମ୍ ରାତିରେ ଗୋପାଳପୁରରେ ରହି ରବିବାର କନ୍ଧମାଳ ଓ କେନ୍ଦୁଝର ଜିଲା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଥିବା ଜେନା ସୂଚନା ଦେଇଛନ୍ତି। ତେବେ ତଥ୍ୟ ଅନୁସନ୍ଧାନକାରୀ ଦଳ ଗୋପାଳପୁର ପରିଦର୍ଶନ କରିସାରିବା ପରେ କଂଗ୍ରେସର କେନ୍ଦ୍ରୀୟ ନେତୃତ୍ୱଙ୍କ ନିକଟରେ ରିପୋର୍ଟ ଦାଖଲ କରିବେ।

ସୂଚନାଯୋଗ୍ୟ, ଗତ ୧୫ ତାରିଖ ସନ୍ଧ୍ୟାରେ ଗୋପାଳପୁର ବେଳାଭୂମିକୁ ଜନୈକା ଛାତ୍ରୀ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ବୁଲିବାକୁ ଆସି ଏକ ନିର୍ଜନ ସ୍ଥାନରେ ବସିଥିବା ବେଳେ ଗଣବଳାତ୍କାରର ଶିକାର ହୋଇଥିଲେ। ଏହି ଘଟଣାରେ ଗୋପାଳପୁର ପୋଲିସ ନଂ. ୧୮୬/୨୫ରେ ମାମଲା ରୁଜୁ କରି ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ୪ ନାବାଳକଙ୍କୁ ଜେଜେବିରେ ହାଜର କରିଛି। ଡିଜିଙ୍କ ନିର୍ଦ୍ଦେଶ ପରେ କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ ଚଳାଇଛି।

## ପ୍ରଥମ ପୃଷ୍ଠାରୁ...

### ଝାଡ଼ଖଣ୍ଡରେ ବର୍ଷା,...

ବେଳେ ପନ୍ତେଇ ବ୍ରିଜ ତଳେ ପ୍ରଖର ବନ୍ୟାସ୍ରୋତରେ ଭାସିଯାଇ ନିଖୋଜ ଅଛନ୍ତି। ଖବରପାଇ ଅଗ୍ନିଶମ ବିଭାଗ ଖୋଜାଖୋଜି ଆରମ୍ଭ କରିଛି।

ଉତ୍ତର ବାଲେଶ୍ୱରର ଜଳେଶ୍ୱର, ବସ୍ତା, ବାଲିଆପାଳ ଓ ଭୋଗରାଇ ବ୍ଲକରେ ଶତାଧିକ ଗାଁର ଲକ୍ଷାଧିକ ଲୋକ ଜଳବନ୍ଦୀ ହୋଇ ଦୁର୍ବିଷହ ଜୀବନ ଭୋଗୁଛନ୍ତି। ବହୁ ତଳିଆ ଅଞ୍ଚଳରେ ବନ୍ୟାପାଣିର ସ୍ରୋତ ଛୁଟୁଥିବାରୁ ଗାଁଗୁଡ଼ିକ ବିଚ୍ଛିନ୍ନ ହୋଇଛି। ଗୋଟିଏ ଗାଁରୁ ଅନ୍ୟ ଗାଁକୁ ଯିବାକୁ ହେଲେ ଡଙ୍ଗା ଏକମାତ୍ର ସାହା ହୋଇ ଅପରପକ୍ଷରେ ଭୋଗରାଇ ବ୍ଲକରେ ବ୍ରିଟିଶ ଅମଳରେ ନିର୍ମିତ ଖାଳଯୋଡ଼ିର ସ୍ଲୁଇସ୍ ଗେଟ୍ ଗୁରୁତର ପ୍ରଭାବିତ ହୋଇଛି ବନ୍ୟାସ୍ରୋତ ମାଡ଼ରେ ଏହାର ୩ଟି ଗେଟ୍ ଭାଙ୍ଗିଯାଇଛି। ଫଳରେ ଭୋଗରାଇ ଉପକୂଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ବସ୍ତା ବିଧାୟକ ସୁବାସିନୀ ଜେନାଙ୍କ ସହିତ ଅତିରିକ୍ତ ଜିଲାପାଳ ରାଜସ୍ୱ ବିଭାଗର ହେମନ୍ତ ସିଂ, ଉପଜିଲାପାଳ ସୁଧାକର ନାୟକ, ସର୍ବୋଚ୍ଚ ଯନ୍ତ୍ରୀ ମୁକୁଳ ବେରା, ଜିଲା ଅଧୀକ୍ଷଣ ଯନ୍ତ୍ରୀ ନବକୁମାର ମହାଳିକଙ୍କ ସହିତ ଜଳସମ୍ପଦ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ, ୪ ବ୍ଲକର ବିଡିଓ ଏବଂ ତହସିଲଦାର ବନ୍ୟା ମୁକାବିଲା ନିମନ୍ତେ ତତ୍ପର ହେବା ସହିତ ବନ୍ୟାଞ୍ଚଳ ପରିଦର୍ଶନ କରିଥିବା ସୂଚନା ମିଳିଛି।

### ନୋବେଲ ଶାନ୍ତି ...

ଅସ୍ତ୍ରବିରତି କରିବାକୁ ବାଧ ହୋଇଥିଲା ବୋଲି ନୂଆଦିଲ୍ଲୀ କହିଛି।

ନୋବେଲ ଶାନ୍ତି ପାଇଁ ପାକିସ୍ତାନ ଟ୍ରମ୍ପଙ୍କୁ ମନୋନୀତ କରିବା ପରେ ସେ କହିଛନ୍ତି, ତାଙ୍କୁ ୪/୫ ଥର ନୋବେଲ ଶାନ୍ତି ପୁରସ୍କାର ମିଳିବା କଥା। ସେମାନେ ମୋତେ ଦେଉନାହାନ୍ତି, କାରଣ ସେମାନେ କେବଳ ଉଦାରବାଦୀଙ୍କୁ ଏହି ପୁରସ୍କାର ଦେଇଥାନ୍ତି ବୋଲି ଆମେରିକା ରାଷ୍ଟ୍ରପତି କହିଛନ୍ତି। ତାଙ୍କ କହିବା ଅନୁଯାୟୀ, ଅନେକ ବୈଶ୍ୱିକ ସଂଘର୍ଷ ଜୋନ୍‌ରେ ସେ ଗୁରୁତ୍ୱପୂର୍ଣ୍ଣ କୂଟନୈତିକ ଉଦ୍ୟମ କରିଛନ୍ତି। ଭାରତ-ପାକିସ୍ତାନ ସଂଘର୍ଷ ବନ୍ଦ କରିବା, କଙ୍ଗୋ-ରୁଆଣ୍ଡା ସଙ୍କଟର ସମାଧାନ ଆଦିରେ ସେ ପ୍ରମୁଖ ଭୂମିକା ନେଇଛନ୍ତି। ସେଥିପାଇଁ ତାଙ୍କୁ ବର୍ତ୍ତମାନ ସୁଦ୍ଧା ୪ରୁ ୫ ଥର ନୋବେଲ ପୁରସ୍କାର ମିଳିବା କଥା ବୋଲି ଟ୍ରମ୍ପ୍ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷେ ଟ୍ରମ୍ପଙ୍କୁ ବିଶ୍ୱର ସର୍ବଶ୍ରେଷ୍ଠ ପୁରସ୍କାର ପାଇଁ ମନୋନୀତ କରି ପାକିସ୍ତାନ ସମାଲୋଚିତ ହୋଇଛି। ଇସ୍‌ଲାମାବାଦର ଏଭଳି ଅବାଞ୍ଛିତ ନିଷ୍ପତ୍ତି କେବଳ ଭୂରାଜନୈତିକ ବିଶେଷଜ୍ଞମାନଙ୍କୁ ଚକିତ କରିନାହିଁ, ପାକିସ୍ତାନୀ ଜନତା ଏବଂ ନେତାମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଛନ୍ତି। ଗାଜାରେ ଗଣସଂହାର ଯୁଦ୍ଧ ଏବଂ ଇରାନ ଉପରେ ଇସ୍ରାଏଲ୍‌ର ଆକ୍ରମଣକୁ ସମର୍ଥନ କରୁଥିବା ଟ୍ରମ୍ପ୍ ସରକାରଙ୍କ ସମ୍ପର୍କରେ ସ୍ମରଣ କରାଇଦେଇ ଅନେକ ପାକିସ୍ତାନୀ ଆକ୍ଟିଭିଷ୍ଟ ଏବଂ ଲେଖକ ସୋସିଆଲ ମିଡିଆରେ ପାକ୍ ସରକାରଙ୍କୁ ସମାଲୋଚନା କରିଛନ୍ତି।



କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ୍‌ରେ ଶନିବାର ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ସାମିଲ ହୋଇଛନ୍ତି । (ଫଟୋ: ରାଜକିଶୋର ମହାନ୍ତି)



ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଅନ୍ତର୍ଜାତୀୟ ଯୋଗ ଦିବସ କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ କରୁଛନ୍ତି । (ଫଟୋ: ବିକାଶ ନାୟକ)



କୋଣାର୍କ ସୂର୍ଯ୍ୟମନ୍ଦିର ସମ୍ମୁଖରେ ଶନିବାର ଆୟୋଜିତ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ପୁରୀ ଏମ୍‌ପି ସମ୍ବିତ ପାତ୍ର, ନିମାପଡ଼ାର ପୂର୍ବତନ ବିଧାୟକ ବାଇଧର ମଲ୍ଲିକ ଏବଂ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମ ବିଭୂଷଣ ସୁଦର୍ଶନ ସାହୁ । (ଫଟୋ: ଜ୍ୟୋତିରଞ୍ଜନ ମହାନ୍ତି)



ଅନୁଗୋଳ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଜିଲ୍ଲାସ୍ତରୀୟ ଯୋଗ ଦିବସ ପାଳନ ଅବସରରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇ ଶପଥପାଠ କରାଉଥିବାବେଳେ ଅନ୍ୟ ଅତିଥିମାନେ ଉପସ୍ଥିତ ଅଛନ୍ତି ।

# ଯୋଗ ବିଶ୍ୱ ମାନବ ସମାଜକୁ ଭାରତର ଏକ ମହାର୍ଘ୍ୟ ଉପହାର: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୧।୬(ସୁନିତ୍ ମିଶ୍ର)**

ଅନ୍ତର୍ଜାତୀୟ ଯୋଗ ଦିବସ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଠାରେ ଶନିବାର କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମବେତ ଯୋଗାଭ୍ୟାସ କରିବା ସହ ଯୋଗ ହେଉଛି ବିଶ୍ୱ ମାନବ ସମାଜକୁ ଭାରତର ଏକ ମହାର୍ଘ୍ୟ ଉପହାର ବୋଲି କହିଛନ୍ତି । ଏହି ଅବସରରେ ଭିଡିଓ କନଫରେନସିଂ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାଇଜାଗ ଠାରୁ ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି ।

ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ଯୋଗ କେବଳ ଏକ ବ୍ୟାୟମ କିମ୍ବା ଯୋଗକୁ କିଛି ଆସନ ମଧ୍ୟରେ ସୀମିତ ରଖିବା ଉଚିତ ନୁହେଁ । ଶାରୀରିକ ବ୍ୟାୟମ ଠାରୁ ଏହାର ସ୍ଥାନ ବହୁତ ଉଚ୍ଚରେ । ଯୋଗ ହେଉଛି ଶାରୀରିକ, ବୌଦ୍ଧିକ, ମାନସିକ ଏବଂ ଅଧ୍ୟାତ୍ମିକତାର ଏକ ଅପୂର୍ବ ସଙ୍ଗମ । ଭାରତୀୟ ସଂସ୍କୃତି ଏବଂ ଯୋଗୀ ପରମ୍ପରାରୁ ସୃଷ୍ଟି ହୋଇଥିଲେ ମଧ୍ୟ ଏହା କୌଣସି ନିର୍ଦ୍ଦିଷ୍ଟ ଧର୍ମ ସହିତ ଜଡ଼ିତ ନୁହେଁ । ଶରୀର, ଆତ୍ମା ଏବଂ ଚିନ୍ତନ ଶକ୍ତିକୁ ବୃଦ୍ଧି କରୁଥିବା ଯୋଗ ବର୍ତ୍ତମାନ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ଦ୍ୱାରା ଆଦୃତ ହୋଇପାରିଛି । ଭାରତୀୟ ସଂସ୍କୃତି ଏବଂ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ହେଉଛି 'ଯୋଗ', ଯାହା କେବଳ ଦେଶ ଭିତରେ ସୀମିତ ହୋଇ ରହିଥିଲା । କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୪ ମେ ମାସରେ ଦାୟିତ୍ୱ ଗ୍ରହଣ କରିବାର ୬ ମାସରେ ଯୋଗକୁ ସାରା ବିଶ୍ୱରେ ପରିଚିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରିଥିଲେ । ଫଳରେ ୨୦୧୪ ଡିସେମ୍ବର ୧୧ରେ ଜାତିସଂଘ ପ୍ରତିବର୍ଷ ଜୁନ ୨୧କୁ 'ଆନ୍ତର୍ଜାତୀୟ ଯୋଗ ଦିବସ' ଭାବେ ପାଳନ କରିବା ପାଇଁ ପ୍ରସ୍ତାବ ପାରିତ କରିଥିଲା । ଏବେ ପୃଥିବୀର ପ୍ରାୟ ସବୁଦେଶରେ ଲୋକେ ଆଗ୍ରହ ଏବଂ ଉତ୍ସାହର ସହିତ ଏହାକୁ ପାଳନ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଚଳିତ ବର୍ଷ ପାଳନ ହେଉଥିବା ଅନ୍ତର୍ଜାତୀୟ ଯୋଗ ଦିବସର ଶୀର୍ଷକ ହେଉଛି, "ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ" ଯାହା, ବ୍ୟକ୍ତିଗତ କଲ୍ୟାଣ ଓ ପୃଥିବୀର ସ୍ୱାସ୍ଥ୍ୟ ମଧ୍ୟରେ ଥିବା ଗଭୀର ସମ୍ପର୍କକୁ ଉଜାଗର କରେ । ଏଥିରେ ଦର୍ଶାଯାଇଛି, କିପରି ପ୍ରାଚୀନ ଯୋଗ ଅଭ୍ୟାସ କେବଳ ଶରୀର ଓ ମନକୁ ପୋଷଣ କରେ ନାହିଁ ବରଂ ପ୍ରକୃତି ଓ ସମସ୍ତ ଜୀବଜନ୍ତୁଙ୍କୁ ସମ୍ମାନ ଦେଉଥିବା ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଜୀବନଶୈଳୀକୁ ପ୍ରୋତ୍ସାହିତ କରେ ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ, କଳିଙ୍ଗ ଷ୍ଟାଡିୟମ ଠାରେ ଆୟୋଜିତ ଏହି ରାଜ୍ୟ ସ୍ତରୀୟ ଯୋଗ ଶିବିରରେ ପ୍ରାୟ ୧୫ ହଜାର ଜନସାଧାରଣଙ୍କ ସମେତ ମନ୍ତ୍ରୀ, ଏମ୍‌ପି, ବିଧାୟକ ଓ ବରିଷ୍ଠ ଅଧିକାରୀମାନେ ଯୋଗଦେବା ସହ ଯୋଗାଭ୍ୟାସ କରିଥିଲେ ।

DAYANAND INSTITUTE
Dhanupali, Sambalpur- 768005
Contact- 8763032587, 9938895475, 9437158817
ADMISSIONS OPEN
NTT- Regular and Distance Mode
Eligibility- +2 & Above (Only for Ladies)
B. Ed- (N.C.T.E Approved)
Eligibility-+3 with 50% or 45% for ST, SC, OBC.
M.A. IN YOGA - Eligibility:-
Any Graduate with 40% mark
Affiliated to Utkal University of Culture
Recognized by Govt. of Odisha

# ଆଜି ୧୮ ଜିଲ୍ଲାରେ ବର୍ଷିବ

**ଭୁବନେଶ୍ୱର,୨୧।୬(ଅନୁରାଧା ମହାରଣା)**

ରାଜ୍ୟରେ ବର୍ଷା ଜାରି ରହିଥିବାବେଳେ ୨୨ ତାରିଖ ସକାଳ ୮ଟା ୩୦ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାକୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ରବିବାର ବର୍ଷା ସହ ବଜ୍ରପାତ ନେଇ ୧୮ ଜିଲ୍ଲାକୁ ସତର୍କ କରାଯାଇଛି । ଜଗତସିଂହପୁରରେ ପ୍ରବଳ ବର୍ଷା ସମ୍ଭାବନା ଥିବାବେଳେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ରାୟଗଡ଼ା, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ପୁରୀ ଓ ଖୋର୍ଦ୍ଧା ଆଦି ଜିଲ୍ଲାରେ ବର୍ଷା ସହ ଘଣ୍ଟାପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିପାରେ । ଶନିବାର ଜଗତସିଂହପୁରରେ ୨୭.୦ ମିମି ବର୍ଷା ରେକର୍ଡ ହୋଇଥିବାବେଳେ କଟକରେ ୨୧.୨ ମିମି, ପାରାଦୀପରେ ୧୬.୦ ମିମି, ଭୁବନେଶ୍ୱର ଓ ଜଗତସିଂହପୁରରେ ୩.୧ ମିମି, ନୟାଗଡ଼ରେ ୩.୦ ମିମି, ସୁନ୍ଦରଗଡ଼ରେ ୨.୪ ମିମି ଏବଂ ବାଲେଶ୍ୱରରେ ୧.୪ ମିମି ବର୍ଷା ହୋଇଛି ।

# ବଢ଼ିଲା ଓମ୍‌ଫେଡ୍ କ୍ଷୀର ମୂଲ୍ୟ

**ଭୁବନେଶ୍ୱର,୨୧।୬(ଅନୁରାଧା ମହାରଣା)**

ଓଡ଼ିଶା ଷ୍ଟେଟ୍ କୋଅପରେଟିଭ୍ ମିଲ୍କ ପ୍ରଡ୍ୟୁସର୍ସ ଫେଡେରେଶନ୍ (ଓମ୍‌ଫେଡ୍) ଉତ୍ପାଦିତ କ୍ଷୀର ମୂଲ୍ୟରେ ବୃଦ୍ଧି ହୋଇଛି । ପ୍ରିମିୟମ ଓ ଟୋନ୍ଡ କ୍ଷୀର ଲିଟର ପିଛା ୨ ଟଙ୍କା ବୃଦ୍ଧି ହୋଇଥିବା ବେଳେ ଗୋଲ୍ଡ କ୍ଷୀର ଲିଟର ପିଛା ୪ ଟଙ୍କା ବୃଦ୍ଧି କରାଯାଇଛି । ପ୍ରାୟ ୩ବର୍ଷ ପରେ ଓମ୍‌ଫେଡ୍ କ୍ଷୀର ଦର ବୃଦ୍ଧି ହୋଇଛି । ନୂଆ ମୂଲ୍ୟରେ ଏବେ ଉପଲବ୍ଧ ହେଉଛି ଓମ୍‌ଫେଡ୍ କ୍ଷୀର ପାକେଟ୍ । ଜୁନ ୧ ବିଶ୍ୱ ଦୁଗ୍ଧ ଦିବସ ଅବସରରେ ଓମ୍‌ଫେଡ୍ ଦୁଗ୍ଧ ଚାଷୀଙ୍କୁ ଲିଟର ପିଛା ଅଧିକ ୩ ଟଙ୍କା ଦେବାକୁ ରାଜ୍ୟ ସରକାର ଘୋଷଣା କରିଥିଲେ । ଏଥିସହ ଓମ୍‌ଫେଡ୍ ମୂଲ୍ୟ ବୃଦ୍ଧି ନେଇ ମଧ୍ୟ ଘୋଷଣା ହୋଇଥିଲା । ଜୁନ ୧୩ରୁ ନୂଆ ଦର ଲାଗୁ ହେବ ବୋଲି କୁହାଯାଇ ପରେ ସ୍ଥଗିତ ରଖାଯାଇଥିଲା । କିନ୍ତୁ ଜୁନ୍ ୨୧ ତାରିଖରୁ ନୂଆ ଦର ସହ ବଜାରରେ ଓମ୍‌ଫେଡ୍ କ୍ଷୀର ଉପଲବ୍ଧ ହୋଇଛି । ଏହି କ୍ରମରେ ଟୋନ୍ଡ କ୍ଷୀର ଲିଟର ପିଛା ୫୦ ଟଙ୍କା, ପ୍ରିମିୟମ କ୍ଷୀର ଲିଟର ପିଛା ୫୪ଟଙ୍କା, ଗୋଲ୍ଡ ପ୍ରିମିୟମ୍ ପ୍ଲସ୍ କ୍ଷୀର ୬୦ ଟଙ୍କା ଓ ଗୋଲ୍ଡ ପ୍ରିମିୟମ୍ କ୍ଷୀର ଲିଟର ପିଛା ୫୬ଟଙ୍କା ହୋଇଛି ।

IBS
TWISHA EDUCATIONAL PVT. LTD.
INSTITUTE OF BASIC SCIENCES
(A DAY CUM RESIDENTIAL COACHING INSTITUTE)
NEET / JEE-MAIN / IIT / OUAT / +2 SCIENCES (CHSE/CBSE)/ CLASS-VIII, IX, X
ADMISSION OPEN
DISCOUNT 25 %OFF SPECIAL OFFER
NEET ONE YEAR COURSE FOR 2026
JEE-MAIN ONE YEAR COURSE FOR 2026
INTEGRATED COURSE FOR CLASS-XI (CHSE/CBSE)
UNIQUE FEATURES
Excellent Residential Coaching Institute since 2008
Coaching, Lodging and fooding at one campus
Highly experienced and dedicated faculties
24x7 surveillance under CCTV Camera
TWISHA EDUCATIONAL PVT. LTD.
IBS Road, Fatak Durga Puja Mandap, Sambalpur, Odisha, 768004
Contact- 8280346132, 8280346135, Email- twishaeducation@gmail.com
www.twishaeducation.com, Twisha Digital App

ବଲାଙ୍ଗିର ପୌରସଂସ୍ଥା, ବଲାଙ୍ଗିର
ଦୈନିକ ଖବର କାଗଜ "ଧରିତ୍ରୀ" ର ପଶ୍ଚିମ ଓଡ଼ିଶା ସଂସ୍କରଣ ର ୨୦ ତମ ବାର୍ଷିକ ପୂର୍ତ୍ତି ଉପଲକ୍ଷେ ବଲାଙ୍ଗିର ପୌର ପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛୁ । ବିଶେଷକରି ସମସ୍ତେ ନିଜ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ରୁହନ୍ତୁ । ଏ ମାଟିର ଅଧିଷ୍ଠାତ୍ରୀ ଇଷ୍ଟ ଦେବୀ ମାଁ ସମଲେଶ୍ୱରୀ ଏବଂ ମାଁ ପାଟଣେଶ୍ୱରୀ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହାହିଁ ଆମର ମାଁ ଙ୍କ ଠାରେ ପ୍ରାର୍ଥନା ।

ଶ୍ରୀମତୀ ଲିକା ସାହୁ
ପୌରାଧ୍ୟକ୍ଷା
ପୌରସଂସ୍ଥା, ବଲାଙ୍ଗିର
ଗାୟତ୍ରୀ ଭୋଇ
ଉପ-ପୌରାଧ୍ୟକ୍ଷା
ପୌରସଂସ୍ଥା, ବଲାଙ୍ଗିର
Executive Officer, Balangir Municipality

# ଦେଶର ୫ମ ସ୍ଥାନରେ କିଟ୍ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର,୨୧।୬(ଅନୁରାଧା ମହାରଣା)**

ଟାଇମ୍ସ ହାୟର ଏଜୁକେଶନ (ଟିଏଚ୍‌ଇ) ଇମ୍ପାକ୍ଟ ର୍‍ୟାଙ୍କିଙ୍ଗରେ କିଟ୍ ଭଲ ପ୍ରଦର୍ଶନ କରିଛି । ଅସମାନତା ହ୍ରାସ (ଏସ୍‌ଡିଜି-୧୦) ଓ ଶାନ୍ତି, ନ୍ୟାୟ ଏବଂ ସଶକ୍ତ ପ୍ରତିଷ୍ଠାନ (ଏସ୍‌ଡିଜି-୧୬), ସୁଲଭ ଓ ସ୍ୱଚ୍ଛ ଉର୍ଜା (ଏସ୍‌ଡିଜି-୭)ରେ ଦେଶର ପ୍ରଥମ ସ୍ଥାନରେ କିଟ୍ ବିଶ୍ୱବିଦ୍ୟାଳୟ ରହିଥିବା ବେଳେ ଗୁଣାତ୍ମକ ଶିକ୍ଷା (ଏସ୍‌ଡିଜି-୪)ରେ ୩ୟ ସ୍ଥାନରେ ରହିଛି । ସାମଗ୍ରିକ ଭାବେ ଇମ୍ପାକ୍ଟ ର୍‍ୟାଙ୍କିଙ୍ଗରେ କିଟ୍ ବିଶ୍ୱବିଦ୍ୟାଳୟ ସମସ୍ତ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ୫ମ ସ୍ଥାନରେ ରହିଛି ।





ସର୍ବାଙ୍ଗୀନ ପଦ୍ଧତିରେ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟର ସାମାଜିକ ପ୍ରଭାବ କ'ଣ ରହିଛି, ତାର ମୂଲ୍ୟାଙ୍କନ କରି ର୍‍ୟାଙ୍କ ପ୍ରଦାନ କରୁଛି ଟାଇମ୍ସ ହାୟର ଏଜୁକେଶନ । ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି)କୁ ଆଗକୁ ନେବାରେ ବିଶ୍ୱବିଦ୍ୟାଳୟର ପ୍ରଦର୍ଶନ ଉପରେ ମୂଲ୍ୟାଙ୍କନ ଆଧାରରେ ଚଳିତବର୍ଷ ବିଶ୍ୱର ୧୩୦ଟି ଦେଶର ପ୍ରାୟ ୨୪ଶହରୁ ଅଧିକ ଖ୍ୟାତିସମ୍ପନ୍ନ ବିଶ୍ୱବିଦ୍ୟାଳୟ ଏହି ର୍‍ୟାଙ୍କିଙ୍ଗରେ ଅଂଶଗ୍ରହଣ କରିଥିଲେ । ସେଥିମଧ୍ୟରୁ କିଟ୍ ବିଶ୍ୱରେ ୧୦୧ କୋହର୍ଟ ମଧ୍ୟରେ ରହିଛି । ଏ ନେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, କିଟ୍ ଏକ ଛୋଟ ଅନୁଷ୍ଠାନରୁ ଆରମ୍ଭ ହୋଇଥିଲା ବେଳେ ଏହା ବିଶ୍ୱର ସମସ୍ତ ଅନୁଧ୍ୟାନ ଓ ର୍‍ୟାଙ୍କିଙ୍ଗରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି । ଏହିସବୁ ର୍‍ୟାଙ୍କିଙ୍ଗରେ କିଟ୍‌ର ଲଗାତାର ସଫଳତା ନିରନ୍ତର ଶିକ୍ଷା, ସ୍ଥାୟିତ୍ୱ, ଅନ୍ତର୍ଭୁକ୍ତି ଏବଂ ବିଶ୍ୱ ସହଯୋଗ କ୍ଷେତ୍ରରେ ଉତ୍କର୍ଷତା ପ୍ରତି ଏହାର ପ୍ରତିବଦ୍ଧତା ପ୍ରତିପାଦନ କରୁଛି ବୋଲି ସେ କହିଛନ୍ତି ।

DSPL-135
ଓଡ଼ିଶା ଶାସନ
ଡାଇରିଆ ନିରାକରଣ ପାଇଁ କେତୋଟି ସାଧାରଣ ସତର୍କତା
୧. **ଅଧ ଘଣ୍ଟାଏ ଫୁଟାଯାଇ ଥଣ୍ଡା କରାଯାଇଥିବା ପାଣି** କିମ୍ବା ୧ ଲିଟର ପାଣିରେ ଗୋଟିଏ ହାଲୋଜେନ୍ ବଟିକା ପକାଇ ଅଧ ଘଣ୍ଟା ପରେ ପିଇବା ପାଇଁ ବ୍ୟବହାର କରନ୍ତୁ ।
୨. ଖାଦ୍ୟ ପ୍ରସ୍ତୁତି ପୂର୍ବରୁ, ଖାଇବା ପୂର୍ବରୁ ଓ ଶୌଚ ହେବା ପରେ ସାବୁନ୍‌ରେ ଭଲଭାବେ ହାତ ଧୁଅନ୍ତୁ ।
୩. ଝାଡ଼ା / ବାନ୍ତି ଲକ୍ଷଣ ଦେଖାଦେଲେ ତୁରନ୍ତ ଓ.ଆର୍.ଏସ୍. ଦ୍ରବଣ ପିଅନ୍ତୁ ଓ ଡାକ୍ତରଖାନା ନିଅନ୍ତୁ । ବିଳମ୍ବ କଲେ ବିପଦ ଅଛି ।
OIPR-10003/13/0210/2526
NATIONAL HEALTH MISSION
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
facebook.com/HFWOdisha
@HFWOdisha
http://www.health.odisha.gov.in/

ଅନ୍ୟମାନେ ତୁମ ସମ୍ବନ୍ଧେ କ'ଣ କହୁଛନ୍ତି, କରୁଛନ୍ତି ଓ ଭାବୁଛନ୍ତି- ସେକଥାକୁ ନେଇ ଯଦି ତୁମେ ଆଘାତ ପାଉଥାଅ ବା ବ୍ୟଥିତ ହେଉଥାଅ- ତା'ହେଲେ ତୁମେ ଜଣେ ଦୁର୍ବଳ ମଣିଷ ଏବଂ ତୁମେ କେବେ ଏକାନ୍ତ ଭାବେ ଭଗବାନଙ୍କ ପ୍ରଭାବର ଅଧୀନ ହୋଇ ବଞ୍ଚୁ ନାହଁ। -ଶ୍ରୀମା



# କେବଳ ପ୍ରହେଳିକା



ଆକାର ପଟେଲ

ଭିଏସ୍ ଅଫ୍ ଗ୍ଲୋବାଲ ସାଉଥ୍ (ଭିଓଜିଏସ୍)କୁ ବିଶ୍ୱ ସ୍ତରରେ ପହଞ୍ଚାଇବା ଦାୟିତ୍ୱ ନେଇଛନ୍ତି ବୋଲି ଚଳିତ ମାସରେ ଭାରତ ସରକାର ଘୋଷଣା କରିଛନ୍ତି। ଗ୍ଲୋବାଲ ସାଉଥ୍ କହିଲେ ନିମ୍ନ, ମଧ୍ୟମ ଆୟବର୍ଗ ତଥା ବିକାଶଶୀଳ ଦେଶଗୁଡ଼ିକୁ ବୁଝାଏ। ଗ୍ଲୋବାଲ ସାଉଥ୍ ଦେଶଗୁଡ଼ିକୁ ଏକାଠି କରିବା ଲାଗି ବିଗତ ତିନିବର୍ଷ ହେଲା ଭାରତ ଭିଓଜିଏସ୍ ସମିଟ୍ ଆୟୋଜନ କରିଆସୁଛି, ଯାହାକୁ ସରକାର ସଂକ୍ଷେପରେ ଭିଓଜିଏସ୍ଏସ୍ ଭାବେ ନାମିତ କରିଛନ୍ତି। ରାଜନୈତିକ ବିଶେଷଜ୍ଞଙ୍କ ଅନୁଯାୟୀ, ଏବେ ଆମେ ଭିଓଜିଏସ୍ର ଉତ୍ତରଦାୟିତ୍ୱକୁ ନେଇ ପ୍ରକାଶ କରିଥିବା ତତ୍ପରତାର ସମ୍ପର୍କ ଜି୭ ସହ ଥିଲା। ଭାରତ ଜି୭ରେ ଭାଗ ନେଇଥିଲା, ଯଦିଓ ଏହାର ସଦସ୍ୟ ନୁହେଁ। ଜି୭ର ପ୍ରକୃତ ସଦସ୍ୟମାନେ ହେଉଛନ୍ତି ଆମେରିକା, ବ୍ରିଟେନ, କାନାଡ଼ା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ ଓ ଜାପାନ। ଏମାନେ ଇସ୍ରାଏଲ ଉପରେ ଇରାନ୍ର ଆକ୍ରମଣକୁ ନିନ୍ଦା କରି ଏକ ବିବୃତି ଜାରି କରିଛନ୍ତି। ଏହାସହ ଆତ୍ମରକ୍ଷା ପାଇଁ ଇସ୍ରାଏଲର ଅଧିକାର ରହିଛି ବୋଲି ଜି୭ ଦୃଢ଼ ଭାବେ କହିଛି। ହେଲେ ଇସ୍ରାଏଲର ସୁରକ୍ଷା ପାଇଁ ଆମର ସମର୍ଥନ ଦୋହରାଇଛୁ ଏବଂ ଆଞ୍ଚଳିକ ଅସ୍ଥିରତା ଓ ଉଗ୍ରବାଦର ଇରାନ ହେଉଛି ଏକ ପ୍ରମୁଖ ଉତ୍ସ ବୋଲି ସ୍ପଷ୍ଟ କରିଛୁ। ଏହା ଉପରେ ଭିଓଜିଏସ୍ର କୌଣସି ମତ ନ ଥିଲା, ଯଦିଓ ଆମ ପ୍ରଧାନମନ୍ତ୍ରୀ ସମ୍ମିଳନୀରେ ଭାଗ ନେଇଥିଲେ ଏବଂ ଉପସ୍ଥିତି ଜାହିର କରିବାର ଏହା ଏକ ସମୟ ଥିଲା ବୋଲି ମନେକରାଯାଉଥିଲା। ଭିଓଜିଏସ୍ର ସ୍ୱର ନୀରବିଯାଇଥିଲା; ଯେଉଁଠି ଆମର କିଛି କହିବାର ନ ଥିଲା, କେବଳ ଶକ୍ତିଶାଳୀ ଦେଶଗୁଡ଼ିକର କହିବାର ଅଧିକାର ଥିଲା। ସେହି ସମ୍ମିଳନୀରେ ଆମେ କାହିଁକି ଭାଗ ନେଲୁ ତାହା ଜଣାପଡୁନାହିଁ। ବରଂ ଅନ୍ୟ କେଉଁଠି ଆମର ପ୍ରଭାବକୁ ସ୍ୱୀକୃତି ମିଳୁଥିବା ସ୍ଥାନରେ ସମୟ ଦେବାର ଥିଲା।

ସାଙ୍ଘାଇ କୋଅପରେଶନ ଅର୍ଗାନାଇଜେଶନରେ(ଏସ୍ସିଓ)ରେ ଭିଓଜିଏସ୍ ଏକ ସଦସ୍ୟ ଓ ତା'ର କହିବାର ଅଧିକାର ରହିଛି। ତେବେ ଏସ୍ସିଓ ସମାନ ବିଷୟ ଉପରେ ଏକ ବିବୃତି ଦେଇଛି। ଏସ୍ସିଓରେ ଅଛନ୍ତି ୯ଟି ଦେଶ– ଚାଇନା, ଭାରତ, ଇରାନ, କାଜାକସ୍ତାନ, କିରଗିଜସ୍ତାନ, ପାକିସ୍ତାନ, ରୁଷିଆ, ତାଜିକସ୍ତାନ ଓ ଉଜବେକିସ୍ତାନ। ବିଶ୍ୱର ମୋଟ ଜନସଂଖ୍ୟାର ୪୨ ପ୍ରତିଶତ ଲୋକ ଏହିସବୁ ଦେଶରେ ଅଛନ୍ତି। ଏସ୍ସିଓରେ ସଂଖ୍ୟାଧିକ ହେଉଛନ୍ତି ଗ୍ଲୋବାଲ୍ ସାଉଥ୍ ବର୍ଗର। ଏକ ନୂଆ ଗଣତାନ୍ତ୍ରିକ, ସ୍ୱଚ୍ଛ ଏବଂ ଯୁକ୍ତିଯୁକ୍ତ ଅନ୍ତର୍ଜାତୀୟ ରାଜନୈତିକ ଓ ଅର୍ଥନୈତିକ ବ୍ୟବସ୍ଥାକୁ ଉତ୍ସାହିତ କରିବା ଏହାର ଦାୟିତ୍ୱ ବୋଲି ଏସ୍ସିଓର ଅଧିକାରପତ୍ର ଦର୍ଶାଏ। ଅର୍ଥାତ୍ ଏହା ଦୁର୍ବଳ ଓ ଦରିଦ୍ର ଦେଶଗୁଡ଼ିକର ଅଧିକାର ପାଇଁ ଲଢ଼େଇ କରିବ। ଏସ୍ଓସି ତାହାର ବିବୃତିରେ ସ୍ପଷ୍ଟ କରିଥିଲା ଯେ, ସେମାନେ ଇସ୍ରାଏଲର ସାମରିକ ଆକ୍ରମଣକୁ ନିନ୍ଦା କରନ୍ତି। ଜନବସତି, ଶକ୍ତି ଓ ପରିବହନ ଭିତ୍ତିଭୂମି ଉପରେ ଏଭଳି ଆକ୍ରମଣ କରି ନାଗରିକଙ୍କ ଜୀବନ ନେବା ଅନ୍ତର୍ଜାତୀୟ ଆଇନ ତଥା ଜାତିସଂଘ ଅଧିକାରପତ୍ରର ସମ୍ପୂର୍ଣ୍ଣ ଉଲ୍ଲଂଘନ। ଏହା ହିଁ ବାସ୍ତବତା। କିନ୍ତୁ ଏସ୍ସିଓ ବିବୃତି ଦେଇଥିବା ସମାନ ଦିନରେ ଭାରତ ଏହା ବିରୋଧରେ ଏକ ବିବୃତି ଜାରି କରିଥିଲା। ଏଥିରେ ଦର୍ଶାଇଥିଲା ଯେ, ଏସ୍ସିଓ ଦେଇଥିବା ବିବୃତି ଉପରେ ହୋଇଥିବା ଆଲୋଚନାରେ ଭାରତ ଭାଗନେଇ ନ ଥିଲା। ଆମେ କାହିଁକି ଆଲୋଚନାରୁ ଦୂରେଇ ରହିଲୁ, ଯେଉଁଠି ଏକ ସଦସ୍ୟ ଭାବେ ଆମେ ଆମର ପ୍ରଭାବ ପ୍ରଦର୍ଶନ କରିପାରିଥାଆନ୍ତୁ। କିନ୍ତୁ ଏହା ନ କରି ଆମେ ଯେଉଁଠି କେବଳ ଦର୍ଶକ, ସେଭଳି ସମ୍ମିଳନୀରେ ଭାଗନେଲୁ। ୧୪ ଜୁନ୍ରେ ଅନ୍ୟ ଏକ ଖବରକାଗଜର ଶୀର୍ଷକ, ''ଗାଜା ଯୁଦ୍ଧବିରତି ପାଇଁ ଜାତିସଂଘ ପ୍ରସ୍ତାବକୁ ୧୪୯ ଦେଶର ସମର୍ଥନ, ଭାରତ ଏଥିରୁ ବିରତ ରହିଛି'' ପ୍ରକାଶ ପାଇଥିଲା। ସହାୟତା ବନ୍ଦ କରିବା ଏବଂ କ୍ଷୁଧାକୁ ଯୁଦ୍ଧ କୌଶଳ ଭାବେ ବ୍ୟବହାର କରାଯାଉଛି ବୋଲି ଏହି ପ୍ରସ୍ତାବରେ ନିନ୍ଦା କରାଯାଇଥିଲା। ଏହାସହ ଇସ୍ରାଏଲ ଲଗାଇଥିବା ଅବରୋଧକୁ ହଟାଇବା ଲାଗି ଏଥିରେ ଦାବି କରାଯାଇଥିଲା। ଭିଓଜିଏସ୍କୁ ଛାଡ଼ି ସବୁ ଦକ୍ଷିଣ ଏସୀୟ ଦେଶ ଏହା ସପକ୍ଷରେ ଭୋଟ ଦେଇଥିଲେ।

ବୈଦେଶିକ ମନ୍ତ୍ରଣାଳୟ ୱେବ୍ସାଇଟ୍ରେ କୁହାଯାଇଛି,୧୪ ଅଗଷ୍ଟ ୨୦୨୪ରେ ଭାରତ ଏହାର ତୃତୀୟ ଭଏସ୍ ଅଫ୍ ଗ୍ଲୋବାଲ ସାଉଥ୍ ସମ୍ମିଳନୀ ଆୟୋଜନ କରିଥିଲା। ଏଥିରେ ଆଉ ମଧ୍ୟ କୁହାଯାଇଛି ଯେ, ପ୍ରଧାନମନ୍ତ୍ରୀଙ୍କ 'ସବ୍କା ସାଥ୍, ସବ୍କା ବିକାଶ, ସବ୍କା ବିଶ୍ୱାସ ଔର୍ ସବ୍‌ର ପ୍ରୟାସ' ଦୃଷ୍ଟିକୋଣକୁ ବ୍ୟାପକ କରିବା ଲାଗି ଏହି ନିଆରା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ଏବଂ ଏହା ଭାରତୀୟ ସିଦ୍ଧାନ୍ତ 'ବସୁଧୈବ କୁଟୁମ୍ବକମ୍'କୁ ସମର୍ଥନ କରେ। ଭବିଷ୍ୟତରେ ଗ୍ଲୋବାଲ ସାଉଥ୍ ଦେଶଗୁଡ଼ିକୁ ଏକାଠି କରି ବିଭିନ୍ନ ପ୍ରସଙ୍ଗରେ ସେମାନଙ୍କ ଦୃଷ୍ଟିକୋଣ ଓ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକୁ ଏକ ମିଳିତ ମଞ୍ଚରେ ଶେୟାର କରିବା ଲାଗି ଆଶା ରଖିଛି। ହେଲେ ୮ ମେ'ରେ ରୋହିଙ୍ଗ୍ୟା ଶରଣାର୍ଥୀଙ୍କ ରହିବା ଓ ଦେଶାନ୍ତର ସମ୍ପର୍କିତ ଏକ ଘଟଣାରେ ଭାରତ ସରକାର ସୁପ୍ରିମକୋର୍ଟଙ୍କୁ କହିଥିଲେ ଯେ, ଭାରତ ୧୯୫୧ ଜାତିସଂଘ ଶରଣାର୍ଥୀ ଚୁକ୍ତିରେ ସ୍ୱାକ୍ଷର କରି ନ ଥିବାରୁ ୟୁଏନ୍ଏଚ୍ସିଆର୍ ଜାରି କରିଥିବା ଶରଣାର୍ଥୀ କାର୍ଡ କିମ୍ବା ରୋହିଙ୍ଗ୍ୟାଙ୍କୁ ଶରଣାର୍ଥୀ ଭାବେ ସ୍ୱୀକାର କରିବ ନାହିଁ କିମ୍ବା ଶରଣାର୍ଥୀଙ୍କୁ କୌଣସି ସୁରକ୍ଷା ଦେବ ନାହିଁ। ଏହା ସ୍ପଷ୍ଟ ଯେ, ଭିଓଜିଏସ୍ ଏବଂ ବୈଶ୍ୱିକ ପରିବାର ସମ୍ପର୍କରେ କୁହାଯାଉଥିବା ବଡ଼ ବଡ଼ କଥା ପଛରେ ଅନେକ ଲୁକ୍କାୟିତ ସର୍ତ୍ତ ଓ ନିୟମ ରହିଛି। ଭାରତ ଜାତିସଂଘ ଶରଣାର୍ଥୀ ଚୁକ୍ତିରେ ସ୍ୱାକ୍ଷର କରିନି ସତ, ହେଲେ ଲୋକଙ୍କୁ ବିପଦ ଓ ନିର୍ଯାତନାରେ ରହିବାକୁ ବାଧ୍ୟ କରିବା ଏବଂ ସ୍ଥାୟୀ ଭାବେ ରହିବାର ସ୍ୱୀକୃତି ନ ଦେବାକୁ ଯୁକ୍ତିଯୁକ୍ତ ଦର୍ଶାଇପାରିବ ନାହିଁ। ଅନ୍ତଃରାଷ୍ଟ୍ରୀୟ ଆଇନରେ 'ନନ୍-ରିଫଲମେଣ୍ଟ' ନୀତି ଅନୁଯାୟୀ ଅର୍ଥାତ୍ ଯେଉଁ ସ୍ଥାନରେ ନିର୍ଯାତନା ଓ ଗମ୍ଭୀର ମାନବ ଅଧିକାର ଉଲ୍ଲଂଘନର ଆଶଙ୍କା ଥିବ ସେଠାକୁ ଲୋକଙ୍କୁ ଫେରିଯିବା ଲାଗି ବାଧ୍ୟ କରାଯାଉଥିବା ପଦକ୍ଷେପରୁ ଭାରତକୁ ରୋକାଯିବା ଦରକାର। ଏହା ଏକ ବଡ଼ ଆଇନଗତ ଦାୟିତ୍ୱ ଏବଂ ଇଣ୍ଟରନ୍ୟାଶନାଲ କୋଭେନାଣ୍ଟ ଅନ୍ ସିଭିଲ ଆଣ୍ଡ୍ ପଲିଟିକାଲ୍ ରାଇଟ୍ସ(ଆଇସିସିପିଆର୍) ଚୁକ୍ତିରେ ଭାରତ ସ୍ୱାକ୍ଷର କରିଥିବାରୁ ଏହା କରାଯାଇପାରିବ। ଆମେ ସାଉଥ୍ ଗ୍ଲୋବାଲ ସମ୍ପର୍କରେ ବଡ଼ ଭାଷଣ ଦେଉଛୁ। ବିପରୀତ ଦିଗରେ କାମ କରି ଭାଗୀଦାରି ମାନବିକତା ଦେଖାଉନାହୁଁ। ଏଣୁ ନାଟକବାଜି ବା ପ୍ରହେଳିକା ଚାଲିବ।

Email:aakar.patel@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 4 | | | | |
| | | | | 7 | | 9 | | 8 |
| | | 3 | | | | | 7 | 6 |
| 1 | 8 | | | | | 2 | | |
| | | | | | | 6 | 4 | |
| 3 | 5 | 4 | | | | | | |
| | | 1 | 7 | | | | | 3 |
| 7 | | 2 | | 5 | | | | |
| 8 | | | 2 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 9 | 5 | 8 | 6 | 2 | 3 | 1 | 7 |
| 2 | 8 | 1 | 5 | 3 | 7 | 9 | 4 | 6 |
| 6 | 3 | 7 | 9 | 4 | 1 | 2 | 8 | 5 |
| 3 | 4 | 2 | 1 | 9 | 6 | 7 | 5 | 8 |
| 5 | 1 | 9 | 7 | 8 | 3 | 6 | 2 | 4 |
| 8 | 7 | 6 | 2 | 5 | 4 | 1 | 3 | 9 |
| 7 | 6 | 3 | 4 | 1 | 8 | 5 | 9 | 2 |
| 9 | 2 | 4 | 3 | 7 | 5 | 8 | 6 | 1 |
| 1 | 5 | 8 | 6 | 2 | 9 | 4 | 7 | 3 |

ଗତକାଲିର ଉତ୍ତର

# କାହିଁକି ଏତେ ଭାବପ୍ରବଣତା



ପ୍ରକାଶ ତ୍ରିପାଠୀ

ଆରସିବି ଟିମ୍ ଅଠର ବର୍ଷ ପରେ ଆଇପିଏଲ୍ କପ୍ ପାଇଲା, ସେମାନଙ୍କୁ ଦେଖିବାକୁ ଯାଇଥିବା ମୋ ପୁଅ କ'ଣ ପାଇଲା? ଜୁନ୍ ୪ରେ ବେଙ୍ଗାଲୁରୁରେ ଆର୍ସିବିର ବିଜୟ ଉତ୍ସବ ପାଳନ ସମୟରେ ଦଳାଚକଟାରେ ମୃତ୍ୟୁବରଣ କରିଥିବା ୨୧ ବର୍ଷୀୟ ଭୂମିକା ଲକ୍ଷ୍ମଣଙ୍କ ପିତାଙ୍କର ଏହା ଥିଲା ପ୍ରଶ୍ନ। କର୍ଣାଟକର ହାସନ ଜିଲାର ବାସିନ୍ଦା ଭୂମିକା ମାତାପିତାଙ୍କ ଏକମାତ୍ର ପୁଅ ଏବଂ ଶେଷ ବର୍ଷର ଇଞ୍ଜିନିୟରିଂ ଛାତ୍ର ଥିଲେ। ସେହିପରି ବିବିଏର ଛାତ୍ର ମନୋଜ କୁମାରଙ୍କ ମୃତ ଶରୀର ପାଖରେ ତାଙ୍କ ମା' କାନ୍ଦିକାନ୍ଦି କହୁଥିଲେ, ମୋ ପୁଅର କ'ଣ ଭୁଲ୍ ଥିଲା? ଖେଳ ସେଲିବ୍ରେଶନ ଦେଖିବାକୁ ଯାଇଥିଲା ଯେ ଆଉ ଫେରିଲାନି। ମୋ ପୁଅର ମୃତ୍ୟୁ ବାବଦକୁ ଟଙ୍କା ଦେଇଦେଲେ ମୋ ପୁଅ ଆଉ କ'ଣ ଫେରି ଆସିବ କି?

ମାର୍ଚ୍ଚ ୨୨ ରୁ ଜୁନ୍ ୩ ପର୍ଯ୍ୟନ୍ତ ଦେଶର ବିଭିନ୍ନ କ୍ରିକେଟ ଷ୍ଟାଡିୟମରେ ଚାଲିଥିଲା ଇଣ୍ଡିଆନ ପ୍ରିମିୟର ଲିଗ୍ ବା ଆଇପିଏଲ୍ର ଅଠରତମ ସଂସ୍କରଣ। ଫାଇନାଲ ମ୍ୟାଚ୍ରେ ପଞ୍ଜାବ କିଙ୍ଗ୍ସକୁ ହରାଇ ଦୀର୍ଘ ୧୮ ବର୍ଷ ପରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବା ଆରସିବି ଇଣ୍ଡିଆନ ପ୍ରିମିୟର ଲିଗ୍ କପ୍ ଜିତିଲା। ଠିକ୍ ଏହାର ପରଦିନ ବେଙ୍ଗାଲୁରୁରେ ଆୟୋଜିତ ହୋଇଥିଲା ବିଜୟ ଉତ୍ସବ। ବିଜୟ ଉତ୍ସବ ପାଳନରେ ଲକ୍ଷ ଲକ୍ଷ ପ୍ରଶଂସକ ଏମ. ଚିନ୍ନାସ୍ୱାମୀ ଷ୍ଟାଡିୟମ ଏବଂ ବିଧାନସୌଧ ନିକଟରେ ଏକତ୍ରିତ ହୋଇଥିଲେ ଓ ଭିଡ଼ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ଏହାପରେ ଆରମ୍ଭ ହୋଇଥିଲା ଦଳାଚକଟା। ପୋଲିସ ଲୋକମାନଙ୍କୁ ଘରକୁ ଫେରିଯିବାକୁ ଅନୁରୋଧ କରିଚାଲିଥିଲେ ବି ଟ୍ରାଫିକ୍ ଜାମ୍ ଯୋଗୁ ଘରକୁ ସେଠାରୁ ଫେରିବା ସମ୍ଭବ ହୋଇ ନ ଥିଲା। ଟ୍ରେନ୍ଗୁଡ଼ିକ ବି.ଆର. ଆମ୍ବେଡକର ବିଧାନସୌଧ ଏବଂ କ୍ୟୁବନ ପାର୍କ ଷ୍ଟେଶନରେ ଘଣ୍ଟା ଘଣ୍ଟା ଧରି ଅଟକି ଥିଲା। ପୋଲିସ ଆକଳନ ଅନୁଯାୟୀ, ଷ୍ଟାଡିୟମ ଚାରିପାଖରେ ଦୁଇ ଲକ୍ଷରୁ ଅଧିକ ଲୋକ ଥିଲେ। ଗୋଟିଏ ସ୍ଥାନରେ ଏତେ ଲୋକ ଥିବାରୁ, ମୋବାଇଲ ଟାୱାରଗୁଡ଼ିକ ଖରାପ ହୋଇଗଲା ଏବଂ ଶୀଘ୍ର କାହାରି ଫୋନରେ କୌଣସି ଦୃଢ଼ ସିଗ୍ନାଲ ନ ଥିଲା, ଯାହା ପରିସ୍ଥିତିକୁ ଆହୁରି ଖରାପ କରିଦେଇଥିଲା। ବାହାରେ ଏହି ଦୁଃଖଦ ଘଟଣାରେ ୧୧ ଜଣ କ୍ରିକେଟପ୍ରେମୀ ମୃତ୍ୟୁବରଣ ଓ ଅନେକ ଆହତ ହେବା ଘଟଣା ଘଟିବା ପରେ ମଧ୍ୟ ଷ୍ଟାଡିୟମ ଭିତରର ପରିସ୍ଥିତି ସମ୍ପୂର୍ଣ୍ଣ ବିପରୀତ ଥିଲା। ବିରାଟ କୋହଲି, ଘନଘନ କରତାଳି ମଧ୍ୟରେ, ଆର୍ସିବି ପ୍ରଶଂସକଙ୍କୁ ଧନ୍ୟବାଦ ଜଣାଇ ଏକ ଛୋଟ ଭାଷଣ ଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ଓ ପରେ ଜଣକ ପରେ ଜଣେ ଭାଷଣ ଦେଇଥିଲେ। ଏଭଳି ଦୁଃଖଦ ଘଟଣାରେ ସରକାରଙ୍କ ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟିକୁ ତ ନିଶ୍ଚିତ ଦାୟୀ କରାଯିବ, ତେବେ କୌଣସି ଖେଳ ବା ଖେଳାଳିଙ୍କ ପ୍ରତି ଜନସାଧାରଣଙ୍କ ଏପରି ମାତ୍ରାଧିକ ପାଗଳପଣ କ'ଣ ଠିକ୍?

ଅନେକଥର ଦେଖାଯାଉଛି ଯେ ନିଜର ପ୍ରିୟ ଖେଳାଳି ବା କଳାକାରମାନଙ୍କୁ ଦେଖିବା ପାଇଁ ବେଳେବେଳେ ଲୋକମାନେ ଅତି ଭାବପ୍ରବଣ ହୋଇଯାଆନ୍ତି। ଏପରି କି ନିଜର ଜୀବନକୁ ବାଜି ଲଗାଇଦେଇଥାନ୍ତି। ଏଭଳି ଘଟଣା ପାଇଁ ଆମେ ଦୁଇଟି ପ୍ରସଙ୍ଗକୁ ଦୃଷ୍ଟି ଦେଇପାରିବା। ଗୋଟିଏ ହେଲା ସରକାରଙ୍କ ସୁରକ୍ଷା ବ୍ୟବସ୍ଥାରେ ଢିଲା ବା ଜନସମାଗମକୁ ଠିକ୍ ଆକଳନ ନ କରି ଉତ୍ସବ ଆୟୋଜନ ପାଇଁ ଅନୁମତି ଦେବା ଓ ଅନ୍ୟଟି ହେଲା ଜନସାଧାରଣଙ୍କ ଅତ୍ୟଧିକ ଭାବପ୍ରବଣତା। ଆମ ଦେଶରେ କ୍ରିକେଟ ଖେଳାଳିଙ୍କୁ ଦେବତା ଆସନରେ ବସାଇବାକୁ ଲୋକମାନେ ପଛାଇ ନ ଥା'ନ୍ତି। ଖେଳକୁ ସେମାନେ ଖେଳ ଭାବେ ନେଇ ନ ଥା'ନ୍ତି। ଖେଳରେ ହାର ଜିତ୍କୁ ସେମାନେ ଗୁରୁତ୍ୱର ଭାବେ ଗ୍ରହଣ କରିଥାନ୍ତି। ସତେ ଯେମିତି କ୍ରିକେଟ ଖେଳ ନୁହେଁ, ଯୁଦ୍ଧ ଚାଲିଛି। ହାରିଗଲେ ଭଙ୍ଗାରୁଜା ଓ ଜିତିଗଲେ ବିଜୟ ଉତ୍ସବ ପାଳନରେ ଦଳାଚକଟା। ଥରେ ଭାବନ୍ତୁ ତ, ଏହି ସବୁ ଦୁର୍ଘଟଣାରେ ଯେଉଁମାନେ ପ୍ରାଣ ହରାଇଲେ, ସେମାନଙ୍କ ପରିବାରର ଲୋକଙ୍କର ଅବସ୍ଥା କ'ଣ ହେଉଥିବ। ଏପରି ଭାବପ୍ରବଣତାର ମୂଲ୍ୟ କ'ଣ? ଆଇପିଏଲ୍ କ୍ରିକେଟ ମ୍ୟାଚ୍ ଟି-୨୦ ଫର୍ମାଟର ଏକ ଖେଳ। ଇଣ୍ଡିଆନ ପ୍ରିମିୟର ଲିଗ୍ ହେଉଛି ଭାରତରେ ଏକ ବୃତ୍ତିଗତ ଟ୍ୱେଣ୍ଟି୨୦ କ୍ରିକେଟ ଲିଗ୍, ଯାହା ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଆୟୋଜିତ ହୋଇଥାଏ। ଏହି ପ୍ରିମିୟର ଲିଗ୍ରେ ଦଶଟି ସହର-ଭିତ୍ତିକ ଫ୍ରାଞ୍ଚାଇଜ ଦଳ ରହିଛି ଓ ଆଇପିଏଲ୍ ହେଉଛି ସବୁଠାରୁ ଲୋକପ୍ରିୟ ଏବଂ ଧନୀ କ୍ରିକେଟ ଲିଗ। ଏହା ବିଶ୍ୱର ଦ୍ୱିତୀୟ ସବୁଠାରୁ ଧନୀ କ୍ରୀଡ଼ା ଲିଗ୍। ଏହି କ୍ରୀଡ଼ା ପ୍ରତିଯୋଗିତା ପ୍ରତିବର୍ଷ ମାର୍ଚ୍ଚ ଏବଂ ମଇ ମଧ୍ୟରେ ଅନୁଷ୍ଠିତ ହୁଏ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦର ଫ୍ୟୁଚର୍ ଟୁର୍ ପ୍ରୋଗ୍ରାମରେ ଏହାର ଏକ ସ୍ୱତନ୍ତ୍ର ୱିଣ୍ଡୋ ଅଛି, ଯାହା ଫଳରେ କ୍ରିକେଟ ଋତୁ ସମୟରେ ଅନ୍ତର୍ଜାତୀୟ ଭ୍ରମଣକୁ ହ୍ରାସ କରାଯାଇ ଏହି ମ୍ୟାଚ ଆୟୋଜିତ ହୁଏ। ବ୍ରଡକାଷ୍ଟ ଅଡିଅନ୍ସ



ରିସର୍ଚ୍ଚ କାଉନସିଲ ଅନୁଯାୟୀ, ଏହି ଭାରତୀୟ କ୍ରୀଡ଼ା ଇଭେଣ୍ଟକୁ ସର୍ବାଧିକ ଲୋକ ଦେଖନ୍ତି। ସହରଭିତ୍ତିକ ଫ୍ରାଞ୍ଚାଇଜ ଦଳମାନେ ସେମାନଙ୍କର ପ୍ରିୟ ଖେଳାଳିମାନଙ୍କୁ କୋଟି କୋଟି ଟଙ୍କାରେ ବର୍ଷକ ପାଇଁ ନିଲାମ ମାଧ୍ୟମରେ ଅନୁବନ୍ଧିତ କରିଥାନ୍ତି। ଫୋବର୍ସ ଇଣ୍ଡିଆର ୨୦୨୪ ରିପୋର୍ଟ ଅନୁଯାୟୀ ଶ୍ରେଷ୍ଠ ଦଶଜଣ ସର୍ବାଧିକ ଦରମା ପାଉଥିବା ଆଇପିଏଲ୍ ଖେଳାଳିଙ୍କ ମଧ୍ୟରେ ହାରାହାରି ଦରମା ହେଉଛି ୧୨.୩୭ କୋଟି ଟଙ୍କା। ସେଥିପାଇଁ ଆଇପିଏଲ୍କୁ ବିଶ୍ୱର ଦ୍ୱିତୀୟ ସର୍ବାଧିକ କ୍ରୀଡ଼ା ଲିଗ୍ ଭାବେ ଗ୍ରହଣ କରାଯାଏ। କାରଣ ଆଇପିଏଲ୍ରେ ଖେଳାଳିମାନେ କେବଳ ଟୁର୍ନାମେଣ୍ଟର ଅବଧି- ଦୁଇ ମାସରୁ କମ୍ ସମୟରେ ଖେଳିବା ପାଇଁ ଚୁକ୍ତିବଦ୍ଧ ହୁଅନ୍ତି, ବର୍ଷ ତମାମ ନୁହେଁ ଓ ଏହି ଦୁଇ ମାସ ଖେଳିବା ପାଇଁ ସେମାନେ କୋଟି କୋଟି ଟଙ୍କା ପାରିଶ୍ରମିକ ପାଇଥାନ୍ତି।। ଆଇପିଏଲ୍ରେ, ଫ୍ରାଞ୍ଚାଇଜିଦଳ, ଖେଳାଳି, ପ୍ରାୟୋଜକ, ମିଡିଆ ଏବଂ ମନୋରଞ୍ଜନ ଶିଳ୍ପ ସମେତ ବିଭିନ୍ନ ଅଂଶୀଦାରମାନେ କୋଟି କୋଟି ଟଙ୍କାର ଉପକୃତ ହୁଅନ୍ତି। ସମସ୍ତେ ତ ମାଲାମାଲ ହୁଅନ୍ତି, ହେଲେ ବିଚରା ଦର୍ଶକ କ'ଣ ପାଆନ୍ତି?

ନିକଟରେ ସରିଥିବା ଆଇପିଏଲ୍ର ୧୮ତମ ସଂସ୍କରଣ ଯଦି ଦେଖିବା, ତେବେ ସମଗ୍ର ଦେଶ ଦୁଇମାସରୁ ଊର୍ଦ୍ଧ୍ୱ ସତେ ଯେମିତି କ୍ରିକେଟ ମନସ୍କ ହୋଇଯାଇଥିଲା। ବିଶେଷ କରି ମାଇଁ ଇଲେଭେନ ସର୍କଲ ଓ ଡ୍ରିମ୍ ଏଲେଭେନ ନାମକ ଭର୍ଚୁଆଲ ଟିମ୍ ଗଠନ ମାଧ୍ୟମରେ ଯୁବ ଗୋଷ୍ଠୀଙ୍କୁ ଏକ ପ୍ରକାର ଅନ୍ଲାଇନ ଜୁଆଖେଳ ପ୍ରତି ଆକର୍ଷିତ କରାଯାଇ କୋଟି କୋଟି ଟଙ୍କା ଜିତିବାର ସ୍ୱପ୍ନ ଦେଖାଯାଇଥିଲା ଓ ଏହାକୁ ବିଭିନ୍ନ ଗଣମାଧ୍ୟମରେ ବଡ଼ ବଡ଼ କ୍ରିକେଟ ଖେଳାଳିମାନେ ପ୍ରଚାର କରୁଥିଲେ। 'ମାଇଁ ଇଲେଭେନ ସର୍କଲ' ଓ ଡ୍ରିମ-୧୧ ହେଉଛି ଏକ ଫାଣ୍ଟାସି ସ୍ପୋର୍ଟସ ପ୍ଲାଟଫର୍ମ ଏବଂ ଟାଟା ଆଇପିଏଲ୍-୨୦୨୫ର ଏକ ସହଯୋଗୀ ପ୍ରାୟୋଜକ। ଏହା ଏକ ପ୍ଲାଟଫର୍ମ, ଯେଉଁଠାରେ ବ୍ୟବହାରକାରୀମାନେ ଆଇପିଏଲ୍ରେ ଅଂଶଗ୍ରହଣ କରୁଥିବା ବାସ୍ତବ ଦୁନିଆର ଖେଳାଳିମାନଙ୍କ ମଧ୍ୟରୁ ଏଗାର ଜଣ ଖେଳାଳିଙ୍କର ଭର୍ଚୁଆଲ ଦଳ ଗଠନ କରିପାରିବେ ଏବଂ ଖେଳାଳିଙ୍କ ଅନ-ଫିଲ୍ଡ ପ୍ରଦର୍ଶନ ଆଧାରରେ ପ୍ରତିଯୋଗିତା କରିପାରିବେ। ପ୍ରାରମ୍ଭିକ ଭାବେ ଏକ ଟଙ୍କା ଓ ପରବର୍ତ୍ତୀ ସମୟରେ ୩୯ ଓ ୪୯ ଟଙ୍କା ଦାଖଲ କରି ମାଇଁ ଇଲେଭେନ ସର୍କଲରେ ଭାଗ ନେଇଥାନ୍ତି। ଭାରତୀୟ ବିଜ୍ଞାପନ ମାନକ ପରିଷଦ (ASCI) ପକ୍ଷରୁ ଅବଶ୍ୟ ସତର୍କ କରାଇ ଦିଆଯାଏ ଯେ ଏହି ଖେଳରେ ଆର୍ଥିକ ବିପଦର ସମ୍ଭାବନା ଅଛି ଓ ଏହା ନିଶାକାରକ ହୋଇପାରେ। ଦୟାକରି ଦାୟିତ୍ୱର ସହ ଖେଳନ୍ତୁ। ମାତ୍ର ଏହା ଏକ ନିଶା ଭାବେ କ୍ରିକେଟକୁ ଭଲପାଉଥିବା ଯୁବ ଗୋଷ୍ଠୀଙ୍କୁ ଆକ୍ରାନ୍ତ କରିଥାଏ। ଏହା ସ୍ୱୀକାର କରିବାକୁ ପଡ଼ିବ ଯେ ଯୁବପିଢ଼ି ଏହି ବାଣିଜ୍ୟିକ ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଶାଗ୍ରସ୍ତ ହୋଇ ସେମାନଙ୍କର ମୂଲ୍ୟବାନ ସମୟ ନଷ୍ଟ କରୁଛନ୍ତି। ପ୍ରଚୁର ଆର୍ଥିକ ଏବଂ କ୍ୟାରିୟର କ୍ଷତି ସହୁଛନ୍ତି। ଏହାର ଗମ୍ଭୀରତାକୁ ସରକାର ଗୁରୁତ୍ୱର ସହ ଚିନ୍ତା କରିବା ଦରକାର। କ୍ରିକେଟକୁ କେବଳ ଏକ ଖେଳ ଭାବେ ଦେଖାଯାଉ। ଖେଳରେ ପାଗଳପଣ ଓ ଅତ୍ୟଧିକ ଭାବପ୍ରବଣତା ଗ୍ରହଣୀୟ ନୁହେଁ, ଯାହା ବେଙ୍ଗାଲୁରୁ ଦୁର୍ଘଟଣାରୁ ଶିକ୍ଷା ମିଳିଲା।

ମୋ- ୯୪୩୭୨୩୨୪୬୩

# ଦାମ୍ପତ୍ୟ ଦ୍ୱନ୍ଦ୍ୱ ଓ ଆଇନର ରଜ୍ଜୁ



ଡ. ସତ୍ୟ ନାରାୟଣ ମିଶ୍ର

ବିବାହର ସଂଯୋଗକୁ ଜୀବନର ଶୃଙ୍ଖଳିତ ଜୀବନ ଧାରାରେ ଧାବମାନ କରିପାରିଲେ ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ। ଦମ୍ପତିର ଉଚିତ ଆଦର୍ଶକୁ ଚରିତାର୍ଥ କରିବାକୁ ଦାମ୍ପତ୍ୟ ଜୀବନର ଅନେକ ଶାସନ, ଅନୁଶାସନ ତଥା ବିଭକ୍ତୀକରଣ ନୀତି ନିୟମକୁ ପ୍ରଣିଧାନ କରାଯାଇଥାଏ। ଉକ୍ତ ଅନୁଶାସନରେ ଦାମ୍ପତ୍ୟରେ ଥାଏ ତ୍ୟାଗ, ସ୍ନେହ, କର୍ତ୍ତବ୍ୟ, ବିଚାରଧାରା, ସନ୍ତୋଷ ଓ ଆତ୍ମସନ୍ତୋଷ। ଅନେକେ ବିବାହକୁ ଜୀବନର ଆବଶ୍ୟକତାକୁ ଗୁରୁତ୍ୱ ଦେଉଥିବା ବେଳେ ଅନେକେ ଏହାକୁ ଜୀବନର ଅନ୍ୟମାନଙ୍କ ପାଇଁ କର୍ତ୍ତବ୍ୟ ମଣିଥାନ୍ତି। ଜଣେ ପୁଅ ଯେତେବେଳେ ଜଣେ ଝିଅକୁ ବା ଜଣେ ଝିଅ ଜଣେ ପୁଅକୁ ବିବାହ କରେ, ସେତେବେଳେ ତାହା ଥାଏ ପାରିବାରିକ ସହମତି ବା ପୁଅ ଝିଅ ଓ ଝିଅ ପୁଅର ବ୍ୟକ୍ତିଗତ ନିର୍ଣ୍ଣୟ। ଦାମ୍ପତ୍ୟ ଜୀବନ ସେତେବେଳ ପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହିଥାଏ, ଯେତେବେଳ ଯାଏ ଉଭୟଙ୍କ ମଧ୍ୟରେ ବୁଝାମଣା ଓ ସହାନୁଭୂତି ନିହିତ ଥାଏ। ଅବିଶ୍ୱାସ,ଅହଂକାର,ଆତ୍ମସ୍ୱାର୍ଥ, ଆତ୍ମବଡ଼ିମା ଓ ଅସହିଷ୍ଣୁତା ଆଦି ଦାମ୍ପତ୍ୟ ଜୀବନର ଦ୍ୱନ୍ଦ୍ୱକୁ ବୃଦ୍ଧି କରିଥାଏ ଓ ବୈବାହିକ ଜୀବନ ହୋଇଥାଏ ଅଭିଶପ୍ତ। ଦାମ୍ପତ୍ୟରେ ଦ୍ୱନ୍ଦ୍ୱର ଉପସ୍ଥିତି ହେଲେ ତାହା କେବଳ ଦମ୍ପତିଙ୍କୁ ଆଘାତ ଦେଇ ନ ଥାଏ, ତାହା ଉଭୟ ପରିବାର ଓ ଆତ୍ମୀୟ ସ୍ୱଜନଙ୍କୁ ମଧ୍ୟ ବିଭ୍ରାନ୍ତ କରିଥାଏ। ତେବେ ଦାମ୍ପତ୍ୟ ଜୀବନରେ ମତପାର୍ଥକ୍ୟ କେତେକାଂଶରେ ସ୍ୱୀକାର କରାଯାଇପାରେ ଓ ଅପରପକ୍ଷରେ ମନ ପାର୍ଥକ୍ୟକୁ କେବେହେଲେ ଗ୍ରହଣ କରିବା ଉଚିତ ନୁହେଁ। ମତ ଓ ମନ ପାର୍ଥକ୍ୟ ଯେତେବେଳେ ସଂଯୋଗ ହୋଇଥାଏ, ସେତେବେଳେ ଦ୍ୱନ୍ଦ୍ୱ ଉପୁଜି ଦାମ୍ପତ୍ୟ ଜୀବନରେ କଳଙ୍କ ଲାଗିବା ଆରମ୍ଭ ହୋଇଯାଏ। ଯେତେବେଳେ ପରିସ୍ଥିତି ଅସହନୀୟ ହୋଇଥାଏ ଓ ଦମ୍ପତି ନିଜ ନିଜର ସ୍ଥିତି ଓ ପରିସ୍ଥିତିକୁ ହୃଦୟଙ୍ଗମ କରିବାରେ ଅସମର୍ଥ ପ୍ରକାଶ କରିଥାନ୍ତି, ସେତେବେଳେ ଆଇନଗତ ବ୍ୟବସ୍ଥାରେ ଧାରାର ପ୍ରୟୋଗ ହୋଇ ଜୀବନ ଦ୍ୱନ୍ଦ୍ୱ ରଜ୍ଜୁରେ ବାନ୍ଧି ହୋଇଯାଏ। ଦାମ୍ପତ୍ୟ ଜୀବନ ହୋଇଯାଏ ଶତ୍ରୁ ଓ ଦ୍ୱନ୍ଦ୍ୱର ପରିସ୍ଥିତି, ଯେଉଁଥିରେ ଦମ୍ପତି ନିଜ ନିଜର ଜିଦ୍‌କୁ ଚରିତାର୍ଥ କରିବା ପାଇଁ ଆଇନର ଧାରା ପ୍ରୟୋଗ କରିଥାନ୍ତି। ଶାରୀରିକ କିମ୍ବା ମାନସିକ ଚାପ ବା ଆତ୍ମହତ୍ୟା ଭାବନା ସୃଷ୍ଟି କରିବାର ସମ୍ଭାବନା ଥାଏ କିମ୍ବା ମନ୍ଦ ଉଦ୍ଦେଶ୍ୟରେ ମହିଳାଙ୍କୁ ହଇରାଣ କରିବା ଆଦି ନିହିତ ରହିଥାଏ, ତେବେ ଧାରାର ରଜ୍ଜୁରେ ଅପରାଧୀ ଦଣ୍ଡନୀୟ ହୋଇଥାନ୍ତି। ଆଇନର ଧାରା ସୃଷ୍ଟି ହୋଇଥିଲା ମହିଳାମାନଙ୍କ ସୁରକ୍ଷା ନିମିତ୍ତ ଓ ଏକ ମହତ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ। ମାତ୍ର ସମ୍ପ୍ରତି ଦାମ୍ପତ୍ୟ ଜୀବନର ଦ୍ୱନ୍ଦ୍ୱର ଏକ ବଳିଷ୍ଠ ଧାରା ହେଉଛି ୪୯୮(ଏ), ଯାହାର ଅପପ୍ରୟୋଗ କରି ଅନେକ ମହିଳା



ପ୍ରତିଶୋଧ ନେଉଛନ୍ତି। ଏଥିରେ ଅନେକ ମହିଳା ମିଥ୍ୟା ଅଭିଯୋଗ କରି ସ୍ୱାମୀଙ୍କଠାରୁ ଅନେକ ଅର୍ଥ ଆଦାୟ କରିଥାନ୍ତି। ସ୍ୱାମୀଙ୍କ ପରିବାରକୁ ଯଥେଷ୍ଟ ନିର୍ଯାତନା ମଧ୍ୟ ଦେଇଥାନ୍ତି, ଯାହାର ଅପପ୍ରୟୋଗ ବର୍ତ୍ତମାନ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଓ ରାଜ୍ୟ ଉଚ୍ଚ ନ୍ୟାୟାଳୟମାନେ ମଧ୍ୟ ହୃଦ୍‌ବୋଧ କରି କ୍ଷୋଭ ପ୍ରକାଶ କରିଛନ୍ତି। ୪୯୮(ଏ)ର ପରିକଳ୍ପନା କରାଯାଇ ଆଇନଶୃଙ୍ଖଳା ପରିସରରେ ମହିଳାମାନଙ୍କୁ ନିର୍ଦ୍ଦୟତା, ନିର୍ଯାତନା ଓ ଅନ୍ୟାନ୍ୟ ଅପରାଧରୁ ରକ୍ଷା କରିବା ପାଇଁ ଧାରଣା ଦିଆଯାଇଥିଲା। କିନ୍ତୁ ଯେତେବେଳେ ଏହି ନିୟମର ବୈଧତା ପରୀକ୍ଷା କରିବା ପାଇଁ ପୁନଃ ଅନୁସନ୍ଧାନ କରାଯାଏ, ସେତେବେଳେ ସ୍ଥିତି ସମ୍ପୂର୍ଣ୍ଣ ଭାବେ ଭିନ୍ନ ଥାଏ।

ତେଣୁ ମହିଳାଙ୍କ ପ୍ରତି ନିର୍ଦ୍ଦୟତା ବିରୋଧରେ ଯେଉଁ ଉଦ୍ଦେଶ୍ୟ ନେଇ ଆଇନ ପ୍ରଣୟନ କରାଯାଇଥିଲା ତାହା ବର୍ତ୍ତମାନ ମାନ୍ୟବର ସୁପ୍ରିମକୋର୍ଟ ଆଇନଗତ ଆତଙ୍କବାଦ ବୋଲି ବିଚାର କରୁଛନ୍ତି, କାରଣ ଧାରା ୪୯୮(ଏ)ର ଅପବ୍ୟବହାର ଏହାର ପ୍ରକୃତ ବିଶ୍ୱସନୀୟତା ହ୍ରାସ କରୁଛି। ଆଇନ ବ୍ୟବସ୍ଥାର ମୂଳ ଉଦ୍ଦେଶ୍ୟ ହେଉଛି ସତ୍ୟରେ ପହଞ୍ଚିବା, ଦୋଷୀଙ୍କୁ ଦଣ୍ଡ ଦେବା ଓ ନିର୍ଦ୍ଦୋଷମାନଙ୍କୁ ସୁରକ୍ଷା ଦେବା। ମାତ୍ର ଧାରାର ରଜ୍ଜୁ ଧୀରେ ଧୀରେ ଓଲଟା ହୋଇଯାଉଛି, ଯେଉଁଥିରେ ସତ୍ୟର ଉଦ୍‌ଘାଟନ ହୋଇ ପ୍ରକୃତ ଉଦ୍ଦେଶ୍ୟ ଦୃଶ୍ୟମାନ ହେଉଅଛି। ମିଥ୍ୟା ଅଭିଯୋଗ ଓ ଧାରା ୪୯୮(ଏ)ର ଅନୈତିକ ଅଭ୍ୟାସ ହେତୁ ନିରୀହ ସ୍ୱାମୀ ଓ ତାଙ୍କ ପରିବାର ଅନେକ ଅକଥନୀୟ ଯନ୍ତ୍ରଣା ଭୋଗ କରୁଛନ୍ତି ଓ ଉକ୍ତ ପରିବାରରେ ଅଶାନ୍ତିର ଝଡ଼ ସୃଷ୍ଟି ହୋଇ ସାମାଜିକ ଅସ୍ଥିରତା ସୃଷ୍ଟି ହେଉଛି। ଅନେକ ସମୟରେ ଲଜ୍ଜା ଓ ନିର୍ଯାତନାରେ ମ୍ରିୟମାଣ ହୋଇ ଅନେକ ପୁରୁଷ ହାର ମାନି ଆତ୍ମହତ୍ୟା ମଧ୍ୟ କରୁଛନ୍ତି। ଅତଏବ ଆଇନ ଠିକ୍ ଭାବରେ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ ତଥା ପ୍ରକୃତ ପରୀକ୍ଷଣ ସହିତ ଶକ୍ତି ପ୍ରୟୋଗ କରିବା ଆବଶ୍ୟକ, ଯେଉଁଥିରେ ପ୍ରତିଶୋଧର ସ୍ଥାନ ନ୍ୟୂନ ହୋଇ ଦ୍ୱନ୍ଦ୍ୱର ସମାଧାନ ହେବ। ଧାରା ୪୯୮(ଏ) ଆଇପିସିର ଅପବ୍ୟବହାର ବୃଦ୍ଧି ହୋଇଚାଲିଛି ଓ ପତ୍ନୀଙ୍କ ଦ୍ୱାରା ସ୍ୱାମୀଙ୍କଠାରୁ କିଛି ନଗଦ ଅର୍ଥ ସଂଗ୍ରହ କରିବା ପାଇଁ ଏହି ଧାରା ଏକ ଅସ୍ତ୍ର ଭାବରେ ବ୍ୟବହୃତ ହେଉଛି। ମହିଳାମାନଙ୍କୁ ସୁରକ୍ଷା ଦେବା ପାଇଁ ଧାରା ୪୯୮(ଏ)ର ପ୍ରୟୋଗ ଯଥାର୍ଥ, ଯଦି ଏହା ପ୍ରକୃତରେ ନିର୍ଯାତନା ଦେଇଥାଏ, ମାତ୍ର ଏହାର ଅପପ୍ରୟୋଗ ସମାଜକୁ ପ୍ରଭାବିତ କରେ। ତେଣୁ ଦାମ୍ପତ୍ୟ ଦ୍ୱନ୍ଦ୍ୱକୁ ପ୍ରଶମିତ କରିବା ପାଇଁ ମାନସିକ ଜୀବନ ଧାରାର ପ୍ରବାହକୁ ଗତିଶୀଳ କରିପାରିଲେ ଆଇନ ରଜ୍ଜୁର ଅପପ୍ରୟୋଗ ନ୍ୟୂନ ହୋଇପାରିବ।

ସହାୟକ ନିର୍ଦ୍ଦେଶକ,ଜାତୀୟ ଅଭିଲେଖାଗାର,
ଭାରତ ସରକାର, ଭୁବନେଶ୍ୱର
ମୋ: ୯୯୩୭୩୪୫୯୦୦

## ଏଇ ଭାରତରେ

ଉତ୍ତରାଖଣ୍ଡର ଏକ ଛୋଟ ଗାଁରୁ ଆରମ୍ଭ ହୋଇଥିବା ବିହନ ବଞ୍ଚାଅ ଆନ୍ଦୋଳନ ତାହାର ଲକ୍ଷ୍ୟ ପଥରେ ଆଗକୁ ବଢ଼ିଚାଲିଛି। ଏହି ଆନ୍ଦୋଳନର ସ୍ରଷ୍ଟା ବିଜୟ ଜରଧାରୀ ଏବେ ୩୦୦ କିସମର ପାରମ୍ପରିକ ଧାନ ସଂଗ୍ରହ କରି ତାହାର ସଂରକ୍ଷଣ କରିପାରିଛନ୍ତି। ୧୯୮୦ ଦଶକରେ ତେହରି ଗଡ଼ୱାଲର ଜରଧାରଗାଁଓରୁ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା। ବିଜୟଙ୍କ ସହ ଗ୍ରାମବାସୀ ଯୋଗଦେଇ ଏହି ଆନ୍ଦୋଳନକୁ ସକ୍ରିୟ କରିଥିଲେ। ଏମାନେ କେବଳ ଧାନ ନୁହେଁ, ୨୦୦ କିସମ ରାଜମା ସହ ଅନେକ କିସମର ପନିପରିବା, ଶସ୍ୟ, ତୈଳବୀଜ ଓ ଶାଗ ମଞ୍ଜି ସଂଗ୍ରହ କରିବାକୁ ସକ୍ଷମ ହୋଇଛନ୍ତି। ଏହା ବ୍ୟତୀତ କମ୍ ପାଣିରେ ଚାଷ ହୋଇପାରୁଥିବାରୁ କେତେକେ ଶସ୍ୟ ବିହନ ପାଇବାକୁସକ୍ଷମ ହୋଇପାରିଛନ୍ତି। ପାରମ୍ପରିକ ଶସ୍ୟ ଓ ପନିପରିବା ଜୀବନକୁ ସୁସ୍ଥ ରଖିବ ବୋଲି ବିଜୟଙ୍କ ମତ। ସେଠାରେ ବିହନ ସଂରକ୍ଷଣକୁ ଉତ୍ସାହିତ କରିବା ପାଇଁ ବିହନ ଉତ୍ସବ ପାଳନ କରାଯାଏ।

## ୫୦ ବର୍ଷ ତଳର ଧରିତ୍ରୀ

୨୨ ଜୁନ୍ ୧୯୭୬

- ଭାରତ ଓ ସୋଭିଏତ୍ ରୁଷ ମଧ୍ୟରେ ଜାହାଜ ଚଳାଚଳ ବ୍ୟବସ୍ଥାର ଅଭିବୃଦ୍ଧି ପାଇଁ ଏକ ପ୍ରୋଟୋକଲ ସ୍ୱାକ୍ଷରିତ।
- ଭାରତରେ ପ୍ରଥମଥର ପାଇଁ କୋଲ ଇଣ୍ଡିଆ ଜରିଆରେ ପାରାଦୀପରୁ ଆରାଧନା ଜାହାଜ ଯୋଗେ ବେଲଜିୟମ ଅଭିମୁଖେ କୋଇଲା ରପ୍ତାନି ଆରମ୍ଭ।
- ଆଠଗଡ଼ ନିକଟସ୍ଥ ପୁରୁଣା କଟକ-ସମ୍ବଲପୁର ରାସ୍ତାର କଣ୍ଟିଆ ନଦୀ ଉପରେ ୯ ଲକ୍ଷ ୪୧ ହଜାର ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ପୋଲ ଉଦ୍‌ଘାଟିତ।

## ପାଠକ ଶ୍ରେଷ୍ଠ ବିଚାରକ

### ଖଜଣା ଡାକଘର ଓ ବ୍ୟାଙ୍କରେ ଦାଖଲ ବ୍ୟବସ୍ଥା କରାଯାଉ

ମହାଶୟ,

ଏଇ କିଛିଦିନ ତଳେ ଜଣେ ବନ୍ଧୁଙ୍କ ସହ ସ୍ଥାନୀୟ ଏକ 'ଜନସେବା କେନ୍ଦ୍ର'କୁ ଯାଇଥିଲି। ବନ୍ଧୁଙ୍କ ଖଜଣା ପୈଠ କରିବାର ଥିଲା। ଜନସେବା କେନ୍ଦ୍ରବାଲା କେବଳ ନଗଦ ବର୍ଷର ଖଜଣା ଗ୍ରହଣ କରି ସେବା ମୂଲ୍ୟ ବାବଦରେ ୩୦ ଟଙ୍କା ନେବେ ବୋଲି କହିବାରୁ ତୁରନ୍ତ ସ୍ଥାନୀୟ ଆର୍ଆଇ କାର୍ଯ୍ୟାଳୟକୁ ଜମା ଦେବା ପାଇଁ ଗଲୁ। ୪ ବର୍ଷର ଖଜଣା ଓ ଜରିମାନା ବାବଦରେ ସବୁ ମିଶି ୧୪ ଟଙ୍କା ପଡ଼ିଥିଲା। ତେବେ ବନ୍ଧୁଜଣଙ୍କ ୧୦୦ ଟଙ୍କିଆ ନୋଟଟି ଦେଲେ। ଉକ୍ତ କର୍ମଚାରୀ ୫୦ ଟଙ୍କା ଟଙ୍କିଆ ନୋଟ୍ ପକେଟରୁ କାଢ଼ି ଫେରାଇ ଦେଇ ଅବଶିଷ୍ଟ ଟଙ୍କା ଚା'ପିଆ ବାବଦରେ କାଟି ରଖିଲେ। ହିସାବ କରି ଦେଖିଲୁ ଯେତେ ଲୋକ ପୈଠ କରିବାକୁ ଆସୁଛନ୍ତି, ସେମାନଙ୍କଠାରୁ ଉକ୍ତ କର୍ମଚାରୀ ଚା'ପିଆ ଖର୍ଚ୍ଚ ଯଦି ରଖେ, ତେବେ ଦୈନିକ ୫୦୦ ଟଙ୍କାରୁ କମ୍ ରୋଜଗାର ହେଉ ନ ଥିବ (ଖଜଣା ପ୍ରଦାନ ବେଳେ)। ଯଦି ସରକାର ସମସ୍ତ ପ୍ରକାର ଡାକଘର ଯଥା ଶାଖା, ଉପମୁଖ୍ୟ ଓ ପ୍ରଧାନ ଡାକଘର ଏବଂ ବ୍ୟାଙ୍କରେ ସମସ୍ତ ସରକାରୀ ପୈଠ ଦାଖଲ କରିବାର ବ୍ୟବସ୍ଥା କରନ୍ତେ, ତେବେ ଲୋକେ ଦୁର୍ନୀତିରୁ ମୁକ୍ତି ପାଆନ୍ତେ।

-ଶ୍ରୀଜଗନ୍ନାଥ ବେହେରା, ଚରମ୍ପା, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଜୀବନର ପ୍ରତି କ୍ଷେତ୍ରେ ଟୋଳି ତୁଙ୍ଗ
କୀରତି ଦେଉଳ
ଦେଶେ ଦେଶେ ଉଡ଼ାଇଲ ବିଜୟର
କେତନ ବହୁଳ।
(ପ୍ରାଚୀନ ଓ ନବୀନ)
(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ସ୍ୱାମୀଙ୍କୁ ମାରି ଝୁଲାଇଦେଲେ

## ସ୍ତ୍ରୀ, ପୁରୁଷବନ୍ଧୁ ମିଶି ହତ୍ୟା କରିଥିବା ସନ୍ଦେହ

ଜଳେଶ୍ୱର, ୨୧।୬(ନବୀନ ସାହୁ)

ସ୍ତ୍ରୀଙ୍କ ପରକୀୟା ପ୍ରୀତିକୁ ବିରୋଧ କରିବାରୁ ଜଣେ ସ୍ୱାମୀଙ୍କୁ ଜୀବନ ଦେବାକୁ ପଡ଼ିଛି। ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଗୋବରଘଟା ପଞ୍ଚାୟତର ଅଗ୍ରୱାଲ ଛକ ନିକଟସ୍ଥ ଏକ ଘରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ମୃତକ ହେଲେ ରମାକାନ୍ତ ଘୋଷ। ରମାକାନ୍ତଙ୍କୁ ତାଙ୍କ ସ୍ତ୍ରୀ ଏବଂ ପୁରୁଷ ବନ୍ଧୁ  ହତ୍ୟା କରିବା ପରେ ମୃତଦେହକୁ ଟାଙ୍ଗି ଦେଇଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜଳେଶ୍ୱର ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୃତ ରମାକାନ୍ତଙ୍କ ଭାଇ ରବୀନ୍ଦ୍ରଙ୍କ ଲିଖିତ ଅଭିଯୋଗ ଆଧାରରେ ବିଏନ୍ଏସ୍ ଦଫା ୧୦୮, ୩(୫)ରେ ଏକ ମାମଲା(ନଂ. ୮୬/୨୦୨୫) ରୁଜୁ କରି ରମାକାନ୍ତଙ୍କ ସ୍ତ୍ରୀ ଏବଂ ତାଙ୍କ ପୁରୁଷବନ୍ଧୁ ଜନ୍ମେଜୟ


ରମାକାନ୍ତ ଘୋଷ

ଘୋଷଙ୍କୁ ଅଟକ ରଖିବା ସହ ତଦନ୍ତ ଆରମ୍ଭ କରିଥିବା ପୋଲିସ କହିଛି।

ମିଳିଥିବା ସୂଚନାନୁସାରେ, ମୃତ ରମାକାନ୍ତଙ୍କ ଘର ଦକ୍ଷିଣ ହରିରାଜପୁର ମାଗୁଣିଆପଡ଼ାରେ ହୋଇଥିବାବେଳେ ସେ ଅଗ୍ରୱାଲ ଛକ ନିକଟରେ ଏକ ଘର କରିଛନ୍ତି। ରମାକାନ୍ତ ହାଇଦ୍ରାବାଦର ଏକ କମ୍ପାନୀରେ କାର୍ଯ୍ୟ କରୁଥିବାବେଳେ ସ୍ତ୍ରୀ ଘର ନିକଟରେ ଏକ ପାନ ଏବଂ ଚା' ଦୋକାନ କରିଛନ୍ତି। ଘରେ ବିଧବା ମା', ୧୨ ବର୍ଷର ପୁଅ ଏବଂ ସ୍ତ୍ରୀ ରୁହନ୍ତି। ସ୍ୱାମୀ ବାହାରେ ରହିବାର ସୁଯୋଗ ନେଇ ତାଙ୍କ ସ୍ତ୍ରୀ ବିଭିନ୍ନ ସମୟରେ ଅନ୍ୟ ପୁରୁଷଙ୍କ ସହିତ ଫୋନ୍‌ରେ ଗପିବା ଏବଂ ସେମାନଙ୍କ ସହ ମିଳାମିଶା କରିଥାନ୍ତି। ସ୍ତ୍ରୀଙ୍କ ଏଭଳି କାର୍ଯ୍ୟକୁ ନେଇ ସ୍ୱାମୀସ୍ତ୍ରୀ ମଧ୍ୟରେ ଅନେକ ସମୟରେ ଝଗଡ଼ା ହୋଇଥାଏ। ୨୦ ଦିନ ତଳେ ରମାକାନ୍ତ ହାଇଦ୍ରାବାଦରୁ ଗାଁକୁ ଫେରିଥିଲେ। ନିକଟସ୍ଥ ଦକ୍ଷିଣ ପ୍ରହରାଜପୁରର ଜନ୍ମେଜୟ ଅନେକ ସମୟରେ ରମାକାନ୍ତଙ୍କ ସ୍ତ୍ରୀ ଖୋଲିଥିବା ପାନ ଦୋକାନରେ ଆସି ବସିବା ସହ ଗପସପ କରିଥାନ୍ତି। ଏହାଦେଖି ପଡ଼ୋଶୀ ଲୋକେ ଜନ୍ମେଜୟଙ୍କୁ ଅନେକ ଥର ଚେତାବନୀ ମଧ୍ୟ ଦେଇଥିଲେ। ଗତ ୨ଦିନ ତଳେ ଏହି ଘଟଣାକୁ ନେଇ ରମାକାନ୍ତ ଏବଂ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ରମାକାନ୍ତଙ୍କ ସ୍ତ୍ରୀ ଏବଂ ଜନ୍ମେଜୟ ମିଶି ରମାକାନ୍ତଙ୍କୁ ହତ୍ୟା କରିବା ପରେ ଏହାକୁ ଆତ୍ମହତ୍ୟାର ରୂପ ଦେବାକୁ ଘରେ ଝୁଲାଇ ଦେଇଥିବା ଗ୍ରାମବାସୀ ସନ୍ଦେହ କରିଛନ୍ତି। ଏନେଇ ପୋଲିସକୁ ଖବର ଦେବାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ପ୍ରକୃତ ରହସ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି।

# ଟିଆଇ ପରେଡ୍‌ରେ ଚିହ୍ନଟ ହେଲେ ନାବାଳକ

ବ୍ରହ୍ମପୁର, ୨୧।୬ (ସୁବାସ ଚନ୍ଦ୍ର ପାଢ଼ୀ)

## ବେଳାଭୂମିରେ ଛାତ୍ରୀ ଗଣବଳାତ୍କାର ଘଟଣା

ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମିରେ ଛାତ୍ରୀ ଗଣବଳାତ୍କାର ମାମଲାରେ ଗତ ୪ ଦିନ ଧରି କ୍ରାଇମବ୍ରାଞ୍ଚ ଟିମ୍ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି। ବ୍ରହ୍ମପୁର ମଣ୍ଡଳ କାରାଗାରରେ ଶୁକ୍ରବାର ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୀଡ଼ିତା ଓ ତାଙ୍କ ପୁରୁଷବନ୍ଧୁ ସମ୍ପୃକ୍ତ ୬ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲେ। ଶନିବାର ବାଳ ସୁଧାର ଗୃହରେ ଥିବା ୪ଜଣ ନାବାଳକଙ୍କୁ ଟିଆଇ ପରେଡ୍‌ରେ ପୀଡ଼ିତା ଓ ତାଙ୍କ ପୁରୁଷବନ୍ଧୁ ଚିହ୍ନଟ ମଧ୍ୟ କରିଥିବା ଜଣାପଡ଼ିଛି। ଘଟଣାଟି ସମ୍ବେଦନଶୀଳ ହୋଇଥିବାରୁ ଏହାକୁ କ୍ରାଇମବ୍ରାଞ୍ଚ ଟିମ୍ ଗୁରୁତର ସହ ନେଇଛି। ଜେଲରେ ଥିବା ଅଭିଯୁକ୍ତଙ୍କୁ କିପରି ଜାମିନ ନ ମିଳିବ ସେନେଇ ଟିମ୍ ସରକାରୀ ଓକିଲଙ୍କ ସହ ଆଲୋଚନା କରୁଛି। ଅନ୍ୟପକ୍ଷରେ ନିର୍ଦ୍ଧାରିତ ସମୟ ପୂର୍ବରୁ କୋର୍ଟରେ ମାମଲାର ଚାର୍ଜଶିଟ୍ ଦାଖଲ ପାଇଁ ମଧ୍ୟ କ୍ରାଇମବ୍ରାଞ୍ଚ ଟିମ୍ ଏ ସମ୍ପର୍କିତ ସମସ୍ତ କାଗଜପତ୍ର ପ୍ରସ୍ତୁତ କରୁଛି।

ସୂଚନାଯୋଗ୍ୟ, ଗତ ୧୫ ତାରିଖ ଅପରାହ୍ନରେ ଜଣେ ଯୁକ୍ତ ୩ ଶେଷବର୍ଷ ଛାତ୍ରୀ ତାଙ୍କ ପୁରୁଷବନ୍ଧୁଙ୍କ ସହ ଗୋପାଳପୁର ବେଳାଭୂମିକୁ ବୁଲିବାକୁ ଯାଇଥିଲେ। ସନ୍ଧ୍ୟାରେ ସେମାନେ ଏକ ନିରୋଳା ସ୍ଥାନରେ ବସିଥିବାବେଳେ ୪ନାବାଳକଙ୍କ ସମେତ ୧୦ଜଣ ଯୁବକ ସେଠାରେ ପହଞ୍ଚି ପ୍ରଥମେ ଛାତ୍ରୀଙ୍କ ପୁରୁଷବନ୍ଧୁଙ୍କୁ ଆକ୍ରମଣକରି କାବୁ କରିଥିଲେ। ପରେ ସେଠାରେ ଛାତ୍ରୀଙ୍କୁ ଜଣକ ପରେ ଜଣେ ବଳାତ୍କାର କରିଥିଲେ। ଏନେଇ ଗୋପାଳପୁର ଥାନାରେ ଅଭିଯୋଗ ପରେ ପୋଲିସ ଉକ୍ତ ଘଟଣାରେ ସମ୍ପୃକ୍ତ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ୪ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ(ଜେଜେବି)ରେ ହାଜର କରିଥିଲା। ପରେ ସେମାନଙ୍କୁ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଥିଲା। ଏଭଳି ଏକ ଲଜ୍ଜାଜନକ ଘଟଣା ଏବେ ଜାତୀୟସ୍ତରରେ ମଧ୍ୟ ଚର୍ଚ୍ଚାର ବିଷୟ ହୋଇଛି। ଘଟଣାକୁ ସବୁ ମହଲରୁ ଦୃଢ଼ ନିନ୍ଦା କରାଯାଉଛି। ପୀଡ଼ିତା ଛାତ୍ରୀଙ୍କ ସୁରକ୍ଷା ସହ ତାଙ୍କର ଶିକ୍ଷା ଗ୍ରହଣରେ ଯେପରି ବାଧା ନ ହୁଏ ସେଥିପ୍ରତି କ୍ରାଇମବ୍ରାଞ୍ଚ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ମତ ପ୍ରକାଶ ପାଉଛି।

# ଫାଇନାନ୍ସ କମ୍ପାନୀ ପରିଚାଳକଙ୍କ ଆତ୍ମହତ୍ୟା

## ଭିତରକନିକା ଗେଷ୍ଟ ହାଉସରୁ ଜବତ ହେଲା ଝୁଲନ୍ତା ମୃତଦେହ

ରାଜନଗର,୨୧।୬(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଡାଙ୍ଗମାଳଠାରେ ଥିବା ମ୍ୟାନଗ୍ରୋଭ ପିଟା ହୋମ୍ ଷ୍ଟେରେ ଜଣେ ଫାଇନାନ୍ସ କମ୍ପାନୀ ପରିଚାଳକ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ମୃତକ ହେଲେ ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ବିଦାପୁର ଗାଁର ଶୁଭମ ସଂଗ୍ରାମ ସାହୁ (୨୬)। ସେ ଡାଙ୍ଗମାଳ ପଞ୍ଚାୟତ ବରାଠାରେ ଥିବା ଭାରତ ଫାଇନାନ୍ସ କମ୍ପାନୀର ଶାଖା କାର୍ଯ୍ୟାଳୟର ପରିଚାଳକ ଥିଲେ। ଗତ ୪ ଦିନ ହେଲା ଉକ୍ତ ଶାଖାରେ ଯାଞ୍ଚ ଚାଲିଥିଲା। ଶୁକ୍ରବାର ରାତିରେ ଶୁଭମ ଭାରତ ଫାଇନାନ୍ସ ଶାଖା କାର୍ଯ୍ୟାଳୟରେ ଥିଲେ। ଶନିବାର ସକାଳେ ଉଠି ସେ ଭଡ଼ା ନେଇ ରହୁଥିବା ଡାଙ୍ଗମାଳସ୍ଥିତ ମ୍ୟାନଗ୍ରୋଭ ପିଟା ହୋମ୍ ଷ୍ଟେରେ ପହଞ୍ଚିଥିଲେ। ଦିନ ପ୍ରାୟ ୯ ଘଟିକା ସମୟରେ ତାଙ୍କ ଅଫିସର ଜଣେ କର୍ମଚାରୀ ତାଙ୍କୁ ଫୋନ୍ କରିଥିଲେ। ହେଲେ ସେ ଫୋନ୍ ଉଠାଇ ନ ଥିଲେ। ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ଥିଲେ। ହେଲେ ସେ ଏକ ଓଢ଼ଣୀରେ ଫ୍ୟାନରେ ଝୁଲୁଥିବା ଲୋକମାନେ ଝରକା ବାଟେ ଦେଖିଲେ। ଗେଷ୍ଟ ହାଉସର ମାଲିକ ଏ ନେଇ ତାଳଚୁଆ ସାମୁଦ୍ରିକ ଥାନା ଓ ତାଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ପରିବାର ଲୋକେ ପହଞ୍ଚି ତାଳଚୁଆ ସାମୁଦ୍ରିକ ଥାନାରେ ଏତଲା ଦେଇଛନ୍ତି।

# ୪୪ କେଜି ଗଞ୍ଜେଇ ଜବତ: ଯୁବତୀଙ୍କ ସମେତ ୫ ଗିରଫ



ଜବତ ଗଞ୍ଜେଇ ସହ ଗିରଫ ୫ ଅଭିଯୁକ୍ତ।

ବାଲେଶ୍ୱର, ୨୧।୬(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଜିଲା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଜଣେ ଯୁବତୀଙ୍କ ସହ ୫ଜଣ ଗଞ୍ଜେଇ ବେପାରୀଙ୍କୁ ଗିରଫ କରାଯିବା ସହ ସେମାନଙ୍କଠାରୁ ୪୪କେଜି ଗଞ୍ଜେଇ ଜବତ ହୋଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୪ଲକ୍ଷ ୪୦ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

ଜିଲା ଭ୍ରାମ୍ୟମାଣ ଅବକାରୀ ଥାନା ଅଧିକାରୀ ହରିହର ସିଂ, ଏସ୍ଆଇ ଭକ୍ତ ଚରଣ ସ୍ୱାଇଁ, ଅବକାରୀ ଥାନା ସଦର ଓଆଇସି ଦୀପ୍ତିମୟୀ ସାହୁ ପ୍ରମୁଖ ସଦଳବଳେ ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ, ସେରଗଡ଼, ବସ୍ତା, ଗାନ୍ଧିଛକ ଆଦି ସ୍ଥାନରେ ଚଢ଼ାଉ କରି ୫ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଗିରଫ ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗ ସରକାରପୁର ଅଞ୍ଚଳର ବେଲାଲ ମଣ୍ଡଳ, ପିଣ୍ଟୁ ମଣ୍ଡଳ, ହନିପ ମଣ୍ଡଳ, ଉତ୍ତରପ୍ରଦେଶ ସରାଇ ତାଜପୁର ଗ୍ରାମର ସେକ ଭକିଲ ଓ ସାଦିକିପୁଲିଆ ଅଞ୍ଚଳର ଯୁବତୀ ଛୋଟିଙ୍କୁ ଗିରଫ କରିଥିଲେ। ଏନେଇ ପୃଥକ ମାମଲା ରୁଜୁ ହୋଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଯାଇଛି। ଏହି ଚଢାଉରେ ନୀଳଗିରି ଓଆଇସି କେଶବ ଦାସ ଅଧିକାରୀ, ଏସ୍ଆଇ ଗଙ୍ଗୋମଣି ହେମ୍ବ୍ରମ, ବସ୍ତା ଓଆଇସି ପ୍ରଜ୍ଞା ପ୍ରିୟା ନାୟକ, ଏସ୍ଆଇ ଭବେଶ ଦାସ, ଚନ୍ଦନ ନାୟକ ଓ ଜଗନ୍ନାଥ ବେହେରା ପ୍ରମୁଖ ସାମିଲ ଥିଲେ।

# ସ୍ତ୍ରୀଙ୍କୁ କଟୁରିରେ ହାଣି ହତ୍ୟା

ନୟାଗଡ଼,୨୧।୬ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଫତେଗଡ଼ ଥାନା ରାଣିଛେଲି ପଞ୍ଚାୟତ ଗୋହିରିଆପଡ଼ା ଗାଁରେ ଅମୂଲି ନାୟକ ନାମ୍ନୀ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ କଟୁରିରେ ହାଣି ଶନିବାର ହତ୍ୟା କରିଛନ୍ତି। ଫତେଗଡ଼ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୨୦୨/୨୫) ରୁଜୁ ହୋଇଛି। ପୋଲିସ ଓ ସାଇଣ୍ଟିଫିକ ଟିମ୍ ତଦନ୍ତ କରି ଫେରିଛି।

ସୂଚନା ଅନୁଯାୟୀ, ଆଜିକୁ ୧୫ ବର୍ଷ ତଳେ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଗୋଡିଆଳି ଗାଁର ଅମର ନାୟକଙ୍କ ଝିଅ ଅମୂଲି(୩୫) ଗୋହିରିଆପଡ଼ା ଗାଁର ଶିବ ପ୍ରସାଦ ନାୟକଙ୍କୁ ବିବାହ କରଥିଲେ। ଦମ୍ପତିଙ୍କ ୨ଟି ପୁଅ ଅଛନ୍ତି। ତେବେ ସ୍ତ୍ରୀଙ୍କ  ପରକୀୟା ପ୍ରୀତିକୁ ନେଇ କିଛି ମାସ ହେବ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା। ଭଦ୍ରଲୋକଙ୍କ ଦ୍ୱାରା ବିଭିନ୍ନ ସମୟରେ ଏହାର ଆପୋସ ସମାଧାନ ହୋଇଥିବା ଗାଁଲୋକ, ପଡୋଶୀ କହୁଛନ୍ତି। ପରକୀୟା ପ୍ରୀତିକୁ ନେଇ ଏହି ହତ୍ୟାକାଣ୍ଡ ଘଟିଛି ବୋଲି ଚର୍ଚ୍ଚା ହେଉଛି। ତେବେ ଲୋକଙ୍କ ଚର୍ଚ୍ଚାକୁ ମିଛ ବୋଲି ଦର୍ଶାଇଛନ୍ତି ମୃତକଙ୍କ ଭାଇ ଚଗଲା ନାୟକ। ଚଗଲାଙ୍କ ଅଭିଯୋଗ ଅନୁଯାୟୀ, ଏକ ସୁନା ଚେନ ହଜିବାକୁ ନେଇ ଭଉଣୀଙ୍କୁ ଦୋଷୀ କରାଯାଇଥିଲା। ଭିଣୋଇ ଚେନ୍ ରଖି ମିଛଟାରେ ଭଉଣୀକୁ ଦୋଷ ଦେଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଶନିବାର ସକାଳେ ଭଉଣୀଙ୍କୁ ହତ୍ୟା କରି ଭିନ୍ନ ରୂପ ଦେଇ ଭିଣୋଇ ଖସି ଯିବାକୁ ଉଦ୍ୟମ କରୁଛନ୍ତି ବୋଲି ସେ କହିଛନ୍ତି। ଭଉଣୀଙ୍କୁ ଶନିବାର ସକାଳେ ହାଣିବା ପରେ ସ୍ଥାନୀୟ ଲୋକେ ଖଣ୍ଡପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁତର ଅବସ୍ଥାରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଫତେଗଡ଼ ଥାନା ଆଇଆଇସି ପଞ୍ଚାନନ ପରିଡ଼ା କହିଛନ୍ତି, ଅମୂଲିଙ୍କୁ ତାଙ୍କ ସ୍ୱାମୀ କଟୁରିରେ ହାଣି ହତ୍ୟା କରିଛନ୍ତି। ସୁନାଚେନ୍ ହଜିବାକୁ ନେଇ ଭିଣୋଇ ଭଉଣୀଙ୍କୁ ହତ୍ୟା କରିଥିବା ଭାଇ ଅଭିଯୋଗ କରିଥିବାବେଳେ ଏହା ପଛରେ ପରକୀୟାପ୍ରୀତି ରହିଥିବା ଆଲୋଚନା ହେଉଛି। ହତ୍ୟାର କାରଣ ଜଣାପଡିନି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ବୋଲି ସେ କହିଛନ୍ତି।

**LARAMBHA COLLEGE, LARAMBHA**
BRAJA VIHAR (ESTD.1964)
P.O. : LARAMBHA, DIST : BARGARH, ODISHA-768102
(E-mail : larambhacollege.larambha@gmail.com)
Web : www.larambhacollege.ac.in
Contact No. : 8917267993, 9938129996

QUOTATION CALL NOTICE

Sealed quotations are invited from the authorized suppliers/ dealers/registered firms having valid GSIN for the supply of following IT equipment's.

The sealed quotation must reach the undersigned on or before 28.06.2025

Items for IT Infrastructure
1. i5 13th Generation Desktop (12 Nos.)
2. UPS (12 Nos.)
3. MFM Printer (2 Nos.)
4. LED TV 65 inch (1 No.)
5. Wireless mic & Camera (Logitech Master Series 4k ultra HD) for Virtual Meeting (1 No.)

For details specification of the above items visit our college website **larambhacollege.ac.in**

Sd./- Principal
Larambha College, Larambha

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

TP Western Odisha Distribution Limited, invites tender quotations (in 2part bidding) from eligible vendors/suppliers for the following packages :
1. **TPWODL/TP/O/SU/2500000992 : RC for supply of Earthing Coil & Earthing Device.**
2. **TPWODL/HS/O/SU/2500000993 : RC for Supply of Safety Shoes at TPWODL, Odisha.**
3. **TPWODL/PJ/O/SU/2500000994 : RC for Supply of Various Sizes of GI Wire.**
4. **TPWODL/PJ/O/SU/2500000995 : RC for Supply of 11KV DO Fuse with DD Link**

Interested bidders are to submit Tender Participation Fee and Authorization Letter through email on or before **2nd July 2025, 15:00 Hrs,** (for Srl. No.1) & **30th June 2025, 18:00 Hrs,** (for Srl. No. 2 to 4) respectively, after which link from e-Tender system shall be shared with them.
For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in the tender is given in the tender document.
All future correspondences regarding the tender, bid submission, date extension etc. will take place with the participating bidders only through E-Tender system.

Sd/- **Head- Contracts & Procurement**

# ସାଙ୍ଗଙ୍କୁ ଛୁରି ଭୁସି ହତ୍ୟା, ଅଭିଯୁକ୍ତ ଥାନାରେ ଅଟକ

ସେମିଳିଗୁଡ଼ା/ସୁନାବେଡ଼ା,୨୧।୬ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସେମିଳିଗୁଡ଼ା ଥାନା ଅଧୀନ ପେଟକଣା ବ୍ରିଜ୍ ନିକଟରେ ଜଣେ ଯୁବକ ସାଙ୍ଗଙ୍କୁ ଗୁରୁବାର ରାତିରେ ଛୁରି ଭୁସି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏ ନେଇ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା କରୁଛି। ମୃତକ ହେଲେ ଲୁଙ୍ଗୁରି ଅଞ୍ଚଳର ଦେବେନ୍ଦ୍ର କୁନ୍ଦ୍ରିଆ(୩୨)।

ସୂଚନା ଅନୁଯାୟୀ, ଦେବେନ୍ଦ୍ର ରାତିରେ ଯାଉଥିବା ବେଳେ ତାଙ୍କ ସାଙ୍ଗ ମାନିଆ ଏମ୍ ଦଳେଇଗୁଡ଼ା ଅଞ୍ଚଳର କୁନୁ ଗଲୋରି ଏକ ବାଇକ୍‌ରେ ଆସି ଛୁରିରେ ଆକ୍ରମଣକରି ଫେରାର ହୋଇଯାଇଥିଲେ। ଏ ନେଇ ଦେବେନ୍ଦ୍ରଙ୍କ ସମ୍ପର୍କୀୟ ଭାଇ ଦଇତାରି ଧାଡି ସେମିଳିଗୁଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଦେବେନ୍ଦ୍ରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଏକ ଘରୋଇ କ୍ଲିନିକ୍‌କୁ ନେଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଏ ନେଇ କେସ୍ ନଂ. ୭୬/୨୫ ରେ ଏକ ହତ୍ୟା ମାମଲା ରୁଜୁକରି ପୋଲିସ ତଦନ୍ତ କରୁଛି।

**OFFICE OF THE DISTRICT JUDGE, NABARANGPUR**
Dated : Nabarangpur, this the 21st day of June, 2025

ADVERTISEMENT

Applications in the prescribed format given below are invited from the intending candidates for filling up of the following Group - "C" posts in the Judgeship of Nabarangpur under Odisha District and Civil Courts Judicial Staff Services (Method of Recruitment and conditions of Service) Rules 2008 and amendments made thereto and subject to result of W.P. (C) No.1273/2014 of the Hon'ble High Court of Orissa.

| Sl. No. | Name of the Post | Group | Level as per Pay Matrix under ORSP Rules, 2017 | Category | | | | Total |
|---|---|---|---|---|---|---|---|---|
| | | | | Unreserved | S.T. | S.C. | SEBC | |
| 1 | Stenographer Grade-III | C | Level-7 (Rs.25500-81100) | 1 | 1 (W-1) | - | - | 2 (W-1) |
| 2 | Jr. Clerk-cum-Copyist | C | Level-4 (Rs.19900-63200) | 2 (W-1) | 6 (W-3) | 3 (W-2) | - | 11 (W-6) |
| 3 | Jr.Typist | C | Level-4 (Rs.19900-63200) | - | 1 (W-1) | - | - | 1 (W-1) |

**The reservation of Women/Physically Handicapped/Ex-Serviceman/Sports Persons as per rule**. The number of posts in each cadre may increase or decrease in future. For details please visit our official website i.e. https://nabarangpur.dcourts.gov.in/. The candidates who are interested in applying for the above posts are asked to submit the application by **23.07.2025**.

Sd./- 21.06.2025
District Judge-cum-Chairman,
District Recruitment Committee, Nabarangpur

# ଘର ସାମ୍ନାରେ ବ୍ୟବସାୟୀଙ୍କୁ ଗୁଳିମାଡ଼

## ଲୁଟିନେଲେ ଟଙ୍କା ବ୍ୟାଗ୍


ଗୁଳିମାଡ଼ରେ ଆହତ ବ୍ୟବସାୟୀ।

ଭଦ୍ରକ,୨୧।୬(ସନାତନ ରାଉତ)

ଭଦ୍ରକ ସହର ଚରମ୍ପାରେ ଶନିବାର ସନ୍ଧ୍ୟାରେ ସର୍ବସମ୍ମୁଖରେ ଘର ସାମ୍ନାରେ ଜଣେ ଗୋଖାଦ୍ୟ ବ୍ୟବସାୟୀଙ୍କୁ ଗୁଳିମାଡ଼ କରାଯାଇଛି। ଦୁର୍ବୃତ୍ତମାନେ ବାଇକ୍‌ରେ ଆସି ବ୍ୟବସାୟୀଙ୍କୁ ଗୁଳି କରି ଟଙ୍କା ବ୍ୟାଗ୍ ନେଇ ଫେରାର ହୋଇଯାଇଛନ୍ତି। ଗୁଳିର ଶିକାର ହୋଇଥିବା ବ୍ୟବସାୟୀ ହେଲେ ଭଦ୍ରକ ଟାଉନ ଥାନା ଅଧୀନସରଗଡ଼ିଆ ଗ୍ରାମରବିଦ୍ୟାଧରପାତ୍ର(୬୦)।ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତିକରାଯାଇଛି।

ବିଦ୍ୟାଧର ଚରମ୍ପା ରାମମନ୍ଦିର ନିକଟସ୍ଥ ବେଲମଳା ଛକରେ ରହୁଥିବା ବେଳେ ସନ୍ଧ୍ୟା ପ୍ରାୟ ୭ଟା ସମୟରେ ସେ ଟଙ୍କା ବ୍ୟାଗ୍ ଧରି ଚରମ୍ପା ବଜାରସ୍ଥିତ ଗୋଦାମରୁ ଘରକୁ ଆସିଥିଲେ। ଘର ନିକଟରେ ପହଞ୍ଚିବା ପରେ ଏକ ବାଇକ୍‌ରେ ୩ଜଣ ଦୁର୍ବୃତ୍ତ ଆସି ଅତର୍କିତ ଭାବେ ତାଙ୍କୁ ଗୁଳି କରି ତାଙ୍କଠାରୁ ଟଙ୍କା ବ୍ୟାଗ୍ ଲୁଟିନେଇ ବାଲେଶ୍ୱର ଆଡ଼କୁ ଦ୍ରୁତଗତିରେ ପଳାଇ ଯାଇଥିଲେ। ଖବର ପାଇ ଏସ୍‌ପି ମନୋଜ ରାଉତ ଦୁର୍ବୃତ୍ତଙ୍କୁ ପିଛା କରିବା ସହ ସହରର ପ୍ରବେଶ ପଥରେ ନାକାବନ୍ଦୀ କରି ତଦନ୍ତ ଆରମ୍ଭ କରିଛନ୍ତି। ଗୁରୁତର ଅବସ୍ଥାରେ ବିଦ୍ୟାଧରଙ୍କୁ ପରିବାର ଲୋକେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ ଡାକ୍ତରଖାନାରେ ପହଞ୍ଚି ବିଦ୍ୟାଧରଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ତଦନ୍ତ କରିଛନ୍ତି। ଅବସ୍ଥା ଗୁରୁତର ଥିବାରୁ ବିଦ୍ୟାଧରଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ରିପୋର୍ଟ ଲେଖାହେବା ସୁଦ୍ଧା ଏନେଇ ଥାନାରେ ଅଭିଯୋଗ ହୋଇ ନ ଥିବାବେଳେ ଉକ୍ତ ବ୍ୟାଗ୍‌ରେ କେତେ ଟଙ୍କା ଥିଲା ଜଣାପଡ଼ି ନାହିଁ। ତେବେ ଚରମ୍ପା ଅଞ୍ଚଳରେ ବାରମ୍ବାର ଏପରି ଘଟଣା ଘଟୁଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି।

**SUIIT**
Sambalpur University Institute of Information Technology
(A Constituent Autonomous Unit of Sambalpur University)
Accredited by NAAC with 'A' Grade, Approved by AICTE
Estd. 2010
Advt. No: 914 / SUIIT    Dt: 21 / 06 / 2025

**ADMISSION OPENS FOR 2025-26**

Programmes Offered:
- B. Tech (Regular):
  - ✓ Computer Sc. & Engineering (CSE)
  - ✓ Computer Sc. & Engineering with specialization in AI&ML
  - ✓ Computer Sc. & Engg. with specialization in Information & Cyber Security
  - ✓ Electronics & Communication Engineering (ECE)
  - ✓ Electrical & Electronics Engineering (EEE)
- B. Tech (Lateral Entry): CSE (all streams), ECE and EEE
- Master of Computer Application (MCA)
- M. Tech Computer Science & Engineering (CSE)

✓ All B. Tech admissions are done exclusively through OJEE Councelling-2025
✓ Application forms for all PG programs are now available in the institute website.

LAST DATE FOR SUBMISSION OF APPLICATION FORM IS 10th July, 2025.
FOR DETAILS OF ADMISSION PROCESS AND INFORMATION BROCHURE
VISIT: www.suiit.ac.in and Email- admin.office@suiit.ac.in
CONTACT NUMBERS: 9938983624 / 9438074077 / 9437284982
Sd./-
Director, SUIIT

**कार्यपालक अभियंता का कार्यालय**
**पथ निर्माण विभाग, पथ प्रमंडल, राँची**

ई-प्रोक्योरमेंट सूचना

टेन्डर रेफरेंन्स नं0–प0नि0वि0/राँची–06/2025–26    दिनांक :– 21.06.2025

| | | |
|---|---|---|
| 1. | कार्य का नाम | बरियातु पथ से जिमखाना क्लब तक भाया मेडिका हॉस्पिटल (कुल लम्बाई–1.00 कि0मी0) पथ के IRQP/मजबूतीकरण कार्य वर्ष 2025–26. |
| 2. | प्राक्कलि राशि (रू0 लाख में) | रू0 142.55478 लाख (रूपये एक करोड़ बयालीस लाख पचपन हजार चार सौ अठहत्तर) मात्र। |
| 3. | अग्रधन की राशि (रू0 लाख में) | रू0 2.86 लाख (रूपये दो लाख छयासी हजार) मात्र। |
| 4. | कार्य पूर्ण करने की अवधि | 03 (तीन) महीना |
| 5. | वेबसाईड पर निविदा प्रकाशन की तिथि | 23.06.2025 10.30 बजे पूर्वाह्न |
| 6. | निविदा प्राप्ति की अंतिम तिथि/समय | 14.07.2025 12.00 बजे दोपहर तक |
| 7. | निविदा खोलने तिथि/समय | 15.07.2025 12.30 बजे |
| 8. | निविदा प्रकाशित करने वाले कार्यालय का नाम एवं पता | कार्यपालक अभियंता, पथ निर्माण विभाग, पथ प्रमंडल राँची, मोहराबादी, राँची–834008. |
| 9. | प्रोक्योरमेंट पदाधिकारी का सम्पर्क संख्या | 0651–2361018 |
| 10. | ई–प्रोक्योरमेंट सेल का हेल्पलाईन संख्या | 0651–2403007 |

- प्राक्कलित राशि एवं अग्रधन की राशि घट–बढ़ सकती है, जिसे Tender Online Upload में देखा जा सकता है, एवं किसी भी प्रकार का बदलाव http://jharkhandtenders.gov.in पर देखा जा सकता है।
- पथ निर्माण विभाग, झारखण्ड सरकार में निबंधित संवेदकों के लिए UCAN निबंधन आवश्यक है।
- नियम एवं शर्तें के लिए वेबसाईट http://jharkhandtenders.gov.in पर देखें।

PR 355682 Road Construction Dept Road Division Ranchi (25-26)_D
कार्यपालक अभियंता
पथ निर्माण विभाग, पथ प्रमंडल, राँची

# ସାମୂହିକ ଯୋଗ, ପ୍ରାଣାୟାମ



ରେଳବାଇ କମ୍ୟୁନିଟି ହଲ୍‌ରେ ଆୟୋଜିତ ଶିବିରରେ ଯୋଗାଭ୍ୟାସ କରାଯାଉଛି।

ସମ୍ବଲପୁର,୨୧।୬(ପ୍ରମୋଦ ବହିଦାର)

ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ଶନିବାର ସମ୍ବଲପୁରର ବିଭିନ୍ନ ସଙ୍ଗଠନରେ ଯୋଗ ଶିବିରମାନ ଆୟୋଜିତ ହୋଇଥିଲା। ସମାଜର ବିଭିନ୍ନ ବର୍ଗର ଲୋକେ ସାମୂହିକ ଯୋଗାଭ୍ୟା ସ ଓ ପ୍ରାଣାୟାମ କରିଥିଲେ। ସମଲେଶ୍ୱରୀଙ୍କ ପୀଠରେ ଆୟୋଜିତ ଜିଲାସ୍ତରୀୟ ଯୋଗ ଶିବିରରେ ସମ୍ବଲପୁର ମହାନଗର ଅଞ୍ଚଳର ପ୍ରାୟ ୩୨ଟି ବିଦ୍ୟାଳୟର ୩୮୩୦ ଛାତ୍ରୀଛାତ୍ର ଭାଗ ନେଇ ସାମୂହିକ ଯୋଗାସନ ଓ ପ୍ରାଣାୟାମ କରିଥିଲେ।

**ବୁର୍ଲା ଡିଏଭି ସ୍କୁଲ:** ବୁର୍ଲା ଏମ୍‌ସିଏଲ୍ ଆନନ୍ଦ ବିହାରସ୍ଥିତ ଡିଏଭି ସ୍କୁଲ ପରିସରରେ ଯୋଗ ଶିବିର ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସ୍କୁଲ ଅଧ୍ୟକ୍ଷା ତଥା ଡିଏଭି ସ୍କୁଲ ସମୂହର ଆଞ୍ଚଳିକ ଅଧିକାରୀ ରଶ୍ମୀ ମିଶ୍ର ଶିବିରକୁ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ଅଭିଭାଷଣରେ ଯୋଗର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପ୍ରଶିକ୍ଷକ ଭାବେ ରାଜଶ୍ରୀ ସାହାଣୀ, ଡ. ଶାନ୍ତନୁ ତ୍ରିପାଠୀ ଓ ଶୁଭେନ୍ଦୁ ବାରିକ ଶିବିର ପରିଚାଳନା କରିଥିଲେ। ଏହି ଅବସରରେ ଯୋଗ ଆଧାରିତ କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଶିକ୍ଷକ ରଞ୍ଜନ କୁମାର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

**ସମ୍ବଲପୁର ରେଳ ମଣ୍ଡଳ:** ସମ୍ବଲପୁର ରେଳ ମଣ୍ଡଳ କମ୍ୟୁନିଟି ହଲ୍‌ରେ ଅନୁଷ୍ଠିତ ଶିବିରକୁ ମୁଖ୍ୟଅତିଥିଭାବେ ରେଳ ମଣ୍ଡଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧୁରୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଅଭିଭାଷଣରେ ମଣ୍ଡଳ ପ୍ରବନ୍ଧକ ଚୌଧୁରୀ ସୁସ୍ଥ ଜୀବନ ଧାରଣ ପାଇଁ ଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିବିରରେ ଅତିରିକ୍ତ ରେଳ ମଣ୍ଡଳ ପ୍ରବନ୍ଧକ ମନକିତ ସିଂ ସନସନ୍‌ୱାଲ ଉପସ୍ଥିତ ଥିଲେ। ଏଥିରେ ରେଳବାଇ ଅଧିକାରୀ ଓ କର୍ମଚାରୀଙ୍କ ସହିତ ସେମାନଙ୍କ ପରିବାରବର୍ଗ ଯୋଗାଭ୍ୟାସ ଓ ପ୍ରାଣାୟାମ କରିଥିଲେ। କନ୍ୟାକୁମାରୀ ବିବେକାନନ୍ଦ କେନ୍ଦ୍ର ସମ୍ବଲପୁର ଶାଖାର ରାଜେଶ କୁମାର ସାହୁ ଓ କାଞ୍ଚନ ସୋମ ଅଗ୍ରୱାଲ ଶିବିର ପରିଚାଳନା କରିଥିଲେ।

**ଡାକ ବିଭାଗ:** ସମ୍ବଲପୁର ଡାକ ବିଭାଗ ପକ୍ଷରୁ ସେନପାର୍କ ପରିସରରେ ଡାକସେବା ନିର୍ଦ୍ଦେଶକ ଏସ୍.କେ.ଠାକ୍‌ରେଙ୍କ ନେତୃତ୍ୱ ତଥା ଡାକ ସେବା ସହକାରୀ ନିର୍ଦ୍ଦେଶକ-୧ ବି ଏମ୍ ରାଓ, ଡାକସେବା ସହକାରୀ ନିର୍ଦ୍ଦେଶକ-୨ ସ୍ମିତା ମହାପାତ୍ର ଏବଂ ସମ୍ବଲପୁର ମଣ୍ଡଳ ଡାକଘର ଅଧୀକ୍ଷକ ବସନ୍ତ କୁମାର ସିଂହଙ୍କ ମାର୍ଗଦର୍ଶନରେ ଯୋଗ ଶିବିର ଆୟୋଜିତ ହୋଇଥିଲା। ଯୋଗଗୁରୁ ସୁଶାନ୍ତ କୁମାର ସାହୁ ଯୋଗ ଶିବିରକୁ ପରିଚାଳନା କରିଥିଲେ।

**ଜଗନ୍ନାଥ କ୍ଲବ:** ସ୍ଥାନୀୟ ଜଗନ୍ନାଥ କଲୋନୀ କ୍ଲବ ପରିସରରେ ଆୟୋଜିତ ହୋଇଥିଲା ଯୋଗ ଶିବିର। କ୍ଲବ ସମ୍ପାଦକ ସମରଜିତ ପଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ସୁସ୍ଥ ଜୀବନ ଧାରଣରେ ଯୋଗର ଉପକାରିତା ଉପରେ ଆଲୋକପାତ କରାଯାଇଥିଲା।

# ୩୬ ବର୍ଷ ପରେ ପଟ୍ଟା ପାଇଲେ ୧୭ ହିତାଧିକାରୀ

ରେଢାଖୋଲ, ୨୧।୬
(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ କଦଳିଗଡର ୧୭ ଜଣ ହିତାଧିକାରୀଙ୍କୁ ଦୀର୍ଘ ୩୬ ବର୍ଷ ପରେ ପ୍ରଶାସନ ପକ୍ଷରୁ ଜମି ଚିହ୍ନଟ କରାଯାଇ ଲିଜ ପଟ୍ଟା ଶନିବାର ବଣ୍ଟନ କରାଯାଇଛି। ଏହାପରେ ଭୂମିହୀନ ଗରିବ ହିତାଧିକାରୀଙ୍କ ମୁହଁରେ ହସ ଫୁଟିଛି। ଶନିବାର ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ରାଜସ୍ୱ ନିରୀକ୍ଷକ ଅଶୋକ ଧଳ, ସୁପରଭାଇଜର କ୍ରିଷ୍ଣାକୁମାରୀ ଓରାମ କଦଳିଗଡ ଗ୍ରାମକୁ ଯାଇ ଜମି ଚିହ୍ନଟ ସହ ହିତାଧିକାରୀମାନଙ୍କୁ ପଟ୍ଟା ବଣ୍ଟନ କରିଥିଲେ।

ସୂଚନା ଅନୁସାରେ ୧୯୮୯ ମସିହାରେ ସରକାରଙ୍କ ନିର୍ଦ୍ଦେଶକ୍ରମେ ଏହି ଭୂମିହୀନ ହିତାଧିକାରୀମାନଙ୍କୁ ୪ ଡେସିମିଲ ଲେଖାଏ ଘରଡିହ ପଟ୍ଟା ଦେବାକୁ ରେଢାଖୋଲ ତହସିଲଦାର ମଞ୍ଜୁର କରି ସୂଚନା ଦେଇଥିଲେ। ତେବେ ସେହିଦିନଠାରୁ ସମ୍ପୃକ୍ତ ହିତାଧିକାରୀମାନେ ପଟ୍ଟା ପାଇବାକୁ ବିଭିନ୍ନ ସମୟରେ ତହସିଲ ଅଫିସ ଦୌଡି ନିରାଶ ହୋଇଥିଲେ। ତେବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ନିର୍ଦ୍ଦେଶ ପରେ ୩୬ବର୍ଷ ପରେ ସେମାନଙ୍କୁ ଲିଜ ପଟ୍ଟା ମିଳିଥିବା ଜଣାପଡିଛି। କଦଳିଗଡ ଗ୍ରାମର ସଦାନନ୍ଦ ବେଜି, ପବିତ୍ର ଭୋଇ, ଖଗେଶ୍ୱର ସେଠୀ, ସୁଦର୍ଶନ ଭୋଇ, ଜିବର୍ଦ୍ଧନ ସେଠ, ଭାର୍ଗବୀ ସାହୁ, ବିନ୍ଦୁ ବେହେରାଙ୍କ ସମେତ ୧୭ ଜଣ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଇଛି।



କଦଳିଗଡର ଲୋକଙ୍କ ସହ ଜମି ପଟ୍ଟା ବଣ୍ଟନ କରିବାକୁ ଆସିଥିବା ଅଧିକାରୀମାନେ।

# ଚିନ୍ମୟ ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ର ସମ୍ବର୍ଦ୍ଧିତ

ଦେବଗଡ଼, ୨୧।୬
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଚିନ୍ମୟ ବିଦ୍ୟାଳୟର ପ୍ରଥମ ସଭାପତି ତଥା ଅବସରପ୍ରାପ୍ତ ଶିକ୍ଷକ ହରପ୍ରସାଦ ନନ୍ଦଙ୍କ ଚତୁର୍ଥ ଶ୍ରାଦ୍ଧ ଦିବସ ଅବସରରେ ଶ୍ରେଷ୍ଠ ଛାତ୍ରଙ୍କୁ ସ୍ୱର୍ଗତ ନନ୍ଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ଟ୍ରଫି ଓ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ସୁନାମୁଣ୍ଡାସ୍ଥିତ ବିଦ୍ୟାଳୟ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ ଓ ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଯୋଗଦେଇଥିଲେ। ସ୍ୱାମୀ ଚିନ୍ମୟା ନନ୍ଦ ସରସ୍ୱତୀ ଏବଂ ହର ପ୍ରସାଦ ନନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣକରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଅନିତା ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଦସ୍ୟ ଅଶୋକ ଦେ, ଗୋପବନ୍ଧୁ ପ୍ରଧାନ, ଜଗବନ୍ଧୁ ଶତପଥୀ, ଜୟନ୍ତ କୁମାର ସାହୁ, ହରେକୃଷ୍ଣ ସାହୁ, ଅଜିତ ମୋଦୀ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟ ପ୍ରତିଷ୍ଠାରେ ସ୍ୱର୍ଗତ ନନ୍ଦଙ୍କ ଅବଦାନ ଉପରେ ଆଲୋକପାତ କରିବା ସହ ସ୍ମୃତିଚାରଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗଦେଇ ସ୍ୱର୍ଗତ ନନ୍ଦଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ନିକଟରେ ଅନୁଷ୍ଠିତ ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ଚିନ୍ମୟ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ପୀୟୁଷ ପ୍ରଭାର ସାହୁଙ୍କୁ ମାନପତ୍ର ସହିତ ଅର୍ଥ ରାଶି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀ ଶ୍ରଦ୍ଧା ପ୍ରଧାନ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଗତ ୨୦୨୨ ମସିହାଠାରୁ ବିଦ୍ୟାଳୟର ଦଶମ ଶ୍ରେଣୀର ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଗତ ହର ପ୍ରସାଦ ନନ୍ଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ପୁରସ୍କାର ପ୍ରଦାନ କରାଯାଉଛି।



ଶ୍ରେଷ୍ଠ ଛାତ୍ରଙ୍କୁ ଟ୍ରଫି, ଅର୍ଥ ରାଶି ପ୍ରଦାନ କରାଯାଉଛି।

# ନାକଟିଦେଉଳ ପଞ୍ଚାୟତରେ ବିକାଶ ବାହନ ରଥ

ନାକଟିଦେଉଳ, ୨୧।୬(ବୈକୁଣ୍ଠନାଥ ସାହୁ)

ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ବର୍ଷ ଏକ ଉପଲବ୍ଧି ଅନେକ କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକର ବିଭିନ୍ନ ପଞ୍ଚାୟତରେ ପରିକ୍ରମା କରୁଥିବା ବିକାଶ ବାହନ ରଥ ଶେଷ ଦିବସରେ ଶନିବାର ନାକଟିଦେଉଳ ପଞ୍ଚାୟତରେ ପହଞ୍ଚିଥିଲା । ଏହି ରଥ ପହଞ୍ଚିବା ପରେ ମୁଖ୍ୟ ଫାଟକରେ ସ୍ୱାଗତ କରାଯିବା ପରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାଗୁଡିକର ସଫଳତାର ବାର୍ତ୍ତା ଟିଭି ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ବିଡ଼ିଓ ବିଦ୍ୟାଧର ରାଉତରାୟ ସଭାପତିତ୍ୱ କରିଥିଲେ। ବିଡ଼ିଓ କ୍ଷମାନିଧି ଭୋଇ, ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ, ଜିଲା ଶ୍ରମ ଅଧିକାରୀ ଦିବ୍ୟଶଙ୍କର ଧରୁଆ, ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ, ସହକାରୀ ଯନ୍ତ୍ରୀ ସତ୍ୟପୀର ବେହେରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଉଦିତ ଶେଖର ସାହୁ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାଗୁଡିକ ଉପରେ ଆଲୋକପାତ କରିବା ସହ ଏହାର ଲାଭ ଉଠାଇବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କାର୍ଯ୍ୟକ୍ରମସ୍ଥଳରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୫ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିବା ବେଳେ ୫ଜଣଙ୍କୁ ରାଶନ କାର୍ଡ, ୧୦ ଜଣଙ୍କୁ ଶ୍ରମିକ କାର୍ଡ, ୨୦ ଜଣଙ୍କୁ ଦିବ୍ୟାଙ୍ଗ ପରିଚୟ ପତ୍ର ବଣ୍ଟନ କରାଯାଇଥିବା ବେଳେ ନିର୍ମାଣ ଶ୍ରମିକ ଯୋଜନାରେ ୩ଜଣ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ଏଥିରେ ଜିପିଇଓ ରବୀନ୍ଦ୍ର କୁମାର ସାହୁଙ୍କ ସମେତ କୃଷି, ସ୍ୱାସ୍ଥ୍ୟ, ଉଦ୍ୟାନ ବିଭାଗ ପରି ବିଭିନ୍ନ ଲାଇନ ବିଭାଗ ଅଧିକାରୀ ମାନେ ଯୋଗଦେଇ ନିଜ ବିଭାଗର ଲୋକାଭିମୁଖୀ ଯୋଜନା ଉପରେ ଆଲୋକପାତ କରିଥିଲେ। ଏଥିସହିତ ସମସ୍ତ ସିଆରପି, ଏମ୍‌ବିକେ, ଅଶାଦିଦି, ସ୍ୱାସ୍ଥ୍ୟକର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଉପସ୍ଥିତ ଥିଲେ। ଏହି ଅବସରରେ ମା'ଙ୍କ ନାମରେ ଗଛଟିଏ କାର୍ଯ୍ୟକ୍ରମରେ ପଞ୍ଚାୟତ ପରିସରରେ ଚାରା ରୋପଣ କରାଯାଇଥିଲା। ପିଇଓ ସୁବାଷ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# କୁଚିଣ୍ଡାରେ ଅନ୍ତର୍ଜାତୀୟ ଯୋଗ ଦିବସ

କୁଚିଣ୍ଡା,୨୧।୬(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶନିବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଅଧ୍ୟକ୍ଷା ଡ.ଜ୍ୟୋସ୍ନାପ୍ରିୟା ବେହେରା ଯୋଗ ଶିବିରକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ଶିକ୍ଷକ ସାହିରା ଖାତୁନ ଓ ରିୟାସତ ଅଲି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୋଗକୁ ଦୈନନ୍ଦିନ ଜୀବନରେ ସାମିଲ କରିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ଅଧ୍ୟକ୍ଷା ବେହେରା ବାର୍ତ୍ତା ପ୍ରଦାନ କରିଥିଲେ। ଶିକ୍ଷାର୍ଥୀମାନେ ନିୟମିତ ଯୋଗ ଅଭ୍ୟାସ କରିବା ନିମନ୍ତେ ସଂକଳ୍ପ ପାଠ କରାଇଥିଲ। ଶିକ୍ଷୟିତ୍ରୀ ରାଧା ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି କୁଚିଣ୍ଡା ମହାବିଦ୍ୟାଳୟରେ ଅଧ୍ୟକ୍ଷା ସୁଶ୍ରୀ ସୁଚିତ୍ରା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଯୁବ ରେଡକ୍ରସ, ଜାତୀୟ ସମର ବାହିନୀ,ଜାତୀୟ ସେବା ଯୋଜନା ଏବଂ ଅଟଳ ଯୋଗ ସମିତିର ମିଳିତ ଆନୁକୂଲ୍ୟରେ ଯୋଗ ଦିବସ ଆୟୋଜିତ ହୋଇଥିଲା। ଯୋଗ ଶିକ୍ଷକ ଅଧ୍ୟାପକ ସତ୍ୟନାରାୟଣ ପଟେଲ, ଶୈଳେନ୍ଦ୍ର ପଟେଲ, ନଳିନୀକାନ୍ତ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ବିଭିନ୍ନ ଯୋଗକ୍ରିୟା ସମ୍ବନ୍ଧରେ ଶିକ୍ଷା ପ୍ରଦାନ କରି ଯୋଗର ଉପାଦେୟତା ସମ୍ବନ୍ଧରେ ବାର୍ତ୍ତା ପ୍ରଦାନ କରିଥିଲେ। ଯୁବ ରେଡକ୍ରସ ଅଧିକାରୀ ଭିକାରୀ ଓରାମ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ ଯୁକ୍ତ ୨ ଜାତୀୟ ସେବା ଯୋଜନା ଅଧିକାରୀ ଖୁର୍ସିଦ ହାରା ବେଗମ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି କୁଟୁରାଟୁଆଁ ଯୁକ୍ତ ୨ କଲେଜରେ ଅଧ୍ୟକ୍ଷ ନିଳାଞ୍ଚଳ ତିୱାରୀ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଝାରୀ, ଯୋଗ ପ୍ରଶିକ୍ଷକ ଅଧ୍ୟାପକ ସତ୍ୟନାରାୟଣ ପଟେଲ ଓ ଅଧ୍ୟାପିକା,ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରକାରର ଯୋଗ ଅଭ୍ୟାସ କରିଥିଲେ। କୁନ୍ତରା କଲେଜରେ ଅଧ୍ୟକ୍ଷ ଖଗପତି ଅମାତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ଏନଏସଏସ ଅଧିକାରୀ ଅଧ୍ୟାପକ ତରୁଣ କୁମାର ପୃଷ୍ଟେଠ ପରିଚାଳନା କରିଥିଲେ। ଅଧ୍ୟାପକ ରାଜେଶ ମାକର ଯୋଗ ପ୍ରଶିକ୍ଷକ ଭାବରେ କାର୍ଯ୍ୟ ତୁଲାଇଥିଲେ। ବାମରା ବ୍ଲକ ଅଧିନସ୍ଥ କେଶାଇବାହାଲ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ଦୟାସାଗର ପ୍ରଧାନ ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷକ ଭାବେ ଆନନ୍ଦମାର୍ଗ ପ୍ରଚାର ସମିତି ଅଧ୍ୟକ୍ଷ ସ୍ୱାମୀ ଧୃସୁଦାନନ୍ଦ ଜୀ ଅବଧୂତ ଯୋଗଦେଇଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ବିନୋଦ ବିହାରୀ ପୃଷ୍ଟେଠ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରକଳ୍ପ ସ୍ତରୀୟ ଅଦ୍ୱିକା କିଶୋରୀ ସୁଭଦ୍ରା ଦିବସ



ପ୍ରକଳ୍ପ ସ୍ତରୀୟ ଅଦ୍ୱିକା କିଶୋରୀ ସୁଭଦ୍ରା ଦିବସରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀବୃନ୍ଦ।

ବରଗଡ଼, ୨୧।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ମହିଳା ଓ ଶିଶୁ ବିକାଶ ଗ୍ରାମାଞ୍ଚଳ ପ୍ରକଳ୍ପ ତରଫରୁ ଶନିବାର ପ୍ରକଳ୍ପ ସ୍ତରୀୟ ଅଦ୍ୱିକା କିଶୋରୀ ସୁଭଦ୍ରା ଦିବସ ପାଳିତ ହୋଇଯାଇଛି। ସିଡିପିଓ ସୌଦାମିନୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସମାଜ ମଙ୍ଗଳ ଅଧିକାରୀ ସନ୍ଧ୍ୟାରାଣୀ ନେପାକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। କିଶୋରୀ, କିଶୋରମାନଙ୍କଠାରେ ପାରମ୍ପରିକ, ସାଂସ୍କୃତିକ ପରିଚୟ ସହ ସେମାନଙ୍କୁ ଶାରୀରିକ, ମାନସିକ ଭାବରେ ସଶକ୍ତିକରଣ ଓ ବିକାଶୋନ୍ମୁଖୀ କରିବା ଏବଂ ସେମାନଙ୍କ ଠାରେ ରହିଥିବା ପ୍ରତିଭାର ବିକାଶ କରି ସେମାନଙ୍କୁ ସର୍ବୋତ୍ତମ ବିକାଶ ଦିଗରେ ଆଗକୁ ନେବାର ଉଦ୍ୟମ ଆରମ୍ଭ କରାଯାଉଛି ବୋଲି ମୁଖ୍ୟ ଅତିଥି କହିଥିଲେ। ଏଥିରେ ଗ୍ରାମାଞ୍ଚଳରୁ ଆସିଥିବା କିଶୋରୀ, କିଶୋର ମାନଙ୍କୁ ନେଇ ରଜ ମୁକୁଟ ତିଆରି, ପୁଚି ଖେଳ, ନୃତ୍ୟ, ରେମ୍ପ ଶୋ ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ପାରମ୍ପରିକ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ ଓ ରଙ୍ଗୋଲି କାର୍ଯ୍ୟକ୍ରମ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ବିଡିଓ ବି. ଡୁଙ୍ଗଡଙ୍ଗ, ମାଙ୍ଗଳିକା ଦାଶ, କଟାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କୁମୁଦ ବନ୍ଧୁ ବାଗ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଜିଲା କାର୍ଯ୍ୟାଳୟ ମିଶନଶକ୍ତି ହବର କର୍ମଚାରୀ, ବରଗଡ ଗ୍ରାମାଞ୍ଚଳ ପ୍ରକଳ୍ପର ନବନିତା ମହାପାତ୍ର, ନନ୍ଦିନୀ ମହାକୁର, ସୈଳେନ୍ଦ୍ରୀ ସାହୁ, ଗୀତା ବିଶି, ଦମୟନ୍ତୀ କୁଅଁର, ବିଷ୍ଣୁପ୍ରୀୟା ଷଣ୍ଢ, ପ୍ରୀତିମୟୀ ପଣ୍ଡା, ଜାଗୃତୀ ପରିଡ଼ା, ଝିମିତା ନିଆଲ, ଗୋପବନ୍ଧୁ ପଧାନ, ଅଶୋକ ପଧାନ ସୁରଥ ମହାପାତ୍ର, ସର୍ବେଶର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରଗଡ ଗ୍ରାମାଞ୍ଚଳ ପ୍ରକଳ୍ପର ଅଙ୍ଗନୱାଡି କର୍ମୀ, କିଶୋରୀ କିଶୋରମାନେ ଯୋଗଦାନ କରିଥିଲେ ।

# ନାରାୟଣ ପୃଷ୍ଟେଠ୍‌ଙ୍କ ଜୟନ୍ତୀ ପାଳିତ

ପଦ୍ମପୁର,୨୧।୬(ପ୍ରଦୀପ୍ତ ଦାଶ)

ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଆର୍.ବି. ହାଇସ୍କୁଲ ସମ୍ମିଳନୀ କକ୍ଷରେ ଦିବଂଗତ ସାରସ୍ୱତ ସାଧକ ସ୍ୱର୍ଗତ ନାରାୟଣ ପୃଷ୍ଟେଠ୍‌ଙ୍କ ଜୟନ୍ତୀ ଉତ୍ସବ ଆଗାମୀ ସାହିତ୍ୟ ସଂସଦ ତରଫରୁ ପାଳିତ ହୋଇଯାଇଛି। ଏହି ଅବସରରେ ସଂସଦର ସଭାପତି ଡ. ପ୍ରମୋଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଓ ଡ. ଜୟକେତନ ତ୍ରିପାଠୀଙ୍କ ସଂଯୋଜନାରେ ଏକ ସ୍ମୃତିସଭାର ଆୟୋଜନ କରାଯାଇଥିଲା। ଉପ-ସଭାପତି ସଞ୍ଜୟ କୁମାର ବହିଦାର ସ୍ୱାଗତ ଭାଷଣ ଓ ସମ୍ପାଦକ ନାଟ୍ୟକାର ଅଶୋକ ବହିଦାର ବିବରଣୀ ପ୍ରଦାନ କରିଥିଲେ। ଉପସ୍ଥିତ ଶ୍ରୋତାମାନଙ୍କ ତରଫରୁ ସାମୂହିକ ଭାବେ ସ୍ୱର୍ଗତ ପୃଷ୍ଟେଠ୍‌ଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏଥିସହିତ ସ୍ମୃତି ପୁସ୍ତିକା ଆଗାମୀ ଓ ଡ. ପ୍ରମୋଦ କୁମାର ପାଢ଼ୀଙ୍କ ସମ୍ବଲପୁରୀ କବିତା ସଙ୍କଳନ ରସାଲି ଲେଡି ପୁସ୍ତକକୁ ଡ. ବାଞ୍ଛାନିଧି ପଣ୍ଡା ଓ ଗୋବିନ୍ଦ ପାଣିଗ୍ରାହୀ ଉନ୍ମୋଚନ କରିଥିଲେ। ଜୟନାରାୟଣ ତ୍ରିପାଠୀ, ପ୍ରଫେସର ରାଜେନ୍ଦ୍ର ପାଢ଼ୀ, ଆଇନଜୀବୀ ସନ୍ତୋଷ ଶତପଥୀ, ଅଧ୍ୟାପକ ସନ୍ତୋଷ ସିଂ ଠାକୁର, ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର, ପ୍ରମୋଦ ଚନ୍ଦ୍ର ନାଥଙ୍କ ସମେତ ବିଭିନ୍ନ ଅନୁଷ୍ଠାନରୁ ଆସିଥିବା କର୍ମକର୍ତ୍ତା ତଥା ବ୍ୟକ୍ତିବିଶେଷ ସ୍ୱର୍ଗତ ପୃଷ୍ଟେଠ୍‌ଙ୍କ ସ୍ମୃତିଚାରଣ କରିଥିଲେ। କୁଞ୍ଜବିହାରୀ ସରାଫ, କିଶୋର ପାତ୍ର, ଟେନେସ ପଣ୍ଡା ସମଗ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସହ-ସମ୍ପାଦକ ମନୋଜ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନେ ସ୍ମୃତି ପୁସ୍ତିକା ଉନ୍ମୋଚନ କରୁଛନ୍ତି।

# ନବୀନ ପଟ୍ଟନାୟକଙ୍କ ଆରୋଗ୍ୟ ପାଇଁ ସାମୂହିକ ଦୀପଦାନ

ବୌଦ୍ଧ,୨୧।୬ (ଅଜିତ କୁମାର ବାରିକ)

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଚିକିତ୍ସା ପାଇଁ ମୁମ୍ବାଇର ଏକ ଘରୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏଥିପାଇଁ ବୌଦ୍ଧ ଜିଲା ବିଜେଡି ପକ୍ଷରୁ ତାଙ୍କର ଆଶୁ ଆରୋଗ୍ୟ କାମନା କରି ପୁରୁଣାକଟକ ମା' ଭୈରବୀ ମନ୍ଦିର ଓ ବୌଦ୍ଧ ସହରର ପ୍ରସିଦ୍ଧ ଚନ୍ଦ୍ରଚୂଡ଼ ମନ୍ଦିରରେ ଶନିବାର ସାମୂହିକ ଦୀପଦାନ ଓ ପୂଜାର୍ଚ୍ଚନା କରାଯାଇଛି। ମା'ଭୈରବୀଙ୍କ ପୀଠରେ ହରଭଙ୍ଗା ବ୍ଲକ ବିଜେଡି ସଭାପତି ପଙ୍କଜ କୁମାର ସାହୁଙ୍କ ନେତୃତ୍ୱରେ ଦଳର ବହୁ ବରିଷ୍ଠ ନେତା ଓ ଅଞ୍ଚଳବାସୀ ଯୋଗଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନାକରି ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରିବା ପରେ ସାମୂହିକ ଦୀପଦାନ କରିଥିଲେ। ଦୀପଦାନ ସମୟରେ ବରିଷ୍ଠ ନେତା ସୀତାରାମ ଅଗ୍ରୱାଲା, ପ୍ରଦୀପ୍ତ ସାହୁ, ସୁବୋଧ ପ୍ରଧାନ, ଅଶୋକ ସେଠୀ, ଗରୁଡ ପ୍ରଧାନ, ରବିଚନ୍ଦ୍ର ପ୍ରଧାନ, ପ୍ରତିଭା ସାହୁ, ନୀହାର ଘୋଷ, ଦିଲୀପ ସାହୁ, ସୁଶୀଲ ହେହୁରୀ, ସଞ୍ଜୟ ଦେହୁରୀ ଓ ବହୁ ନେତା ଓ ଅଞ୍ଚଳବାସୀ ଯୋଗଦେଇଥିଲେ । ସେହିପରି ଏନ୍‌ଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ରଙ୍କ ନେତୃତ୍ୱରେ ଚନ୍ଦ୍ରଚୂଡ଼ ମନ୍ଦିରରେ ହୋଇଥିବା ଏହି ଦୀପଦାନ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷା ଶୁଭାଷିନୀ ସେଠୀ, ବରିଷ୍ଠ ନେତା ଅଶୋକ କୁମାର ସାହୁ, ବିଶ୍ୱଜିତ ମିଶ୍ର,ବସନ୍ତ କୁମାର ସ୍ୱାଇଁ, ଧୂରୀଣ କୁମାର ଦେହୁରୀ, ମାନସ ପୁରୋହିତ, ଅମ୍ରିତ କୁମାର ପ୍ରଧାନ, ଜ୍ଞାନରଞ୍ଜନ ପଟ୍ଟନାୟକ, ମନୋଜ କୁମାର ସାହୁ, ଦେବରଞ୍ଜନ ବିଶିଙ୍କ ସମେତ ବିଭିନ୍ନ ୱାର୍ଡର କାଉନ୍‌ସିଲର ଓ ଦଳୀୟ କର୍ମୀମାନେ ସାମିଲ ହୋଇଥିଲେ।



ମା' ଭୈରବୀଙ୍କ ପୀଠରେ ପୂଜାର୍ଚ୍ଚନା ସହ ସାମୂହିକ ଦୀପଦାନରେ ବରିଷ୍ଠ ନେତା ଓ ଅଞ୍ଚଳବାସୀ।

# ଦେଓଗାଁ ଚିନିକଳ କାର୍ଯ୍ୟକ୍ଷମ ଆଶା ଉଜ୍ଜୀବିତ

## ଚିନିକଳ ଜମି ସଂକ୍ରାନ୍ତୀୟ ସର୍ଭେ କଲେ ଅତିରିକ୍ତ ରେଜିଷ୍ଟ୍ରାର

ବଲାଙ୍ଗୀର,୨୧।୬(ବୀରେନ୍ଦ୍ର କୁମାର ଝାଙ୍କର)

ଗତ ୧୭ ତାରିଖ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଲାଙ୍ଗୀର ଗସ୍ତରେ ଆସି କୃଷକ ଶକ୍ତି ସମାବେଶରେ ଯୋଗଦାନ କରିଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଦେଓଗାଁ ଚିନିକଳ ପୁନଃ କାର୍ଯ୍ୟକ୍ଷମ ହେବା ନେଇ ସରକାର ଉଦ୍ୟମ କରୁଛନ୍ତି ବୋଲି କହିଥିଲେ। ସମାବେଶ ପରେ ମୁଖ୍ୟମନ୍ତ୍ରୀ ମାଝୀଙ୍କୁ ଖବରଦାତାମାନେ ଦେଓଗାଁ ଚିନିକଳ ଚଳାଇବା ନେଇ ସରକାର କ'ଣ କରୁଛନ୍ତି ବୋଲି ପ୍ରଶ୍ନ କରିବାରୁ ଚିନିକଳ କାର୍ଯ୍ୟକ୍ଷମ କରିବା ପାଇଁ ଉଦ୍ୟମ କରାଯାଉଛି ବୋଲି କହିଥିଲେ। ଏପରିକି ସମବାୟ ବିଭାଗ କେନ୍ଦ୍ରମନ୍ତ୍ରୀ ଅମିତ ଶାହାଙ୍କ ସହ ଏନେଇ ଆଲୋଚନା ହୋଇଥିବା ସୂଚନା ଦେଇଥିଲେ। ବଲାଙ୍ଗୀର ଦେଓଗାଁ ସାଗରପାଲିସ୍ଥିତ ବିଜୟାନନ୍ଦ ସମବାୟ ଚିନିକଳ ଏବଂ ବଡମ୍ବା ଚିନିକଳକୁ ସରକାର ପୁନଃ କାର୍ଯ୍ୟକ୍ଷମ କରିବେ ବୋଲି ମୁଖ୍ୟମନ୍ତ୍ରୀ ମାଝୀ ସୂଚନା ଦେଇଥିଲେ। ଏହି ଘୋଷଣାର ଦୁଇଦିନ ପରେ ଶୁକ୍ରବାର ସମବାୟ ବିଭାଗର ଅତିରିକ୍ତ ରେଜିଷ୍ଟ୍ରାର ଭକ୍ତବନ୍ଧୁ ସାହୁ ବଲାଙ୍ଗୀର ଆସି ଦେଓଗାଁ ଚିନିକଳର ଜମି ଓ ସାମ୍ପ୍ରତିକ ସ୍ଥିତି ଯାଞ୍ଚ କରିଥିବା ଜଣାପଡିଛି। ଓଡିଶା ସମବାୟ ବିଭାଗ ରେଜିଷ୍ଟ୍ରାରଙ୍କ ଅଫିସରୁ ଗତ ୧୯ ତାରିଖ ବଲାଙ୍ଗୀର ଜିଲାପାଳଙ୍କୁ ଏକ ଚିଠି କରାଯାଇ ବିଜୟାନନ୍ଦ ଚିନିକଳ ପୁନଃ କାର୍ଯ୍ୟକ୍ଷମ ସଂକ୍ରାନ୍ତରେ ସୂଚନା ଦେବା ସହ ଜମି ଚିହ୍ନଟୀକରଣ, ଜବରଦଖଲ ସ୍ଥିତି ଏବଂ ମାଲିକାନା ସମ୍ବନ୍ଧୀୟ ସୂଚନା ପ୍ରଦାନ ଦିଗରେ ସହଯୋଗ କରିବାକୁ କୁହାଯାଇଛି। ଏହି ଚିଠିରେ ଦେଓଗାଁ ଚିନିକଳ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ଇଣ୍ଡିଆନ୍ ପଟାସ ଲିମିଟେଡ୍ (ଆଇପିଏଲ) ଆଗ୍ରହୀ ବୋଲି ସୂଚନା ଦିଆଯାଇ ଏଥିସକାଶେ ଆଇପିଏଲ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ ଉପରେ ମୁଖ୍ୟମନ୍ତ୍ରୀ ସମ୍ମତି ଜଣାଇଥିବା ସୂଚନା ରହିଛି। ଏହି ଚିଠି ଆସିବା ପରେ ରାଜ୍ୟ ସରକାର ଦେଓଗାଁ ଚିନିକଳ ଚଳାଇବା ଦିଗରେ ଠୋସ୍ ପଦକ୍ଷେପ ନେଉଥିବା ଜଣାପଡିଛି। ଉକ୍ତ ଚିଠିରେ ଆହୁରି କୁହାଯାଇଛି, ଆଇପିଏଲ ଦେଓଗାଁ ଏବଂ ବଡମ୍ବା ଚିନିକଳ ପୁନଃ କାର୍ଯ୍ୟକ୍ଷମ କରିବା ଦିଗରେ ଆଗ୍ରହୀ। ଏହି ଦୁଇ ଚିନିକଳର କ୍ଷମତା ୩୦୦୦ରୁ ୩୫୦୦ ମେଟ୍ରିକ୍ ଟନ୍‌କୁ ବୃଦ୍ଧି କରିବାକୁ ଯୋଜନା କରିବ। ଏହାସହିତ କେବଳ ଚିନିକଳ ଆର୍ଥିକ ଦିଗରୁ ଲାଭଦାୟକ ହେଉନଥିବାରୁ ସେଠାରେ ଆଇପିଏଲ ୧୦୦ କେଏଲପିଡି ଇଥନଲ ଉତ୍ପାଦନ, ଗ୍ରୀନ୍ ପାୱାର ଏବଂ ସିବିଜି ପ୍ଲାଣ୍ଟ ବସାଇବାକୁ ଯୋଜନା କରିବ। ଏହି ସବୁ ପ୍ରକଳ୍ପ ପାଇଁ ୧୦୦୦ କୋଟି ପର୍ଯ୍ୟନ୍ତ ଖର୍ଚ୍ଚ ହେବ ବୋଲି ଆକଳନ କରାଯାଉଛି। ତେବେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ସରକାରକୁ କ'ଣ କରିବାକୁ ପଡିବ ସେନେଇ ମଧ୍ୟ ଆଇପିଏଲ ଉଲ୍ଲେଖ କରିଥିବା ଜଣାପଡିଛି। ସମବାୟ ବିଭାଗ ଅତିରିକ୍ତ ରେଜିଷ୍ଟ୍ରାର ସାହୁ ବଲାଙ୍ଗୀର ଆସି ବିଜୟାନନ୍ଦ ସମବାୟ ଚିନିକଳ ବିଷୟରେ ସର୍ଭେ କରିଥିବାରୁ ସରକାର ଏହି ଚିନିକଳ ଚଳାଇବା ଦିଗରେ ଆଗ୍ରହୀ ଥିବା ଆଲୋଚନା ଆରମ୍ଭ ହୋଇଛି। ଏହା ହେଲେ ୧୦ ହଜାରରୁ ଊର୍ଦ୍ଧ୍ୱ ଆଖୁଚାଷୀ ପରିବାର ଉପକୃତ ହେବେ। ସହସ୍ରାଧିକ ଲୋକଙ୍କୁ ପରୋକ୍ଷ ଓ ପ୍ରତ୍ୟକ୍ଷ ନିଯୁକ୍ତି ମିଳିବ। ଜିଲାର ଦାଦନ ଶ୍ରମିକ ସମସ୍ୟା ରୋକିବାରେ ଏହି ଚିନିକଳ ସହାୟକ ହେବ ବୋଲି କୁହାଯାଉଛି।



ପାଇକମାଲ ବ୍ଲକରେ ଆୟୋଜିତ ଯୋଗ ଦିବସ।


ଗାଇସିଲେଟରେ ଅନ୍ତର୍ଜାତୀୟ ଯୋଗ ଦିବସ।

# ସଭିଁଏ ଏକାଠି ଯୋଗାଭ୍ୟାସ କଲେ

**ବରଗଡ଼, ୨୧।୬ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ରେ ଅନ୍ତର୍ଜାତୀୟ ଯୋଗ ଦିବସ

ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଶନିବାର ବରଗଡ଼ ଇନଡ଼ୋର ଷ୍ଟେଡ଼ିୟମରେ ଜିଲାସ୍ତରୀୟ ଯୋଗାଭ୍ୟାସ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଜିଲାପାଳ ଆଦିତ୍ୟ ଗୋୟଲ, ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ, ମହେନ୍ଦ୍ର ମହାପାତ୍ରଙ୍କ ସମେତ ଜିଲାସ୍ତରୀୟ ଅନ୍ୟ ଅଧିକାରୀବୃନ୍ଦ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ସାମାଜିକ ଅନୁଷ୍ଠାନର ସ୍ୱେଚ୍ଛାସେବୀ, କ୍ରୀଡ଼ାବିତ୍ ପ୍ରମୁଖ ସାମିଲ ହୋଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଯୋଡ଼ି ହେବା ସହିତ ସାମୁହିକ ଯୋଗାଭ୍ୟାସ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଅଜୟ କୁମାର ପଟ୍ଟନାୟକ, ଅବକାରୀ ଅଧୀକ୍ଷକ ସୁବନ କୁମାର ନାୟକଙ୍କ ଉଦ୍ୟମରେ ଆୟୋଜିତ ଉକ୍ତ ସାମୁହିକ ଯୋଗାଭ୍ୟାସ ଶିବିରରେ ବରଗଡ଼ ଆର୍ଟ ଅଫ୍ ଲିଭିଙ୍ଗ୍ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହି ଯୋଗାଭ୍ୟାସ ପ୍ରଦର୍ଶନ କରିଥିଲେ। ଜିଲାରୁ ଜାତୀୟ ଯୋଗାଭ୍ୟାସ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିଥିବା ଖଜୁରଟିକ୍ରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ତାଙ୍କ ସହଯୋଗୀ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା।


ବରଗଡ଼ ଜିଲାସ୍ତରୀୟ ଯୋଗ ଦିବସ ପାଳନରେ ଅତିଥିବୃନ୍ଦ।


ଭୁକ୍ତାସ୍ଥିତ ଜନତା ସରକାରୀ ହାଇସ୍କୁଲରେ ଯୋଗାଭ୍ୟାସ।

ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତାସ୍ଥିତ ଜନତା ସରକାରୀ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଥିଲା। କ୍ରୀଡ଼ା ଶିକ୍ଷକ ଜ୍ୟୋତିଶ୍ଚନ୍ଦ୍ର ପ୍ରଧାନ, ରଞ୍ଜିତ ସାହୁ ଶିକ୍ଷାର୍ଥୀମାନଙ୍କୁ ଯୋଗଶିକ୍ଷା ପ୍ରଦାନ କରିଥିଲେ। ଜୁନିୟର ରେଡ଼କ୍ରସ କାଉନସିଲର ସଞ୍ଜୟ ଖମାରୀ ଚଳିତବର୍ଷ ଅନ୍ତର୍ଜାତୀୟ ଯୋଗ ଦିବସର ବିଷୟବସ୍ତୁ ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ ଉପରେ ଶିକ୍ଷାର୍ଥୀମାନଙ୍କୁ ସୂଚନା ଦେଇଥିଲେ। ଗୋବିନ୍ଦପୁର ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଡୋଲାମଣି ପ୍ରଧାନ, ସମିତିସଭ୍ୟ ଜ୍ଞାନଚନ୍ଦ୍ର ବିଶ୍ୱାଳ, ବଗେଇବିରା ଇଣ୍ଡିଆନ ମିଲିଟାରୀ ଏକାଡ଼େମୀର ସଭାପତି ପୁରନ୍ଦର ଭୋସାଗର ପ୍ରମୁଖ ଉପସ୍ଥିତ ଥିଲେ। ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚେୟାରମ୍ୟାନ ସୁମନ ସାୱାଡ଼ିଆଙ୍କ ସମେତ ମ୍ୟାନେଜମେଣ୍ଟ ସଦସ୍ୟ, ଶିକ୍ଷୟିତ୍ରୀ, ଶିକ୍ଷକବୃନ୍ଦ ଉପସ୍ଥିତ ଥିଲେ। ବରଗଡ଼ର ରାଜ ପାଥୋ କ୍ଲିନିକରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସଂସ୍ଥାର ମୁଖ୍ୟ ପରାମର୍ଶଦାତା ନବକିଶୋର ପାଣିଗ୍ରାହୀ ସଂଯୋଜନା କରିଥିଲେ। ଡାଇରେକ୍ଟର ରାଜକିଶୋର ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ଡା. ଅର୍ଜୁନ ମେହେର ମୁଖ୍ୟଅତିଥିଭାବେ ଯୋଗଦାନ କରିଥିଲେ। ବରିଷ୍ଠ ନାଗରିକ ସଂଘର ସଭାପତି ପ୍ରମୋଦ ଝାଙ୍କର, ଯୋଗ ପ୍ରଶିକ୍ଷକ ଲଳିତ ମୋହନ ପ୍ରଧାନ ପ୍ରମୁଖ ଯୋଗଦେଇ ଯୋଗାଭ୍ୟାସ କରାଇଥିଲେ। ବରିଷ୍ଠ ନାଗରିକ ସଂଘର ସଂଗଠନ ସମ୍ପାଦକ କେଦାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବରଗଡ଼ ରାଣାପ୍ରତାପ ସ୍କୁଲରେ ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ତତ୍ତ୍ୱାବଧାନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଡ଼ଃ ଡୋଲାମଣି ଶତପଥୀ, କପିଳ ବାଗ, ଶିକ୍ଷକ ଗୋପବନ୍ଧୁ ପୁରୋହିତ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଯୋଗଶିକ୍ଷା ପ୍ରଦାନ କରିଥିଲେ।

# ଶରୀର ସୁସ୍ଥ, ମନ ଏକାଗ୍ରତା ରହିବ

**ପାଇକମାଲ, ୨୧।୬ (ବଡ଼ ଶତପଥୀ)**

ପାଇକମାଲ ବ୍ଲକ ଅଧୀନ ବିଭିନ୍ନ ସ୍କୁଲ, କଲେଜ, ସରକାରୀ ଅନୁଷ୍ଠାନ ତଥା ବେସରକାରୀ ଅନୁଷ୍ଠାନଗୁଡ଼ିକରେ ଶନିବାର ସକାଳ ୬ଟା ୩୦ରେ ଅନ୍ତଃରାଷ୍ଟ୍ରୀୟ ଯୋଗଦିବସ ପାଳିତ ହୋଇଯାଇଛି। ନୃସିଂହନାଥ ମନ୍ଦିର ପରିସରରେ ମିଳିତ ଭାବରେ ଏହି ଯୋଗଦିବସ ପାଇକମାଲ ବିଡିଓ ପ୍ରଫୁଲ୍ଲ କୁମାର ଓଡୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଳିତ ହୋଇଥିଲା। ଏଥିରେ ସ୍ଥାନୀୟ ସ୍କୁଲ କଲେଜ ବ୍ଲକ କର୍ମଚାରୀ, ଶିକ୍ଷକ, ସାମ୍ବାଦିକ ଯୁବକ, ମହିଳାମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ସୁନୀଲ ଭୋଇ, ପ୍ରଭାତ କୁମାର ତ୍ରିପାଠୀ, ସୁରେନ୍ଦ୍ର ପ୍ରତାପ ସିଂ ବରିହା, ସରୋଜ ସାମଲ, ଯୋଗଶିକ୍ଷକ ବଡ଼ ଶତପଥୀ, ମନ୍ଦିର ଟ୍ରଷ୍ଟି ଦେବାଶିଷ ସିଂହା, ବାସନ୍ତୀ ପୂର୍ତ୍ତି, ସୁନିଶ ଦୋରା ପ୍ରମୁଖ ଯୋଗଦେଇ ସମସ୍ତେ ସବୁଦିନ ଯୋଗ ପ୍ରାଣାୟାମ କଲେ ଶରୀର ସୁସ୍ଥ ରହିବା ସହ ମନ ଏକାଗ୍ରତା ରହିବ ବୋଲି କହିଥିଲେ।

**ବରପାଲି, (ଚିତ୍ତରଞ୍ଜନ ସାହୁ)**

ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ଶନିବାର ଆନ୍ତର୍ଜାତୀୟ ଯୋଗ ଦିବସ ମହାବିଦ୍ୟାଳୟର ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରେଡ଼କ୍ରସ ଓ ଏନ୍‌ଏସ୍‌ଏସ୍‌ର ମିଳିତ ଆନୁକୁଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ଯୋଗଥିଲେ। ଯୋଗ ଶିକ୍ଷକ ଭାବେ ଯୋଗ ଗୁରୁ ଜଗବନ୍ଧୁ ଦାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇଂଲିଶ ଅଧ୍ୟାପକ ସୁଧାଂଶୁ କୁମାର ଦାଶ ଉପସ୍ଥିତ ଥିଲେ।

**ଗାଇସିଲେଟ (ଦୁର୍ଗାପ୍ରସାଦ ତ୍ରିବେଦୀ):** ଗାଇସିଲେଟ ବ୍ଲକ ପ୍ରଶାସନ ଦ୍ୱାରା ଆନ୍ତର୍ଜାତିୟ ଯୋଗ ଦିବସ ସ୍ଥାନୀୟ ମିନି ଷ୍ଟେଡିୟମରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ, ଏମ୍‌ପି ପ୍ରତିନିଧି ସଞ୍ଜୟ କୁମାର ପୁରୋହିତ, ବିଡ଼ିଓ ଲକ୍ଷ୍ମଣ ମାଝୀ ୟୁଥ କ୍ଲବ ସଭାପତି ରଞ୍ଜନ କୁମାର ପଣ୍ଡା ଯୋଗଦାନ କରି ଶିବିର ଉଦ୍‌ଘାଟନ କରିଥିଲେ। **ପଦ୍ମପୁର (ପ୍ରଦୀପ୍ତ ଦାଶ):** ପଦ୍ମପୁର ସ୍ଥିତ ରାଜାଜୀ ଟାଉନ ହଲଠାରେ ଉପଜିଲାପାଳ ସ୍ନେହା ଅରୁଗୁଲାଙ୍କ ତତ୍ତ୍ୱାବଧାନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଚିତେଶ ରଞ୍ଜନ ମେହେର ମଞ୍ଚ ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲାପାଳ କୁନାଲ ମୋତିରାମ ଚୌହାନ ଓ ସମ୍ମାନିତ ଅତିଥି ଭାବରେ ଅବସର ପ୍ରାପ୍ତ ଅଧ୍ୟାପକ ବାଞ୍ଛାନିଧୀ ପଣ୍ଡା ଯୋଗଦେଇଥିଲେ। ଯୋଗ ମହୋତ୍ସବ ସମିତି ଜିଲା ସଂଯୋଜକ ମାର୍ତ୍ତଣ୍ଡ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବଡ଼ବନ୍ଧରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ନାରାୟଣ ପୃଷେଠ୍‌ଙ୍କ ଜୟନ୍ତୀ ପାଳିତ

**ପଦ୍ମପୁର, ୨୧।୬ (ପ୍ରଦୀପ୍ତ ଦାଶ)**

ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଆର୍.ବି. ହାଇସ୍କୁଲ ସମ୍ମିଳନୀ କକ୍ଷରେ ଦିବଂଗତ ସାରସ୍ୱତ ସାଧକ ସ୍ୱର୍ଗତ ନାରାୟଣ ପୃଷେଠ୍‌ଙ୍କ ଜୟନ୍ତୀ ଉତ୍ସବ ଆଗାମୀ ସାହିତ୍ୟ ସଂସଦ ତରଫରୁ ପାଳିତ ହୋଇଯାଇଛି। ଏହି ଅବସରରେ ସଂସଦର ସଭାପତି ଡ. ପ୍ରମୋଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଓ ଡ. ଜୟକେତନ ତ୍ରିପାଠୀଙ୍କ ସଂଯୋଜନାରେ ଏକ ସ୍ମୃତିସଭାର ଆୟୋଜନ କରାଯାଇଥିଲା। ଉପ-ସଭାପତି ସଞ୍ଜୟ କୁମାର ବହିଦାର ସ୍ୱାଗତ ଭାଷଣ ଓ ସମ୍ପାଦକ ନାଟ୍ୟକାର ଅଶୋକ ବହିଦାର ବିବରଣୀ ପ୍ରଦାନ କରିଥିଲେ। ଉପସ୍ଥିତ ଶ୍ରୋତାମାନଙ୍କ ତରଫରୁ ସାମୂହିକ ଭାବେ ସ୍ୱର୍ଗତ ପୃଷେଠ୍‌ଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏଥିସହିତ ସ୍ମୃତି ପୁସ୍ତିକା ଆଗାମୀ ଓ ଡ. ପ୍ରମୋଦ କୁମାର ପାଢ଼ୀଙ୍କ ସମ୍ବଲପୁରୀ କବିତା ସଙ୍କଳନ ରସାଲି ଲେଡି ପୁସ୍ତକକୁ ଡ. ବାଞ୍ଛାନିଧି ପଣ୍ଡା ଓ ଗୋବିନ୍ଦ ପାଣିଗ୍ରାହୀ ଉନ୍ମୋଚନ କରିଥିଲେ। ଜୟନାରାୟଣ ତ୍ରିପାଠୀ, ପ୍ରଫେସର ରାଜେନ୍ଦ୍ର ପାଢ଼ୀ, ଆଇନଜୀବୀ ସନ୍ତୋଷ ଶତପଥୀ, ଅଧ୍ୟାପକ ସନ୍ତୋଷ ସିଂ ଠାକୁର, ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର, ପ୍ରମୋଦ ଚନ୍ଦ୍ର ନାଥଙ୍କ ସମେତ ବିଭିନ୍ନ ଅନୁଷ୍ଠାନରୁ ଆସିଥିବା କର୍ମକର୍ତ୍ତା ତଥା ବ୍ୟକ୍ତିବିଶେଷ ସ୍ୱର୍ଗତ ପୃଷେଠ୍‌ଙ୍କ ସ୍ମୃତିଚାରଣ କରିଥିଲେ। କୁଞ୍ଜବିହାରୀ ସରାଫ, କିଶୋର ପାତ୍ର, ଟେନେସ ପଣ୍ଡା ସମଗ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସହ-ସମ୍ପାଦକ ମନୋଜ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିମାନେ ସ୍ମୃତି ପୁସ୍ତିକା ଉନ୍ମୋଚନ କରୁଛନ୍ତି।

# ପ୍ରକଳ୍ପ ସ୍ତରୀୟ ଅଦ୍ରିକା କିଶୋରୀ ସୁଭଦ୍ରା ଦିବସ


ପ୍ରକଳ୍ପ ସ୍ତରୀୟ ଅଦ୍ରିକା କିଶୋରୀ ସୁଭଦ୍ରା ଦିବସରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀବୃନ୍ଦ।

**ବରଗଡ଼, ୨୧।୬ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ମହିଳା ଓ ଶିଶୁ ବିକାଶ ଗ୍ରାମାଞ୍ଚଳ ପ୍ରକଳ୍ପ ତରଫରୁ ଶନିବାର ପ୍ରକଳ୍ପ ସ୍ତରୀୟ ଅଦ୍ରିକା କିଶୋରୀ ସୁଭଦ୍ରା ଦିବସ ପାଳିତ ହୋଇଯାଇଛି। ସିଡିପିଓ ସୌଦାମିନୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସମାଜ ମଙ୍ଗଳ ଅଧିକାରୀ ସନ୍ଧ୍ୟାରାଣୀ ନେପାକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। କିଶୋରୀ, କିଶୋରମାନଙ୍କଠାରେ ପାରମ୍ପରିକ, ସାଂସ୍କୃତିକ ପରିଚୟ ସହ ସେମାନଙ୍କୁ ଶାରୀରିକ, ମାନସିକ ଭାବରେ ସଶକ୍ତିକରଣ ଓ ବିକାଶୋନ୍ମୁଖୀ କରିବା ଏବଂ ସେମାନଙ୍କ ଠାରେ ରହିଥିବା ପ୍ରତିଭାର ବିକାଶ କରି ସେମାନଙ୍କୁ ସର୍ବୋତ୍ତମ ବିକାଶ ଦିଗରେ ଆଗକୁ ନେବାର ଉଦ୍ୟମ ଆରମ୍ଭ କରାଯାଉଛି ବୋଲି ମୁଖ୍ୟ ଅତିଥି କହିଥିଲେ। ଏଥିରେ ଗ୍ରାମାଞ୍ଚଳରୁ ଆସିଥିବା କିଶୋରୀ, କିଶୋର ମାନଙ୍କୁ ନେଇ ରଜ ମୁକୁଟ ତିଆରି, ପୁଚି ଖେଳ, ନୃତ୍ୟ, ରେମ୍ପ ଶୋ ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ପାରମ୍ପରିକ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ ଓ ରଙ୍ଗୋଲି କାର୍ଯ୍ୟକ୍ରମ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ବିଡିଓ ବି. ଡୁଙ୍ଗଡଙ୍ଗ, ମାଙ୍ଗଳିକା ଦାଶ, କଟାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କୁମୁଦ ବନ୍ଧୁ ବାଗ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଜିଲା କାର୍ଯ୍ୟାଳୟ ମିଶନଶକ୍ତି ହବର କର୍ମଚାରୀ, ବରଗଡ ଗ୍ରାମାଞ୍ଚଳ ପ୍ରକଳ୍ପର ନବନିତା ମହାପାତ୍ର, ନନ୍ଦିନୀ ମହାକୁର, ସୈଳେନ୍ଦ୍ରୀ ସାହୁ, ଗୀତା ବିଶି, ଦମୟନ୍ତୀ କୁଅଁର, ବିଷ୍ଣୁପ୍ରୀୟା ଷଣ୍ଢ, ପ୍ରୀତିମୟୀ ପଣ୍ଡା, ଜାଗୃତୀ ପରିଡ଼ା, ଝିମିତା ନିଆଲ, ଗୋପବନ୍ଧୁ ପଧାନ, ଅଶୋକ ପଧାନ ସୁରଥ ମହାପାତ୍ର, ସର୍ବେଶର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରଗଡ ଗ୍ରାମାଞ୍ଚଳ ପ୍ରକଳ୍ପର ଅଙ୍ଗନୱାଡି କର୍ମୀ, କିଶୋରୀ କିଶୋରମାନେ ଯୋଗଦାନ କରିଥିଲେ।

# ଅତାବିରା ଇନ୍‌ଡୋର ଷ୍ଟାଡିୟମରେ ଯୋଗ ଦିବସ

**ଅତାବିରା, ୨୧।୬ (ଯୁଧିଷ୍ଠିର ମହାପାତ୍ର)**

ଅତାବିରା ଇନ୍‌ଡୋର ଷ୍ଟାଡିୟମଠାରେ ଶନିବାର ପଞ୍ଚାୟତ ସମିତି ଓ ଏନ୍‌ଏସି ତରଫରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଯୋଗ ଶିବିରରେ ବିଡିଓ ରିପୁନାଥ ସୁନା, ଏବିଡିଓ ଗିରୀନ୍ଦ୍ର ସାହୁ, ଜିପିଡିଓ ମହମ୍ମଦ ଆକବର, ସିଡିପିଓ ଊର୍ମିଳା ପରିଡା, ଏନ୍‌ଏସି ଇଓ ନରେନ୍ଦ୍ର ପ୍ରଧାନ, ତହସିଲଦାର କେ. ଟିଟି କୁମାର ପ୍ରମୁଖ ଯୋଗଦେଇ ଶିବିରଟିକୁ ଉଦ୍‌ଘାଟନ କରିଥିଲେ। ଯୋଗ ପ୍ରଶିକ୍ଷକ ଭାବେ ନାରଦାନନ୍ଦ ସରସ୍ୱତୀ, ଗୋବିନ୍ଦ କଠାର, ପ୍ରଶାନ୍ତ କୁମାର ପଣ୍ଡା ଯୋଗଦେଇ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ଏହି ଶିବିରରେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଛାତ୍ରୀଛାତ୍ର ପ୍ରମୁଖ ଯୋଗଦେଇଥିଲେ।

ସେହିପରି ଅନ୍ତର୍ଜାତୀୟ ଯୋଗଦିବସ ଅବସରରେ ଲରମ୍ଭା କଲେଜଠାରେ ଯୋଗଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ଭୋଇ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୩୧୫ଜଣ ଛାତ୍ରୀଛାତ୍ରଙ୍କ ସମେତ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏଥିରେ କଲେଜସ୍ଥିତ ଏନ୍‌ସିସିର ଆର୍ମି ଓ ନାଭାଲ ଗ୍ରୁପ, ଏନଏସଏସ, ରେଡକ୍ରସର ସକ୍ରିୟ ଭୂମିକା ରହିଥିଲା। ଏହି ଅବସରରେ କଲେଜ ପରିସରରେ ଏକ ସଫେଇ ଅଭିଯାନ ମଧ୍ୟ କରାଯାଇଥିଲା।


ଅତାବିରାରେ ଯୋଗ ଦିବସ

# ନବୀନ ପଟ୍ଟନାୟକଙ୍କ ଆରୋଗ୍ୟ ପାଇଁ ସାମୂହିକ ଦୀପଦାନ

**ବୌଦ୍ଧ, ୨୧।୬ (ଅଜିତ କୁମାର ବାରିକ)**

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଚିକିତ୍ସା ପାଇଁ ମୁମ୍ବାଇର ଏକ ଘରୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏଥିପାଇଁ ବୌଦ୍ଧ ଜିଲା ବିଜେଡି ପକ୍ଷରୁ ତାଙ୍କର ଆଶୁ ଆରୋଗ୍ୟ କାମନା କରି ପୁରୁଣାକଟକ ମା' ଭୈରବୀ ମନ୍ଦିର ଓ ବୌଦ୍ଧ ସହରର ପ୍ରସିଦ୍ଧ ଚନ୍ଦ୍ରଚୂଡ଼ ମନ୍ଦିରରେ ଶନିବାର ସାମୂହିକ ଦୀପଦାନ ଓ ପୂଜାର୍ଚ୍ଚନା କରାଯାଇଛି। ମା'ଭୈରବୀଙ୍କ ପୀଠରେ ହରଭଙ୍ଗା ବ୍ଲକ ବିଜେଡି ସଭାପତି ପଙ୍କଜ କୁମାର ସାହୁଙ୍କ ନେତୃତ୍ୱରେ ଦଳର ବହୁ ବରିଷ୍ଠ ନେତା ଓ ଅଞ୍ଚଳବାସୀ ଯୋଗଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନାକରି ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରିବା ପରେ ସାମୂହିକ ଦୀପଦାନ କରିଥିଲେ। ଦୀପଦାନ ସମୟରେ ବରିଷ୍ଠ ନେତା ସୀତାରାମ ଅଗ୍ରୱାଲା, ପ୍ରଦୀପ୍ତ ସାହୁ, ସୁବୋଧ ପ୍ରଧାନ, ଅଶୋକ ସେଠୀ, ଗରୁଡ ପ୍ରଧାନ, ରବିଚନ୍ଦ୍ର ପ୍ରଧାନ, ପ୍ରତିଭା ସାହୁ, ନୀହାର ଘୋଷ, ଦିଲୀପ ସାହୁ, ସୁଶୀଲ ହେହୁରୀ, ସଞ୍ଜୟ ଦେହୁରୀ ଓ ବହୁ ନେତା ଓ ଅଞ୍ଚଳବାସୀ ଯୋଗଦେଇଥିଲେ। ସେହିପରି ଏନ୍‌ଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ରଙ୍କ ନେତୃତ୍ୱରେ ଚନ୍ଦ୍ରଚୂଡ଼ ମନ୍ଦିରରେ ହୋଇଥିବା ଏହି ଦୀପଦାନ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷା ଶୁଭାଷିନୀ ସେଠୀ, ବରିଷ୍ଠ ନେତା ଅଶୋକ କୁମାର ସାହୁ, ବିଶ୍ୱଜିତ ମିଶ୍ର, ବସନ୍ତ କୁମାର ସ୍ୱାଇଁ, ଧୂରୀଣ କୁମାର ଦେହୁରୀ, ମାନସ ପୁରୋହିତ, ଅମ୍ରିତ କୁମାର ପ୍ରଧାନ, ଜ୍ଞାନରଞ୍ଜନ ପଟ୍ଟନାୟକ, ମନୋଜ କୁମାର ସାହୁ, ଦେବରଞ୍ଜନ ବିଶିଙ୍କ ସମେତ ବିଭିନ୍ନ ୱାର୍ଡର କାଉନ୍‌ସିଲର ଓ ଦଳୀୟ କର୍ମୀମାନେ ସାମିଲ ହୋଇଥିଲେ।


ମା' ଭୈରବୀଙ୍କ ପୀଠରେ ପୂଜାର୍ଚ୍ଚନା ସହ ସାମୂହିକ ଦୀପଦାନରେ ବରିଷ୍ଠ ନେତା ଓ ଅଞ୍ଚଳବାସୀ।

# ଦେଓଗାଁ ଚିନିକଲ କାର୍ଯ୍ୟକ୍ଷମ ଆଶା ଉଜ୍ଜୀବିତ

**ବଲାଙ୍ଗୀର, ୨୧।୬ (ବୀରେନ୍ଦ୍ର କୁମାର ଝାଙ୍କର)**

ଗତ ୧୭ ତାରିଖ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଲାଙ୍ଗୀର ଗସ୍ତରେ ଆସି କୃଷକ ଶକ୍ତି ସମାବେଶରେ ଯୋଗଦାନ କରିଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଦେଓଗାଁ ଚିନିକଲ ପୁନଃ କାର୍ଯ୍ୟକ୍ଷମ ହେବା ନେଇ ସରକାର ଉଦ୍ୟମ କରୁଛନ୍ତି ବୋଲି କହିଥିଲେ। ସମାବେଶ ପରେ ମୁଖ୍ୟମନ୍ତ୍ରୀ ମାଝୀଙ୍କୁ ଖବରଦାତାମାନେ ଦେଓଗାଁ ଚିନିକଲ ଚଳାଇବା ନେଇ ସରକାର କ'ଣ କରୁଛନ୍ତି ବୋଲି ପ୍ରଶ୍ନ କରିବାରୁ ଚିନିକଲ କାର୍ଯ୍ୟକ୍ଷମ କରିବା ପାଇଁ ଉଦ୍ୟମ କରାଯାଉଛି ବୋଲି କହିଥିଲେ। ଏପରିକି ସମବାୟ ବିଭାଗ କେନ୍ଦ୍ରମନ୍ତ୍ରୀ ଅମିତ ଶାହାଙ୍କ ସହ ଏନେଇ ଆଲୋଚନା ହୋଇଥିବା ସୂଚନା ଦେଇଥିଲେ। ବଲାଙ୍ଗୀର ଦେଓଗାଁ ସାଗରପାଲିସ୍ଥିତ ବିଜୟାନନ୍ଦ ସମବାୟ ଚିନିକଲ ଏବଂ ବଡମ୍ବା ଚିନିକଲକୁ ସରକାର ପୁନଃ କାର୍ଯ୍ୟକ୍ଷମ କରିବେ ବୋଲି ମୁଖ୍ୟମନ୍ତ୍ରୀ ମାଝୀ ସୂଚନା ଦେଇଥିଲେ।

**ଚିନିକଲ ଜମି ସଂକ୍ରାନ୍ତୀୟ ସର୍ଭେ କଲେ ଅତିରିକ୍ତ ରେଜିଷ୍ଟ୍ରାର**

ଏହି ଘୋଷଣାର ଦୁଇଦିନ ପରେ ଶୁକ୍ରବାର ସମବାୟ ବିଭାଗର ଅତିରିକ୍ତ ରେଜିଷ୍ଟ୍ରାର ଭକ୍ତବନ୍ଧୁ ସାହୁ ବଲାଙ୍ଗୀର ଆସି ଦେଓଗାଁ ଚିନିକଲର ଜମି ଓ ସାମ୍ପ୍ରତିକ ସ୍ଥିତି ଯାଞ୍ଚ କରିଥିବା ଜଣାପଡିଛି। ଓଡିଶା ସମବାୟ ବିଭାଗ ରେଜିଷ୍ଟ୍ରାରଙ୍କ ଅଫିସରୁ ଗତ ୧୯ ତାରିଖ ବଲାଙ୍ଗୀର ଜିଲାପାଳଙ୍କୁ ଏକ ଚିଠି କରାଯାଇ ବିଜୟାନନ୍ଦ ଚିନିକଲ ପୁନଃ କାର୍ଯ୍ୟକ୍ଷମ ସଂକ୍ରାନ୍ତରେ ସୂଚନା ଦେବା ସହ ଜମି ଚିହ୍ନଟୀକରଣ, ଜବରଦଖଲ ସ୍ଥିତି ଏବଂ ମାଲିକାନା ସମ୍ବନ୍ଧୀୟ ସୂଚନା ପ୍ରଦାନ ଦିଗରେ ସହଯୋଗ କରିବାକୁ କୁହାଯାଇଛି। ଏହି ଚିଠିରେ ଦେଓଗାଁ ଚିନିକଲ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ଇଣ୍ଡିଆନ୍ ପଟାସ ଲିମିଟେଡ୍ (ଆଇପିଏଲ) ଆଗ୍ରହୀ ବୋଲି ସୂଚନା ଦିଆଯାଇ ଏଥିସକାଶେ ଆଇପିଏଲ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ ଉପରେ ମୁଖ୍ୟମନ୍ତ୍ରୀ ସମ୍ମତି ଜଣାଇଥିବା ସୂଚନା ରହିଛି। ଏହି ଚିଠି ଆସିବା ପରେ ରାଜ୍ୟ ସରକାର ଦେଓଗାଁ ଚିନିକଲ ଚଳାଇବା ଦିଗରେ ଠୋସ୍ ପଦକ୍ଷେପ ନେଉଥିବା ଜଣାପଡିଛି। ଉକ୍ତ ଚିଠିରେ ଆହୁରି କୁହାଯାଇଛି, ଆଇପିଏଲ ଦେଓଗାଁ ଏବଂ ବଡମ୍ବା ଚିନିକଲ ପୁନଃ କାର୍ଯ୍ୟକ୍ଷମ କରିବା ଦିଗରେ ଆଗ୍ରହୀ। ଏହି ଦୁଇ ଚିନିକଲର କ୍ଷମତା ୩୦୦୦ରୁ ୩୫୦୦ ମେଟ୍ରିକ୍ ଟନ୍‌କୁ ବୃଦ୍ଧି କରିବାକୁ ଯୋଜନା କରିବ। ଏହାସହିତ କେବଳ ଚିନିକଲ ଆର୍ଥିକ ଦିଗରୁ ଲାଭଦାୟକ ହେଉନଥିବାରୁ ସେଠାରେ ଆଇପିଏଲ ୧୦୦ କେଏଲପିଡି ଇଥନଲ ଉତ୍ପାଦନ, ଗ୍ରୀନ୍ ପାୱାର ଏବଂ ସିବିଜି ପ୍ଲାଣ୍ଟ ବସାଇବାକୁ ଯୋଜନା କରିବ। ଏହି ସବୁ ପ୍ରକଳ୍ପ ପାଇଁ ୧୦୦୦ କୋଟି ପର୍ଯ୍ୟନ୍ତ ଖର୍ଚ୍ଚ ହେବ ବୋଲି ଆକଳନ କରାଯାଉଛି। ତେବେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ସରକାରକୁ କ'ଣ କରିବାକୁ ପଡିବ ସେନେଇ ମଧ୍ୟ ଆଇପିଏଲ ଉଲ୍ଲେଖ କରିଥିବା ଜଣାପଡିଛି। ସମବାୟ ବିଭାଗ ଅତିରିକ୍ତ ରେଜିଷ୍ଟାର ସାହୁ ବଲାଙ୍ଗୀର ଆସି ବିଜୟାନନ୍ଦ ସମବାୟ ଚିନିକଲ ବିଷୟରେ ସର୍ଭେ କରିଥିବାରୁ ସରକାର ଏହି ଚିନିକଲ ଚଳାଇବା ଦିଗରେ ଆଗ୍ରହୀ ଥିବା ଆଲୋଚନା ଆରମ୍ଭ ହୋଇଛି। ଏହା ହେଲେ ୧୦ ହଜାରରୁ ଊର୍ଦ୍ଧ୍ୱ ଆଖୁଚାଷୀ ପରିବାର ଉପକୃତ ହେବେ। ସହସ୍ରାଧିକ ଲୋକଙ୍କୁ ପରୋକ୍ଷ ଓ ପ୍ରତ୍ୟକ୍ଷ ନିଯୁକ୍ତି ମିଳିବ। ଜିଲାର ଦାଦନ ଶ୍ରମିକ ସମସ୍ୟା ରୋକିବାରେ ଏହି ଚିନିକଲ ସହାୟକ ହେବ ବୋଲି କୁହାଯାଉଛି।

# ଇସ୍ଫାହାନ୍ ଆଣବିକ କେନ୍ଦ୍ରରେ ଇସ୍ରାଏଲ୍‌ର ଆକ୍ରମଣ

**ତେଲ୍ ଆଭିଭ୍, ୨୧।୬**

ଇସ୍ରାଏଲ୍ ଏବଂ ଇରାନ ମଧ୍ୟରେ ଯୁଦ୍ଧ ଦ୍ୱିତୀୟ ସପ୍ତାହରେ ପହଞ୍ଚିଥିବାବେଳେ ଶୁକ୍ରବାର ବିଳମ୍ବିତ ରାତିରେ ଇସ୍ରାଏଲୀ ସେନା ଇରାନର ଇସ୍ଫାହାନ ନ୍ୟୁକ୍ଲିୟର ରିସର୍ଚ୍ଚ ଫାସିଲିଟି ଉପରେ ଆକ୍ରମଣ କରିଛି। ଏହି ଆକ୍ରମଣରେ ଇରାନର ୩ ଜଣ ବରିଷ୍ଠ କମାଣ୍ଡର ନିହତ ହୋଇଛନ୍ତି। ଶନିବାର ଭୋର ସମୟରେ ଇସ୍ଫାହାନ୍‌ର ଏକ ପର୍ବତ ନିକଟ ଅଞ୍ଚଳରୁ ଧୂଆଁ ଉଠୁଥିବା ଦେଖାଯାଇଥିଲା। ସେଠାରେ ଥିବା ଆଣବିକ ଗବେଷଣା କେନ୍ଦ୍ର ଉପରେ ଇସ୍ରାଏଲ୍ ୨ ଥର ଆକ୍ରମଣ କରିଥିବା ସ୍ଥାନୀୟ ଅଧିକାରୀ କହିଛନ୍ତି। ଇରାନର ଆଣିକ କାର୍ଯ୍ୟକ୍ରମକୁ ଧ୍ୱଂସ କରିବା ଲକ୍ଷ୍ୟରେ ଥିବା ଇସ୍ରାଏଲ୍‌ର ଇସ୍ଫାହାନରେ ଏହା ଦ୍ୱିତୀୟ ଆକ୍ରମଣ। ଯୁଦ୍ଧ ଆରମ୍ଭ କରିବାର ୨୪ ଘଣ୍ଟା ମଧ୍ୟରେ ଇସ୍ରାଏଲ୍ ଉକ୍ତ କେନ୍ଦ୍ରରେ ଆକ୍ରମଣ କରିଥିଲା। ଶୁକ୍ରବାର ରାତିରେ ହୋଇଥିବା ଆକ୍ରମଣ ଯୋଗୁ ନ୍ୟୁକ୍ଲିୟର ଫାସିଲିଟି କ୍ଷତିଗ୍ରସ୍ତ ହୋଇଥିବା ଇସ୍ଫାହାନ୍ ପ୍ରଦେଶର ସୁରକ୍ଷା ବ୍ୟାପାର ଡେପୁଟି ଗଭର୍ନର ସ୍ପଷ୍ଟ କରିଛନ୍ତି। ତେବେ ଏଥିରେ କେହି ପ୍ରାଣ ହରାଇ ନ ଥିବା ସେ କହିଛନ୍ତି।

ଇରାନ ମଧ୍ୟ ଇସ୍ରାଏଲ୍ ଉପରେ ଜୋର୍‌ଦାର ମିଶାଇଲ୍ ଓ ଡ୍ରୋନ ଆକ୍ରମଣ କରିଥିବାବେଳେ ଇସ୍ରାଏଲୀ ସେନା ଅଧିକାଂଶକୁ ପ୍ରତିହତ କରିଥିବା କହିଛି। ଏହି ଆକ୍ରମଣରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ଜଣାପଡ଼ିନାହିଁ। ସେପଟେ ଯୁଦ୍ଧ ବନ୍ଦ ପାଇଁ ସୁଇଜରଲାଣ୍ଡର ଜେନେଭାରେ ହୋଇଥିବା ବୈଠକରୁ କୌଣସି କୂଟନୈତିକ ନିଷ୍କର୍ଷ ବାହାରିନାହିଁ। ଭବିଷ୍ୟତ ଆଲୋଚନା ପାଇଁ ୟୁରୋପୀୟ ଅଧିକାରୀମାନେ ଆଶାବ୍ୟକ୍ତ କରିଥିବାବେଳେ ଏଥିପାଇଁ ଦ୍ୱାର ଖୋଲା ରହିଥିବା ଇରାନ ବହିର୍ବ୍ୟାପାର ମନ୍ତ୍ରୀ ଆବ୍ବାସ ଆରାଘାଚି କହିଛନ୍ତି। ତେବେ ଇସ୍ରାଏଲ୍ ଆକ୍ରମଣ ଜାରି ରଖିଥିବାରୁ ଆମେରିକା ସହ ବୁଝାମଣା ପାଇଁ ତେହରାନ ଆଗ୍ରହୀ ନୁହେଁ ବୋଲି କହିଛି। ଆକ୍ରମଣ ବନ୍ଦ ହେଲେ ଏବଂ ଆକ୍ରମଣକାରୀ ଏହି ଅପରାଧ ପାଇଁ ନିଜକୁ ଦାୟୀ କଲେ କୂଟନୈତିକ ମାର୍ଗ ଗ୍ରହଣ କରିବାକୁ ରାଜି ଥିବା ଇରାନ କହିଛି। ତେବେ ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ପାଇଁ କୌଣସି ତାରିଖ ଧାର୍ଯ୍ୟ ହୋଇନାହିଁ। ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇରାନ-ଇସ୍ରାଏଲ୍ ଯୁଦ୍ଧରେ ସାମିଲ ହେବାକୁ ବିଚାର କରୁଥିବାବେଳେ ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଆରାଘାଚି କହିଛନ୍ତି। ଏହା ସମସ୍ତଙ୍କ ପାଇଁ ଅତ୍ୟନ୍ତ ବିପଜ୍ଜନକ ହେବ ବୋଲି ସେ ଇସ୍‌ଲାମିକ୍ ସହଯୋଗ ସଂଗଠନର ବୈଠକ ଅବସରରେ ଇସ୍ତାନବୁଲ୍‌ରେ କହିଛନ୍ତି।

ଗତ ୧୩ ତାରିଖରୁ ଇସ୍ରାଏଲ୍ ଓ ଇରାନ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା। ଇସ୍ରାଏଲୀ ସେନା ଇରାନର ଆଣବିକ ଏବଂ ସାମରିକ ସ୍ଥଳକୁ ଟାର୍ଗେଟ କରି ଏୟାରଷ୍ଟ୍ରାଇକ୍ କରିବାରୁ ଏହାର କେତେଜଣ ଶୀର୍ଷ ଜେନେରାଲ ଏବଂ ପରମାଣୁ ବିଜ୍ଞାନୀ ନିହତ ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ଯୁଦ୍ଧରେ ଇରାନର ୨୬୩ ଜଣ ସାଧାରଣ ନାଗରିକଙ୍କ ସମେତ ୬୫୭ ଜଣ ପ୍ରାଣ ହରାଇଲେଣି ଓ ୨,୦୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ଇରାନୀୟ ମାନବାଧିକାର ସଂଗଠନ କହିଛି। ଇସ୍ରାଏଲୀ ଆକ୍ରମଣ ଜବାବ ଇରାନ ୪୫୦ରୁ ଊର୍ଦ୍ଧ୍ୱ ମିଶାଇଲ ଓ ୧,୦୦୦ ଡ୍ରୋନ୍‌ରେ ଦେଇଛି। ସେଥିରୁ ଅଧିକାଂଶକୁ ଇସ୍ରାଏଲ୍‌ର ବହୁସ୍ତରୀୟ ଏୟାର ଡିଫେନ୍ସ ସିଷ୍ଟମ୍ ପ୍ରତିହତ କରିଥିବାରୁ ସେଠାରେ ଅନ୍ୟୂନ ୨୪ ଜଣ ପ୍ରାଣ ହରାଇଥିବାବେଳେ ଶତାଧିକ ଆହତ ହୋଇଛନ୍ତି। ଇସ୍ରାଏଲ୍‌ର ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଏହାର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି।



ଇରାନର ଇସ୍ଫାହାନ ନ୍ୟୁକ୍ଲିୟର ରିସର୍ଚ୍ଚ ଫାସିଲିଟି ଥିବା ଅଞ୍ଚଳର ଉପଗ୍ରହ ଚିତ୍ର।

## ଏୟାର ଇଣ୍ଡିଆର ୩ ଅଫିସରଙ୍କୁ ବହିଷ୍କାର ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୨୧।୬**

ଗମ୍ଭୀର ତଥା ବାରମ୍ବାର ତ୍ରୁଟି ପାଇଁ ଏୟାର ଇଣ୍ଡିଆ ଫ୍ଲାଇଟ୍ ଅପରେଶନ ବିଭାଗର ୩ ଶୀର୍ଷ ଅଧିକାରୀଙ୍କୁ ବହିଷ୍କାର ପାଇଁ ବିମାନ ଚଳାଚଳ ନିୟନ୍ତ୍ରକ ଡିଜିସିଏ ନିର୍ଦ୍ଦେଶ ଦେଇଛି। ଏହି ଅଫିସରମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ଡିଜିସିଏ ଏୟାରଲାଇନ୍ସକୁ ଭର୍ତ୍ସନା କରିଛି। ନିୟମ ଉଲ୍ଲଂଘନ କରିଥିବା ଅଫିସରମାନେ ହେଲେ ଡିଭିଜନାଲ ଭାଇସ୍ ପ୍ରେସିଡେଣ୍ଟ ଚୁରାହ ସିଂ, ଦୈନିକ ଉଡ଼ାଣ ପରିଚାଳନାର ମୁଖ୍ୟ ପରିଚାଳକ ପିଙ୍କି ମିତ୍ତଲ ଏବଂ କ୍ରିଉ ସମୟ ନିର୍ଦ୍ଧାରଣ ଓ ଯୋଜନା ପ୍ରଭୃତି ବିଭାଗର ପାୟଲ ଆରୋରା। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଏୟାରଲାଇନ୍ସର ଲାଇସେନ୍ସ ରଦ୍ଦ ହେବ ଡିଜିସିଏ ଚେତାବନୀ ଦେଇଛି।

## ଅହମଦାବାଦ ବିମାନ ଦୁର୍ଘଟଣାରେ ଫିଲ୍ମ ନିର୍ମାତାଙ୍କ ମୃତ୍ୟୁ ସ୍ପଷ୍ଟ

**ଅହମଦାବାଦ, ୨୧।୬**

ଅହମଦାବାଦ ବିମାନ ଦୁର୍ଘଟଣାରେ ଗୁଜରାଟୀ ଫିଲ୍ମ ନିର୍ମାତା ମହେଶ ଜିରାୱାଲାଙ୍କ ମୃତ୍ୟୁ ହୋଇଥିବା ନେଇ ଶନିବାର ଡିଏନ୍ଏ ପରୀକ୍ଷଣରୁ ସ୍ପଷ୍ଟ ହୋଇଛି। ଦୁର୍ଘଟଣା ପରଠାରୁ ମହେଶ ନିଖୋଜ ଥିଲେ। ମହେଶଙ୍କ ମୃତଦେହକୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ପ୍ଲେନ୍ କ୍ରାଶ୍ ସମୟରେ ମହେଶ ଦୁର୍ଘଟଣାସ୍ଥଳ ନିକଟରେ ଥିଲେ।

## ଇରାନରେ ଭୂକମ୍ପ: ଅଣୁଅସ୍ତ୍ର ପରୀକ୍ଷା ଚର୍ଚ୍ଚା

**ତେହରାନ, ୨୧।୬**

ଉତ୍ତର ଇରାନର ସେମନାନ ଅଞ୍ଚଳରେ ଶୁକ୍ରବାର ରାତିରେ ୫.୧ ତୀବ୍ରତାର ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଥିଲା। ସେମନାନଠାରୁ ଉତ୍ତରପଶ୍ଚିମ ଦିଗରେ ୨୭ କିଲୋମିଟର ଦୂରରେ ଏବଂ ୧୦ କିଲୋମିଟର ଗଭୀରରେ ଏହାର କେନ୍ଦ୍ରସ୍ଥଳ ବୋଲି କୁହାଯାଇଛି। ତେବେ ଏହି ଭୂକମ୍ପକୁ ନେଇ ଅନେକ କଳ୍ପନାଜଳ୍ପନା ସୃଷ୍ଟି ହୋଇଛି। ତେହରାନ ଅଣୁଅସ୍ତ୍ର ପରୀକ୍ଷା କରିଥିବା ସନ୍ଦେହ କରାଯାଉଛି। ସେମ୍‌ନାନ ମହାକାଶ ଓ ମିଶାଇଲ୍ କମ୍ପ୍ଲେକ୍ସ ନିକଟରେ ଏହି ଭୂକମ୍ପ ହୋଇଥିବାରୁ ଚିନ୍ତା ବଢ଼ାଇ ଦେଇଛି। ଇସ୍ରାଏଲ୍ ଏବଂ ଇରାନ ମଧ୍ୟରେ ଯୁଦ୍ଧ ନବମ ଦିନରେ ପହଞ୍ଚିଥିବାବେଳେ ଆଣବିକ କାର୍ଯ୍ୟକ୍ରମକୁ ନେଇ ବୁଝାମଣା କରିବ ନାହିଁ ବୋଲି ତେହରାନ କହିଛି। ଇରାନରେ ବର୍ଷକୁ ପାଖାପାଖି ୨,୧୦୦ ଭୂକମ୍ପ ହେଉଥିବାବେଳେ ସେଥିରୁ ୧୫ରୁ ୧୬ଟି ୫.୦ କିମ୍ବା ଏହାଠାରୁ ଅଧିକ ତୀବ୍ରତା ବିଶିଷ୍ଟ। ୨୦୦୬ରୁ ୨୦୧୫ ମଧ୍ୟରେ ସେଠାରେ ୯୬,୦୦୦ ଥର ଭୂକମ୍ପ ହୋଇଥିଲା।

## ବଙ୍କରରେ ଖାମେନେଇ

### ସମ୍ଭାବ୍ୟ ଉତ୍ତରାଧିକାରୀ ଚୟନ

ଇରାନର ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନେଇଙ୍କୁ ହତ୍ୟା କରିବା ପାଇଁ ଇସ୍ରାଏଲ୍ ଧମକ ଦେଇଥିବାରୁ ସେ ଏବେ ବଙ୍କରରେ ଆଶ୍ରୟ ନେଇଛନ୍ତି। ଏଥିସହିତ ସେ ୩ ଜଣ ବରିଷ୍ଠ ମୌଲବୀଙ୍କୁ ନିଜର ସମ୍ଭାବ୍ୟ ଉତ୍ତରାଧିକାରୀ ମନୋନୀତ କରିଥିବା ନ୍ୟୁୟର୍କ ଟାଇମ୍ସରେ ପ୍ରକାଶ ପାଇଛି। ସଦ୍ଦାମ ହୁସେନ୍‌ଙ୍କ ୮ ବର୍ଷର ଯୁଦ୍ଧରେ ଇରାନର ଯେତିକି କ୍ଷତି ହୋଇ ନ ଥିଲା, ଇସ୍ରାଏଲ୍‌ର ୮ ଦିନର ଆକ୍ରମଣରେ ତା'ଠାରୁ ଅଧିକ କ୍ଷତି ଘଟିଛି। ଇସ୍ରାଏଲ୍ କିମ୍ବା ଆମେରିକା ତାଙ୍କୁ ହତ୍ୟା କରିପାରନ୍ତି ବୋଲି ୮୬ ବର୍ଷୀୟ ଖାମେନେଇ ଜାଣିଛନ୍ତି। ସେଥିପାଇଁ ସେ ବଙ୍କରରେ ଆଶ୍ରୟ ନେବା ସହ ଉତ୍ତରାଧିକାରୀ ଚୟନ କରିଥିବା କେତେଜଣ ଅଧିକାରୀଙ୍କ ସୂଚନା ଆଧାରରେ ରିପୋର୍ଟ ପ୍ରକାଶ ପାଇଛି।

## ତଥ୍ୟ ପ୍ରମାଣ ନଷ୍ଟ କରୁଛନ୍ତି ଇସି: ରାହୁଲ



ରାହୁଲ ଗାନ୍ଧୀ

**ନୂଆଦିଲ୍ଲୀ, ୨୧।୬**

ଭାରତର ନିର୍ବାଚନ କମିଶନ (ଇସିଆଇ) ସ୍ୱଚ୍ଛତା ପ୍ରଦର୍ଶନ କରିବା ପରିବର୍ତ୍ତେ ତଥ୍ୟ ପ୍ରମାଣକୁ ଲିଭାଇ ଦେଉଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ଅଭିଯୋଗ କରିଛନ୍ତି। ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ୪୫ ଦିନ ମଧ୍ୟରେ ଯଦି କୌଣସି ଆଇନଗତ ଚ୍ୟାଲେଞ୍ଜ କରା ନ ଯାଏ, ତେବେ ନିର୍ବାଚନ ପ୍ରକ୍ରିୟାର ସିସିଟିଭି, ୱେବକାଷ୍ଟିଂ ଏବଂ ଭିଡିଓ ଫୁଟେଜ୍ ନଷ୍ଟ କରିଦେବାକୁ ଇସିଆଇ ରାଜ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ପରେ ରାହୁଲ ଏଭଳି ଅଭିଯୋଗ ଆଣିଛନ୍ତି। ଇସିଙ୍କ ଏଭଳି ପଦକ୍ଷେପ ଗଣତାନ୍ତ୍ରିକ ଉତ୍ତରଦାୟିତ୍ୱକୁ ଦୁର୍ବଳ କରିଦେବ ବୋଲି ସେ ଏକ୍ସ'ରେ ଲେଖିଛନ୍ତି।

ରାହୁଲ କହିଛନ୍ତି, ଭୋଟର ତାଲିକାକୁ ମେଶିନ୍-ରିଡେବଲ୍ ଫର୍ମାଟରେ ଦିଆଯାଉ ନାହିଁ। ଆଇନ ପରିବର୍ତ୍ତନ କରି ସିସିଟିଭି ଫୁଟେଜ୍‌କୁ ଲୁଚାଯାଉଛି। ନିର୍ବାଚନ ବେଳର ଫଟୋ ଓ ଭିଡିଓକୁ ଡିଲିଟ୍ କରିଦେବାକୁ ଏବେ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଯିଏ ଉତ୍ତରଦାୟୀ ରହିବା କଥା, ସେ ପ୍ରମାଣ ନଷ୍ଟ କରେ କି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ନିର୍ବାଚନରେ ମ୍ୟାଚ୍ ଫିକ୍ସିଂ ହୋଇଥିବା ଏଥିରୁ ସ୍ପଷ୍ଟ ହେଉଛି। ଫଳାଫଳ ପୂର୍ବରୁ ଧାର୍ଯ୍ୟ ହୋଇଥିବା ନିର୍ବାଚନ ଗଣତନ୍ତ୍ର ପାଇଁ ବିଷ। ନିର୍ବାଚନ କମିଶନଙ୍କ କାର୍ଯ୍ୟ ଅତ୍ୟନ୍ତ ଚିନ୍ତାର ବିଷୟ ବୋଲି ରାହୁଲ ଲେଖିଛନ୍ତି। ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଅନିୟମିତତା ଅଭିଯୋଗକୁ ନେଇ ରାହୁଲ ନିର୍ବାଚନ କମିଶନଙ୍କଠାରୁ ଭୋଟର ତାଲିକା, ମତଦାନ ତଥ୍ୟ ଓ ବୁଥ୍‌ର ଭିଡିଓ ଫୁଟେଜ୍ ପାଇଁ ଦାବି କରିଆସୁଥିଲେ।

ଭୋଟଗ୍ରହଣ କେନ୍ଦ୍ରର ଫୁଟେଜ୍‌କୁ ୪୫ ଦିନରୁ ଅଧିକ ସମୟ ରଖିବା ଦାବିକୁ ଅଗ୍ରାହ୍ୟ କରି ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି, ସେଗୁଡ଼ିକ ଭୋଟରଙ୍କ ପ୍ରିଭେସି ଏବଂ ସୁରକ୍ଷା ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ଜନପ୍ରତିନିଧି ଆଇନ ୧୯୫୦/୧୯୫୧ରେ ଆଇନଗତ ବ୍ୟବସ୍ଥା ଥିବାବେଳେ ସୁପ୍ରିମକୋର୍ଟଙ୍କ ରାୟରେ ଦର୍ଶାଯାଇଥିବା ଏକ ସୂତ୍ରରୁ କୁହାଯାଇଛି। ଭୋଟକେନ୍ଦ୍ରର ଫୁଟେଜ୍ ଶେୟାର କରାଗଲେ ମତଦାତାମାନଙ୍କୁ କୌଣସି ସଂଗଠନ ବା ବ୍ୟକ୍ତି ସହଜରେ ଚିହ୍ନିପାରିବେ। ଏହାଦ୍ୱାରା ସମ୍ପୃକ୍ତ ଭୋଟର ଏବଂ ଅସାମାଜିକ ତତ୍ତ୍ୱଙ୍କ ଚାପ ଓ ଧମକର ସମ୍ମୁଖୀନ ହୋଇଥିବା ବ୍ୟକ୍ତି ଚିହ୍ନଟ ହୋଇଯିବେ। କୌଣସି ବୁଥ୍‌ରେ ନିର୍ଦ୍ଦିଷ୍ଟ ଦଳ କମ୍ ଭୋଟ ପାଇଥିଲେ, ଭିଡିଓ ଫୁଟେଜ୍‌ରୁ କେଉଁମାନେ ଭୋଟ ଦେଇଛନ୍ତି ଓ କିଏ ଦେଇ ନାହାନ୍ତି, ତାହା ଜଣାପଡ଼ିଯିବ। ଏହା ପରେ ସମ୍ପୃକ୍ତ ଭୋଟରଙ୍କୁ ହଇରାଣ କରାଯାଇପାରେ କିମ୍ବା ଧମକ ମିଳିପାରେ। ସିସିଟିଭି ଫୁଟେଜ୍‌କୁ ସଂରକ୍ଷିତ ରଖିବା ବାଧ୍ୟତାମୂଳକ ନୁହେଁ ବୋଲି ନିର୍ବାଚନ କମିଶନ ସୂତ୍ରରୁ କୁହାଯାଇଛି।

## ଯୋଗ ବିଶ୍ୱରେ ଶାନ୍ତିର ଦିଶା: ମୋଦି



**ନୂଆଦିଲ୍ଲୀ, ୨୧।୬**

ଅନ୍ତର୍ଜାତୀୟ ଯୋଗ ଦିବସ ଶନିବାର ବିଶ୍ୱବ୍ୟାପୀ ପାଳିତ ହୋଇଯାଇଛି। ଆମେରିକା, ବ୍ରିଟେନ, ଚାଇନା ସମେତ ବିଭିନ୍ନ ଦେଶରେ ହଜାର ହଜାର ଯୋଗପ୍ରେମୀ ଉତ୍ସାହର ସହ ଯୋଗାଭ୍ୟାସ କରୁଥିବା ଦେଖାଯାଇଥିଲା। ଭାରତର ଏହି ପାରମ୍ପରିକ ଅଭ୍ୟାସର ସାର୍ବଜନିକ ଆବଶ୍ୟକତା ବୋଲି ୨୦୧୪ ଡିସେମ୍ବରରେ ସ୍ୱୀକୃତି ମିଳିବା ସହ ଜୁନ୍ ୨୧କୁ ଅନ୍ତର୍ଜାତୀୟ ଯୋଗଦିବସ ଭାବେ ପାଳନ ପାଇଁ ଜାତିସଂଘ ନିଷ୍ପତ୍ତି ନେଇଥିଲା। ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ ୧୧ତମ

### ବିଶ୍ୱବ୍ୟାପୀ ଯୋଗଦିବସ ପାଳିତ

ଅନ୍ତର୍ଜାତୀୟ ଯୋଗଦିବସ ପାଳନର ନେତୃତ୍ୱ ନେଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଉତ୍ତେଜନା, ଅସ୍ଥିରତା ଓ ଅଶାନ୍ତି ମଧ୍ୟରେ ଗତି କରୁଥିବା ବିଶ୍ୱରେ ଯୋଗ ହେଉଛି ଶାନ୍ତିର ଦିଶା। ଦେଶ, ବୟସ ଓ ସାମର୍ଥ୍ୟ ନିର୍ବିଶେଷରେ ଯୋଗ ପ୍ରତ୍ୟେକଙ୍କ ପାଇଁ ଆବଶ୍ୟକ। ଅନ୍ତର୍ଜାତୀୟ ଯୋଗ ଦିବସ ପାଇଁ ତାଙ୍କ ପ୍ରସ୍ତାବକୁ ଅନ୍ୟୂନ ୧୭୫ଟି ଦେଶ ଗ୍ରହଣ କରିବା ସହ ଏହା ସାରା ବିଶ୍ୱକୁ ଏକାଠି କରିଥିଲା। ଏଥର ଯୋଗ ଦିବସର ଶୀର୍ଷକ ଥିଲା, 'ଗୋଟିଏ ପୃଥିବୀ, ଗୋଟିଏ ସ୍ୱାସ୍ଥ୍ୟ ପାଇଁ ଯୋଗ'।

## ଇଂଲଣ୍ଡ, ୱେଲ୍ସ: ଆଇନରେ ପରିଣତ ହେବ ସହାୟତାପ୍ରାପ୍ତ ମୃତ୍ୟୁ

**ଲଣ୍ଡନ, ୨୧।୬**

ଇଂଲଣ୍ଡ ଏବଂ ୱେଲ୍ସରେ ଅତ୍ୟଧିକ ଅସୁସ୍ଥ ଥିବା ବ୍ୟକ୍ତିମାନଙ୍କୁ ସହାୟତାପ୍ରାପ୍ତ ମୃତ୍ୟୁର ଅଧିକାର ଦିଆଯିବ। ବ୍ରିଟେନ୍‌ର ନିମ୍ନ ସଦନ ହାଉସ୍ ଅଫ୍ କମନ୍ସରେ ଶୁକ୍ରବାର ଅନେକ ଘଣ୍ଟାର ବିତର୍କ ପରେ ଏମ୍‌ପିମାନେ 'ଟର୍ମିନାଲି ଇଲ୍ ଆଡଲ୍ଟସ୍ (ଏଣ୍ଡ ଅଫ୍ ଲାଇଫ୍) ବିଲ୍' ସପକ୍ଷରେ ଭୋଟ ଦେଇଛନ୍ତି। ଲେବର ପାର୍ଟିର କିମ୍ ଲିଡ୍‌ବିଟରଙ୍କ ଦ୍ୱାରା ଆଗତ ହୋଇଥିବା ଏହି ବିଲ୍ ହାଉସ ଅଫ୍ କମନ୍ସରେ ବହୁମତର ସହ ପାସ୍ ହୋଇଛି। ବିଲ୍ ସପକ୍ଷରେ ୩୧୪ ଭୋଟ ପଡ଼ିଥିବା ବେଳେ ବିପକ୍ଷରେ ୨୯୧ ଭୋଟ୍ ପଡ଼ିଥିଲା। ଏହି ଐତିହାସିକ ବିଲ୍‌ର ଭୋଟିଂ ପାଇଁ ଦଳୀୟ ଭାବନାରୁ ଊର୍ଦ୍ଧ୍ୱକୁ ଯାଇ ସ୍ୱତନ୍ତ୍ର ଭାବେ ମତଦାନ କରିବାକୁ ଏମ୍‌ପିମାନଙ୍କୁ ଅନୁମତି ମିଳିଥିଲା। ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟର୍ମର ବିଲ୍ ସପକ୍ଷରେ ଭୋଟ୍ ଦେଇଥିଲେ।

ହାଉସ୍ ଅଫ୍ କମନ୍ସରେ ପାସ୍ ହୋଇଥିବାରୁ ଏବେ ବିଲ୍‌କୁ ହାଉସ୍ ଅଫ୍ ଲର୍ଡ୍ସରେ ଆଗତ କରାଯିବ। ଉକ୍ତ ସଦନରେ ଅନୁମୋଦନ ମିଳିଲେ ଏହାକୁ ରାଜକୀୟ ସ୍ୱୀକୃତି ପାଇଁ ପଠାଯିବ। ଏହାପରେ ଇଂଲଣ୍ଡ ଏବଂ ୱେଲ୍ସରେ ସହାୟତାପ୍ରାପ୍ତ ମୃତ୍ୟୁର ଅଧିକାରକୁ କାର୍ଯ୍ୟକାରୀ କରିବା ପାଇଁ ମନ୍ତ୍ରୀମାନେ ସର୍ବାଧିକ ୪ ବର୍ଷ ସମୟ ପାଇବେ। ତେଣୁ ଏହି ବିଲ୍ ଯଦି ଆଇନରେ ପରିଣତ ହୁଏ, ତେବେ ଏହା ୨୦୨୯ରେ କାର୍ଯ୍ୟକାରୀ ହେବ ବୋଲି ଆକଳନ କରାଯାଉଛି।

ବିଲ୍‌କୁ ହାଉସ୍ ଅଫ୍ ଲର୍ଡ୍ସରେ ସଂଶୋଧନ କରାଯିବାର ସମ୍ଭାବନା ରହିଛି। ତେବେ ବିଲ୍‌କୁ ସମ୍ପୂର୍ଣ୍ଣ ଭାବେ

### ହାଉସ୍ ଅଫ୍ କମନ୍ସରେ ବିଲ୍ ପାସ୍

ପ୍ରତ୍ୟାଖ୍ୟାନ କରିବେ ନାହିଁ। ଅନ୍ୟପକ୍ଷେ, ବିଲ୍ ବିରୋଧରେ ଲଢ଼େଇ ଜାରି ରହିବ ବୋଲି ବିଭିନ୍ନ ବିରୋଧୀ ସଙ୍ଗଠନ ପକ୍ଷରୁ କୁହାଯାଇଛି। ଏହି ବିଲ୍ ଆଇନରେ ପରିଣତ ହୋଇ କାର୍ଯ୍ୟକାରୀ ହେଲେ ରୋଗୀଙ୍କୁ ସହାୟତାପ୍ରାପ୍ତ ମୃତ୍ୟୁ ପାଇଁ ବାଧ କରାଯାଇପାରେ ବୋଲି ଅନେକେ ଆଶଙ୍କା କରିଛନ୍ତି। ବିଲ୍‌ରେ ଥିବା ବିଭିନ୍ନ ପ୍ରାବଧାନ ଅନୁଯାୟୀ ଏପରି ଆଶଙ୍କା ଭିତ୍ତିହୀନ ବୋଲି ସେ କହିଛନ୍ତି। ବିଲ୍ ଅନୁଯାୟୀ, ୬ ମାସରୁ କମ୍ ସମୟ ବଞ୍ଚିବାକୁ ଥିବା ରୋଗୀଙ୍କୁ ତାଙ୍କର ଏବଂ ତାଙ୍କ ପରିବାରର ସମ୍ମତିକ୍ରମେ ୨ ଜଣ ଡାକ୍ତର, ଜଣେ ମନସ୍ତତ୍ତ୍ୱବିତ୍, ସାମାଜିକ କର୍ମୀ ଏବଂ ବରିଷ୍ଠ ଓକିଲ ଥିବା ପ୍ୟାନେଲର ଅନୁମୋଦନ ପରେ ସହାୟତାପ୍ରାପ୍ତ ମୃତ୍ୟୁର ଅଧିକାର ଦିଆଯିବ।




ସହାୟତାପ୍ରାପ୍ତ ମୃତ୍ୟୁ ସମ୍ପର୍କିତ ବିଲ୍ ହାଉସ ଅଫ୍ କମନ୍ସରେ ପାସ୍ ହେବା ପରେ ବିଲ୍‌ର ସମର୍ଥକମାନେ ଉତ୍ସବ ପାଳନ କରୁଛନ୍ତି।

## ଫୁରସତ୍

## ଟାଟୁ ପାଇଁ ୧.୩ କୋଟି ଖର୍ଚ୍ଚ

**ୱାଶିଂଟନ୍**

ଆମେରିକାର କାଲିଫର୍ନିଆ ନିବାସୀ ଜଣେ ୬୫ ବର୍ଷୀୟା ମହିଳା ଏଲିଜାବେଥ୍ ବ୍ୟୁଭାଇସ୍ ନିଜ ଶରୀରରେ ଏକାଧିକ ଟାଟୁ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି।

ଏଲିଜାବେଥ୍ ହେଉଛନ୍ତି ଜଣେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ। ସମ୍ପ୍ରତି ତାଙ୍କ ଶରୀରର ପ୍ରାୟ ୮୫% ଅଂଶ ଟାଟୁ ଦ୍ୱାରା ଆଚ୍ଛାଦିତ। ବର୍ତ୍ତମାନ ସୁଦ୍ଧା ନିଜ ଶରୀରରେ ଟାଟୁ ଆଙ୍କିବା ପାଇଁ ସେ ୧,୧୦,୦୦୦ ପାଉଣ୍ଡ ଷ୍ଟେର୍‌ଲିଙ୍ଗ (ପ୍ରାୟ ୧.୩ କୋଟି ଟଙ୍କା ) ଖର୍ଚ୍ଚ କରିଛନ୍ତି। ଏଲିଜାବେଥ୍‌ଙ୍କ ଏହି ଟାଟୁ ନିଶାକୁ ଅନେକ ଲୋକ ଭୟଙ୍କର ବୋଲି କହିବା ସହ ତାଙ୍କୁ ସମାଲୋଚନା କରନ୍ତି। ତେବେ ଏଲିଜାବେଥ୍ ତାଙ୍କ ଟାଟୁକୁ ନିଜ ଜୀବନର ଆତ୍ମଜୀବନୀ ବୋଲି କୁହନ୍ତି।



ଏଲିଜାବେଥ୍ ବ୍ୟୁଭାଇସ୍

ଏଲିଜାବେଥ୍ କହିଛନ୍ତି, ଯେତେବେଳେ ସେ ୩୧ ବର୍ଷ ବୟସର ହୋଇଥିଲେ, ସେ ତାଙ୍କ ଶରୀରରେ ପ୍ରଥମ ଟାଟୁ କରିଥିଲେ। ସେତେବେଳେ ସେ ତାଙ୍କ ଡାହାଣ କାନ୍ଧରେ ଏକ ଛୋଟ ଫୁଲ ଆକୃତିର ଟାଟୁ କରିଥିଲେ। ସମ୍ପ୍ରତି ତାଙ୍କ ଶରୀରରେ ଏକାଧିକ ଟାଟୁ ରହିଛି, ଯାହା ତାଙ୍କ ସଫଳତା ଏବଂ ବିଭିନ୍ନ ଉପଲବ୍ଧିକୁ ଦର୍ଶାଉଛି। ସେହିପରି ଏହି ଟାଟୁଗୁଡିକ ତାଙ୍କ ମୁକ୍ତ ଚିନ୍ତାଧାରାର ପ୍ରତୀକ ବୋଲି ଏଲିଜାବେଥ୍ କହିଛନ୍ତି। ମୁହଁ ଏବଂ ଶରୀରର ପଛ ଭାଗ ବ୍ୟତୀତ ତାଙ୍କ ପୂରା ଶରୀର ଟାଟୁରେ ପରିପୂର୍ଣ୍ଣ ରହିଛି।

ଏଲିଜାବେଥ୍ ଆହୁରି କହିଛନ୍ତି, ତାଙ୍କ ଶରୀରରେ ଥିବା ପ୍ରତ୍ୟେକ ଟାଟୁର କୌଣସି ଅର୍ଥ ଏବଂ ଇତିହାସ ରହିଛି। ସେ ନିଜ ଜୀବନର ବ୍ୟଥା ଏବଂ ଆନନ୍ଦର ଗଭୀରତାକୁ ବୁଝିବା ପାଇଁ ନିଜ ଶରୀରରେ ଥିବା ଟାଟୁଗୁଡ଼ିକୁ ଦେଖିଥାନ୍ତି। ନିକଟରେ ସେ ତାଙ୍କ ଡାହାଣ ଜଂଘରେ ଏକ ଗାରିବାଲ୍‌ଡି ମାଛର ଟାଟୁ କରିଥିଲେ। ଏହା ତାଙ୍କର ସଦ୍ୟତମ ଟାଟୁ ହୋଇଥିବା ଏଲିଜାବେଥ୍ କହିଛନ୍ତି। ତେବେ ଯେତେବେଳେ ସେ ତାଙ୍କ ଆଣ୍ଠୁ ପଛରେ ଏକ ଗୋଲାପର ଟାଟୁ କରିଥିଲେ, ସେତେବେଳେ ସେ ସବୁଠାରୁ ଅଧିକ ଯନ୍ତ୍ରଣା ଅନୁଭବ କରିଥିଲେ। ସେହିପରି ଡାହାଣ ହାତର ଉପର ପାର୍ଶ୍ୱରେ ଏକ ଫୁଲ ଡିଜାଇନର ଟାଟୁ କରିଥିବା ସମୟରେ ତାଙ୍କୁ ସବୁଠାରୁ କମ୍ ଯନ୍ତ୍ରଣା ଅନୁଭବ ହୋଇଥିଲା ବୋଲି ଏଲିଜାବେଥ କହିଛନ୍ତି। ସେ ପୂର୍ବରୁ ବହୁ ନିଶା ଦ୍ରବ୍ୟ ସେବନ କରୁଥିଲେ। ତେବେ ୮ ବର୍ଷ ତଳେ ଏଲିଜାବେଥ୍ ନିଶା ସେବନରୁ ମୁକ୍ତି ପାଇଥିଲେ। ତେଣୁ ତାଙ୍କର ଅନେକ ଟାଟୁ ଉକ୍ତ ନିଶା ମୁକ୍ତିର କାହାଣୀକୁ ପ୍ରକାଶ କରୁଛି। ଏହାବ୍ୟତୀତ ସେ ତାଙ୍କ ଶରୀରରେ ନିଜ ସ୍ୱାମୀ ଏବଂ ପିଲାମାନଙ୍କ ନାମର ମଧ୍ୟ ଟାଟୁ କରିଛନ୍ତି।

## ନୂଆ ଲୁକ୍‌ରେ ଗୋବିନ୍ଦା

**ମୁମ୍ବାଇ**

ବଲିଉଡ୍ ଅଭିନେତା ଗୋବିନ୍ଦା ଶୁକ୍ରବାର ତାଙ୍କ ଇନ୍‌ଷ୍ଟାଗ୍ରାମରେ ନିଜର ଏକ ନୂଆ ଲୁକ୍‌କୁ ଶେୟାର କରିଛନ୍ତି। ଏହାକୁ ଦେଖି ତାଙ୍କର ଅନେକ ପ୍ରଶଂସକ ଦ୍ୱନ୍ଦ୍ୱରେ ପଡ଼ିବା ସହ ଗୋବିନ୍ଦାକୁ ଚିହ୍ନିପାରି ନ ଥିଲେ। ଏହି ଲୁକ୍‌ରେ ଗୋବିନ୍ଦା ଘନ କେଶ ସହ ନିଶ ରଖିଥିବାର ଦେଖିବାକୁ ମିଳିଥିଲା। ସେ ଧଳା ଶାର୍ଟ, କଳା ଚଷମା ଏବଂ ଏକ ସୁଟ୍ ପିନ୍ଧିଥିବାର ଏହି ଫଟୋରେ ନଜରକୁ ଆସିଛନ୍ତି। ଗୋବିନ୍ଦାଙ୍କ ଏହି ପରିବର୍ତ୍ତିତ ଲୁକ୍‌କୁ ଦେଖି ଏହା ତାଙ୍କର କୌଣସି ନୂତନ ଫିଲ୍ମର ଲୁକ୍ ହୋଇଥିବା ନେଇ ଅନେକ ପ୍ରଶଂସକ ଅନୁମାନ କରିଛନ୍ତି। ତେବେ ଗୋବିନ୍ଦାଙ୍କ ପକ୍ଷରୁ ଏନେଇ କୌଣସି ସୂଚନା ଦିଆଯାଇ ନାହିଁ। ପ୍ରକାଶ ଯେ, ୯୦ ଦଶକରେ ବଲିଉଡ୍‌କୁ ଅନେକ ସୁପରହିଟ ଫିଲ୍ମ ଦେଇଥିବା ଗୋବିନ୍ଦା ୨୦୦୦ ମସିହା ପରଠାରୁ ଫିଲ୍ମ ଜଗତରେ ବିଶେଷ ସଫଳତା ପାଇନାହାନ୍ତି। ଏହି ଅବଧିରେ ସେ କେତେକ ଫିଲ୍ମରେ ଅଭିନୟ କରିଥିଲେ ମଧ୍ୟ ସେଗୁଡ଼ିକ ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହୋଇ ନ ଥିଲା।



ଭଲ ପାଠ ପଢ଼ି କ୍ୟାରିୟରରେ ସଫଳତା ହାସଲ କରିବାକୁ ପ୍ରତ୍ୟେକ ଛାତ୍ରୀଛାତ୍ର ଚାହାନ୍ତି ଆଉ ଏଥିପାଇଁ କାହା କାହାକୁ ବି ନେବାକୁ ହୋଇଥାଏ ଏକାଡେମିକ୍ ଗ୍ୟାପ୍। ଯେଉଁମାନେ ଆତ୍ମବିଶ୍ୱାସ ରଖି ଏହି ସମୟର ସଦୁପଯୋଗ କରନ୍ତି, ସେମାନଙ୍କ ପାଇଁ ସଫଳତାର ମାର୍ଗ ହୋଇଯାଏ ଅଧିକ ସରଳ ଓ ସହଜ...



# ଏକାଡେମିକ୍ ଗ୍ୟାପ୍

ଯୁକ୍ତ ୨ ପଢ଼ିବା ପରେ କିମ୍ବା ହାୟରଷ୍ଟଡି ପାଇଁ ଅନେକ ଛାତ୍ରୀଛାତ୍ର ଏକାଡେମିକ୍ ଗ୍ୟାପ୍ ନେଇଥାନ୍ତି। ବିଭିନ୍ନ ପ୍ରଫେଶନାଲ୍ କୋର୍ସ ଏଣ୍ଟ୍ରାନ୍ସ ଭଲ କରିବା ଲାଗି ଏହି ସମୟରେ ସେମାନେ କୋଚିଂ ନେଇ ହେଉ ଅବା ଘରେ ପଢ଼ି ନିଜକୁ ପ୍ରସ୍ତୁତ କରନ୍ତି। ତେବେ ଏକାଡେମିକ୍ ଗ୍ୟାପ୍ ନେଉଥିଲେ ନିଜ ଉଦ୍ଦେଶ୍ୟରେ ସଫଳ ହେବା ଲାଗି କେତେକ ଦିଗ ପ୍ରତି ଧ୍ୟାନ ଦେବା ନିହାତି ଆବଶ୍ୟକ...

**ସଠିକ୍ ଯୋଜନା:** ଦୀର୍ଘ ୧୨ ବର୍ଷରୁ ଅଧିକ ସମୟ ଧରି ପାଠ ପଢ଼ିବା ପରେ ଗ୍ୟାପ୍ ନେଇ ପୁଣିଥରେ ଆଗକୁ ପଢ଼ିବା ଏକ ସହଜ କାର୍ଯ୍ୟ ନୁହେଁ। ହେଲେ ସଫଳ କ୍ୟାରିୟର ଗଠନ ପାଇଁ ଏକ ଭଲ ସଂସ୍ଥାରେ ନିଜ ପସନ୍ଦର ପାଠ ପଢ଼ିବା ଲାଗି ପ୍ରଥମେ ଏଣ୍ଟ୍ରାନ୍ସରେ ଭଲ ପ୍ରଦର୍ଶନ କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ତେଣୁ ଯଦି ଏଭଳି ଲକ୍ଷ୍ୟ ରଖି ଏକାଡେମିକ୍ ଗ୍ୟାପ୍ ନେବାକୁ ଚାହୁଁଛନ୍ତି ତେବେ କେଉଁ କୋର୍ସ କରିବେ, ସେଥିପାଇଁ କେଉଁଠି କୋଚିଂ ନେବେ, ଘରେ ପ୍ରସ୍ତୁତି କରିବାକୁ ଚାହୁଁଥିଲେ ବହି ଏବଂ ଆବଶ୍ୟକ ପାଠ୍ୟସାମଗ୍ରୀ କେଉଁଠୁ ଆଣିବେ ଆଦି ଭଲ ଭାବେ ପ୍ଲାନିଂ କରିବା ନିହାତି ଆବଶ୍ୟକ।

**ମାନସିକସ୍ତରରେ ଦୃଢ଼ ହୁଅନ୍ତୁ:** ଏତେବର୍ଷ ପଢ଼ା ପରେ ଗ୍ୟାପ୍ ମିଳିଲେ ସ୍କୁଲ, କଲେଜ ଯିବାର ଟେନ୍ସନ୍ ନ ଥିବାରୁ ଅନେକେ ପ୍ରଥମେ କିଛି ଦିନ ଆରାମ କରିବା, ବୁଲାବୁଲି କରିବା ଏବଂ ସାରା ବର୍ଷ ପଢ଼ିବା ଭାବି ଅବହେଳା କରିବସନ୍ତି। ହେଲେ ଏପରି ଆଦୌ ନ କରି ପ୍ରଥମରୁ ଭଲ ଭାବେ ପଢ଼ା ଆରମ୍ଭ କରନ୍ତୁ। ଆଦୌ ସମୟ ନଷ୍ଟ ନ କରି ନିଜକୁ ମାନସିକ ସ୍ତରରେ ଦୃଢ଼ କରି ଉଦ୍ୟମ କଲେ ଲକ୍ଷ୍ୟ ହାସଲ କରିବା ସହଜ ହୋଇପାରିବ।

**ଟାଇମ୍ ଟେବୁଲ୍ କରନ୍ତୁ:** ପ୍ରତିଦିନ କେଉଁସବୁ ବିଷୟ ପଢ଼ିବେ ଏବଂ କେତେ ସମୟ ପଢ଼ିବେ, ସେଥିପାଇଁ ଟାଇମ୍ ଟେବୁଲ୍ ପ୍ରସ୍ତୁତ କରନ୍ତୁ। ପୂର୍ବରୁ ଏ କ୍ଷେତ୍ରରେ ସଫଳତା ପାଇଥିବା ସିନିୟରମାନଙ୍କଠାରୁ ସେମାନଙ୍କ ପ୍ରସ୍ତୁତି କରିବାର ଟିପ୍ସ ଗ୍ରହଣ କରନ୍ତୁ। ଆବଶ୍ୟକସ୍ଥଳେ ଏକ୍ସପର୍ଟଙ୍କ ସହାୟତା ନେଲେ ଅଧିକ ଉପକୃତ ହୋଇପାରିବେ। ଧ୍ୟାନରେ ରଖନ୍ତୁ, ଆଦୌ ଅଳସୁଆ ନ ହୋଇ ପ୍ରତିଦିନ ପଢ଼ିବାର ଅଭ୍ୟାସ ରଖନ୍ତୁ, ଦେଖିବେ ସଫଳତା ନିଶ୍ଚୟ ମିଳିବ।

**ମିନି ଟେଷ୍ଟ ଦିଅନ୍ତୁ:** ଯାହା ପଢୁଛନ୍ତି, ତାହା କେତେ ମନେରହିଲା ଜାଣିବା ପାଇଁ ସପ୍ତାହରେ ଅନ୍ତତଃ ଥରେ ଏକ ମିନି ଟେଷ୍ଟ ଦିଅନ୍ତୁ। ପୂର୍ବବର୍ଷଗୁଡ଼ିକର ପ୍ରଶ୍ନପତ୍ର ବା ୱାର୍କଶିଟ୍ ସଂଗ୍ରହ କରି ଏହାକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମାପ୍ତ କରିବାକୁ ଚେଷ୍ଟା କରନ୍ତୁ।

**କରନ୍ତୁ ସ୍କିଲ୍ ଡେଭଲପ୍:** ଗ୍ୟାପ୍ ସମୟରେ ନିଜ ପ୍ରସ୍ତୁତି ଠିକ୍ ଭାବେ କରିବା ସହ ନିଜର ପବ୍ଲିକ୍ ସ୍ପିକିଂ, ରାଇଟିଂ, ସ୍ପିଡ୍ ଟାଇପିଂ ଆଦି ସ୍କିଲ୍ ମଧ୍ୟ ବୃଦ୍ଧି କରିବାକୁ ଚେଷ୍ଟା କରନ୍ତୁ, ଯାହା ଆପଣଙ୍କୁ ଭବିଷ୍ୟତରେ କ୍ୟାରିୟର ଗ୍ରୋଥ୍ ପାଇଁ ବହୁତ କାମରେ ଆସିପାରିବ।

**ଅନ୍ୟ କଥାରେ ପ୍ରଭାବିତ ହୁଅନ୍ତୁ ନାହିଁ:** ଏକାଡେମିକ୍ ଗ୍ୟାପ୍ ନେଉଥିବା ଛାତ୍ରୀଛାତ୍ରଙ୍କୁ ଅନେକେ ବିରୋଧ କରନ୍ତି ଏବଂ ଅଯଥା ବର୍ଷଟିଏ ନଷ୍ଟ କାହିଁକି କରୁଛ, ତୁମ ସାଙ୍ଗସାଥୀ ଆଗକୁ ପଢ଼ିଯିବେ ତୁମେ ପଛରେ ରହିଯିବ, ବର୍ଷେ ଗ୍ୟାପ୍ ନେଲେ କ'ଣ ଏଣ୍ଟ୍ରାନ୍ସ ଭଲ ହୋଇଯିବ? ଏଭଳି ଅନେକ କଥା କୁହନ୍ତି। ହେଲେ ଏଭଳି କଥାର ନକାରାତ୍ମକ ପ୍ରଭାବ ଯେପରି ମନରେ ନ ପଡ଼େ ଅବା ଗ୍ୟାପ୍ ନେଇ ଭୁଲ୍ କରିଦେଲି ଭଳି ଭାବନା ମନକୁ ନ ଆସେ, ସେଥିପ୍ରତି ଯତ୍ନବାନ୍ ହୁଅନ୍ତୁ। ଅନ୍ୟ କଥାରେ ପ୍ରଭାବିତ ନ ହୋଇ ନିଜ ଲକ୍ଷ୍ୟ ଉପରେ ଫୋକସ୍ କରନ୍ତୁ ଏବଂ କିପରି ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ, ସେଥିପ୍ରତି ଧ୍ୟାନ ଦିଅନ୍ତୁ। ସଫଳତା ପାଇବାକୁ ଏକ ବୋଝ ଭାବେ ଗ୍ରହଣ ନ କରି ନିଜ ମନକୁ ସ୍ଥିର ରଖି ପ୍ରଚେଷ୍ଟା ଜାରି ରଖିଲେ ସଫଳ ହୋଇପାରିବେ।





## କ'ଣ କୁହନ୍ତି ଏମାନେ...



**ଭୂମିକା ଦାସ**(ଡାକ୍ତରୀ ଛାତ୍ରୀ, ଭୁବନେଶ୍ୱର)– ସଫଳ କ୍ୟାରିୟର ଗଢିବା ଲକ୍ଷ୍ୟ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ମନରେ ଥାଏ। ଯେଉଁଥିପାଇଁ ନିଜକୁ ଭଲ ଭାବେ ପ୍ରସ୍ତୁତ ବି କରିବାକୁ ହୋଇଥାଏ। ପାଠ ପଢି ଡାକ୍ତର ହେବାର ସ୍ୱପ୍ନ ପିଲା ବେଳୁ ଦେଖିଆସିଛି। ତେଣୁ ଏଣ୍ଟ୍ରାନ୍ସ ଭଲରେ କ୍ଲିଅର କରିବା ଉଦ୍ଦେଶ୍ୟରେ ଏକ ବର୍ଷ ଗ୍ୟାପ୍ ନେଇ କୋଚିଂ ନେଲି। ଅଭିଭାବକ ମଧ୍ୟ ଏଥିରେ ସମ୍ପୂର୍ଣ୍ଣ ସପୋର୍ଟ କରିଥିଲେ। ତେଣୁ ବର୍ଷସାରା ଆଦୌ ଅବହେଳା ନ କରି ଭଲ ଭାବେ ପ୍ରଚେଷ୍ଟା କରି ଉତୀର୍ଣ୍ଣ ହୋଇପାରଥିବାରୁ ଖୁସି ଅଛି। ମୋ ମତରେ ନିଜ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆବଶ୍ୟକ ପଡିଲେ ଏକାଡେମିକ୍ ଗ୍ୟାପ୍ ନେବାରେ କୌଣସି ଅସୁବିଧା ନାହିଁ।



**ଓମ୍ ନାରାୟଣ ମହାନ୍ତି**( ଇଂଜିନିୟରିଂ ଛାତ୍ର, ବ୍ରହ୍ମେଶ୍ୱର ପାଟଣା, ଭୁବନେଶ୍ୱର)– ଏକାଡେମିକ୍ ଗ୍ୟାପ୍ ନେବା କେତେଦୂର ଉପକାରୀ ତାହା ଜଣେ ବିଦ୍ୟାର୍ଥୀର ମାନସିକତା ଉପରେ ନିର୍ଭର କରେ। କାରଣ ଏହି ସମୟର ସଦୁପଯୋଗ କରି ଦୃଢ଼ ମନ ରଖି ଉଦ୍ୟମ କରିପାରିଲେ ଜଣେ ନିଶ୍ଚୟ ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବ ସେଥିରେ ସନ୍ଦେହ ନାହିଁ। ମୋତେ ଭବିଷ୍ୟତରେ ଜଣେ ଆଇଆଇଟି ଇଞ୍ଜିନିୟର ଭାବେ ନିଜ ପରିଚୟ ଦେବାକୁ ବହୁତ ଇଛା। ଆଉ ଏଥିପାଇଁ ଏଣ୍ଟ୍ରାନ୍ସରେ ଖୁବ୍ ଭଲ କରିବାକୁ ଯଥେଷ୍ଟ କରିଥିଲି। ଯଦିଓ ଭଲ ରେଜଲ୍ଟ ହୋଇଥିଲା ଏବଂ ଏନ୍ଆଇଟିରେ ସିଟ୍ ମିଳୁଥିଲା କିନ୍ତୁ ଆଇଆଇଟି ପାଇଁ ଏକ ବର୍ଷ ଗ୍ୟାପ୍ ନେଇ ପୁଣିଥରେ ଚେଷ୍ଟା କରିବାକୁ ସ୍ଥିର କଲି। ଅନେକେ ଖୁବ୍ ବିରୋଧ କରିଥିଲେ ବି ମାଆବାପା ଉଭୟଙ୍କ ସହଯୋଗ ରହିଥିଲା। ତେଣୁ କାହା କଥାରେ ପ୍ରଭାବିତ ନ ହୋଇ କିମ୍ବା କୌଣସି ନକରାତ୍ମକ ଚିନ୍ତା ନ କରି ଆତ୍ମବିଶ୍ୱାସ ରଖି ଉଦ୍ୟମ ଜାରି ରଖିଲି ଏବଂ ଆଇଆଇଟିରେ ପଢିବାର ସୁଯୋଗ ପାଇଲି।





## ଏ ସପ୍ତାହର ପ୍ରଶ୍ନ

୧– ନାର୍ଟନ ହ୍ରଦ.............. ଦୁଇ ଦେଶର ସୀମାକୁ ଲାଗିଛି ?
୨– ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ୍ ବ୍ୟୁରୋ ନାମକ ସରକାରୀ ଏଜେନ୍ସି ............... ପକ୍ଷରୁ କାର୍ଯ୍ୟକାରୀ କରାଯାଉଛି ?
୩– ରେଡ୍ ପ୍ଲାନେଟ୍ ........ ଗ୍ରହକୁ କୁହାଯାଏ ?
୪– ଦି ଗଡ୍ ଅଫ୍ ସ୍ମଲ୍ ଥିଙ୍ଗ୍‌ସ ପୁସ୍ତକ .......... ଲେଖିଛନ୍ତି ?
୫– ନିକଟରେ ......... ଦେଶରେ ସମଲିଙ୍ଗୀ ବିବାହକୁ ଜାତୀୟସ୍ତରରେ ସ୍ୱୀକୃତି ମିଳିଛି ?

## ଗତ ଥରର ଉତ୍ତର

୧ ଇସ୍ରାଏଲ୍
୨ କ୍ୟାପ୍‌ଜେମିନି ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍
୩ ମିନିଷ୍ଟ୍ରି ଅଫ୍ ମାଇକ୍ରୋ, ସ୍ମଲ୍ ଆଣ୍ଡ ମିଡିୟମ୍ ଏଣ୍ଟରପ୍ରାଇଜେସ୍
୪ ଗୁଆଟେମାଲା
୫ କେରଳ

## ଉତ୍ତରଦାତା


ସତ୍ୟଦର୍ଶୀ ପଣ୍ଡା
ଜଗତ୍‌ସିଂହପୁର


ଶେଖ୍ ୟାକୁବ୍
ଗୋପ


ଛବିଲାଲ୍ ଭାଟି
କଳାହାଣ୍ଡି

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ –ମେଲ୍ ଠିକଣା:dharitriagamiasha@gmail.com

### ଯୁବ ପ୍ରତିଭା

## କାଚ ବୋତଲରେ ବିସ୍ମୟ କାରିଗରି

ଦୃଢ଼ ଇଚ୍ଛାଶକ୍ତି, କଠିନ ପରିଶ୍ରମ ଏବଂ ଏକାଗ୍ରତା ସଫଳତା ଆଣେ– ତାହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ସେ। ଖଡ଼ି, ସାବୁନ, ପେନ୍‌ସିଲ, ପଥର, କାଠ, ଚାଉଳ, ମୁଗ, ଧାନରେ ସୂକ୍ଷ୍ମ ଖୋଦେଇ କରି ଜୀବନ୍ତ ପ୍ରତିମୂର୍ତ୍ତି ନିର୍ମାଣ କରି ଜଣେ ସଫଳ କାରିଗର ଭାବେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସେ ହେଉଛନ୍ତି ଖୋର୍ଦ୍ଧା ଜିଲା ଜଟଣୀ ଗୋପୀନାଥପୁର ହାଟ ବଜାରରେ ରହୁଥିବା ମାତା ଏଲ୍. ଆପ୍ପଲା ଏବଂ ବାପା ଏଲ୍. ଏରେୟାଙ୍କ ପୁଅ ଏଲ୍. ଈଶ୍ୱର ରାଓ।



ତାଙ୍କ ପରିବାରରେ କେହି କଳାକାର ନାହାନ୍ତି। ହେଲେ ତୁଳସୀ ଦୁଇପତ୍ରରୁ ବାସିଲା ଭଳି ତାଙ୍କ ପ୍ରତିଭା ପ୍ରସ୍ଫୁଟିତ ହୋଇଥିଲା ପିଲାବେଳୁ। ଖେଳକୁଦ କରିବା ବୟସରେ ସେ ମାଟିରେ ଗଣେଶ, ସରସ୍ୱତୀ, ଦୁର୍ଗା ପ୍ରତିମୂର୍ତ୍ତି ଗଢ଼ି ନିଜ ପ୍ରତିଭାର ପରିଚୟ ଦେଇଥିଲେ। ସମୟ ପାଇଲେ ଚକ୍‌ଖଡ଼ିଟିଏ ଧରି କାନ୍ଥବାଡ଼, ଚଟାଣରେ ଚିତ୍ର ଆଙ୍କି ବସୁଥିବା ଈଶ୍ୱରଙ୍କ ବୟସ ବଢ଼ିବା ସହ ଏହା ତାଙ୍କ ପେସାରେ ପରିଣତ ହୋଇଥିଲା। ପ୍ରଥମେ କାର୍ଡବୋର୍ଡ, ୱାଲ୍ ପେଣ୍ଟିଂରେ ବିଭିନ୍ନ ଦେବଦେବୀ, ପଶୁପକ୍ଷୀ, ପ୍ରାକୃତିକ ଦୃଶ୍ୟ ଅଙ୍କନ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ସେ ସ୍ନାତକ ପଢ଼ା ପରେ ଭୁବନେଶ୍ୱର ଗଣ୍ଡମୁଣ୍ଡାସ୍ଥିତ ରାଜ୍ୟ ହସ୍ତଶିଳ୍ପ ତାଲିମ ପ୍ରତିଷ୍ଠାନରେ ୪ବର୍ଷ ପଥର ଖୋଦେଇ ଉପରେ ପ୍ରଶିକ୍ଷଣ ନେଲେ। ସେ ଚକ୍‌ଖଡ଼ି, ସାବୁନ, ପେନ୍‌ସିଲ, ଖଣ୍ଡ ହଳଦୀ, ପଥର, ବ୍ୟାଟେରିରେ ସୁନ୍ଦର ସୂକ୍ଷ୍ମ କଳା ପରିବେଷଣରେ ସିଦ୍ଧହସ୍ତ ହୋଇ ପାରିଛନ୍ତି। ଲୋକେ ବ୍ୟବହାର କରି ଫିଙ୍ଗି ଦେଉଥିବା କାଚ ବୋତଲକୁ ସେ ବର୍ଷସାରା ସଂଗ୍ରହ କରିଥା'ନ୍ତି। ବୋତଲର ମୁହଁ ସରୁ ହୋଇଥିବା ବେଳେ ଅତି ନିଖୁଣ ଭାବେ ଏହା ଭିତରେ ଦେବଦେବୀଙ୍କ ପ୍ରତିମୂର୍ତ୍ତି ପ୍ରସ୍ତୁତ କରନ୍ତି। ଏହାରି ମଧ୍ୟରେ ସେ ଶିବ, ଗଣେଶ, ଦୁର୍ଗା, ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି, ତାଜମହଲ, କୋଣାର୍କ ଚକ୍ର, ଶିବ ମନ୍ଦିର, ଶ୍ରୀମନ୍ଦିର, ଅଶୋକ ସ୍ତମ୍ଭ, ବିଶ୍ୱକପ୍, ଜାତୀୟ ପତାକା ପ୍ରଭୃତି ପ୍ରସ୍ତୁତ କରି ବିଭିନ୍ନ ସ୍ଥାନରେ ଉଚ୍ଚ ପ୍ରଶଂସିତ ଓ ପୁରସ୍କୃତ ହୋଇଛନ୍ତି। ତେବେ ୨୦୧୫ ମସିହାରେ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ନବକଳେବର ପ୍ରସ୍ତୁତି ଚାଲିଥିବା ବେଳେ ଏପଟେ ଈଶ୍ୱର କାଚବୋତଲ ଭିତରେ କାଠ ସାହାଯ୍ୟରେ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି ଗଢ଼ି ନିଜ ସୂକ୍ଷ୍ମ କାରିଗରିର ପରିଚୟ ଦେଇ ବେଶ୍ ପ୍ରଶଂସା ସାଉଁଟିଥିଲେ। ରଥଯାତ୍ରା, ହକି, ଫୁଟବଲ ମହାକୁମ୍ଭ, ଅଲିମ୍ପିକ୍ସ, କ୍ରିକେଟ୍ ବିଶ୍ୱକପ୍, ଆଇପିଏଲ, ବିଭିନ୍ନ ମହାପୁରୁଷଙ୍କ ଜୟନ୍ତୀ, ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ ପ୍ରଭୃତି ଉତ୍ସବରେ ସୂକ୍ଷ୍ମ କାରିଗରି ମାଧ୍ୟମରେ ଶୁଭେଚ୍ଛା ଜଣାଇ ଚର୍ଚ୍ଚାରେ ରହିଥା'ନ୍ତି। ପ୍ରତ୍ୟେକ ହିନ୍ଦୁ ପର୍ବପର୍ବାଣି ଯଥା ଗଣେଶ ପୂଜା, ସରସ୍ୱତୀ ପୂଜା, ଦୁର୍ଗା ପୂଜାରେ ଇକୋ ଫ୍ରେଣ୍ଡଲି ମୂର୍ତ୍ତି ଗଢ଼ି ପିଲାଙ୍କୁ ମାଗଣାରେ ବଣ୍ଟନ କରନ୍ତି। ରଥଯାତ୍ରା ସମୟରେ ଦିଆସିଲି କାଠି, ସୂତା, ଅଦରକାରୀ କାଗଜକୁ ବ୍ୟବହାର କରି ଅତି ସୂକ୍ଷ୍ମରେ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି ସହ ରଥ ପ୍ରସ୍ତୁତ କରି ରଥଯାତ୍ରା ଶୁଭେଚ୍ଛା ଜଣାଇଥା'ନ୍ତି। ପେନ୍‌ସିଲରେ ଖୁବ୍ ସୂକ୍ଷ୍ମ ଭାବେ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି, ଆଇପିଏଲ୍, ହକି ମହାକୁମ୍ଭର ଚାମ୍ପିୟନ ଟ୍ରଫି ହେଉ ଅବା ଅଦରକାରୀ କାଗଜକୁ ବ୍ୟବହାର କରି ୧୦୮ଟି ଛୋଟ ବଡ଼ ରଥ ପ୍ରସ୍ତୁତ କରି ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ତେବେ ଏଭଳି ବିଭିନ୍ନ ନିଆରା କଳାକୃତି ପାଇଁ ତାଙ୍କ ନାଁରେ ରହିଛି ମିରାକିଲ୍ ୱାର୍ଲ୍ଡ ରେକର୍ଡ, ଏସିଆ ବୁକ୍ ଅଫ୍ ରେକର୍ଡ, ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ, ଓଣ୍ଡର ବୁକ୍ ଅଫ୍ ରେକର୍ଡ, ଅନ୍‌ଲାଇନ୍ ୱାର୍ଲ୍ଡ ରେକର୍ଡ, ନେପାଳ ବୁକ୍ ଅଫ୍ ରେକର୍ଡ, ଜିନିଅସ୍ ଇଣ୍ଡିଆନ୍ ଆଚିଭର୍ସ ଆୱାର୍ଡ ଭଳି ଅନେକ ରେକର୍ଡ ଏବଂ ଆୱାର୍ଡ। ଏହା ବ୍ୟତୀତ ସେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ୍ୟ ପୁରସ୍କୃତ ହୋଇଛନ୍ତି।

ସେ ଜଣେ ଯୁବ ସାମାଜିକ କର୍ମୀ ମଧ୍ୟ। ନିଜ କଳା ମାଧ୍ୟମରେ ସଚେତନତାର ବାର୍ତ୍ତା ମଧ୍ୟ ଦେଇଥା'ନ୍ତି। ସଡ଼କ ଦୁର୍ଘଟଣା ବଢୁଛି। ବାଇକ୍ ଚଳାଇବା ବେଳେ ହେଲ୍‌ମେଟ ପରିଧାନ, କାର ଚଳାଇବା ବେଳେ ସିଟ୍ ବେଲ୍ଟ ବାନ୍ଧିବା ପ୍ରଭୃତି ସେ କଳାକୃତି ମାଧ୍ୟମରେ ସଚେତନତାର ବାର୍ତ୍ତା ଦିଅନ୍ତି। ଈଶ୍ୱର ଆର୍ଟ ଆଣ୍ଡ କ୍ରାଫ୍ଟ ନାଁରେ ତାଙ୍କର ଅନୁଷ୍ଠାନ ଅଛି। ଯେଉଁଠି ସେ ଛୋଟ ପିଲାଙ୍କୁ ମାଗଣାରେ ଚିତ୍ରକଳା ସହ ସୂକ୍ଷ୍ମ କଳାର ପ୍ରଶିକ୍ଷଣ ଦିଅନ୍ତି। ବର୍ତ୍ତମାନ ସୁଦ୍ଧା ସେ ବିଭିନ୍ନ ସାଇଜର କାଚବୋତଲର ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ କଳାକୃତି କରିଥିବା ବେଳେ ଏକ ହଜାରରୁ ଊର୍ଦ୍ଧ୍ୱ ପଥର, କାଷ୍ଠମୂର୍ତ୍ତି ଗଢ଼ି ନିଜ ଘରକୁ ସଂଗ୍ରହାଳୟ ଭାବେ ସଜାଇଛନ୍ତି। ଭବିଷ୍ୟତରେ ଏହି କଳାକୁ ସେ ଦେଶ ବିଦେଶରେ ପହଞ୍ଚାଇବା ଲକ୍ଷ୍ୟ ରଖିଛନ୍ତି।

– ପ୍ରଭାତ ପାଣିଗ୍ରାହୀ

### ୟୁଥ୍ ଆଲର୍ଟ

ଅନେକେ ଔଷଧର ଡେଟ୍ ନ ଦେଖି ଖାଇନିଅନ୍ତି। କେହି କେହି ଡେଟ୍ ଏକ୍ସପାୟର୍ଡ ହୋଇଥିଲେ ସୁଦ୍ଧା ଔଷଧ ଖାଇଥାନ୍ତି। କାରଣ ସେମାନଙ୍କ ମନରେ ଏକ ଭ୍ରାନ୍ତ ଧାରଣା ଥାଏ ଯେ, ଏହାଦ୍ୱାରା କେବଳ ଔଷଧର ପ୍ରଭାବ କିଛି ମାତ୍ରାରେ ହ୍ରାସ ପାଇଥାଏ। ହେଲେ ଏଭଳି ଔଷଧ ଖାଇବା ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହୋଇପାରେ। ଜାଣିରଖନ୍ତୁ ସେ ସମ୍ପର୍କରେ...

## ଏକ୍ସପାୟର୍ଡ ମେଡିସିନ୍ ଖାଉଥିଲେ...

❖ପ୍ରତ୍ୟେକ ଔଷଧ ଉପରେ ଏହାର ଏକ୍ସପାୟରି ଡେଟ୍ ଲେଖାଥାଏ, ଯାହା ଏହାକୁ ପ୍ରସ୍ତୁତ କରୁଥିବା କମ୍ପାନି ନିର୍ଦ୍ଧାରଣ କରିଥାଏ। ଔଷଧ କିଣିବା ପୂର୍ବରୁ ଏବଂ ଘରେ ପୂର୍ବରୁ ରହିଯାଇଥିବା ଔଷଧ ଖାଇବା ପୂର୍ବରୁ ଏହାକୁ ପଢ଼ିବାକୁ ଆଦୌ ଭୁଲନ୍ତୁ ନାହିଁ। କାରଣ ଏକ୍ସପାୟରି ଡେଟ୍ ପରେ ଔଷଧର ପ୍ରଭାବ କମିଯିବା ସହ ଏଥିରେ ବିଭିନ୍ନ ରାସାୟନିକ ପ୍ରତିକ୍ରିୟା ଆରମ୍ଭ ହୋଇ ଯାଇଥାଏ। ଫଳରେ ଏହାକୁ ଖାଇଲେ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ।



❖ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଏକ୍ସପାୟର ହେବା ପରେ ଔଷଧ ଶୀଘ୍ର ବିଷାକ୍ତ ହୋଇପଡ଼େ ତା' ନୁହେଁ, କିନ୍ତୁ ଧୀରେ ଧୀରେ ଏହାର ଉପକାରୀ ତତ୍ତ୍ୱ ନଷ୍ଟ ହେବା ଆରମ୍ଭ ହୋଇଯାଏ। କେବେକେବେ ଏହା ପ୍ରଦୂଷିତ ହୋଇଯାଏ। ବିଶେଷକରି ଆଣ୍ଟିବାୟୋଟିକ୍, ହାର୍ଟ ଏବଂ ସୁଗାର ମେଡିସିନ୍ ଏକ୍ସପାୟର ଡେଟ୍ ପରେ ଖାଇବା ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହୋଇପାରେ।

❖ଡେଟ୍ ଏକ୍ସପାୟର ହେବା ପରେ ଔଷଧର ପ୍ରଭାବ କମିଯାଉଥିବାରୁ ଏହାକୁ ଖାଇଲେ ପ୍ରଥମତଃ ରୋଗ ଭଲ ହୋଇ ନ ଥାଏ। ଦ୍ୱିତୀୟରେ ଏହାର ନକାରାତ୍ମକ ପ୍ରଭାବରେ ଅନ୍ୟ ପାର୍ଶ୍ୱ ପ୍ରତିକ୍ରିୟା ଦେଖିବାକୁ ମିଳିଥାଏ। ଏମିତିକି କେତେକ କ୍ଷେତ୍ରରେ ଏହା ବିଷାକ୍ତ ହୋଇଯିବା ଦ୍ୱାରା ଶରୀରକୁ ଅଧିକ କ୍ଷତି ପହଞ୍ଚାଇ ମୃତ୍ୟୁମୁଖରେ ପକାଇବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

❖ଛୋଟ ପିଲା, ବୟସ୍କ ଲୋକଙ୍କ ପାଇଁ ଏକ୍ସପାୟର୍ଡ ମେଡିସିନ୍ ଅଧିକ କ୍ଷତିକାରକ ହୋଇଥାଏ।

❖ଯଦି ଭୁଲ୍‌ବଶତଃ ଏକ୍ସପାୟର ମେଡିସିନ୍ ଖାଇବା ପରେ ବାନ୍ତି, ମୁଣ୍ଡ ବୁଲାଇବା, ଆଲର୍ଜି, ନିଃଶ୍ୱାସ ନେବାରେ ଅସୁବିଧା ଦେଖାଦିଏ, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଦରକାର।



❖ତେଣୁ ମନେରଖନ୍ତୁ, ଔଷଧ କିଣିବା କିମ୍ବା ଖାଇବା ବେଳେ ଡେଟ୍ ଚେକ୍ କରିବାକୁ ଆଦୌ ଭୁଲନ୍ତୁ ନାହିଁ। ସୁରକ୍ଷା ଦୃଷ୍ଟିରୁ ଘରେ ପୂର୍ବରୁ ଥିବା ଏକ୍ସପାୟର୍ଡ ଔଷଧକୁ ଫିଙ୍ଗି ଦିଅନ୍ତୁ।

# ଜିଡିପିରେ ସେବା କ୍ଷେତ୍ରର ଯୋଗଦାନ ୫୫%

ଭୁବନେଶ୍ୱର,୨୧।୬

ବର୍ତ୍ତମାନର ବ୍ୟସ୍ତବହୁଳ ସମୟ ମଧ୍ୟରେ ଉପଭୋକ୍ତାମାନେ ଅଧିକରୁ ଅଧିକ ସମୟ ଟେକ୍ନୋଲୋଜି ଭିତ୍ତିକ ସେବାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ବିଶେଷକରି ଦୈନନ୍ଦିନ ଜୀବନର ମୌଳିକ ଆବଶ୍ୟକତାଠାରୁ ଆରମ୍ଭକରି ମେଡିକାଲ ଓ ପରିବହନ ଭଳି ସେବାକୁ ମଧ୍ୟ ସବୁ ବର୍ଗର ଗ୍ରାହକ ଟୋକ୍ନୋଲୋଜି ଜରିଆରେ ପୂରଣ କରୁଛନ୍ତି। ଫଳରେ ଧୀରେ ଧୀରେ ସେବା କ୍ଷେତ୍ରର ଚାହିଦା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ସେବା କ୍ଷେତ୍ରରେ ଅଭିବୃଦ୍ଧିକୁ ଆକଳନ କରାଯାଉଥିଲାବେଳେ ଗତ ଆର୍ଥିକ ବର୍ଷରେ ଏହା ଉଲ୍ଲେଖନୀୟ ଭାବେ ଦେଶର ଆର୍ଥିକ ବ୍ୟବସ୍ଥାରେ ଯୋଗଦାନ ଦେଇଛି। ଭାରତର ଜିଡିପିରେ ଏହାର ଯୋଗଦାନ ୫୫%ରୁ ଅଧିକ ରହିଛି। ଯଦି ଆମେ ବର୍ତ୍ତମାନ ସ୍ଥିତିକୁ ଦେଖିବା ତେବେ ଏନ୍‌ଏସ୍‌ଇ ୫୦୦ ଇଣ୍ଡେକ୍ସର ପ୍ରଫିଟ ପୁଲ୍‌ରେ ଏହାର ଭୂମିକା ଯଥେଷ୍ଟ ରହିଛି। ସେହିଭଳି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ୍ୟ ଏହା ହସ୍ପିଟାଲ ସେବା, ଡାକ୍ତରଙ୍କ ଉପଲବ୍ଧତା, ଚିକିତ୍ସା କ୍ଷମତା ଆଦିରେ ଦକ୍ଷ ରୂପେ ଯୋଗଦାନ ଦେଉଛି। ଏପରିକି ଏକ ନିରନ୍ତର ପରିବର୍ତ୍ତନ ଓ ସେବାଗୁଡିକୁ ବର୍ତ୍ତମାନ କର୍ପୋରେଟ ଭାରତର ପ୍ରମୁଖ ଲାଭକାରୀ କ୍ଷେତ୍ରରେ ପରିଣତ କରାଇଛି। ଦେଶର ଆର୍ଥିକ କ୍ଷମତାରେ ଏହା ଏକ ପ୍ରମୁଖ ଯୋଗଦାନକାରୀ ଭାବେ ଅଭିବ୍ୟକ୍ତ କରୁଛି। ବର୍ତ୍ତମାନ ସମୟରେ ସେବା କ୍ଷେତ୍ର ନିଫ୍ଟି ୫୦୦ ଇଣ୍ଡେକ୍ସ ପିଏଟି ପୁଲ୍‌ରେ ୫୩% ଯୋଗଦାନ ଦେଉଛି। ଏ ସମ୍ପର୍କରେ ଆକ୍ସିସ୍ ମ୍ୟୁଚୁଆଲ ଫଣ୍ଡର ବରିଷ୍ଠ ଇକ୍ୱିଟି ଫଣ୍ଡ୍ ମ୍ୟାନେଜର ସଚିନ ରେଲେକର କହିଛନ୍ତି, ଟେକ୍ନୋଲୋଜି ଉତ୍ପାଦକତା ଓ


ସଚିନ ରେଲେକର

ପହଞ୍ଚ ବୃଦ୍ଧି କରିଛି। ବର୍ତ୍ତମାନ ସମୟରେ ଟେକ୍ନୋଲୋଜି କେବଳ ଏକ ସକ୍ଷମକାରୀ ହୋଇ ରହିନାହିଁ ବରଂ ଏହା ବିଜ୍‌ନେସ୍ ମଡେଲରେ ମଧ୍ୟ ପରିଣତ ହୋଇଛି। ଏପରିକି ଟେକ୍ନୋଲୋଜି ଜରିଆରେ ଫୁଡ୍ ଡେଲିଭରି, ହୋମ୍ ଡେଲିଭରି ଓ ଫ୍ଲାଇଟ କନେକ୍ଟିଭିଟି ଭଳି ଅନେକ ପ୍ରକାର ସେବା ସହଜ, ସୁଗମ ଓ ପହଞ୍ଚଯୋଗ୍ୟ ହୋଇପାରିଛି। ଅପରପକ୍ଷରେ ଟେଲିକମ୍, କୁଇକ୍ କମର୍ସ, ଲଜିଷ୍ଟିକ୍ସ, ସ୍ୱାସ୍ଥ୍ୟସେବା, ହସ୍ପିଟାଲ ଓ ବ୍ୟାଙ୍କିଙ୍ଗ୍ ଭଳି କ୍ଷେତ୍ର ବର୍ଦ୍ଧିତ ରୂପେ ଆୟର ଇଞ୍ଜିନରେ ପରିଣତ ହୋଇଛି। ଏପରିକି ଗୁରୁତ୍ୱପୂର୍ଣ୍ଣ ଭାବେ ସେବା କ୍ଷେତ୍ର ନିବେଶକଙ୍କ ପାଇଁ ଅଭିବୃଦ୍ଧିକୁ ଅନୁସରଣ କରିବା ସହ ସ୍ଥିରତା ଓ ଉଚ୍ଚମାନର ବ୍ୟବସାୟ ହାସଲ କରିବାର ଏକ ସୁଯୋଗରେ ପରିଣତ ହୋଇଛି। ଭାରତରେ ଆୟ ବଢିବା ସହ ମହତ୍ତ୍ୱାକାଂକ୍ଷୀ, ଟେକ୍ନୋଲୋଜିଭିତ୍ତିକ ଓ ସୁଗମତାଚାଳିତ ସେବାଗୁଡିକ ପାଇଁ ଚାହିଦା ବଢିଛି। ଭାରତର ଆର୍ଥିକ କ୍ଷେତ୍ର ଏକ ବଡ଼ ପରିବର୍ତ୍ତନ ଦେଇ ଗତି କରୁଛି, ଯାହାର କେନ୍ଦ୍ରରେ ଏକ ଶକ୍ତିଶାଳୀ ତଥାପି ନୀରବ ଶକ୍ତି ଅନ୍ତର୍ନିହିତ ରହିଛି। ଏହି ନୀରବ ଶକ୍ତି ହେଉଛି ସେବା କ୍ଷେତ୍ର, ଯାହା ଆଧୁନିକ ଜୀବନର ମୂଳ ସ୍ତମ୍ଭ ପାଲଟିଛି। ବିଶେଷକରି ଏହି କ୍ଷେତ୍ର ନିରନ୍ତର ଭାବେ ଅତୁଳନୀୟ ସୁବିଧା ଓ ସୁଲଭତା ପ୍ରଦାନ କରୁଛି। ଡିଜିଟାଲ ପେମେଣ୍ଟରେ ୟୁପିଆଇର ବୈପ୍ଳବିକ ପ୍ରଭାବଠାରୁ ଆରମ୍ଭକରି ସୁଲଭ ଡାଟାର ଉପଲବ୍ଧତା ପର୍ଯ୍ୟନ୍ତ ସେବା କ୍ଷେତ୍ର ଆମର ଦୈନନ୍ଦିନ ଜୀବନ ସହ ଗଭୀର ଭାବେ ଜଡିତ ରହିଛି। ଯେବେକି ଟେକ୍ନୋଲୋଜି ଓ ଆନୁଷ୍ଠାନୀକରଣ (ଫର୍ମାଲାଇଜେଶନ) ଏହି ସେବା କ୍ଷେତ୍ରର ବିକାଶକୁ ତ୍ୱରାନ୍ୱିତ କରୁଛି। ଏହା ହେଉଛି ସେବା କ୍ଷେତ୍ରର କାହାଣୀ ଯାହା ନୀରବତାର ସହ ଭାରତର ଅଭିବୃଦ୍ଧିର ପରବର୍ତ୍ତୀ ଅଧ୍ୟାୟ ଲେଖୁଛି। ଭାରତର ଆର୍ଥିକ ସ୍ଥିରତା ଓ ଉଦ୍ଭାବନା ବହୁମାତ୍ରାରେ ସେବାଗୁଡିକ ଦ୍ୱାରା ପରିଚାଳିତ ହେଉଛି। ମେକ୍ ଇନ୍ ଇଣ୍ଡିଆ ଭଳି ସରକାରୀ ନୀତିଗୁଡିକ ମଧ୍ୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସେବାଗୁଡିକୁ ଲାଭାନ୍ୱିତ କରୁଛି।

# ଏମ୍‌ଆଇପିଏସ୍‌କୁ ଶିକ୍ଷା ଉତ୍କର୍ଷ ପୁରସ୍କାର



ନୂଆଦିଲ୍ଲୀର ଲୀଳା କନ୍‌ଭେନସନ୍ ସେଣ୍ଟରରେ ଆୟୋଜିତ ଉତ୍ସବରେ ମିତ୍ସ ଗ୍ରୁପ୍ ଉପାଧ୍ୟକ୍ଷ ବିଶ୍ୱଜିତ ପଣ୍ଡା ପୁରସ୍କାର ଗ୍ରହଣ କରୁଛନ୍ତି।

ରାୟଗଡ଼ା,୨୧।୬(ଆଶିଷ ରଞ୍ଜନ ପଣ୍ଡା)

ମିତ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ରଫେସନାଲ୍ ଷ୍ଟଡିଜ୍ (ଏମ୍‌ଆଇପିଏସ୍)କୁ ଆଉ ଏକ ଜାତୀୟ ସମ୍ମାନ 'ଶିକ୍ଷା ଉତ୍କର୍ଷ ପୁରସ୍କାର' ମିଳିଛି। ଶନିବାର ନୂଆଦିଲ୍ଲୀର ଲୀଳା କନ୍‌ଭେନସନ୍ ସେଣ୍ଟର ଠାରେ ଆୟୋଜିତ ସମ୍ମାନ ଉତ୍ସବରେ 'ଉତ୍କୃଷ୍ଟ କୃଷି ପ୍ରତିଷ୍ଠାନ' ପୁରସ୍କାରରେ ରାୟଗଡ଼ାର ଏମ୍‌ଆଇପିଏସ୍‌କୁ ସମ୍ମାନିତ କରାଯାଇଛି। ଦ ହୋଷ୍ଟ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଇକୋନୋମିକ୍ ଟାଇମ୍ସ, ପାଳନ ପରିବର୍ତ୍ତନଶୀଳ ନେତା ଏବଂ ପୁନଃ ପରିଭାଷିତ ଅନୁଷ୍ଠାନଗୁଡ଼ିକ ଭାରତୀୟ ଶିକ୍ଷାର ଦୃଶ୍ୟ। କୃଷି ଶିକ୍ଷାରେ ଅଗ୍ରଣୀ ଭୂମିକା ନେଇଥିବା ରାୟଗଡ଼ା ଏମ୍‌ଆଇପିଏସ୍ ମାନ୍ୟତା ଅତ୍ୟାଧୁନିକ ପାଠ୍ୟକ୍ରମ, କ୍ଷେତ୍ର-ଆଧାରିତ ଶିକ୍ଷା ଏବଂ ସ୍ଥାୟୀ କୃଷି ପ୍ରଯୁକ୍ତିବିଦ୍ୟା ନବସୃଜନ ମାଧ୍ୟମରେ ଆଦିବାସୀ ଏବଂ ଗ୍ରାମୀଣ ଯୁବପିଢ଼ିଙ୍କୁ ସଶକ୍ତ କରିବା ପାଇଁ ଏହି ଅନୁଷ୍ଠାନ ପ୍ରତିବଦ୍ଧତାକୁ ପ୍ରକାଶ କରିଛି। ନୂଆଦିଲ୍ଲୀରେ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ମିତ୍ସ ଗ୍ରୁପ୍ ଉପାଧ୍ୟକ୍ଷ ବିଶ୍ୱଜିତ ପଣ୍ଡା, ଏମ୍‌ଆଇପିଏସ୍ ଡିନ୍ ଡ.ଶାନ୍ତନୁ ମହାନ୍ତି ଓ ମିତ୍ସର ନିର୍ଦ୍ଦେଶକ ଡ. ସି.ଭି. ଗୋପୀନାଥ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଉକ୍ତ ପୁରସ୍କାର ପାଇବା ପରେ ମିତ୍ସ ଉପାଧ୍ୟକ୍ଷ ପଣ୍ଡା କହିଛନ୍ତି, ଏହି ଜାତୀୟ ପୁରସ୍କାର ଆମର ଏମ୍‌ଆଇପିଏସ୍‌ର ପାରମ୍ପରିକ କୃଷି ଜ୍ଞାନକୁ ଆଧୁନିକ ବିଜ୍ଞାନ ସହ ମିଶ୍ରଣକରି ଏକ ସ୍ଥିର ଏବଂ ଉତ୍ପାଦନକ୍ଷମ କୃଷି ଇକୋସିଷ୍ଟମ୍ ଗଠନ କରିବା ଦୃଷ୍ଟିକୋଣର ଏକ ପ୍ରମାଣ ବୋଲି କହିଛନ୍ତି।

# ୨୫ରେ ୬ଷ୍ଠ ଓଡ଼ିଶା ପର୍ଯ୍ୟଟନ କନ୍‌କ୍ଲେଭ

ଭୁବନେଶ୍ୱର,୨୧।୬

ହୋଟେଲ ଆଣ୍ଡ ରେଷ୍ଟୋରାଁ ଆସୋସିଏସନ୍ ଅଫ ଓଡ଼ିଶା (ଏଚ୍‌ଆର୍‌ଏଓ/ହାରୋ)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ୬ଷ୍ଠ ଓଡ଼ିଶା ପର୍ଯ୍ୟଟନ କନ୍‌କ୍ଲେଭ (ଓଟିସି) ଆସନ୍ତା ବୁଧବାର ଭୁବନେଶ୍ୱରର ହୋଟେଲ ସ୍ୱସ୍ତି ପ୍ରିମିୟମଠାରେ ଆୟୋଜନ ହେବାକୁ ଯାଉଛି। ବିଶେଷକରି ଚଳିତ ସଂସ୍କରଣର 'ବିକଶିତ ଓଡ଼ିଶାକୁ ଭାରତୀୟ ପର୍ଯ୍ୟଟନ ମାନଚିତ୍ରରେ ସାମିଲ କରାଇବା' ଶୀର୍ଷକ ବିଷୟବସ୍ତୁ ରହିଛି। ଏହି ପରିପ୍ରେକ୍ଷୀରେ ହାରୋ ପକ୍ଷରୁ ଶନିବାର ଏକ ଖବରଦାତା ସମ୍ମିଳନୀ ଭୁବନେଶ୍ୱରର ହୋଟେଲ ସ୍ୱସ୍ତି ପ୍ରିମିୟମଠାରେ ଆୟୋଜନ କରାଯାଇଥିଲା। ଏହି ସମ୍ମିଳନୀରେ ହାରୋର ସଦସ୍ୟମାନେ ଯୋଗ ଦେଇ ୬ଷ୍ଠ ଓଡ଼ିଶା ପର୍ଯ୍ୟଟନ କନ୍‌କ୍ଲେଭର ଆଭିମୁଖ୍ୟ ସାଙ୍ଗକୁ ଆଗାମୀ ଦିନରେ ଶିଳ୍ପର ବିକାଶ ପାଇଁ ଏକ ରୋଡ୍‌ମ୍ୟାପ୍ ଉଭୟ ରାଜ୍ୟ ସରକାର ଓ ହାରୋ ପକ୍ଷରୁ ପ୍ରସ୍ତୁତ କରାଯାଇଛି। ବିଶେଷକରି ନିବେଶ ଓ ନିଯୁକ୍ତି ଉପରେ ସର୍ବାଧିକ ଗୁରୁତ୍ୱ ଦେବା ସହିତ ଶିଳ୍ପର ଆବଶ୍ୟକତା ସମ୍ପର୍କରେ ମଧ୍ୟ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସେହିଭଳି ୨୦୨୫ ଜୁନ୍ ୨୫ରେ ହେବାକୁ ଥିବା ଏହି ଦିନିକିଆ ଓଟିସି କାର୍ଯ୍ୟକ୍ରମରେ ପର୍ଯ୍ୟଟନ କ୍ଷେତ୍ର ସହ ଜଡ଼ିତ ବହୁ ବକ୍ତା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏପରିକି ଭ୍ରମଣ ଶିଳ୍ପ ସହ ଜଡ଼ିତ ବିଶେଷଜ୍ଞ ଓ ଅଭିଜ୍ଞ ବ୍ୟକ୍ତିବିଶେଷମାନେ ମଧ୍ୟ ଏହି ସମ୍ମିଳନୀରେ ଉପସ୍ଥିତ ରହିବେ। ଅପରପକ୍ଷରେ ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରର ବିକାଶ ଓ ଏହାର ଭିତ୍ତିଭୂମିର ଉନ୍ନତି ସହ ଏହାକୁ କିଭଳି ଆକର୍ଷଣୀୟ କରିବା ସେ ନେଇ ଆଲୋଚନା ସହ ଆବଶ୍ୟକ ଦିଗଗୁଡିକ ଉପରେ ଚର୍ଚ୍ଚା କରାଯିବ। ସେହିପରି ଓଡ଼ିଶାର ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳଗୁଡ଼ିକରେ କିଭଳି ଅଧିକ ହୋଟେଲ ଓ ରିସୋର୍ଟ ନିର୍ମାଣ ସହ ରୋଜଗାର ସୃଷ୍ଟି ତଥା ବିଦେଶ ପର୍ଯ୍ୟଟକଙ୍କୁ ଓଡ଼ିଶାକୁ ଆକର୍ଷିତ କରିବା ଭଳି ବିଷୟରେ ମଧ୍ୟ ବିସ୍ତୃତ ଆଲୋଚନା ହେବ।

# ବଜାରରେ କେଟିଏମ୍ ୩୬୦ ଆଡ୍‌ଭେଞ୍ଚର ଏକ୍ସ

ଭୁବନେଶ୍ୱର,୨୧।୬(ଅଭୟ ଦାଶ)

ଦେଶର ପ୍ରମୁଖ ପ୍ରିମିୟମ ବାଇକ୍ ବ୍ରାଣ୍ଡ ତଥା କେଟିଏମ୍ ଇଣ୍ଡିଆର ବହୁ ପ୍ରତୀକ୍ଷିତ ମଡେଲ 'କେଟିଏମ୍ ୩୬୦ ଆଡ୍‌ଭେଞ୍ଚର ଏକ୍ସ'ର ଅନାବରଣ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଆର୍‌ଏମ୍ ମୋଟର୍ସ ସମ୍ବଲପୁର ଶୋ'ରୁମ୍ ପକ୍ଷରୁ ଶନିବାର ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଛି। ଏହି ଅବସରରେ ବାଇକର୍ସ ଗ୍ରୁପ୍‌ର ସଦସ୍ୟମାନେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ ସହ ଉକ୍ତ ମଡେଲକୁ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର୍‌ଏମ୍ ମୋଟର୍ସ ସମ୍ବଲପୁରର ମ୍ୟାନେଜର ଗୁରୁଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ କେଟିଏମ୍ ୩୬୦ ଆଡ୍‌ଭେଞ୍ଚର ଏକ୍ସରେ ସମସ୍ତ ପ୍ରକାର ଆଧୁନିକ ବୈଶିଷ୍ଟ୍ୟ ସାଙ୍ଗକୁ ସୁରକ୍ଷା ଫିଚର ଓ ଶକ୍ତିଶାଳୀ ଇଞ୍ଜିନ ଅନ୍ତର୍ଭୁକ୍ତ ରହିଛି। ସେହିଭଳି ଏହି ମଡେଲରେ ଏକ ବୃହତ୍ ତୈଳଟାଙ୍କି ( ଫୁଏଲ ଟ୍ୟାଙ୍କ ୧୪.୫ ଲି) ଏବଂ ଓଜନ (ୱେଟ ୧୭୭ କେ.ଜି/କେ) ଓ ଗ୍ରାଉଣ୍ଡ କ୍ଲିଅରାନ୍ସ ୨୦୦ ଏମ୍‌ଏମ୍ ସାଙ୍ଗକୁ ୩୭୩ ସିସି ଇଞ୍ଜିନରେ ଏହି ମଡେଲ ପରିଚାଳିତ ହେଉଛି।



ଅଲ୍ ନ୍ୟୁ କେଟିଏମ୍ ୩୬୦ ଆଡ୍‌ଭେଞ୍ଚର ଏକ୍ସର ଅନାବରଣ ଉତ୍ସବରେ ବାଇକର୍ସ ଗ୍ରୁପ୍‌ର ସଦସ୍ୟ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି। (ଫଟୋ- ବି. ଶଙ୍କର)

# ଏସ୍‌ବିଆଇ ଲାଇଫ୍‌ର ସ୍ୱତନ୍ତ୍ର ଅଭିଯାନ

ଭୁବନେଶ୍ୱର,୨୧।୬

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଏସ୍‌ବିଆଇ ଲାଇଫ୍ ଇନ୍‌ସ୍ୟୁରାନ୍ସ ପରିସରରେ ପିତୃ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏସ୍‌ବିଆଇ ଲାଇଫ୍‌ର ସ୍ୱତନ୍ତ୍ର ଅଭିଯାନ 'ପାପା ଭୁଲ୍‌ତେ ନେହିଁ'ର ଶୁଭାରମ୍ଭ କରାଯାଇଛି। ବିଶେଷକରି 'ପାପା ହୈନା ଡିଜିଟାଲ ପ୍ରପର୍ଟି ଅଧୀନରେ' ପାପା ଭୁଲ୍‌ତେ ନେହିଁ ଅଭିଯାନକୁ ଉପସ୍ଥାପନ କରାଯାଇଛି। ଏହା ହେଉଛି ଏକ ଡିଜିଟାଲ ବିଜ୍ଞାପନ ସିନେମା,ଯେଉଁଥିରେ ପିତୃତ୍ୱର ଶାନ୍ତ, ଦୃଢ଼ତା ଓ ଦୀର୍ଘସ୍ଥାୟୀ ପ୍ରତିଶ୍ରୁତି ଉପସ୍ଥାପନ କରାଯାଇଛି। ସେହିଭଳି ନିତିଦିନିଆ ଆଦର, ଶୃଙ୍ଖଳା ଓ ସହନଶୀଳତା ସହ ଏହି ସିନେମା ସେହି ବାପାମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଉଛି, ଯେଉଁମାନେ ଅନେକ ଭୂମିକା ତୁଲାଇଥାନ୍ତି। କିନ୍ତୁ ନିଜ ପ୍ରିୟଜନଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ କେବେ ଭୁଲନ୍ତି ନାହିଁ। ଏହି ସିନେମାରେ ଡାକ୍ତର, ଚାଷୀ, ଅଗ୍ନିଶମ ଅଧିକାରୀ ଓ ଶିକ୍ଷକଙ୍କୁ ବାପା ଭୂମିକାରେ ଦେଖାଯାଇଛି, ଯେଉଁମାନେ ନିଜ ପେସା ସହ ଜଣେ ବାପା ଭଳି ଭୂମିକାରେ ଦର୍ଶାଯାଇଛି।

## ରାଜ୍ୟ

# ଭାଲୁଟାଲରେ ବ୍ୟାପିଲା ଝାଡ଼ାବାନ୍ତି, ୨୨ ଅସୁସ୍ଥ

## ୩ ଜଣଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି

ବରଗଡ଼,୨୧।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଭେିନାତୋରା ପଞ୍ଚାୟତ ଅନ୍ତର୍ଗତ ଭାଲୁଟାଲ ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଏପର୍ଯ୍ୟନ୍ତ ଏଥିରେ ଗ୍ରାମର ୨୨ଜଣ ଅସୁସ୍ଥ ହୋଇ ପଡ଼ିଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେହିପରି ଅନ୍ୟ ୨ଜଣଙ୍କ ଚିକିତ୍ସା ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚାଲିଥିବା ବେଳେ ବାକି ୧୭ଜଣ ଘରେ ରହି ଚିକିତ୍ସିତ ହେଉଥିବା ସୂଚନା ମିଳିଛି। କେଉଁ କାରଣରୁ ଗ୍ରାମରେ ଝାଡ଼ାବାନ୍ତି ବ୍ୟାପୁଛି, ତାହା ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ସ୍ୱାସ୍ଥ୍ୟ ବିଭାଗ ଟିମ୍ ଗ୍ରାମକୁ ପହଞ୍ଚି ଗ୍ରାମରେ ରହିଥିବା ନଳକୂଅ ପାଣିର ନମୁନା ସହିତ ଅସୁସ୍ଥଙ୍କ ମଳ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଇଣ୍ଟିଗ୍ରେଟେଡ୍ ପବ୍ଲିକ ହେଲଥ୍ ଲାବରେଟୋରୀ(ଆଇପିଏଚ୍‌ଏଲ୍)କୁ ପଠାଇଛି। ପରୀକ୍ଷା ରିପୋର୍ଟ ଆସିବା ପରେ ଝାଡ଼ାବାନ୍ତି ବ୍ୟାପିବାର କାରଣ ଜଣାପଡ଼ିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ) ଡା. କୁବେର ଚନ୍ଦ୍ର ମହାନ୍ତ କହିଛନ୍ତି।

ସୂଚନା ଅନୁଯାୟୀ, ଉପରୋକ୍ତ ଗ୍ରାମରେ ଶୁକ୍ରବାର ରାତିରୁ ଜଣେ ପରେ ଜଣେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିବାରୁ ଗ୍ରାମବାସୀ ଭୟଭୀତ ହୋଇ ପଡ଼ିଥିଲେ। ସେମାନେ ପ୍ରଥମେ ଚିକିତ୍ସା ପାଇଁ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ପ୍ରାଥମିକ ଚିକିତ୍ସା ପରେ ୧୭ଜଣ ଘରକୁ ଫେରିଥିବାବେଳେ ୩ଜଣଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଥିଲା। ସେହିପରି ଅନ୍ୟ ୨ଜଣ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ଗ୍ରାମର ନଳକୂଅ ପାଣି ଯୋଗୁ ଏହା ବ୍ୟାପିଥିବା ଆଶଙ୍କା କରାଯାଉଛି। ଅନ୍ୟପଟେ ଝାଡ଼ାବାନ୍ତି ବ୍ୟାପୁଥିବା ଖବର ପାଇ ଶନିବାର ସ୍ୱାସ୍ଥ୍ୟ ବିଭାଗ ଟିମ୍ ଉକ୍ତ ଗ୍ରାମକୁ ପହଞ୍ଚିଥିଲେ ଏବଂ ପ୍ରତିଷେଧକମୂଳକ ବ୍ୟବସ୍ଥା ଗ୍ରହଣ କରିଥିଲେ। ସେହିପରି ସ୍ଥାନୀୟ ଆଶା, ଅଙ୍ଗନୱାଡ଼ି କର୍ମୀ ଘରକୁ ଘର ବୁଲି ଝାଡ଼ାବାନ୍ତି ନିରାକରଣ ସଚେତନତା କରିବା ସହିତ ଲୋକଙ୍କୁ ବିଭିନ୍ନ ପରାମର୍ଶ ଦେଉଛନ୍ତି। ପ୍ରକାଶଥାଉ କି, ଗତ କିଛିଦିନ ତଳେ ପାଇକମାଳ ବ୍ଲକରେ ଝାଡ଼ାବାନ୍ତି ବ୍ୟାପିଥିଲା। ତାହା ଏବେ ସେଠାରେ ନିୟନ୍ତ୍ରଣାଧୀନ ଥିବା ବେଳେ ସମସ୍ତ ଅସୁସ୍ଥ ଚିକିତ୍ସା ପରେ ଘରକୁ ଫେରିଛନ୍ତି।


ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଅସୁସ୍ଥମାନେ ଚିକିତ୍ସାଧିନ ଅଛନ୍ତି।

# ପିତଲ ସରପଞ୍ଚଙ୍କୁ ଆକ୍ରମଣ ଘଟଣାରେ ୪ ଗିରଫ

**ହିଞ୍ଜିଳିକାଟୁ, ୨୧।୬(ଦ୍ୱିତୀକୃଷ୍ଣ ପଣ୍ଡା):** ଗଞ୍ଜାମ ଜିଲା ହିଞ୍ଜିଳି ଥାନା ପିତଲ ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ସରପଞ୍ଚ ରାମରାଘବ ପାତ୍ର ଓ ପିତଲ ଭାଜପା ମଣ୍ଡଳ ସଭାପତି ବିଜୟ ପ୍ରଧାନଙ୍କୁ ଆକ୍ରମଣ ଘଟଣାରେ ଶନିବାର ହିଞ୍ଜିଳି ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ହିଞ୍ଜିଳି ଥାନା ପିତଲ ଗ୍ରାମର ଦିଲୀପ ବେହେରା (୩୭), ନବଜୀବନ ବେହେରା (୨୩), ଗାଙ୍ଗପୁର ଥାନା ପଳାସପଲ୍ଲୀ ଗ୍ରାମର ଆଲୋକ କୁମାର ସ୍ୱାଇଁ (୨୦) ଓ ଧରାକୋଟ ଥାନା ଶରଧାପୁର ଗ୍ରାମର ବିକାଶ ପ୍ରଧାନ (୨୩)। ଗିରଫ ଯୁବକମାନଙ୍କଠାରୁ ୩ଟି ଠେଙ୍ଗା, ଗୋଟିଏ ମୋବାଇଲ ଫୋନ ଓ ଗୋଟିଏ ବାଇକ (ଓଡି୦୭ଏନ ୭୨୪୦) ଜବତ କରାଯାଇଛି। ଗିରଫ ଯୁବକଙ୍କୁ ଶନିବାର ଶେରଗଡ଼ କୋର୍ଟ ଚାଲାଣ କରାଯାଇଛି। ଗୁରୁବାର ସନ୍ଧ୍ୟାରେ ପିତଲ ଗ୍ରାମ ବାତ୍ୟା ଆଶ୍ରୟସ୍ଥଳୀ ନିକଟରେ ପିତଲ ସରପଞ୍ଚ ଓ ଭାଜପା ନେତା ପ୍ରଧାନଙ୍କ ଉପରେ ୮ରୁ ଊର୍ଦ୍ଧ୍ୱ ଲୋକ ଅତର୍କିତ ଆକ୍ରମଣ କରିଥିଲେ। ସେମାନେ ଗୁରୁତର ଆହତ ହୋଇଥିଲେ। ସରପଞ୍ଚଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ।

No.O-318

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
(ଗ୍ରାମ୍ୟ / ପୋଷ୍ଟ – ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER,
RURAL WORKS CIRCLE, BERHAMPUR**
(At/Po-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail : serwbpr2004@yahoo.com, Tel No.: 0680-2404287)

**NATIONAL COMPETITIVE BIDDING THROUGH e-Procurement**
**Bid Identification No. Online Tender/07-2025-26/BPR**

| Identification No | Name of work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 07-2025-26/BPR | Road Works under MMSY-IMPROVEMENT TO EXISTING RD ROADS | 01 No | Rs.1366.86 Lakhs | "A" Class & "Special" Class as applicable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/07-2025-26/BPR | 30.06.2025 at 10.00 A.M. | 14.07.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website : www.tendersodisha.gov.in

Sd./- Chief Construction Engineer
R.W.Circle, Berhampur

OIPR-25071/11/0098/2526

# ପୃଥିବୀର ଫୁସ୍‌ଫୁସ୍ ବଞ୍ଚାଇବାର ପ୍ରୟାସ ହେଉ

## ଆଜି ବିଶ୍ୱ ବୃଷ୍ଟିପୁଷ୍ଟ ଅରଣ୍ୟ ଦିବସ

ମନୁଷ୍ୟ ସମାଜ ଓ ପରିବେଶ ପାଇଁ ବନ ବା ଜଙ୍ଗଲର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ। ଏହା ଆମକୁ ଅମ୍ଳଜାନ ଯୋଗାଇବା ସହ ଭଲ ବର୍ଷା ହେବାରେ ସାହାଯ୍ୟ କରିଥାଏ। ଏଥିସହିତ ଜଙ୍ଗଲରେ ଅନେକ ପ୍ରକାର ଔଷଧୀୟ ବୃକ୍ଷଲତା ଭରି ରହିଛି। ପଶୁପକ୍ଷୀଙ୍କ ଆବାସସ୍ଥଳୀ ହେଉଛି ଅରଣ୍ୟ। ହେଲେ ଏବେ ଜଙ୍ଗଲକ୍ଷୟ ଚିନ୍ତାର କାରଣ ପାଲଟିଛି। କଳକାରଖାନା ପ୍ରତିଷ୍ଠା, ଭିତ୍ତିଭୂମି ବିଶେଷକରି ନିର୍ମାଣ ପ୍ରକଳ୍ପର ଦ୍ରୁତ ବୃଦ୍ଧି ପାଇଁ ବହୁ ସ୍ଥାନରେ ଜଙ୍ଗଲକୁ କାଟି ଦିଆଯାଉଛି। ଫଳରେ ଏହାର ପ୍ରଭାବ ପରିବେଶ, ପରିସଂସ୍ଥାନ ସହ ମାନବ ସମାଜ ଓ ପ୍ରାଣୀ ଜଗତ ଉପରେ ଗଭୀର ଭାବେ ପଡୁଛି। ଏପରିକି ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନକୁ ଏହା ପ୍ରଭାବିତ କରିଚାଲିଛି। ମଣିଷ ଓ ଜୀବଜନ୍ତୁ ତିଷ୍ଠିବା ଲାଗି ବୃଷ୍ଟିପୁଷ୍ଟ ଅରଣ୍ୟର ଭୂମିକା ଯଥେଷ୍ଟ ରହିଛି। ଏହାର ସୁରକ୍ଷା ସକାଶେ ଜନସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ଜୁନ୍ ୨୨ ତାରିଖକୁ 'ବିଶ୍ୱ ବୃଷ୍ଟିପୁଷ୍ଟ ଅରଣ୍ୟ ଦିବସ' (WORLD RAIN FOREST DAY) ଭାବରେ ପାଳନ କରାଯାଇଆସୁଅଛି। ପ୍ରାୟତଃ ଏହି ଅଞ୍ଚଳରେ ବର୍ଷାର ପରିମାଣ ସର୍ବାଧିକ ରହିଥିବାରୁ ଅରଣ୍ୟ ବଢ଼ିବା ଦିଗରେ ବିଶେଷ ସହାୟକ ହୋଇଥାଏ।

ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ଜଙ୍ଗଲ ଓ ଖାଦ୍ୟ'। ଏହି ଅବସରରେ ବୃଷ୍ଟିପୁଷ୍ଟ ଅରଣ୍ୟକୁ ସୁରକ୍ଷା ସେବା ଲାଗି ଲୋକମାନଙ୍କୁ ସଚେତନ କରାଯାଏ। ପରିବେଶକୁ ପ୍ରଦୂଷଣମୁକ୍ତ ରଖିବାରେ ଏହାର ଭୂମିକା ମଧ୍ୟ ରହିଛି। ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ପରିମାଣକୁ ଏହା ସନ୍ତୁଳିତ ରଖିଥାଏ। ମନୁଷ୍ୟକୃତ କାର୍ଯ୍ୟକଳାପ ଯୋଗୁ ପରିବେଶରେ ପରିବର୍ତ୍ତନ ଘଟି ସମଗ୍ର ପରିସଂସ୍ଥା ଏବେ ଦ୍ରୁତଗତିରେ ନଷ୍ଟ ହେଉଛି। ଏବେଠାରୁ ଏ ବିଷୟରେ ସର୍ବାଧିକ ଗୁରୁତ୍ୱ ଦିଆ ନ ଗଲେ ଜୈବବିବିଧତା, ଜଳବାୟୁ ବ୍ୟବସ୍ଥା ଏବଂ ମାନବ ତିଷ୍ଠିରହିବା ଉପରେ ନକାରାତ୍ମକ ପ୍ରଭାବ ପକାଇବ। କାରଣ ବୃଷ୍ଟିପୁଷ୍ଟ ଅଞ୍ଚଳର ଆକାର କମିଗଲେ ବର୍ଷା କମିଯିବ ଓ ତାହା ମଣିଷର ଖାଦ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇବ। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଆମ ଗ୍ରହର ଫୁସଫୁସ୍ ଭାବେ ପ୍ରତୀୟମାନ ହେଉଥିବା ବୃଷ୍ଟିପୁଷ୍ଟ ଅରଣ୍ୟକୁ କିଭଳି ସୁରକ୍ଷିତ ରଖିହେବ ସେହି ଦିଗରେ ସବୁସ୍ତରରେ ଉଦ୍ୟମ ହେବା ଆବଶ୍ୟକ।



**ORISSA STATE AIDS CONTROL SOCIETY (OSACS)** OSACS
**(Department of Health & Family Welfare), Government of Odisha**
**Advertisement No. I-OSACS-TI-OST-30/2024/642** **Date: 18.06.2025**

**ADVERTISEMENT**

No. E-177: Orissa State AIDS Control Society (OSACS) on behalf of OST Centres in the State of Odisha invites suitable candidates to fill-up the post of **Medical Officers** for implementation of HIV/ AIDS programme under National AIDS Control Programme (NACP) through **Walk-in-Interview**. These positions are purely temporary and co-terminus with the scheme. The age limit to apply for the **Post of Medical Officer is 24-66 years as on Dtd.30.05.2025**. The details are mentioned below:

| Name of the Post | Place of Posting | Qualification & Experience | No. of Post for Engagement | Monthly consolidated Remuneration (Rs.) | Date & Time of Walk-in-Interview |
|---|---|---|---|---|---|
| Medical Officer | OST Centre, MHI, SCB MCH, Cuttack | Essential Qualification: MBBS with valid registration from the respective State Medical Council/ NMC. Those with MD Psychiatry/ Diploma in Psychiatry Medicine (DPM) will be preferred. Good working knowledge of Computer, MS Office | 01 | 72,000/- | 01.07.2025 at 10.00 A.M. |
| | OST Centre, DHH, Puri | | 01 | 72,000/- | 17.07.2025 at 11.00 A.M. |

Eligible & interested candidates shoul report directly to the concerned head of the Institutions/ Nodal Officer of OST Centres (as per list enclosed) alongwith their Bio-data in the application (prescribed format) and required documents in support of qualification & experience on the above stipulated dates. The Walk-in-Interview will be conducted as per above mentioned date & time. The prescribed format of application, details of job responsibilities, address for attending Walk-in-Interview, other terms & conditions in accordance with the Standard Operating Procedure for Buprenorphine based Opioid Substitution Therapy under NACO are available on the website **www.osacs.odisha.gov.in**. The authority reserves the right to accept/reject any or all application(s) without assigning any reasons thereof.

**Sd./- Project Director**

**2nd Floor, Oil Odisha Building, Nayapalli, Bhubaneswar, Ph: 2395415/2393235, Fax: 2394560 (0674)**
**National HIV/AIDS Help Line Number: 1097 (Toll Free), E-mail: orissasacs@gmail.com/tiosacs@gmail.com**
**OIPR-10009/11/0050/2526**

Happy 18th Marriage Anniversary

Satrughna & Pusparekha
Subhaavinandan From: Tutu Nana, Minu Bhauja, Prakash Nana, Buli Nani.
ଧ-୧୦୨୪

## ଯୁବ ଅଧ୍ୟାପକଙ୍କ ସମାଜ ବିଜ୍ଞାନରେ Ph.D.

ମାହାଙ୍ଗା ପୁଷ୍ପଗିରି ମହାବିଦ୍ୟାଳୟର ସମାଜ ବିଜ୍ଞାନ ଅଧ୍ୟାପକ ଶ୍ରୀ ରାହୁଲ ମହାନ୍ତି ସମାଜ ବିଜ୍ଞାନରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ Ph.D. ପ୍ରାପ୍ତ ହୋଇଛନ୍ତି। ସେ ଉତ୍କଳ ବିଶ୍ୱବିଦ୍ୟାଳୟର Prof. Dr. ତନୟା ମହାନ୍ତିଙ୍କ ଅଧୀନରେ "REHABILITATION OF SURRENDERED NAXALITES: A STUDY IN ODISHA" ବିଷୟରେ ଗବେଷଣା କରୁଥିଲେ। ତାଙ୍କର ସନ୍ଦର୍ଭ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର Prof. Dr. P.G. Nagaraju Gandemeda ଓ Prof. Dr. Ajailiu Niumai, Centre of the Study of Social Exclusion, Inclusive Policy, University of Hyderabadଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ଶ୍ରୀ ମହାନ୍ତି ପୁରୀନିବାସୀ ଅବସରପ୍ରାପ୍ତ ପୋଲିସ S.P. ସନ୍ତୋଷ କୁମାର ମହାନ୍ତି, ମାତା ସୁଜାତା ମହାନ୍ତିଙ୍କର କନିଷ୍ଠ ପୁତ୍ର ଅଟନ୍ତି ଓ BJB College, Pondychery University ଓ ଦିଲ୍ଲୀରେ ଅଧ୍ୟୟନ କରିଛନ୍ତି। ତାଙ୍କର ଗବେଷଣାର ଶ୍ରେୟ ମହାପ୍ରଭୁ ଜଗନ୍ନାଥ, ଶ୍ରୀମା' ଓ ଶ୍ରୀଅରବିନ୍ଦ ଓ ବାପା ମା'ଙ୍କୁ ଦିଅନ୍ତି। ଏହାଛଡ଼ା ଏହି ଗବେଷଣାରେ ଅକୁଣ୍ଠ ସହଯୋଗ ପାଇଁ Prof. Dr. Nabanita Rath, Dr. Prof. Rabindra Garadaଙ୍କ ପାଖରେ କୃତଜ୍ଞତା ଜଣାଇଛନ୍ତି। ଏହାଛଡ଼ା, ଗବେଷଣାର ମୁଖ୍ୟ ଶ୍ରେୟ ଶ୍ରୀ M. Akhaya I.P.S. Former D.G. Odisha ଯେ କି ମୂଳରୁ ପ୍ରୋତ୍ସାହିତ କରିବା ସଙ୍ଗେସଙ୍ଗେ ଗବେଷଣାରେ ଅନବରତ ଦିଗ୍‌ଦର୍ଶନ ଦେଇଛନ୍ତି। ଶ୍ରୀ ସଞ୍ଜୀବ ପଣ୍ଡା IPS, Ex Director, Intelligence, Odishaଙ୍କ ଅକୁଣ୍ଠ ସହଯୋଗ ଓ ଅନବରତ ଦିଗ୍‌ଦର୍ଶନ ଦେଇଛନ୍ତି। ଏହି ଦୁଇଜଣ ବରିଷ୍ଠ I.P.S.ଙ୍କ ନିକଟରେ ସେ କୃତଜ୍ଞତା ଜଣାଇଛନ୍ତି। ଏତଦ୍‌ବ୍ୟତୀତ ଉତ୍କଳ ବିଶ୍ୱବିଦ୍ୟାଳୟର Deptt. of Sociologyର ସମସ୍ତ Faculty ଓ ବନ୍ଧୁମାନଙ୍କୁ ଏହି ସଫଳତା ପାଇଁ କୃତଜ୍ଞତା ଜଣାଇଛନ୍ତି।
ଧ-୭୬୦୬୪

# ଶ୍ରୀଲଙ୍କା-ବାଂଲାଦେଶ ପ୍ରଥମ ଟେଷ୍ଟ ଡ୍ର'

**ଗାଲେ, ୨୧।୬**

ଶ୍ରୀଲଙ୍କା ଓ ବାଂଲାଦେଶ ମଧ୍ୟରେ ଖେଳାଯାଉଥିବା ପ୍ରଥମ ଟେଷ୍ଟ ଶନିବାର ଡ୍ର' ଭାବେ ଶେଷ ହୋଇଛି। ପ୍ରଥମ ଇନିଂସରେ ବାଂଲାଦେଶ ୪୯୫ ରନ କରିଥିବା ବେଳେ ଶ୍ରୀଲଙ୍କା ୪୮୫ ରନ କରିଥିଲା। ଫଳରେ ୧୦ ରନରେ ଆଗୁଆ ରହିଥିବା ବାଂଲାଦେଶ ତା'ର ଦ୍ୱିତୀୟ ଇନିଂସରେ ୬ ଉଇକେଟ ହରାଇ ୨୮୫ ରନ କରିଥିବା ବେଳେ ପାଳି ଘୋଷଣା କରିଥିଲା। ଏଥିଯୋଗୁ ୨୯୬ ସ୍କୋର ନେଇ ଓହ୍ଲାଇଥିବା ଘରୋଇ ଶ୍ରୀଲଙ୍କା ପଞ୍ଚମ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ୪ ଉଇକେଟ ହରାଇ ୭୨ ରନ କରିଥିଲା। ଫଳରେ ମାଚ୍‌କୁ ଡ୍ର' ଘୋଷିତ କରାଯାଇଥିଲା। ମ୍ୟାଚ୍‌ର ଉଭୟ ଇନିଂସରେ ଶତକ କରିଥିବା ନଜମୁଲ ହୋସେନ ଶାନ୍ତୋଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଅନ୍ୟପକ୍ଷରେ ଏହି ମ୍ୟାଚ୍ ଜରିଆରେ ଭେଟେରାନ ଆଞ୍ଜେଲୋ ମାଥ୍ୟୁ ଟେଷ୍ଟ କ୍ରିକେଟରୁ ଅବସର ନେଇଛନ୍ତି। ସିରିଜ୍‌ର ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ କଲମ୍ବୋଠାରେ ଆସନ୍ତା ୨୫ ତାରିଖରୁ ଖେଳାଯିବ।

ଶନିବାର ତଥା ମ୍ୟାଚ୍‌ର ପଞ୍ଚମ ଦିନ ବାଂଲାଦେଶ ତା'ର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର (୧୭୭/୩)ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବଦିନ ଅପରାଜିତ ରହିଥିବା ବ୍ୟାଟର ମୁଶଫିକର ରହିମ ୪୯ ରନ କରି ଆଉଟ୍ ହୋଇଥିବା ବେଳେ ଶାଣ୍ଟୋ ୧୨୫ ରନ କରି ଅପରାଜିତ ରହିଥିଲେ। ଦୁହେଁ ଚତୁର୍ଥ ଉଇକେଟ ପାଇଁ ୧୦୯ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲିଟନ ଦାସ ୭, ଜାକର ଅଲୀ ୨ ରନ କରିଥିଲେ। ଦଳୀୟ ସ୍କୋର ୨୮୫/୬ ହୋଇଥିବା ବେଳେ ବାଂଲାଦେଶ ପକ୍ଷରୁ ଇନିଂସ ସମାପ୍ତ ଘୋଷଣା କରାଯାଇଥିଲା। ଶ୍ରୀଲଙ୍କା ପକ୍ଷରୁ ଥାରିନ୍ଦୁ ରତନାୟକେ ୩ ଉଇକେଟ ନେଇଥିଲେ। ଫଳରେ ଘରୋଇ ଶ୍ରୀଲଙ୍କା ଆଗରେ ୨୯୬ ରନର ଟାର୍ଗେଟ ଛିଡ଼ା ହୋଇଥିଲା। ଜବାବରେ ଶ୍ରୀଲଙ୍କା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ୪ ଉଇକେଟ ହରାଇ ୭୨ ରନ କରିଥିଲା। ଦଳ ପକ୍ଷରୁ ପଥୁମ ନିଶଙ୍କ ୨୪, ଲାହିରୁ ଉଡାରା ୯, ଦୀନେଶ ଚଣ୍ଡିମାଲ ୬ ଓ କ୍ୟାରିୟରର ଅନ୍ତିମ ଟେଷ୍ଟ ଖେଳୁଥିବା ମାଥ୍ୟୁସ ୮ ରନ କରି ଆଉଟ୍ ହୋଇଥିଲେ। କାମିଣ୍ଡୁ ମେଣ୍ଡିସ ଓ ଅଧିନାୟକ ଧନଞ୍ଜୟ ଡି ସିଲଭା ୧୨ ଲେଖାଏ ରନ କରି ଅପରାଜିତ ରହିଥିଲେ। ବିଜୟ ଦଳ ପକ୍ଷରୁ ତାଇଜୁଲ ଇସଲାମ ୩ ଓ ନୟିମ ହାସନ ଗୋଟିଏ ଉଇକେଟ ନେଇଥିଲେ।


ହୋସେନ ଶାନ୍ତୋ

## ଶାନ୍ତୋଙ୍କ କ୍ରମାଗତ ଶତକ

### ସଂକ୍ଷିପ୍ତ ସ୍କୋର

ବାଂଲାଦେଶ ପ୍ରଥମ ଇନିଂସ: ୪୯୫।
ଶ୍ରୀଲଙ୍କା ପ୍ରଥମ ଇନିଂସ: ୪୮୫।
ବାଂଲାଦେଶ ଦ୍ୱିତୀୟ ଇନିଂସ: ୨୮୫/୬ (ନଜମୁଲ ହୋସେନ ଶାନ୍ତୋ-୧୨୫*, ଶଦମାନ ଇସଲାମ-୭୬, ମୁଶଫିକର ରହିମ-୪୯, ଥାରିନ୍ଦୁ ରତନାୟକେ-୩/୧୦୨)।
ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ: ୭୨/୪ (ପଥୁମ ନିଶଙ୍କ-୨୪, କାମିଣ୍ଡୁ ମେଡିସ-୧୨, ଧନଞ୍ଜୟ ଡି ସିଲଭା-୧୨, ତାଜୁଲ ସ୍ଲାମ-୩/୧୬)।

# ଭାରତୀୟ ମହିଳା ରେସ୍‌ଲର ଜିତିଲେ ଟିମ୍ ଟାଇଟଲ

## ୨୩ ବର୍ଷରୁ କମ୍ ଏସିଆନ ଚାମ୍ପିୟନଶିପ୍

**ଭୁଙ୍ଗ ତାଉ (ଭିଏଟ୍‌ନାମ), ୨୧।୬ (ପି.ଟି.)**

ଭାରତୀୟ ମହିଳା ରେସ୍‌ଲରମାନେ ଏଠାରେ ଚାଲିଥିବା ୨୩ବର୍ଷରୁ କମ୍ ଏସିଆନ ଚାମ୍ପିୟନଶିପ୍‌ରେ ଦଳଗତ ଟାଇଟଲ ହାସଲ କରିଛନ୍ତି। ସେମାନେ ପ୍ରତ୍ୟେକ ୧୦ କାଟେଗୋରୀରେ ପଦକ ଜିତିବାରେ ସଫଳ ରହିଥିଲେ। ତନ୍ମଧ୍ୟରେ ୪ ସ୍ୱର୍ଣ୍ଣ ଓ ୫ ରୌପ୍ୟ ରହିଛି। ପ୍ରିୟାଂଶୀ ପ୍ରଜାପତ (୫୦କେଜି), ରୀନା (୫୫କେଜି), ସୃଷ୍ଟି (୬୮କେଜି) ଓ ପ୍ରିୟା (୭୬କେଜି) ପୋଡିୟମର ଟପ୍‌ରେ ରହିଥିଲେ। ଶୁକ୍ରବାର ଅନ୍ୟ ୫ ମହିଳା ରେସ୍‌ଲର ସ୍ୱର୍ଣ୍ଣ ପଦକ ବାଉଟ୍ ଲଢ଼ିଥିଲେ ହେଁ ରନରଅପ୍ ହୋଇଥିଲେ। ସେମାନେ ହେଲେ ନେହା ଶର୍ମା (୫୭କେଜି), ତନ୍‌ଭି (୫୯କେଜି), ପ୍ରଗତି (୬୨କେଜି), ଶିଖା (୬୫କେଜି) ଓ ଜ୍ୟୋତି ବରୱାଲ (୭୨କେଜି)। ଗ୍ରୀକୋ-ରୋମାନ ଷ୍ଟାଇଲରେ ସୁମିତ ୬୩ କେଜିରେ ସ୍ୱର୍ଣ୍ଣ ଜିତିଥିବାବେଳେ ନୀତିଶ (୯୭କେଜି) ଓ ଅଙ୍କିତ ଗୁଲିଆ (୭୨କେଜି) ବ୍ରୋଞ୍ଜ ପଦକ ଲାଭ କରିଥିଲେ। ପୁରୁଷ ଫ୍ରି-ଷ୍ଟାଇଲ ଇଭେଣ୍ଟରେ ଭିକି ୯୭କେଜି କାଟେଗୋରୀରେ ସ୍ୱର୍ଣ୍ଣ ଜିତିଥିବା ବେଳେ ନିଖିଲ (୬୧କେଜି), ସୁଜିତ କାଲ୍‌କାଲ୍(୬୫କେଜି), ଜୟଦୀପ (୭୪କେଜି), ଚନ୍ଦରମୋହନ (୭୯କେଜି) ଓ ସଚିନ (୯୨କେଜି) ପ୍ରମୁଖ ସ୍ୱର୍ଣ୍ଣ ମୁକାବିଲାରେ ଅଛନ୍ତି।



# ଯୋଗ ଦିବସ ପାଳନ କଲେ ମାଣ୍ଡବ୍ୟ



**ନୂଆଦିଲ୍ଲୀ, ୨୧।୬ (ପି.ଟି.)**

କେନ୍ଦ୍ର କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ବିଭିନ୍ନ ଆସନ ସହ ଶନିବାର ୧୫୦୦ ଅଂଶଗ୍ରହଣକାରୀଙ୍କ ସହ ୧୧ତମ ଅନ୍ତର୍ଜାତୀୟ ଯୋଗଦିବସ ପାଳନ କରିଛନ୍ତି। ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମସ୍ଥିତ ସାଇକ୍ଲିଂ ଭେଲୋଡ୍ରୋମ୍‌ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅବସରରେ ଅଭିନେତ୍ରୀ ରକୁଲପ୍ରୀତ ସିଂ ଓ ଜ୍ୟାକି ଭଗନାନିଙ୍କୁ 'ଫିଟ୍ ଇଣ୍ଡିଆ ଆଇକନ୍' ଭାବେ ଘୋଷଣା କରାଯାଇଥିଲା। ଏହି ଇଭେଣ୍ଟରେ କେତେଜଣ କ୍ରୀଡ଼ାବିତ୍ ଉପସ୍ଥିତ ଥିବା ପରିଲକ୍ଷିତ ହୋଇଥିଲା। ସେମାନଙ୍କ ମଧ୍ୟରେ ଅଲିମ୍ପିଆନ ପ୍ରିୟଙ୍କା ଗୋସ୍ୱାମୀ ଏବଂ ଭାରତର ପୂର୍ବତନ ହକି ଅଧିନାୟିକା ରାଣୀ ରାମପାଲ ଅନ୍ୟତମ। ଅନ୍ୟ ଜଣେ ସେଲିବ୍ରିଟୀ ମଧୁରିମା ତୁଲୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

Classified Everyday
0674-2580101, 9692975378




## BRIDE WANTED

MBA XIMB, 5'8", 40yrs, unmarried Karan boy, working in Private Bank, in AGM rank, Hyderabad, own house in BBSR seeks unmarried B.Sc/ B.Com/ MBA girl from Karan/ Khandayat/Brahmin educated family within 35yrs height above 5'2". Contact: 9337003506 between 7pm-10pm. D-945

Wanted bride for a brahmin A.I. Engineer(5'7", 28years, 12 lakh PA) Father- Journalist, Mother- Govt. Officer. Contact: 9438618405, 9668535250. D- 958

ତେଲି ଜାତିର Chartered Accountant ପୁଅ ପାଇଁ ଉତ୍ତମ କନ୍ୟା ଆବଶ୍ୟକ। Mob. No.- 9438298983, 9437920196. D-75626

Beautiful Khandayat Girl 24+, 5'4", B.Tech Serving Software Engineer, Bhubaneswar. "SUNASANSAR". 9937512659. D-76277

Punjabi Khatri Boy 1991, 5'11", B.Tech, reputed Job in Tata Steel Odisha requires homely girl (9914687015). D-1019

Seeking Bride for 26-year-old, 5'6", Kumbhar Boy, Govt. Teacher. Looking for well-Educated/Teacher bride from same community. WhatsApp: 7849064080. D-1018

## GROOM WANTED

ବୟସ 27 କୌଣସି ଚାକିରି କରୁ ନ ଥିବା ସୁନ୍ଦରୀ ସୁଶୀଳ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 7077016578. D-1017

ବରପାତ୍ର ଆବଶ୍ୟକ। ଜାତି ପ୍ରତିବନ୍ଧକ ନୁହେଁ। ବୟସ-48, 5'2", B.act., Govt. Teacher. ମାସିକ ଆୟ 48000. ଯୋଗାଯୋଗ କରନ୍ତୁ। 7440732439. D-944



## REAL ESTATE

## SALE

BDA Approved Triplex/ Apartment for sale near Fulnakhara Chhack (In- between Twin City CTC- BBSR) Loan facility- Available. details- 9853916309, 9338401309. D-71398

Gharabari ସ୍ଥିତିବାନ plot ବିକ୍ରି ହେବ ଭୁବନେଶ୍ୱର- ଗୁଡ଼ିଆପୋଖରୀ- 1460-1760/- ଉତ୍ତରା- 2460/-, ଲିଙ୍ଗିପୁର-4060/-, ଲକ୍ଷ୍ମୀସାଗର-6000/-, ଝାରପଡ଼ା- 4600/- contact- 7978551614, 9439049194. D-950

ଭୁବନେଶ୍ୱରରୁ ପୁରୀକୁ ଯାଉଥିବା ପ୍ରସ୍ତାବିତ ୮ ଲାଇନ୍ ରାସ୍ତାକୁ ଲାଗି **per sqft. 349/-** ଜାଗା ବିକ୍ରି ହେବ। କିଣିବା ବ୍ୟକ୍ତି ଯୋଗାଯୋଗ କରନ୍ତୁ। **Mobile- 8917204109, 9777783962.** D-1021

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

For sale- Prime Plot, Centrally located, free hold Residential Plot, 7643sft. 72ft. frontage with 20ft. wide front and rear roads having Sewerage line, electricity, near Old Station Square, Bhubaneswar- 751006. Contact: 09861129953. D- 960

**Ready to move 3BHK apartment for sale at Palasuni Bhubaneswar & Duplex available in Patia after Railway Station. Price 1CR. onwards. 8763887357, 7992736330.** D-76276




**Commercial space 4000sqft. and 2BHK flat for Office or Residence purpose at Ganesh Mandap Chhaka, Jharpada Jailroad, Bhubaneswar. Contact- 9040096747 / 9040096740.** D-75391

2nos of 2BHK Residential flat with all facilities with 2wheeler parking available for Rent at Cuttack, Shivajee Nagar. Contact: 9040029298 D-990

## LEASE

**WANTED- A OPEN LAND 1 TO 3 Acres of Land on purchase or lease at PANIKOILI (Jajpur) touching to NH for Tile/ Marvel store. Contact: 7809525452.** D- 76466




Newly open health benefits SPA by expert therapist. Contact- 8280961126. D-76924

Positively health benefits SPA expert female therapist homely atmosphere. 8658088274. D-974

**Relax, Refresh your body, Mind at Saikrupa SPA with best therapies. 7848011468.** D-859

Newly open Jyoti SPA positively health benefits (expert therapist). 8458067955. D-76923

## AFFIDAVIT

By virtue of an affidavit sworn before Executive Magistrate, Puri by A.No.- 3428 on dated- 30.05.2025, I, Sri Hemanta Kumar Naik, S/o. Late Gangadhar Naik of Bali Sahi, Saradadevi Road, P.S.- Sea Beach, Puri-752001, declare that I have changed my name from Hemanta Kumar Nayak to Hemanta Kumar Naik. Henceforth, I shall be known as Hemanta Kumar Naik, S/o. Late Gangadhar Naik for all future purposes. D-1020

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

Before the Executive Magistrate, Nayagarh, vide SL No.- 8/2, dtd. 05.05.25. Before my marriage I was known as Samita Patra, D/o- Banamali Patra. After marriage to Chittaranjan Nayak, Vill- Dwaragaon, P.O.- Dihagaon, P.S.- Daspalla, Dist.- Nayagarh I shall be known as Samita Nayak, W/o- Chittaranjan Nayak for all purposes. D-1031

By virtue of an affidavit sworn before Notary Public, Prasant Kumar Ray, Bhubaneswar, date- 11.06.2025, I, Bharat Nayak, Address: At- Salia Sahi Nilachakra Nagar, Jayadev Vihar, P.O.-R.R.L, P.S.- Nayapalli declare that I have changed my daughter's Name from Rasmita Patra to Rashmita Nayak. Henceforth, She shall be known as Rashmita Nayak for all purposes
Applicant Name
Bharat Nayak
D-1032

By virtue of an affidavit sworn before Executive Magistrate, Rourkela, dated 21.5.25, I, Laxmi Gouda, permanent Resident of Bhagaban Rice Mill, Contractor Pada, Phulbani, Kandhamal, Odisha declared that I have changed my name from Runu Gouda to Laxmi Gouda. Henceforth, I shall be known as Laxmi Gouda for all purpose.
Laxmi Gouda
D-1026

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Rourkela, dated 15.5.25, I, Pravati Gouda permanent Resident of Harijan Sahi, Phulbani Sahi, Phulbani, Kandhamal, Odisha declared that I have changed my name from Sweety Gouda to Pravati Gouda. Henceforth, I shall be known as Pravati Gouda for all purpose.
Pravati Gouda
D-1027

By virtue of an affidavit before the Court of Executive Magistrate, Rayagada, I, Mohan Kumar Sahu, S/o- Kumadan Sahu, At/P.O.-Seriguma, Via- J K Pur, P.S.- Kalyansinghpur, Dist.- Rayagada, PIN-765017 do hereby declare that I have changed my former name from Manoja Kumar Sahukar to Mohan Kumar Sahu by this affidavit DR No.- 559, dt.20.06.2025. Henceforth, I shall be known as Mohan Kumar Sahu of Aadhaar No.- xxxx xxxx 0263 for all future purposes.
Mohan Kumar Sahu
Deponent
D-1029

By virtue of an affidavit sworn before Executive Magistrate, Rayagada, dated 31st May 2025, I, Pradeep Kumar Gouda, Address: Roit Colony 8th Lane, Rayagada declare that I have changed the name of my daughter from Arapita Gouda to Arpita Gouda. Henceforth, She shall be known as Arpita Gouda for all purposes. D-1028

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ଦାଶରଥି ମହାପାତ୍ର
(ପୂର୍ବତନ ପ୍ରଧାନ ଶିକ୍ଷକ)
ଆବିର୍ଭାବ: ୧୦.୦୬.୧୯୩୮ ତିରୋଧାନ: ୧୨.୦୬.୨୦୨୫
ଗୋଳାପୋଖରୀ, ତିହିଡ଼ି, ଭଦ୍ରକ
ତୁମର ଆଦର୍ଶ, ଦୂରଦୃଷ୍ଟି, କର୍ମ ପ୍ରବଣତା, ସହିଷ୍ଣୁତା, ଆତ୍ମୀୟତା, ବିଶ୍ୱାସନୀୟତା, ସାହସିକତା, ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା ଓ ନିଷ୍କପଟ ବ୍ୟକ୍ତିତ୍ୱ ଆମମାନଙ୍କ ଜୀବନର ପାଥେୟ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା କରୁଅଛୁ। ଆମମାନଙ୍କ ଉପରେ ତୁମର ଆଶିର୍ବାଦ ସବୁବେଳେ ରହିଥାଉ।
ଶୋକସନ୍ତପ୍ତ:
ମହାପାତ୍ର ପରିବାରବର୍ଗ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ବନ୍ଧୁବାନ୍ଧବ।
ଧ-୭୬୮୩୪

ଦଶାହ ଉପଲକ୍ଷେ

୰ଦ୍ରୌପଦୀ ବେହେରା
ସ୍ଥାନ: ଡମଣା, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଆବିର୍ଭାବ: ୨୪।୧୧।୧୯୪୪
ତିରୋଧାନ: ୧୩।୦୬।୨୦୨୫
ଚାହୁଁ ଚାହୁଁ ଦଶ ଦିନ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତ୍ର- ସନ୍ତୋଷ ବେହେରା, ପୁତ୍ରବଧୂ- ଶାନ୍ତି ବେହେରା, ନାତି- ଜାକେଶ ବେହେରା, ନାତୁଣୀ- ସାଗରିକା, ସ୍ୱାଗତିକା, ପ୍ରିୟାଂଶୀ ଏବଂ ପରିବାରବର୍ଗ
ଧ-୧୦୧୫

ଅନନ୍ତ ପଥର ଯାତ୍ରୀ
ଶ୍ରୀ ବିଧୁ ଭୂଷଣ ମିଶ୍ରଙ୍କର
ପାର୍ଥିବ ଅବର୍ତ୍ତମାନର
ପ୍ରଥମ ବାର୍ଷିକୀ ଅବସର ରେ .....

ସ୍ୱର୍ଗବାସ: ୦୩.୦୭.୨୦୨୪
ଭଲ ମଣିଷଟିଏ ତୁମେ, ତୁମର ବିଲୟ ନାହିଁ। ସୂର୍ଯ୍ୟ, ଚନ୍ଦ୍ରଙ୍କର ସ୍ଥିତି ଓ ଗତି ପରି ତୁମର ପ୍ରାଣବନ୍ତ ଓ ଶାଶ୍ୱତ ସ୍ମୃତି, ଚିରନ୍ତନ ଆମ ସମସ୍ତଙ୍କର ହୃଦୟରେ ସ୍ପନ୍ଦିତ।
"ଶେଫାଳି ଝରଇ ଭୋର ଶିଶିରରେ
ମନ ଝୁରେ ନିତି ପ୍ରତି
ମାନବତା ଝୁରେ ଆକୁଳେ ଗୋପନେ
ହୃଦେ ଜାଳି ମଧୁସ୍ମୃତି।"
ଶ୍ରୀ ଜଗନ୍ନାଥଙ୍କ ପାଦ ପଦ୍ମରେ
ସବୁବେଳେ ରହିଥାଅ
ବନ୍ଧୁ ଓ ପରିବାର ବର୍ଗ
ଧ-୧୦୧୨

# ବିକାଶ ମେଳା ଉଦ୍‌ଯାପିତ

# ୧୭,୬୬,୬୬୮ ଟଙ୍କାର ବ୍ୟବସାୟ

ଭବାନୀପାଟଣା,୨୧।୬(ଉତ୍ତମ କୁମାର ଦାଶ)



ଉଦ୍‌ଯାପନୀ ସମାରୋହରେ ଅତିଥିଗଣ।

ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିଅମରେ ଗତ ୧୨ ତାରିଖରୁ ଚାଲିଥିବା ଜିଲ୍ଲାସ୍ତରୀୟ ବିକାଶ ମେଳା ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଜିଲାପାଳ ପାୱାର ସଚିନ ପ୍ରକାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନି ଉତ୍ସବରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢୀ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାୟକ, ଡି.ଡି. ପ୍ଲାନିଂ ଶ୍ରୀକାନ୍ତ ଦଳେଇ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା ସମାଜ କଲ୍ୟାଣ ଅଧିକାରୀ ମୁଜୀବୁନ ନିଶା, ଜିଲା କ୍ରିଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ମେଳାରେ ୬୮

**୨୧୪୨ଜଣଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ**

ଷ୍ଟଲ ସ୍ଥାନ ପାଇଥିଲା। ସେଥି ମଧ୍ୟରୁ ମିଶନ ଶକ୍ତିରୁ ପାରମ୍ପରିକ ଖାଦ୍ୟ ପାଇଁ ୨୫ଟି, ଆମ୍ବ ପ୍ରଦର୍ଶନୀ ପାଇଁ ୧୦, ସ୍ୱୟଂ ସହାୟକ ଗୋଷ୍ଠୀର ୧୨, ବିଭିନ୍ନ ବିଭାଗୀୟ ପ୍ରଦର୍ଶନୀ ଷ୍ଟଲ ୧୩ ଓ ପୋଲିସ, ଅଗ୍ନିଶମ ଇତ୍ୟାଦି ୮ଟି ଷ୍ଟଲ ରହିଥିଲା। ମେଳାରେ ୧୭,୬୬,୬୬୮ ଟଙ୍କାର ବ୍ୟବସାୟ ହୋଇଥିବା ଜଣାପଡିଛି। ଏଥିରେ ଜିଲାର ସ୍ୱୟଂ ସହାୟକ ଗୋଷ୍ଠୀ ଓ କୃଷି ଉତ୍ପାଦକ ସଂଗଠନ ଉପକୃତ ହୋଇଥିଲେ। ବିକାଶ ମେଳାରେ ଜିଲାର ୨୧୪୨ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ଦିଆଯାଇଥିବା ବେଳେ ୧୩୪୦ ଜଣଙ୍କଠାରୁ ଆବେଦନ ପତ୍ର ଗ୍ରହଣ କରାଯାଇଥିଲା। ସେହିପରି ୪୭୩୦ ଜଣଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଜବ୍‌କାର୍ଡ, ୧୦୪୭ ଜଣଙ୍କୁ ନୂତନ ରାଶନ କାର୍ଡ ପ୍ରଦାନ କରାଯାଇଥିଲା ବେଳେ ୧୯୪୨ ଜଣଙ୍କୁ ସିଏମ୍ କିଷାନ ଓ ୧୩୦୭ ଜଣଙ୍କୁ ପିଏମ୍ କିଷାନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା। ୭୩୭୮ ଜଣଙ୍କୁ ବୟୋ ବନ୍ଦନା ଯୋଜନା କାର୍ଡ ପ୍ରଦାନ କରାଯାଇଥିଲା। ୨୬୪ଟି ବ୍ୟକ୍ତିଗତ ଓ ୭୮ଟି ସାମୂହିକ ଜଙ୍ଗଲଜମି ପଟ୍ଟା ଦିଆଯାଇଥିଲା। ଜିଲାରେ ଏକ୍ ପେଡ୍ ମା' କେ ନାମ୍‌ରେ ୮୯୯୭ଟି ଚାରା ରୋପଣ କରାଯାଇଥିଲା। ୧୪୭୮ ନୂତନ ପେନସନ ହିତାଧିକାରୀଙ୍କୁ ପେନ୍‌ସନ ପ୍ରଦାନ କରାଯାଇଥିଲା। ୧୯୨୫ଟି ଇ-କେୱାଇସି କରାଯାଇଥିବା ବେଳେ ୪୮୭ ଜଣଙ୍କୁ ଶ୍ରମିକ କାର୍ଡ, ୪୦୩ ଜଣଙ୍କୁ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା ଏବଂ ୧୮୫ ଜଣଙ୍କୁ କିଷାନ କ୍ରେଡିଟ କାର୍ଡ ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆବାସ ଯୋଜନାରୁ ବଞ୍ଚିତ ପରିବାର



ଭଙ୍ଗାଘର ଆଗରେ ନବାଦ ନାଏକଙ୍କ ପରିବାର ସଦସ୍ୟ।

ଥୁଆମୂଳ ରାମପୁର, ୨୧।୬ (ଦୁର୍ଗା କୀର୍ତ୍ତି)

ଏବେ ବି ଅନେକ ଯୋଗ୍ୟ ହିତାଧିକାରୀ ଅଛନ୍ତି ଯେଉଁମାନେ ଆବାସ ଯୋଜନାରୁ ବଞ୍ଚିତ ଅଛନ୍ତି। ଏହାର ଏକ ଉଦାହରଣ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ୍ ବଡଛତ୍ର ଗ୍ରାମପଞ୍ଚାୟତ ପଦରପଡାରେ ଦେଖିବାକୁ ମିଳିଛି। ଗ୍ରାମର ନବାଦ ନାଏକଙ୍କ ପରିବାରରେ ୧୩ ସଦସ୍ୟ ରହିଛନ୍ତି। ଭଲ ଘର ଖଣ୍ଡିଏ ନ ଥିବାରୁ ଏମାନେ ଗୋଟିଏ ଘରେ ବହୁ ଅସୁବିଧା ମଧ୍ୟରେ ବସବାସ କରୁଛନ୍ତି। ଆବାସ ଯୋଜନାରେ ଘର ପାଇବା ଆଶାରେ ନବାଦ ବ୍ଲକ୍ କାର୍ଯ୍ୟାଳୟଠାରୁ ଆରମ୍ଭକରି ଗ୍ରାମପଞ୍ଚାୟତ ପର୍ଯ୍ୟନ୍ତ ଦୌଡିବା ସତ୍ତ୍ୱେ ଫଳ ଶୂନ ରହିଛି। ସେହିପରି ଉକ୍ତ ଗ୍ରାମର ମେଘନାଦ ନାଏକଙ୍କ ସମାନ ଅବସ୍ଥା। ମେଘନାଦଙ୍କ ପରିବାର କହିଲେ ସ୍ତ୍ରୀ ଓ ପୁଅଝିଅ ୩ ଜଣ ମିଶି ୫ ସଦସ୍ୟ ଏକ ମାଟିଘରେ କାଳାତିପାତ କରୁଛନ୍ତି। ଘର ଖଣ୍ଡିଏ ପାଇବା ପାଇଁ ମେଘନାଦ ବ୍ଲକ୍ ଓ ଗ୍ରାମପଞ୍ଚାୟତରେ ଜଣାଇ ଆସୁଥିଲେ ମଧ୍ୟ ସୁଫଳ ପାଇ ନ ଥିବା କହିଛନ୍ତି। ଯୋଗ୍ୟ ଥାଇ ସୁଦ୍ଧା ଉପକୃତ ହେଉ ନ ଥିବାରୁ ଆବାସ ଯୋଜନା ପ୍ରହସନ ପାଲଟିଛି ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଭାରତୀ ମାଝୀଙ୍କୁ ପଚାରିବାରୁ ବର୍ତ୍ତମାନ ଆମ ଗ୍ରାମପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସର୍ଭେ କାମ ସବୁ ସରିଛି, ଆଗାମୀ ଦିନରେ ସରକାରଙ୍କ ନିର୍ଦ୍ଦେଶକ୍ରମେ ଯାହା ହୋଇପାରିବ ଉକ୍ତ ପରିବାର ପାଇଁ ଆମେ କରିବୁ ବୋଲି କହିଛନ୍ତି।

## ସଂକ୍ଷେପରେ

### ଦେଶୀମଦ ଜବତ, ୩ ଗିରଫ

ଖଡ଼ିଆଳ,୨୧।୬ (ସୁଜିତ କୁମାର ପ୍ରଧାନ): ନୂଆପଡା ଜିଲା ଖଡ଼ିଆଳ ଅବକାରୀ ବିଭାଗ ଶନିବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦେଶୀମଦ ଜବତ କରିବା ସହ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସ୍ଥାନୀୟ ସତ୍‌ନାମୀ ପଡ଼ାର ଅଜୟ ସତ୍‌ନାମୀ (୫୦) ଓ ସୁନୀଲ ମହାଲିଙ୍ଗ (୩୨) ଏବଂ ଖଡିଆଳ ଥାନା ଡୁଆଝର ଗ୍ରାମର ଗୁଣଧର ମେହେର (୪୫)। ଅଜୟଙ୍କଠାରୁ ୯ଲିଟର, ସୁନୀଲଙ୍କଠାରୁ ୯ଲିଟର ଓ ଗୁଣଧରଙ୍କଠାରୁ ୯ ଲିଟର ଦେଶୀମଦ ଜବତ ହୋଇଛି। ଇନ୍ସପେକ୍ଟର ସୋମନାଥ ବାଗଙ୍କ ନେତୃତ୍ୱରେ ଚଢ଼ାଉ ହୋଇଥିବା ବେଳେ ଅବକାରୀ ଉପନିରୀକ୍ଷକ ଅଲେଖ ପୁଟେଲ, ଏଏସ୍‌ଆଇ ଅମର ନାଥ ବିଶୋଇ, କନଷ୍ଟେବଲ ବୈଜୟନ୍ତୀ ଶବର, ପ୍ରଭାତ ନାୟକ ସାମିଲ ଥିଲେ।

### ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଜୁନାଗଡ଼, ୨୧।୬ (ସୁନୀଲ କୁମାର ସିଂହ): କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ପରିସରରେ ଶନିବାର ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅସ୍ଥିଶଲ୍ୟ ବିଭାଗରୁ ୧୬୨ ଜଣ, ଚକ୍ଷୁ ବିଭାଗରୁ ୫୬, କାନ ବିଭାଗରୁ ୮୭, ମାନସିକ ବିଭାଗରୁ ୬୨ ଓ ଅନ୍ୟାନ୍ୟ ବିଭାଗରୁ ୬ ଜଣ ଏଭଳି ମୋଟ ୩୭୩ ଜଣଙ୍କ ମଧ୍ୟରୁ ୨୧ ଜଣ ଭିନ୍ନକ୍ଷମଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଭିନ୍ନକ୍ଷମମାନଙ୍କୁ ୧୯ ଟ୍ରାଇସାଇକେଲ, ୪୭ ହୁଇଲଚେୟାର ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ସବିତା ମେହେର, ବିଡିଓ ଦେବାଶିଷ କର, ବ୍ଲକ ଉପାଧକ୍ଷ ପ୍ରମୋଦ ବେହେରା, ପୂର୍ବତନ ନଗରପାଳ ମୁକେଶ ଅଗ୍ରୱାଲ, ବିଏସ୍‌ଏସ୍‌ଓ ତୁଷାର ସାହୁଙ୍କ ସମେତ ବ୍ଲକ କର୍ମଚାରୀ ଓ ବିଭିନ୍ନ ଅଞ୍ଚଳର ଶତାଧିକ ଲୋକ ଉପସ୍ଥିତ ଥିଲେ।

### ପ୍ରଥମ ମହିଳା ବ୍ଲକ୍ ଉପାଧକ୍ଷାଙ୍କ ପରଲୋକ

କର୍ଲାମୁଣ୍ଡା/ରିଷିଡ଼ା,୨୧।୬ (ପ୍ରଦୀପ କୁମାର ସାହୁ/ସୁଶାନ୍ତ କୁମାର ମଲ୍ଲିକ): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍‌ର ପ୍ରଥମ ମହିଳା ବ୍ଲକ୍ ଉପାଧକ୍ଷା ସୂର୍ଯ୍ୟକାନ୍ତି ପାତ୍ରଙ୍କ ୬୨ବର୍ଷ ବୟସରେ ଶୁକ୍ରବାର ରାତିରେ



ପରଲୋକ ଘଟିଛି। ଶନିବାର ସକାଳେ ପ୍ରିୟଜନଙ୍କ ଉପସ୍ଥିତିରେ ଏକମାତ୍ର ପୁତ୍ର ବିଶ ଦୀପକ ପାତ୍ର ମୁଖାଗ୍ନି ଦେଇଥିଲେ। ସେ ରିଷିଡ଼ାର ଅବସରପ୍ରାପ୍ତ ଶିକ୍ଷକ ପ୍ରେମାନନ୍ଦ ପାତ୍ରଙ୍କ ଧର୍ମପତ୍ନୀ। ସେ ୧୯୯୨ରୁ ୧୯୯୫ ମସିହା ପର୍ଯ୍ୟନ୍ତ ବ୍ଲକ୍ ଉପାଧକ୍ଷା ରହିଥିଲେ। ଏହାବ୍ୟତୀତ ଜିଲା ଭିଜିଲାନ୍ସ ସେଲ୍ ସଦସ୍ୟ, ବିଜେଡିର ବିଭିନ୍ନ ପଦପଦବୀରେ ରହିବା ସହ ଅନେକ ଶିକ୍ଷା ଅନୁଷ୍ଠାନ ସହ ଜଡ଼ିତ ଥିଲେ। ତାଙ୍କ ବିୟୋଗରେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଜିଲା ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ସେଲଟାକ୍ସ କମିଶନର ଲକ୍ଷ୍ମୀକାନ୍ତ ସାହୁ, ବରିଷ୍ଠ କଂଗ୍ରେସ ନେତା ବାବୁଲି ମଣ୍ଡଳ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# 'ଶିଶୁଶ୍ରମିକ ମୁକ୍ତ ଜିଲା ହେବ ନୂଆପଡ଼ା'

ନୂଆପଡ଼ା,୨୧।୬(ମକାରୁ ବେମାଲ)



କର୍ମଶାଳାରେ ଶିଶୁ ଶ୍ରମିକ ନିରାକରଣ ଉପରେ ଆଲୋଚନା କରାଯାଉଛି।

ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲା ସମ୍ମିଳନୀ କକ୍ଷରେ ଶନିବାର ଜିଲାସ୍ତରୀୟ ଶିଶୁ ଓ କିଶୋର ଶ୍ରମିକ ନିରୋଧ ସଚେତନତା ତଥା ଆଇନ ପ୍ରବର୍ତ୍ତନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ଶ୍ରମ କମିଶନର ରବୀନ୍ଦ୍ର କୁମାର ବାର୍ଲା ସମସ୍ତଙ୍କୁ ସ୍ୱାଗତକରି ନିଜ ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ସଭାରେ ଉପଜିଲାପାଳ ଯୋଗେନ୍ଦ୍ର ମାଝୀ, ଜିଲା ଶିଶୁ ସୁରକ୍ଷା ସମିତି ଅଧ୍ୟକ୍ଷ ଡ. ଫଣୀନ୍ଦମ ସିଂଦେଓ, ସିଡିଏମ୍‌ଓ ଡା. ମନୋଜ ସାହୁ ଓ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ଜିଲାପାଳ ତାଙ୍କ ବକ୍ତବ୍ୟରେ କହିଥିଲେ, ଜିଲାକୁ ସମ୍ପୂର୍ଣ୍ଣ ଶିଶୁ ଶ୍ରମିକ ମୁକ୍ତ କରିବା ଆମର ନୈତିକ ଦାୟିତ୍ୱ। ଏଥିପାଇଁ ଜିଲା ଶିକ୍ଷା ଅଧିକାରୀ ଓ ଜିଲା ମଙ୍ଗଳ ଅଧିକାରୀ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ରଙ୍କୁ ସଚେତନ କରିବେ। ସବୁ ସ୍କୁଲରୁ ଛାତ୍ରୀଛାତ୍ର ଡ୍ରପ୍‌ଆଉଟ ହାର ଶୂନ୍ୟ ହେବ। କୌଣସି ଶିଶୁ କିମ୍ବା କିଶୋର କୌଣସି ପରିସ୍ଥିତିରେ ପ୍ରବାସୀ ଶ୍ରମିକ ହିସାବରେ ଯିବେ ନାହିଁ। ଜିଲାର ସମସ୍ତ ଦୋକାନବଜାର, ହୋଟେଲ, ମଲ୍, କଳକାରଖାନା ନିଜ ସଂସ୍ଥାରେ ବାଳ ଶ୍ରମିକ ନିୟୋଜିତ ହୋଇନାହାନ୍ତି ବୋଲି ପ୍ରମାଣପତ୍ର ଦେବେ। ସେହିପରି ଇଟାଭାଟି, ହୋଟେଲ, ଢାବା ଇତ୍ୟାଦିରେ ଅତର୍କିତ ଚଢ଼ାଉକରି ବାଳ ଶ୍ରମିକ ଥିଲେ ସେମାନଙ୍କୁ ମୁକ୍ତ କରାଯିବ। ଜିଲାକୁ ସମ୍ପୂର୍ଣ୍ଣ ବାଳ ଶ୍ରମିକ ମୁକ୍ତ କରିବା ପାଇଁ ଲୋକ ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ସହାୟତା ନିଆଯିବ। କର୍ମଶାଳାରେ ଜିଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇ, ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ, ଡିସିପିଓ ଚିନ୍ମୟ ସାଗର, ପରିଚାଳକ ଜିଲା ଶିଳ୍ପକେନ୍ଦ୍ର ସମୀର କୁମାର ମୁଦୁଲି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଜିଲା ସମାଜ ମଙ୍ଗଳ ଅଧିକାରୀ ନମିତା ପାଢ଼ୀ, ସନ୍ଦୀପ ଶର୍ମା ବ୍ୟବସାୟୀ ସଂଘ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ଆଶା କର୍ମୀଙ୍କୁ ବଳାତ୍କାର ଉଦ୍ୟମ ଘଟଣା: ଅଭିଯୁକ୍ତ ଗିରଫ

କୋକସରା,୨୧।୬ (ଦୁଷ୍ମନ୍ତ କୁମାର ପାଟଯୋଷୀ): କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଜନୈକା ଆଶା କର୍ମୀଙ୍କୁ ବଳାତ୍କାର ଉଦ୍ୟମ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ କର୍ମଚାରୀଙ୍କ ପୁଅ କୁଶ ନାଏକ। ସୂଚନା ଅନୁସାରେ ଗତ ୨ ତାରିଖରେ ସ୍ୱାସ୍ଥ୍ୟକେନ୍ଦ୍ର ଶୌଚାଳୟରେ କୁଶ ବଳାତ୍କାର ଉଦ୍ୟମ କରିଥିବା ବେଳେ ଆଶା କର୍ମୀ ପାଟି କରିବାରୁ ସେ ଚମ୍ପଟ ମାରିଥିଲେ। ଏ ନେଇ ଆଶା କର୍ମୀ ଗତ ୪ ତାରିଖରେ କୋକସରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ପରେ ରାଜ୍ୟ ଓ ଜିଲା ଆଶା ସଂଘ କର୍ମକର୍ତ୍ତା ସ୍ୱେଚ୍ଛାସେବୀ ସଙ୍ଗଠନ ଭାରତୀୟ ମାନବ ଅଧିକାର କାଉନସିଲକୁ ଲିଖିତ ଭାବେ ଜଣାଇଥିଲେ। କାଉନସିଲ ଓ ରାଜ୍ୟ ସଂଘ କର୍ମକର୍ତ୍ତା ଗତ ବୁଧବାର କଳାହାଣ୍ଡି ଏସ୍‌ପିଙ୍କୁ ଭେଟି ଆଶା କର୍ମୀଙ୍କୁ ନ୍ୟାୟ ପ୍ରଦାନ ସହ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଦାବି କରିଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶରେ ପୋଲିସ ପକ୍ଷରୁ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ତନାଘନା ଆରମ୍ଭ ହୋଇଥିଲା। କୌଣସି ସୂତ୍ରରୁ ଖବର ମିଳିବା ପରେ ଅଭିଯୁକ୍ତ କୁଶଙ୍କୁ ପଡୋଶୀ ରାଜ୍ୟ ଛତିଶଗଡ଼ର ରାୟପୁରରୁ ପୋଲିସ ଗିରଫ କରିଥିଲେ। ଏ ନେଇ ଥାନାରେ କେସ ନମ୍ବର ୧୬୫/୨୫ରେ ଏକ ମାମଲା ରୁଜୁ ହୋଇଛି।

# ଯୋଗ ଦ୍ୱାରା ସ୍ମରଣ ଶକ୍ତି ବୃଦ୍ଧି ହୁଏ



ପ୍ରଗତି ଶିକ୍ଷାନୁଷ୍ଠାନରେ ଯୋଗାଭ୍ୟାସରେ ସାମିଲ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଭବାନୀପାଟଣା,୨୧।୬(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ପ୍ରଗତି ଶିକ୍ଷାନୁଷ୍ଠାନରେ ଶନିବାର ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ଯୋଗ ଗୁରୁ ମମତା ମିଶ୍ର ଓ ପ୍ରକାଶ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମଟି ପରିଚାଳନା କରିଥିଲେ। ଅନୁଷ୍ଠାନର ମୁଖ୍ୟ ଇଂ ଅଜୟ କୁମାର ପଣ୍ଡା, ଅଧ୍ୟକ୍ଷ ଚିନ୍ମୟ ଗୁରୁ, ଶେଷଦେବ ମୁଣ୍ଡ, ତାପସ ପରିମାଣିକ, ଲୋକନାଥ ଖଡ଼ିକର, ଆକାଶ ନନ୍ଦ, ପ୍ରଶାସନିକ ଅଧିକାରୀ ପ୍ରଣବ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରୀଛାତ୍ର ଯୋଗାଭ୍ୟାସ କରିଥିଲେ। ଯୋଗ ଦ୍ୱାରା ବିଦ୍ୟାର୍ଥୀମାନଙ୍କର ସ୍ମରଣ ଶକ୍ତି ବୃଦ୍ଧି ହୁଏ। ବର୍ତ୍ତମାନ ସମୟରେ ଶାରୀରିକ ଓ ମାନସିକ ସ୍ଥିତିକୁ ସୁଦୃଢ଼ କରିବା ନିମନ୍ତେ ପ୍ରତ୍ୟେକ ବ୍ୟକ୍ତି ପାଇଁ ଯୋଗର ଆବଶ୍ୟକତା ରହିଛି ବୋଲି ଯୋଗଗୁରୁ ମତବ୍ୟକ୍ତ କରିଥିଲେ। ଅଭିଜ୍ଞ ପ୍ରଶିକ୍ଷକଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିବା ଏହି ଯୋଗ ଅଧିବେଶନରେ ଶାରୀରିକ ଓ ମାନସିକ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ଯୋଗ ଓ ବ୍ୟାୟାମ ପ୍ରଦର୍ଶନ କରାଯାଇଥିଲା।

# ମାଉସୀ ମା' ମନ୍ଦିର ପ୍ରତିଷ୍ଠା ନିମନ୍ତେ କଳସ ଯାତ୍ରା

ଲାଞ୍ଜିଗଡ଼,୨୧।୬(ରମେଶ ଚନ୍ଦ୍ର ନାୟକ): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ଠାରେ ମାଉସୀ ମା' ମନ୍ଦିର ପ୍ରତିଷ୍ଠା ନିମନ୍ତେ ଶନିବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ତତ୍ତ୍ୱାବଧାନରେ ନିକଟସ୍ଥ ବଂଶଧାରା ନଦୀରୁ ଜଳ ସଂଗ୍ରହ କରି କଳସ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏଥିରେ ବହୁସଂଖ୍ୟାରେ ମହିଳାପୁରୁଷ ସାମିଲ ହୋଇଥିଲେ। ନାମଯଜ୍ଞର ଅଧିବାସ କାର୍ଯ୍ୟାରମ୍ଭ ହୋଇଥିବାବେଳେ ଶୁଭକଳସ ସ୍ଥାପନ କରାଯାଇଥିଲା। ଏଥିରେ କର୍ତ୍ତା ଭାବେ ଚନ୍ଦ୍ରଧ୍ୱଜ ପେଶନିଆ ଓ ଧର୍ମପତ୍ନୀ ଶାନ୍ତିଲତା ପେଶନିଆ, ସୁବାସ ଅଗ୍ରୱାଲ ଓ ଧର୍ମପତ୍ନୀ ପିଙ୍କିବାଇ ଅଗ୍ରୱାଲ ଏବଂ ଶରତ ଚନ୍ଦ୍ର ସିଂ ଓ ତାଙ୍କ ଧର୍ମପତ୍ନୀ ସବିତା ସିଂ ଦାୟିତ୍ୱ ତୁଲାଉଛନ୍ତି। ମୁଖ୍ୟ ପୂଜକ ଅନନ୍ତ ଚରଣ ରଥ ରହିଥିଲେ।

# ଯୋଗାଭ୍ୟାସ କରି ସୁସ୍ଥ ରହିବାକୁ ପରାମର୍ଶ

ଭବାନୀପାଟଣା,୨୧।୬(ଉତ୍ତମ କୁମାର ଦାଶ)



ଭବାନୀପାଟଣାଠାରେ ଜିଲାପାଳ ଓ ଅନ୍ୟମାନେ ଯୋଗାଭ୍ୟାସ କରୁଛନ୍ତି।



ନୂଆପଡ଼ାଠାରେ ଯୋଗାଭ୍ୟାସରେ ସାମିଲ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଶନିବାର ଜିଲାସ୍ତରୀୟ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସାମୂହିକ ଯୋଗାଭ୍ୟାସରେ ଜିଲାପାଳ ପାୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢୀ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ (ପ୍ରୋବେସନ) ଅନିମେଶ ପ୍ରଧାନ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା, ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାୟକ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି, କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ଜୟଶଙ୍କର ନାଏକ, ଭାଜପା ଜିଲା ସଭାପତି ଯୁଗଳ କିଶୋର ପୋଦ୍ଦ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲଙ୍କ ସମେତ ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ଶିକ୍ଷା ଅନୁଷ୍ଠାନର ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ତଥା ଯୋଗଗୁରୁ ଡା. ନିହାରେନ୍ଦ୍ର ପଣ୍ଡା ସମସ୍ତଙ୍କୁ ଯୋଗ ଶିକ୍ଷା ଦେଇଥିଲେ। ଶାରୀରିକ, ମାନସିକ ସୁସ୍ଥତା ପାଇଁ ଯୋଗର ଉପକାରିତା ବିଷୟରେ ସାମୂହିକ ଶପଥପାଠ କରାଇଥିଲେ। ଯୋଗଭ୍ୟାସ କରି ସୁସ୍ଥ ରହିବା ପାଇଁ ଜିଲାପାଳ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।

**କର୍ଲାମୁଣ୍ଡା,୨୧।୬(ପ୍ରଦୀପ କୁମାର ସାହୁ)** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ସଦର ରତନ ଭୋଇ ପଞ୍ଚାୟତ ସମିତି ହାଇସ୍କୁଲଠାରେ ଶନିବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଡିଓ ଦେବେନ୍ଦ୍ର ସାମଲ, ବ୍ଲକ୍ ଶିକ୍ଷା ଅଧିକାରୀ ବାଞ୍ଛାନିଧି ପଣ୍ଡା, ସିଡିପିଓ କଳ୍ପଲତା ତ୍ରିପାଠୀ, ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଗୋପମଣୀ ସାହୁ, ରୋହିତ କୁମାର ରଣା, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ସ୍ୱାଗତ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଯୋଗ କେବଳ ଶରୀର ପାଇଁ ନୁହେଁ ବରଂ ମାନସିକ ଶାନ୍ତି ଓ ଏକାଗ୍ରତା ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଯୋଗଗୁରୁ ପବିତ୍ର ମୋହନ ପଶା ଓ ସନତ କୁମାର ସାହୁ ଛାତ୍ରୀଛାତ୍ରଙ୍କୁ ଯୋଗ ଶିଖାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହାଇସ୍କୁଲ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ, ବ୍ଲକ୍ କିରାଣି ପ୍ରଦୀପ କୁମାର ମାଝୀ, ନୋଡାଲ ସିଆର୍‌ସିସି ପ୍ରସନ୍ନ କୁମାର ସାହୁ, ରେଙ୍ଗାଲି ସିଆର୍‌ସିସି ଉଜ୍ଜ୍ୱଳ କୁମାର ସାହୁ, ତେରେସିଙ୍ଗା ସିଆର୍‌ସିସି ହେମନ୍ତ କୁମାର ନାଏକ ଉପସ୍ଥିତ ଥିଲେ।

## ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ

**ନୂଆପଡ଼ା (ମକାରୁ ବେମାଲ):** ନୂଆପଡ଼ା ମିନି ଷ୍ଟାଡିୟମଠାରେ ଶନିବାର ଜିଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସାମୂହିକ ଯୋଗ, ପ୍ରାଣାୟମ, ପ୍ରାର୍ଥନା ଓ ଶାନ୍ତି ପାଠ କରାଯାଇଥିଲା। ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ପୂର୍ବତନ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ସିଆର୍‌ପିଏଫ୍ କମାଣ୍ଡାଣ୍ଟ ଏରିକ ଗିଲ୍‌ବର୍ଟ ଯୋଶ, ଯୋଗ ଗୁରୁ ସୁଦର୍ଶନ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଜିଲାର ବହୁ ବିଶିଷ୍ଟ ବ୍ୟକ୍ତି, ଲୋକ ପ୍ରତିନିଧି, ସରକାରୀ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସ୍ୱୟଂସହାୟକ ଗୋଷ୍ଠୀ କର୍ମକର୍ତ୍ତା, ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଯୋଗ ହିଁ ମଣିଷକୁ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରଖିପାରିବ ବୋଲି ଜିଲାପାଳ କହିଥିଲେ। ଏହି ଅବସରରେ ଷ୍ଟାଡିୟମ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**କେସିଙ୍ଗା (ଡୁମେଶ୍ୱର ସାହୁ):** କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସି ପକ୍ଷରୁ ଅଧ୍ୟକ୍ଷ ନୃପରାଜ ଯାଦବଙ୍କ ନେତୃତ୍ୱରେ ସ୍ଥାନୀୟ ବିଜୁପଟ୍ଟନାୟକ ଖେଳଭବନଠାରେ ଶନିବାର ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳ ୭ଟାରୁ ଯୋଗାଭ୍ୟାସ କରାଯାଇଥିଲା। ଏଥିରେ କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାରୀୟ, କନିଷ୍ଠ ଯନ୍ତ୍ରୀ ନାରାୟଣ ମହାରଣା, ଶ୍ରୀନିବାସ ପଟ୍ଟନାୟକଙ୍କ ସମେତ ସମସ୍ତ କର୍ମଚାରୀ ଓ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ। ପରେ ଡୁମେରମୁଣ୍ଡା ଗ୍ରାମର ଏମ୍‌ସିସି ଓ ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ଥୁଆମୂଳ ରାମପୁର(ଦୁର୍ଗା କୀର୍ତ୍ତି):** ସୁସ୍ଥ ଜୀବନ ପାଇଁ ଯୋଗ ଅପରିହାର୍ଯ୍ୟ। ଥୁଆମୂଳ ରାମପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ଅନ୍ତର୍ଜାତୀୟ ଯୋଗ ଦିବସରେ ଏହି ମତପ୍ରକାଶ ପାଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧ୍ରୁବଚରଣ ମୁଦୁଲିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଥୁଆମୂଳ ରାମପୁର ତହସିଲଦାର ନୀରୋଜ କୁମାର ଭତ୍ରା, ଥାନା ଅଧିକାରୀ କୈବଲ୍ୟ ସେଠଙ୍କ ସମେତ ବ୍ଲକ୍‌ର ବିଭିନ୍ନ ବିଭାଗ ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଟ୍ରେନର ଭାବରେ ଯୋଗ ମହୋତ୍ସବ ସମିତି ସଦସ୍ୟ ଲମ୍ବୁଧର ନାଏକ, ଥାନା ଏଏସ୍‌ଆଇ ପ୍ରହଲ୍ଲାଦ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ଯୋଗାଭ୍ୟାସ କରାଇଥିଲେ।

**ବୋଡ଼େନ (ଟିକେଶ୍ୱର ନାଗ):** ନୂଆପଡ଼ା ଜିଲା ବୋଡ଼େନ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଶନିବାର ବ୍ଲକସ୍ତରୀୟ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ଯୋଗ ଗୁରୁ ଅରବିନ୍ଦ ଭାରତ ବେହେରା ଯୋଗଦେଇ ଯୋଗ ଆସନ ଶିଖାଇଥିଲେ। ଯୋଗ ଦ୍ୱାରା ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରହିପାରିବା ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବୋଡ଼େନ ବିଡ଼ିଓ ସୁଶାନ୍ତ କୁମାର ରଣା, ବୋଡ଼େନ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରେମ ଶିଳା ନାଗ, ଅଧ୍ୟାପକ ଗୟାଧର ମହାନ୍ତି, ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗଦାନ କରିଥିଲେ।

**ଗୋଲାମୁଣ୍ଡା(ବଟକୃଷ୍ଣ ପଣ୍ଡା):** ଗୋଲାମୁଣ୍ଡା ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ଶନିବାର ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ହୋଇଯାଇଛି। ବିଡ଼ିଓ ବିଶ୍ୱନାଥ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତହସିଲଦାର ଚନ୍ଦନ କୁମାର ନାଏକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେଶ ନାୟକ, ଗୋଲାମୁଣ୍ଡା ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ତାଣ୍ଡି, ଯୋଗଗୁରୁ ସ୍ୱାମୀ ସତ୍ୟ ସ୍ୱରୂପାନନ୍ଦ ସରସ୍ୱତୀ, ସହଯୋଗୀ ଯୋଗ ଶିକ୍ଷକ ବ୍ରହ୍ମା ପ୍ରସାଦ କାଣ୍ଡ, ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲା, ସରକାରୀ ଯନ୍ତ୍ରୀ ଚିତ୍ତରଞ୍ଜନ ଜେନା, ରବିନ୍ଦ୍ର କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ବର୍ତ୍ତମାନ ସମୟରେ ଯୋଗର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ବ୍ଲକର ବିଭିନ୍ନ ବିଭାଗର କର୍ମଚାରୀଙ୍କ ସମେତ ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ।

# ସରୁଛି ଟୋକନ ଅବଧି, ଉଠୁନି ଧାନ

**ବରଗଡ଼,୨୧।୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ଧାନବିକ୍ରି ସମସ୍ୟା ଲାଗି ରହିଛି। ଧାନ ଉଠାଣ ଶୀଥିଳ ହୋଇ ପଡ଼ିଛି। ଅନ୍ୟପଟେ ବର୍ଷା ଲାଗି ରହିଛି। ସେହିପରି ଚାଷୀଙ୍କୁ ଧାନବିକ୍ରି ପାଇଁ ମିଳିଥିବା ଟୋକନ ଅବଧି ସରି ବସୁଛି। ଏଭଳି ସ୍ଥିତିରେ ଚାଷୀଙ୍କ ଚିନ୍ତା ବଢ଼ି ଯାଇଛି। ଚାଷୀ ଅସନ୍ତୋଷ ମଧ ତେଜି ଉଠିଛି। ପ୍ରତିଦିନ ଜିଲାର ବିଭିନ୍ନ ଅଞ୍ଚଳର ଚାଷୀମାନେ ଧାନ ଉଠାଣ ଦାବି ନେଇ ଜିଲାପାଳ ଏବଂ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସୁଛନ୍ତି। ଶନିବାର ଜିଲାର ଭେଡ଼େନ ବ୍ଲକ ଅନ୍ତର୍ଗତ ରୁଷୁଡ଼ା ମଣ୍ଡି ଉପରେ ନିର୍ଭରଶୀଳ ଚାଷୀମାନେ ଜିଲାପାଳ ଏବଂ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଜିଲାପାଳ ଆଦିତ୍ୟ ଗୋୟଲ ଏବଂ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ବିଭୁ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଭେଟି ସେମାନେ ଧାନ ଉଠାଣ ଦାବି କରିଥିଲେ। କୌଣସି ଚାଷୀଙ୍କ ଟୋକନ ଅବଧି ଯେଭଳି ସରିବ ନାହିଁ ଏବଂ ସମସ୍ତ ଚାଷୀଙ୍କ ଧାନ ଉଠାଯିବ, ସେ ଦିଗରେ ପଦକ୍ଷେପ ନିଆଯାଉଛି ବୋଲି ଜିଲାପାଳ, ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ସେମାନଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଚାଷୀମାନେ କହିଛନ୍ତି।

ସୂଚନା ଅନୁଯାୟୀ, ଅନ୍ୟବର୍ଷ ତୁଳନାରେ ଏଥର ଧାନ ଉଠାଣ ପ୍ରକ୍ରିୟା ଅଧିକ ମନ୍ଥର ଗତିରେ ଚାଲିଛି। ଧାନ ସଂଗ୍ରହ ପ୍ରକ୍ରିୟାକୁ ୫ସପ୍ତାହ ପୂରିଯାଇ ଥିଲେ ସୁଦ୍ଧା ଜିଲାର ବିଭିନ୍ନ ମଣ୍ଡି ଏବଂ ଖଳାରେ ବିକ୍ରି ଅପେକ୍ଷାରେ ଚାଷୀଙ୍କ ବହୁ ପରିମାଣରେ ଧାନ ପଡ଼ି ରହିଛି। କେତେକ ସ୍ଥାନରେ ବର୍ଷାରେ ଭିଜି ଧାନରୁ ଗଜା ମଧ ବାହାରି ସାରିଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ତେବେ ଏଭଳି ପରିସ୍ଥିତିରେ ଧାନ ଉଠାଣ ତ୍ୱରାନ୍ୱିତ କରିବାକୁ ଚାଷୀମାନେ ବାରମ୍ବାର ଦାବି କରି ଆସୁଛନ୍ତି। ମାତ୍ର କିଛି ସୁଫଳ ମିଳି ପାରୁ ନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ରବି ଧାନ ବିକ୍ରି କରି ପାରି ନଥିବାରୁ ଚାଷୀମାନେ ଖରିଫ ଚାଷ ପାଇଁ ନିଜକୁ ପ୍ରସ୍ତୁତ କରି ପାରୁ ନାହାନ୍ତି। ସେହିପରି ପରିବାର ଗୁଜୁରାଣ ମେଣ୍ଟାଇବା, ଶ୍ରମିକଙ୍କୁ ସେମାନଙ୍କ ପାରିଶ୍ରମିକ ପ୍ରଦାନ, ଖରିଫ ଚାଷ ପାଇଁ ବିହନ କିଣିବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ଚାଷୀମାନେ କହିଛନ୍ତି।

ଜଣେ ଚାଷୀ ସୁରଜିତ ହୋତା କହିଛନ୍ତି, ଧାନ ବିକ୍ରି ପାଇଁ ତାଙ୍କୁ ୨ଟି ଟୋକନ ମିଳିଛି। ଗୋଟିଏ ଟୋକନରେ ବିକ୍ରିଯୋଗ୍ୟ ଧାନ ପରିମାଣ ୧୩୦ କୁଇଣ୍ଟାଲ ରହିଥିବାବେଳେ ସେହି ଟୋକନର ଅବଧି ଆସନ୍ତା ୨୮ତାରିଖ ସରିବ। ସେହିପରି ଅନ୍ୟ ଟୋକନରେ ବିକ୍ରିଯୋଗ୍ୟ ଧାନ ପରିମାଣ ୩୪କୁଇଣ୍ଟାଲ ଥିବାବେଳେ ଟୋକନ ଅବଧି ଆସନ୍ତା ୩୦ତାରିଖ ଯାଏ ରହିଛି। ତେବେ ସେ ଦୀର୍ଘଦିନ ହେଲା ମଣ୍ଡିରେ ଧାନ ପକାଇ ଥିଲେ ସୁଦ୍ଧା ତାକୁ ଏଯାଏ କ୍ରୟ କରାଯାଇ ନାହିଁ। ଫଳରେ ସେ ଶିକ୍ଷାନୁଷ୍ଠାନରେ ନିଜ ପିଲାଛୁଆଙ୍କ ଆଡ଼ମିଶନ କରି ପାରୁ ନଥିବାବେଳେ ଧାନ ଅମଳରେ ନିୟୋଜିତ ଶ୍ରମିକଙ୍କୁ ସେମାନଙ୍କ ପ୍ରାପ୍ୟରାଶି ମଧ ପ୍ରଦାନ କରି ପାରି ନଥିବା ସେ କହିଛନ୍ତି। ସେହିପରି ଅନ୍ୟଜଣେ ଚାଷୀ ରାଜୀବ ଲୋଚନ ଦାଶ କହିଛନ୍ତି, ଧାନ ଉଠାଣ ପାଇଁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି। କିନ୍ତୁ ଧାନ ଉଠାଯାଉ ନଥିବାରୁ ତାହା ବର୍ଷାରେ ନଷ୍ଟ ହୋଇ ବସିଛି। ପ୍ରଶାସନ ପକ୍ଷରୁ ତୁରନ୍ତ ଧାନ ଉଠାଣ ବ୍ୟବସ୍ଥା କରା ନଗଲେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଚାଷୀମାନେ ବାଧ ହେବେ ବୋଲି ସେ ଚେତାବନୀ ଦେଇଛନ୍ତି।

# ପ୍ରାକୃତିକ ଚାଷ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ତାଲିମ ଗ୍ରହଣ କରୁଥିବା କୃଷୀସଖୀମାନେ।

**ଅମରପାଲି,୨୧।୬(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତ ଜନକପୁର ଗ୍ରାମରେ କୃଷିସଖି ମାନଙ୍କ ପାଇଁ ପାଞ୍ଚ ଦିନ ଧରି ଚାଲିଥିବା ପ୍ରାକୃତିକ ଚାଷ ଉପରେ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ମୁଖ୍ୟ ଅତିଥି, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ, କୃଷି ଜିଲା ଅଧିକାରୀ ଧୀରେନ୍ଦ୍ର ସିଂ ବରିହା, ଗୋଷ୍ଠୀ ବୈଷୟିକ ପରିଚାଳକ ଜିତେନ୍ଦ୍ର ମେହେର, ସହକାରୀ ଉଦ୍ୟାନ କୃଷି ଅଧିକାରୀ ପ୍ରିୟଦର୍ଶୀନି ଝାଙ୍କର, ଓମ କୃପାସିନ୍ଧୁ ଜୈବିକ ଫାର୍ମ ପରିଚାଳକ କାଳିନ୍ଦୀ ଚରଣ କର୍ଣ୍ଣ, ପଦାର୍ଥ ଜଗଦଲା, ଅଶୋକ ସାହୁ, ଏକଲବ୍ୟ ସାହୁ ଅତିଥିଭାବେ ଯୋଗଦେଇଥିଲେ। ପ୍ରଶିକ୍ଷଣରେ ଭାଗ ନେଇଥିବା ସମସ୍ତ ସିଆରପି ଓ ମାଷ୍ଟର ଫାର୍ମର ଟ୍ରେନର୍ସମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ରାସାୟନିକ ସାର ଓ କୀଟନାଶକ ବ୍ୟବହାର ନ କରି ପାରମ୍ପରିକ ପଦ୍ଧତି ଓ ଜୈବିକ ଉପାୟରେ ଚାଷ କରିବାଦ୍ୱାରା ଖର୍ଚ୍ଚ କମିବା, ମୃତ୍ତିକାର ସ୍ୱାସ୍ଥ୍ୟ ଉନ୍ନତି ହେବା ଏବଂ ପରିବେଶ ସୁରକ୍ଷିତ ରହିବା ସମେତ ଅନେକ ଲାଭ ହେଉଥିବା କଥା ସ୍ୱଶିବିରରେ ଉପସ୍ଥିତ କୃଷୀସଖିମାନଙ୍କୁ ସୂଚନା ଦିଆଯାଇଥିଲା।

# ଲୋଇସିଂହା ବ୍ଲକ୍: ବିକାଶ ମେଳା ଉଦ୍‌ଯାପିତ



ବାଦିବାହାଲଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଜିଲାପାଳ ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି।

**ଲୋଇସିଂହା,୨୧।୬(ସୁଶାନ୍ତ ବାରିକ)**

ରାଜ୍ୟ ସରକାରଙ୍କ ୧ବର୍ଷ ପୂର୍ତ୍ତି ଉପଲକ୍ଷେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ଗତ ୧୨ ତାରିଖରୁ ଚାଲିଥିବା ବିକାଶ ମେଳା ଶନିବାର ଉଦ୍‌ଯାପିତ ହୋଇଯାଇଛି । ବ୍ଲକର ବାଦିବାହାଲ ଓ ଯୋଗୀସର୍ଡା ପଞ୍ଚାୟତ ମୁଖ୍ୟାଳୟରେ ଏହି ମେଳା ଆୟୋଜିତ ହୋଇଥିଲା। ପ୍ରଥମାର୍ଦ୍ଧରେ ବିକାଶ ବାହନ ବାଦିବାହାଲ ପଞ୍ଚାୟତରେ ପହଞ୍ଚିବା ପରେ ସ୍ୱାଗତ କରାଯାଇଥିଲା। ଏହାପରେ ବାଦିବାହାଲ ସରପଞ୍ଚ ପ୍ରଶାନ୍ତ ତ୍ରିପାଠୀଙ୍କ ଅଧକ୍ଷତାରେ ଏକ ସଭା ହୋଇଥିଲା। ଏଥିରେ ଉପଜିଲାପାଳ ଆଲୋକ ପଟେଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଡିଓ ଅକ୍ଷୟପାଣି ଉଦ୍ଗ, ତହସିଲଦାର ସଂଘମିତ୍ରା କାଲୋ, ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଉପଜିଲାପଳ ପଟେଲ ରାଜ୍ୟ ସରକାରଙ୍କ ଏକ ବର୍ଷର ଉପଲବ୍ଧି, ସେବା ଓ ସୁଶାସନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପଞ୍ଚାୟତର ୧୦ ଜଣଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ, ୪ ଜଣଙ୍କୁ ଜବକାର୍ଡ, ୧୫ ଜଣଙ୍କୁ ରାଶନ କାର୍ଡ ,୧୦ ଜଣ ବୟସ୍କଙ୍କୁ ବୟୋବନ୍ଦନା କାର୍ଡ, ୩ ଜଣଙ୍କୁ ଶ୍ରମିକ କାର୍ଡ ଏବଂ ୫ ଜଣ ୮୦ ବର୍ଷୀୟ ବୃଦ୍ଧାବୃଦ୍ଧଙ୍କୁ ୩୫ ଶହ ଟଙ୍କା ଭତ୍ତା ପ୍ରଦାନ କରାଯାଇଥିଲା। ସେହିପରି ଯୋଗୀସର୍ଡା ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ବିଜୁଳି ପଧାନ ଅଧକ୍ଷତା କରିଥିଲେ । ଏଠାରେ ମଧ ଅଧିକାରୀମାନେ ସରକାରୀ ଯୋଜନା ଏବଂ ରାଜ୍ୟ ସରକାରଙ୍କ ଏକବର୍ଷ ଉପଲବ୍ଧି ଉପରେ କହିଥିଲେ। ପଞ୍ଚାୟତର ୫ ଜଣଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜାନ କାର୍ଯ୍ୟାଦେଶ, ୩ ଜଣଙ୍କୁ ଜବ୍ କାର୍ଡ, ୧୫ ଜଣଙ୍କୁ ରାଶନ କାର୍ଡ, ୨ ଜଣଙ୍କୁ ବୟୋ ବନ୍ଦନା କାର୍ଡ, ଜଣଙ୍କୁ ଶ୍ରମିକ କାର୍ଡ ଏବଂ ୮୦ ବର୍ଷ ଅତିକ୍ରାନ୍ତ କରିଥିବା ୫ ଜଣ ବୃଦ୍ଧାବୃଦ୍ଧଙ୍କୁ ୩୫ ଶହ ଟଙ୍କା ଭତ୍ତା ପ୍ରଦାନ କରାଯାଇଥିଲା।

## ଡିକି ଭାଙ୍ଗି ଚାଷୀଙ୍କ ୨ଲକ୍ଷ ଲୁଟିନେଲେ

**ବିନିକା,୨୧।୬(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳ ୱାର୍ଡ ନଂ. ୩ ନୂଆ ବଜାରରେ ଶନିବାର ଜଣେ ଚାଷୀଙ୍କ ଡିକି ଭାଙ୍ଗି ଦୁର୍ବୃତ୍ତ ୨ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଛନ୍ତି ବିନିକା ବ୍ଲକ କାଲସେଇପାଲି ଗାଁର ଦୁର୍ଯ୍ୟୋଧନ ପୋଢ଼। ଶନିବାର ବିନିକା ସହରସ୍ଥିତ ବ୍ୟାଙ୍କ ଅଫ୍ ବରୋଦା ଶାଖା ଆକାଉଣ୍ଟରେ ଜମା ହୋଇଥିବା ଧାନ ବିକ୍ରି ବାବଦ ୨ ଲକ୍ଷ ଟଙ୍କା ଦୁର୍ଯ୍ୟୋଧନ ଉଠାଇଥିଲେ। ଏହାପରେ ଉକ୍ତ ଟଙ୍କାକୁ ସେ ତାଙ୍କ ବାଇକ୍(ଏଚ୍‌ଏଫ୍-ଓଡି-୨୭ବି-୦୬୧୮)ରେ ରଖିଥିଲେ। ସାଥିରେ ଥିବା ପ୍ରଦୀପ ମେହେରଙ୍କ ସହ ସେ ଘରକୁ ଫେରିବା ବାଟରେ ନୂଆ ବଜାରର ଏକ ହୋଟେଲ ପାଖରେ ଗାଡି ରଖି ଭିତରକୁ ଉଭୟେ ପାଣି ପିଇବାକୁ ଯାଇଥିଲେ। ସେଠାରୁ ଫେରିଲା ବେଳକୁ ଡିକି ଭଙ୍ଗାଯାଇଥଲା ଓ ସେଥିରେ ଟଙ୍କା ନ ଥିବା ଦେଖିବାକୁ ପାଇଥିଲେ। ଏନେଇ ଦୁର୍ଯ୍ୟୋଧନ ବିନିକା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଛାନ୍‌ଭିନ୍ କରୁଛି।

# ବ୍ଲକ ସ୍ତରୀୟ ଭିନ୍ନକ୍ଷମ ସ୍ୱାସ୍ଥ୍ୟ ଶିବିର

**ଝାରବନ୍ଧ,୨୧।୬ (ଦେବେନ୍ଦ୍ର ସାହୁ)**

ଝାରବନ୍ଧ ବ୍ଲକ କାର୍ଯ୍ୟାଳୟଠାରେ ବ୍ଲକ ସ୍ତରୀୟ ଭିନ୍ନକ୍ଷମ ସ୍ୱାସ୍ଥ୍ୟ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହାକୁ ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଏମ୍‌ପି ପ୍ରତିନିଧି ଦୁର୍ଗା ପ୍ରସାଦ ଅଗ୍ରୱାଲ, ଜିଲା ପରିଷଦ ସଦସ୍ୟ ସନ୍ତୋଷ ବେହେରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆଶିଷ କୁମାର କଣ୍ଟୁଳନା, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁଶାନ୍ତ କୁମାର ପାଣି ଉପସ୍ଥିତ ଥିଲେ। ଏହି ଶିବିରରେ ମୋଟ ୨୩୯ଜଣଙ୍କୁ ପରୀକ୍ଷା କରିଥିବା ବେଳେ ମାନସିକ ରୋଗୀ ୧୦ଜଣ, ଭେଷଜ ୪, ଇଏନ୍‌ଟି ୬୮, ଅସ୍ଥିଶଲ୍ୟ ୯୯ ଏବଂ ଆଖି ୩୯ ଜଣଙ୍କୁ ପରୀକ୍ଷା କରାଯାଇଥିବା ବେଳେ ୧୦ଜଣଙ୍କୁ ବସ୍ ପାସ୍ ଦିଆଯାଇଛି। ଏହି ଶିବିରରେ ବିଶେଷଜ୍ଞ ଭାବରେ ଡା. ଯଦୁମଣି ସାହୁ, ଡା. ସଞ୍ଜୟ କୁମାର ନାଏକ, ଡା. ତନୁଜା ପାତ୍ର, ଡା. ପ୍ରଭାତ କୁମାର ରାଉଲୋ ଏବଂ ନେପାଳ ଦୁଆନ ଯୋଗଦାନ କରି ରୋଗୀ ଚିହ୍ନଟ କରିଥିଲେ। କାର୍ଯ୍ୟକ୍ରମରେ ନିରୋଜ କୁମାର ବାଗ, କୈଳାସ ପ୍ରଧାନ, ପୁରନ ସାହୁ, ସରୋଜ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଛାତ୍ରୀଛାତ୍ରଙ୍କୁ ବୃତ୍ତିଭିତ୍ତିକ ପରାମର୍ଶ କାର୍ଯ୍ୟକ୍ରମ



ଯୋଗ ଦେଇଥିବା ଶିଶୁ ଓ ଅଭିଭାବକ ଓ ଅଧିକାରୀ ।

**ବୌଦ୍ଧ,୨୧।୬(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଜିଲାପରିଷଦ, ସଭାଗୃହଠାରେ ଆନୁଷ୍ଠାନିକ ଯତ୍ନ ଓ ଅଣାନୁଷ୍ଠାନିକ ଯତ୍ନ ଓ ଆଶୀର୍ବାଦ ଯୋଜନାରେ ଅନ୍ତର୍ଭୁକ୍ତ ଶିଶୁମାନଙ୍କୁ ନେଇ ବୃତ୍ତିଭିତ୍ତିକ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ଯୋଗଦେଇ ସକାରାତ୍ମକ ଚିନ୍ତାଧାରା ଦ୍ୱାରା

### ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଶିକ୍ଷା ଦରକାର

ଆମର ଲକ୍ଷ୍ୟ ସାଧନ ହୋଇପାରିବା ସହ ଭବିଷ୍ୟତରେ ଭଲ ମଣିଷଟିଏ ହୋଇପାରିବା ବୋଲି ମତ ବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଜିଲା ଶିଶୁ ସୁରକ୍ଷା କମିଟି ଅଧକ୍ଷ ଦାମୋଦର ସାହୁ ଶିଶୁମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଶିକ୍ଷା ନିହାତି ଦରକାର ବୋଲି କହିଥିଲେ। ଜିଲା ନିୟୋଜନ ଅଧିକାରୀ ଅଜୟ କୁମାର ଦାସ, ଏଏନ୍‌ଏମ୍ ଟ୍ରେନି କଲେଜ ଅଧକ୍ଷା ପ୍ରଜ୍ଞାପାରମିତା ରଥ, ବିଶ୍ୱରଞ୍ଜନ ବେହେରା ଯୋଗଦେଇ ଶିଶୁମାନଙ୍କୁ ବୈଷୟିକ ଓ ବୃତ୍ତିଗତ ଶିକ୍ଷା ଉପରେ ଆଲୋଚନା କରିଥିଲେ। ଶିଳ୍ପ ତାଲିମ ଅନୁଷ୍ଠାନର ପ୍ଲେସ୍‌ମେଣ୍ଟ ଅଧିକାରୀ ସୁମିତ୍ରା ଜେନା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୫୨ ଜଣ ଶିଶୁ ଓ ଅଭିଭାବକମାନେ ଯୋଗଦେଇଥିଲେ।

# ୨୪ରୁ ଜିଲା ପରିଷଦ ସଦସ୍ୟଙ୍କ ଧାରଣା

**ବଲାଙ୍ଗୀର,୨୧।୬(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ପରିଷଦ ସଦସ୍ୟାସଦସ୍ୟମାନେ ଆସନ୍ତା ୨୪ ତାରିଖରୁ ସ୍ଥାନୀୟ ଜିଲା ପରିଷଦ ଅଫିସ ସମ୍ମୁଖରେ ଧାରଣାରେ ବସିବେ। ଏନେଇ ଶନିବାର ଜିଲା ପରିଷଦ ସଭାପତି ଦେବକୀ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଜିଲାପାଳ ଅଫିସକୁ ଯାଇ ଲିଖିତ ଭାବେ ଜଣାଇଛନ୍ତି। ଏଡିଏମ୍ ଡ. ବିଜୟାନନ୍ଦ ସେଠୀ ଦାବିପତ୍ର ଗ୍ରହଣ କରିଥିଲେ। କେବିକେ ବିକାଶ ଯୋଜନାର ଜିଲା ଅଂଶ ଅନୁମୋଦନ ନ କରିବା, ଜିଲା ଯୋଜନା ବୋର୍ଡ ଅଧକ୍ଷ ନିଯୁକ୍ତ ନ କରିବା, ଜିଲା ପରିଷଦ ବୈଠକ ନ କରିବା ଏବଂ ନିର୍ବାଚିତ ଜିଲା ପରିଷଦ ସଦସ୍ୟାସଦସ୍ୟଙ୍କୁ ଜିଲା ପ୍ରଶାସନ ଖାତିର ନ କରିବା ପ୍ରତିବାଦରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ ବୋଲି କୁହାଯାଇଛି। ଜିଲା ପରିଷଦ ସଭାପତି ସାହୁ କହିଥିଲେ, ବଲାଙ୍ଗୀର ଏକ ଆକାଂକ୍ଷୀ ଜିଲା। ଏହା ପୁଣି କେବିକେ ଅନ୍ତର୍ଗତ ଏକ ପଛୁଆ ଜିଲା। ଏଠାରେ ସମସ୍ତ ବିକାଶ କାମ ଠପ୍ ହୋଇଯାଇଛି। ଜିଲା ଯୋଜନା ବୋର୍ଡ ଅଧକ୍ଷ ନ ଥିବାରୁ କୌଣସି କାର୍ଯ୍ୟ ଠିକ୍ ଭାବେ ହୋଇପାରୁନାହିଁ। ଜିଲା ପ୍ରଶାସନ ନିର୍ବାଚିତ ଜିଲା ପରିଷଦ ସଦସ୍ୟା ସଦସ୍ୟଙ୍କୁ ସହଯୋଗ କରୁନାହିଁ। ଗତ ୧୮ ତାରିଖ ଦିନ ଜିଲାପାଳ କାର୍ଯ୍ୟାଳୟକୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବାକୁ ଆସିଥିଲୁ। ତେବେ ଜିଲାପାଳ ଉପସ୍ଥିତ ନ ଥିଲେ। ଏଣୁ ଉକ୍ତ ଦାବିପତ୍ରକୁ ଇ-ମେଲ ଯୋଗେ ରାଜ୍ୟପାଳଙ୍କୁ ପଠାଇ ଦିଆଯାଇଛି। ଶନିବାର ଜିଲାପାଳ ଅଫିସକୁ ଆସି ଏଡିଏମ୍‌ଙ୍କୁ ଧାରଣା ସମ୍ପର୍କରେ ଜଣାଇ ଦେଇଛୁ ବୋଲି ସଭାପତି ସାହୁ କହିଥିଲେ। ଜିଲା ପରିଷଦ ସଦସ୍ୟା ସଦସ୍ୟ ଓ ଜିଲା ପ୍ରଶାସନ ଇତିମଧ୍ୟରେ ମୁହାଁମୁହିଁ ସ୍ଥିତିକୁ ଚାଲି ଆସିଥିବା ଦେଖାଯାଉଛି। ଜିଲା ପରିଷଦ ସଦସ୍ୟା ବୀଣାପାଣି ଦାଶ, ସଞ୍ଜୁକ୍ତା ବରିହା, ଜିଲା ପରିଷଦ ସଦସ୍ୟ ପ୍ରଦୀପ ପଣ୍ଡା ଜିଲାପାଳ କାର୍ଯ୍ୟାଳୟକୁ ଆସି ଧାରଣା ସମ୍ପର୍କିତ ଚିଠି ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀଙ୍କୁ ପ୍ରଦାନ କରିଥିଲେ।

# ଶାନ୍ତିଶୃଙ୍ଖଳା, ନୀତିକାନ୍ତି ଉପରେ ଗୁରୁତ୍ୱ

**ସୋନପୁର,୨୧।୬(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା କୋଟସମଲାଇ ସ୍ଥିତ ପାତାଳି ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ଘୋଷ ଯାତ୍ରାକୁ ଶାନ୍ତିଶୃଙ୍ଖଳା ସହ ପାଳନ କରିବା ନିମନ୍ତେ ଶନିବାର ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀଙ୍କ ଆବାହକତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ରଥଯାତ୍ରାକୁ ଯେପରି ସରସ ସୁନ୍ଦର ତଥା ବ୍ୟବସ୍ଥିତ ଭାବରେ ଅନୁଷ୍ଠିତ କରା ଯାଇପାରିବ ସେଥିପାଇଁ ପାତାଳି ଶ୍ରୀକ୍ଷେତ୍ର ଟ୍ରଷ୍ଟ କମିଟି ସଦସ୍ୟ, ବିଭାଗୀୟ ଅଧିକାରୀ, ସେବାୟତ ଓ ବୁଦ୍ଧିଜୀବୀଙ୍କ ମତାମତ ନିଆଯାଇଥିଲା। ବୈଠକରେ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ଅଧକ୍ଷତା କରି ଘୋଷଯାତ୍ରାକୁ ସୁଚାରୁ ସମ୍ପାଦନ ପାଇଁ ସମସ୍ତଙ୍କ ମଧ୍ୟରେ ସମନ୍ୱୟ ଓ ଭାଗିଦାରୀ ଉପରେ ଗୁରୁତ୍ୱାରୋପ କରିଥିଲେ। ଜନ ଗହଳିକୁ ଦୃଷ୍ଟିରେ ରଖି ଯାତ୍ରା ସମୟରେ ପିଇବା ପାଣିର ବିଶୋଧନ ତଥା ଖାଦ୍ୟ ପଦାର୍ଥର ମାନ ପରୀକ୍ଷା ଉପରେ ଆବଶ୍ୟକ ଯତ୍ନବାନ ହେବାକୁ ବିଭାଗୀୟ ଅଧିକାରୀଙ୍କୁ ବିଧାୟକ ପରାମର୍ଶ ଦେଇଥିଲେ । ଚଳିତ ମାସ

### ପାତାଳି ଶ୍ରୀକ୍ଷେତ୍ରରେ ଘୋଷଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

୨୬ ତାରିଖରେ ନବଯୌବନ ଦର୍ଶନ, ୨୭ ତାରିଖରେ ଶ୍ରୀଗୁଣ୍ଡିଚା ରଥଯାତ୍ରା ଅନୁଷ୍ଠିତ ହେବ ।ଏହି ପରିପ୍ରେକ୍ଷୀରେ ଭୋର ୫ ଘଟିକାରେ ଦ୍ୱାରଫିଟା , ସକାଳ ୮ ଘଟିକାରେ ଠାକୁରଙ୍କ ମଙ୍ଗଳ ଆଳତୀ ଓ ବେଶ ଲାଗି, ସକାଳ ୯ ଟାରେ ଖେଚୁଡ଼ି ଭୋଗ ଓ ପୂଜା ନୀତି, ପୂର୍ବାହ୍ନ ୧୦ ଟାରେ ପହଣ୍ଡି ଆରମ୍ଭ ହୋଇ ଅପରାହ୍ନ ୧ ଟାରେ ଛେରା ପହରା ଏବଂ ୨ଟାରେ ରଥ ଟଣା ହେବ ବୋଲି ସ୍ଥିରୀକୃତ ହୋଇଛି । ସେହିପରି ୨୯ ତାରିଖଠାରୁ ଜୁଲାଇ ୪ତାରିଖ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଦଶ ଅବତାର ଦର୍ଶନ, ଜୁଲାଇ ୧ରେ ହେରାପଞ୍ଚମୀ, ୫ତାରିଖରେ ବାହୁଡାଯାତ୍ରା ଅନୁଷ୍ଠିତ ହେବ। ସେହିପରି ଜୁଲାଇ ୭ ତାରିଖରେ ଅଧରପଣା ଓ ୮ତାରିରେ ତିନି ଠାକୁରଙ୍କ ନୀଳାଦ୍ରି ବିଜେ ନୀତି ଅନୁଷ୍ଠିତ ହେବ। ଚଳିତ ବର୍ଷ ଜନସମାଗମକୁ ଦୃଷ୍ଟିରେ ରଖି ଜୀଉଙ୍କ ଘୋଷଯାତ୍ରାର ବିଭିନ୍ନ କାର୍ଯ୍ୟକ୍ରମକୁ ଶାନ୍ତି ଶୃଙ୍ଖଳା ତଥା ସମସ୍ତଙ୍କ ସହଯୋଗରେ ପାଳନ କରିବା ଉପରେ ବିଶେଷ ଆଲୋଚନା ହୋଇଥିଲା। ରଥର ସାଜସଜ୍ଜା ରଥଯାତ୍ରା ଠାରୁ ବାହୁଡା .ଯାତ୍ରା ତଥା ନୀଳାଦ୍ରୀ ବିଜେ ପର୍ଯ୍ୟନ୍ତ ଠାକୁରଙ୍କ ବିଭିନ୍ନ ନୀତିକାନ୍ତି ସହ ସମୟ ନିର୍ଘଣ୍ଟ ଉପରେ ବୈଠକରେ ଆଲୋଚନା ହୋଇଥିଲା । ସମୟ ପୂର୍ବରୁ ରଥ ନିର୍ମାଣ ସାରିବା ନେଇ ନିଷ୍ପତ୍ତି ହୋଇଥିଲା। ବୈଠକରେ ବୀରମହାରାଜପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ହେମନ୍ତ କୁମାର ରାଓ, ବିଭିନ୍ନ ବିଭାଗର ଅଧିକାରୀ, ପାତାଳି ଟ୍ରଷ୍ଟ ସମ୍ପାଦକ ଉତ୍ତର କୁମାର ପାତ୍ର, ଟ୍ରଷ୍ଟି ସଦସ୍ୟ ପୂର୍ଣଚନ୍ଦ୍ର ପାଢ଼ୀ, ଜଗଦୀଶ କର୍ଣ୍ଣ, ଦିଲ୍ଲୀପ ପାତ୍ର, ମହାଦେବ ସାହୁ, ନଳିନୀ କାନ୍ତ ବାଘ, ଜାନକୀ ରାମ ଦେହେରୀ, ଅନ୍ୟ ଟ୍ରଷ୍ଟ ସଦସ୍ୟ ଓ ରଥଯାତ୍ରା କମିଟିର ସଦସ୍ୟ, ଛତିଶ ନିୟୋଗ ସେବାୟତ ମୁଖ୍ୟ, ପୂଜକ ସମାଜ ଓ ବୁଦ୍ଧିଜୀବୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବୀରମହାରାଜପୁର ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ସୁରେନ୍ଦ୍ର ମେହେର ସମସ୍ତଙ୍କ ସହଯୋଗ କାମନା କରିବାସହ ଧନ୍ୟବାଦ ପ୍ରଦାନ କରିଥିଲେ।

# ମହାରାଣୀ ସାଗରରେ ସଫେଇ କାର୍ଯ୍ୟ

**ବଲାଙ୍ଗୀର,୨୧।୬(ବୀରେନ୍ଦ୍ର କୁମାର ଝାଙ୍କର)**

ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବ୍ୟବହିତ ପୂର୍ବରୁ ବଲାଙ୍ଗୀର ସରକାରୀ ଆୟୁର୍ବେଦକ କଲେଜ ଏବଂ ହସ୍ପିଟାଲ ପକ୍ଷରୁ ସହରର ସର୍ବବୃହତ୍ ଜଳାଶୟ ମହାରାଣୀ ସାଗରରେ ଶୁକ୍ରବାର ସଫେଇ କାର୍ଯ୍ୟ କରାଯାଇଥିଲା। ସରକାରୀ ଆୟୁର୍ବେଦିକ କଲେଜ ଅଧକ୍ଷ ପ୍ରଫେସର ଡା. ମନୋଜ କୁମାର ସାହୁଙ୍କ ନେତୃତ୍ୱରେ କଲେଜ ଛାତ୍ରୀଛାତ୍ର ଓ ଷ୍ଟାପ୍ ମହାରାଣୀ ସାଗରର ଚାରିପଟେ ପଡିଥିବା ଅଳିଆ ଆବର୍ଜନା, ପ୍ଲାଷ୍ଟିକ, ପଲିଥିନ୍ ଓ ମଦ ବୋତଲ ସଫା କରିଥିଲେ। ସହରକୁ ଏକ ପ୍ଲାଷ୍ଟିକ ଓ ପଲିଥିନ୍ ମୁକ୍ତ ସହର କରିବା ଲକ୍ଷ୍ୟ ରଖି ଏହି ସଫେଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା କଲେଜ ଅଧକ୍ଷ ଡା. ସାହୁ କହିଛନ୍ତି। ପ୍ଲାଷ୍ଟିକ ଓ ପଲିଥିନ୍ କିପରି ଆମ ପରିବେଶକୁ ଦୂଷିତ କରୁଛି ଏବଂ ଏ ଦିଗରେ ଲୋକଙ୍କୁ କିଭଳି ସଚେତନ କରାଯିବ ସେନେଇ ଛାତ୍ରୀଛାତ୍ରମାନେ ସେଠାରେ ଗାଧୋଉ ଥିବା ଲୋକଙ୍କୁ ବୁଝାଇଥିଲେ। କଲେଜ ଅଧାପକ ତଥା ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡା. ବୁଦ୍ଧଦେବ ମିଶ୍ର, ଅଧାପିକା ଡା. ସ୍ନେହଲତା ପ୍ରଧାନ , ଡା. ଯଶୋବନ୍ତ ସାହୁ, ଡା. ନିଗମାନନ୍ଦ ବଳ, ଡ଼ା ତୃପ୍ତି ମହାପାତ୍ର, ଡା.ଆଶୁତୋଷ ତ୍ରିପାଠୀ, ଡା. ସୌମ୍ୟ ରଞ୍ଜନ ନାଏକ, ଡା. ମନୀଷ ସାହୁ ଓ କଲେଜର ଡାକ୍ତରୀ ଛାତ୍ରୀଛାତ୍ର ମାନେ ଏହି ପ୍ଲାଷ୍ଟିକ ମୁକ୍ତ ଅଭିଯାନରେ ସାମିଲ ହୋଇଥିଲେ। ଆୟୁର୍ବେଦିକ କଲେଜର ଏଭଳି ସଫେଇ ଅଭିଯାନକୁ ପ୍ରଶଂସା କରାଯାଇଛି।



ବଲାଙ୍ଗୀର ମହାରାଣୀ ସାଗରରେ ସରକାରୀ ଆୟୁର୍ବେଦିକ କଲେଜ ଓ ହସ୍ପିଟାଲ ଛାତ୍ରୀଛାତ୍ର ଓ ଷ୍ଟାଫ୍ ସଫେଇ କରୁଛନ୍ତି।

# ନୀରୋଗର ମହାମନ୍ତ୍ର ଯୋଗ



ଭାଜପା କାର୍ଯ୍ୟାଳୟରେ ଯୋଗ ଶିକ୍ଷା ଦିଆଯାଉଛି।



ରାଉରକେଲା ଏନ୍ଆଇଟିରେ ଯୋଗାସନ କରାଯାଉଛି।



ଗୋପବନ୍ଧୁ ପାଠାଗାରରେ ଯୋଗାଭ୍ୟାସ କରାଯାଉଛି।

**ସୁସ୍ଥ ଜୀବନ ପାଇଁ ଯୋଗର ଆବଶ୍ୟକତା ରହିଛି। ଦୈନନ୍ଦିନ ଜୀବନରେ ଯୋଗ କରିବା ଦ୍ୱାରା ମଣିଷ ଶରୀରରେ ଥିବା ଯାବତୀୟ ରୋଗ ଭଲ ହୋଇଥାଏ। ଏଥିସହ ମଣିଷକୁ ରୋଗଗ୍ରସ୍ତ ହେବାରୁ ବଞ୍ଚାଇଥାଏ। ଯୋଗ ସୁସ୍ଥ ସମାଜ ଏବଂ ରାଷ୍ଟ୍ର ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଜୁନ୍ ୨୧ ତାରିଖକୁ ଭାରତ ସମେତ ଅନ୍ୟ ଦେଶରେ ଅନ୍ତର୍ଜାତୀୟ ଯୋଗ ଦିବସ ଭାବେ ପାଳନ କରାଯାଇଛି। ଏହି କ୍ରମରେ ଶନିବାର ଷ୍ଟିଲ ସିଟି ରାଉରକେଲାର ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି।**

**ଷ୍ଟିଲ୍ ସିଟିରେ ଅନ୍ତର୍ଜାତୀୟ ଯୋଗ ଦିବସ**

ରାଉରକେଲା, ୨୧।୬(ବିପ୍ଳବ ରଞ୍ଜନ ଦାଶ/ ସଙ୍ଗୀତା ଜେନା/ଦିନେଶ ମିଶ୍ର)

ରାଉରକେଲା ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି)ରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ଯୋଗ ସଂଯୋଜକ ଡ. ମନୋଜ କୁମାର ସାହୁ ସ୍ୱାଗତ ଭାଷଣ ଦେଇ ଯୋଗର ଉପକାରିତା ଉପରେ ଆଲୋକପାତ କରିଥିଲେ। ଯୋଗ ମହୋତ୍ସବ ସମିତି ସଂଯୋଜକ ବିଷଣ ଚରଣ ପାତ୍ର ଶରୀର, ମନ ବ୍ୟତିରେକ ସୁସ୍ଥ ସମାଜ ଓ ରାଷ୍ଟ୍ର ଗଠନରେ ଯୋଗ କିପରି ସହାୟକ ହେଉଛି ସେ ନେଇ ଆଲୋକପାତ କରିଥିଲେ। କୁଳପତି ପ୍ରାଧ୍ୟାପକ ଅମୀୟ କୁମାର ରଥ ପ୍ରାକ୍ ଐତିହାସିକ ସମୟରୁ ଯୋଗ କିପରି ମାନବ ସମାଜ ଗଠନରେ ସହାୟକ ହୋଇଛି ତାହା ଉପରେ ଆଲୋଚନା କରିଥିଲେ। ପରେ ଯୋଗ ମହୋତ୍ସବ ସମିତିର ଲତିକା ପଟ୍ଟନାୟକ ଯୋଗ ଦ୍ୱାରା କିପରି ଅଯଥା ଅର୍ଥବ୍ୟୟରୁ ମୁକ୍ତି ମିଳିବ ତାହା ଉପରେ ବକ୍ତବ୍ୟ ରଖିଥିଲେ। ଶିବପ୍ରସାଦ ଦାଶ ଓ ସିୟୁପିଜିଏସ୍ର ଭାରପ୍ରାପ୍ତ ନିର୍ଦ୍ଦେଶକ ପ୍ରାଧ୍ୟାପକ ଶିବ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶିବପ୍ରସାଦ ଦାଶ ଏବଂ ଓମ୍କାର ପ୍ରିୟଦର୍ଶୀ ମଞ୍ଚ ପରିଚାଳନା କରିଥିଲେ। ସକାଳ ୭ଟାରୁ ୭ଟା ୫୦ ପର୍ଯ୍ୟନ୍ତ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ସେହିପରି ଭାଜପା ଜିଲା କାର୍ଯ୍ୟାଳୟ ବି- ୩୩, ସେକ୍ଟର-୩ ପରିସରରେ ଯୋଗ ଦିବସ ପାଳନ କରାଯାଇଥିଲା। ଯୋଗ ଗୁରୁମା ସବିତା ପୃଷ୍ଟିଙ୍କ ମାର୍ଗଦର୍ଶନରେ ଯୋଗ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପଟେଲ, ନିବେଦିତା ବେହେରା ଓ ସନ୍ତୋଷିନୀ ବିଶ୍ୱେଶ୍ୱରେୟା ଯୋଗ କରାଇଥିଲେ। ବରିଷ୍ଠ ନେତା ମନୋରଞ୍ଜନ ମୁନି, ମନୋଜ କୁମାର ସେନାପତି, ଜ୍ୟୋତିର୍ମୟୀ ଷଡ଼ଙ୍ଗୀ, ମମତା ମହାନ୍ତି, ବବିତା ଚୌଧୁରୀ, ରାଜେନ୍ଦ୍ର ପଟ୍ଟନାୟକ, ହରି ସାହୁ, ମନୋଜ ଦାସ ପ୍ରମୁଖ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ। 'ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ବାର୍ତ୍ତା ନେଇ ରାଉରକେଲା ମହାନଗର ନିଗମ ତରଫରୁ ସ୍ଥାନୀୟ ଲେବର ଟେନାମେଣ୍ଟ ଓ କୋଏଲ ନଗର ସ୍ଥିତ କଲ୍ୟାଣ ମଣ୍ଡପରେ ଯୋଗ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ଅଭିଜ୍ଞ ଯୋଗ ପ୍ରଶିକ୍ଷକଙ୍କ ଦ୍ୱାରା ଯୋଗ ଓ ପ୍ରାଣାୟାମ କରାଯାଇଥିଲା। ଆର୍ଏମ୍ସି ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ, ଆର୍ଏମ୍ସି ଯୁଗ୍ମ ପୌରାୟୁକ୍ତ ପଲ୍ଲବୀ ନାୟକ, ଉପ ପୌରାୟୁକ୍ତ ଅନୀତା ନାୟକ, ସହାୟକ ପୌରାୟୁକ୍ତ ଅଜିତ କୁମାର ପଟ୍ଟନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା, ବିଭିନ୍ନ ସରକାରୀ ବିଭାଗ ଓ ଆର୍ଏମ୍ସି ଅଧିକାରୀ ଓ କର୍ମଚାରୀ, ଆଶା କର୍ମୀ, ବିଭିନ୍ନ ଅନୁଷ୍ଠାନର ସଦସ୍ୟ ଏବଂ ସ୍ଥାନୀୟ ଅଧିବାସୀ ସାମିଲ ହୋଇଥିଲେ। ଏହି ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଆର୍ଏମ୍ସି ପକ୍ଷରୁ ଯୋଗ ଦିବସ ପାଳନ କରାଯାଉଛି।

ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍ଆଇଟି)ରେ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଯୋଗ ଶିକ୍ଷକ ଡ. ଖଗେଶ୍ୱର ଓଝାଙ୍କ ନେତୃତ୍ୱରେ ଯୋଗାଭ୍ୟାସ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ପ୍ରଫେସର ସରୋଜ ଲେଙ୍କା ସ୍ୱାଗତ ଭାଷଣ ଦେଇଥିଲେ। ଗତ ମାର୍ଚ୍ଚରେ ଜେପି ହସ୍ପିଟାଲରେ ଯୋଗାସନ କ୍ରୀଡ଼ା ଚାମ୍ପିୟନଶିପ୍ରେ ଏନ୍ଆଇଟି ବାଳିକା ବର୍ଗ ପାରମ୍ପରିକ ଯୋଗାସନ ବର୍ଗରେ ସ୍ୱର୍ଣ୍ଣପଦକ ଏବଂ ବାଳକ ବର୍ଗ ରିଦମିକ୍ ଯୋଗାସନରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଏନ୍ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ଉଦ୍ଘାଟନ କରି ଯୋଗ ସୁସ୍ଥ ମନ ସୁସ୍ଥ ଶରୀର ପ୍ରଦାନ କରିଥାଏ ବୋଲି ସେ କହିଥିଲେ। ଡିନ୍ ଷ୍ଟୁଡେଣ୍ଟ ପ୍ରଫେସର ନିରଞ୍ଜନ ପଣ୍ଡା, ରେଜିଷ୍ଟ୍ରାର ପ୍ରଫେସର ରୋହନ ଧୀମାନ, ଅତିରିକ୍ତ ଏକାଡେମିକ୍ସ ପ୍ରଫେସର ରମେଶ ମହାପାତ୍ର, ପ୍ରଫେସର ବିନୋଦ ବିହାରୀ ସାହୁ ପ୍ରମୁଖ ଯୋଗର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ବରୁ ଆୟୋଜିତ ଯୋଗ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟ ସଂସ୍କୃତି ବିଭାଗ ମୁଖ୍ୟ ପ୍ରଫେସର ସୁବାସ ଚନ୍ଦ୍ର ଦାଶ ଓ ସେଲ୍ ଆର୍ଏସ୍ପି ମହାପ୍ରବନ୍ଧକ ଗିରିଜା ଶଙ୍କର ଦାସ ଯୋଗ ଦେଇ ଆଲୋଚନା କରିଥିଲେ। ପରେ ଯୋଗାସନ କରାଯାଇଥିଲା। ସେହିପରି ରାଉରକେଲା ଇସ୍ପାତ କାରଖାନା ଅବସରପ୍ରାପ୍ତ କର୍ମଚାରୀ ସଂଘ କୋଏଲନଗର ପକ୍ଷରୁ ଶନିବାର ଅପରାହ୍ନ ୫ଟାରେ ଯୋଗ ଦିବସ ପାଳିତ ହୋଇଯାଇଛି। ଯୋଗଗୁରୁ କପିଳେଶ୍ୱର ମହାରଣାଙ୍କ ତତ୍ତ୍ୱାବଧାନରେ ସଂଘ ସଭାପତି ଇଂ. ଅଭୟ ଦାସ, ଉପସଭାପତି ଅରବିନ୍ଦ ପାତ୍ର, ସଚ୍ଚିଦାନନ୍ଦ ମିଶ୍ର, ଉପସାଧାରଣ ସମ୍ପାଦକ ଧନଞ୍ଜୟ ଦାସ, କୃଷ୍ଣଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗାଭ୍ୟାସ କରିଥିଲେ।

ସେହିପରି ଛେଣ୍ଡସ୍ଥିତ ଗୋପବନ୍ଧୁ ପାଠାଗାରରେ ରୋଟାରୀ କ୍ଲବ ଅଫ୍ ରିଭରସାଇଡ୍ ଓ ଗୋପବନ୍ଧୁ ପାଠାଗାରର ମିଳିତ ଆନୁକୂଲ୍ୟରେ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ଶିକ୍ଷାବିତ ଶଙ୍କର ପ୍ରସାଦ ତ୍ରିପାଠୀ ମୁଖ୍ୟ ଅତିଥି, ସୁବାସ ଚନ୍ଦ୍ର ମହାପାତ୍ର ଓ ସନ୍ତୋଷ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଗିରିଜା ଶଙ୍କର ଗୋସ୍ୱାମୀଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ସଂଘର ସଦସ୍ୟ ଯୋଗ ଦେଇଥିଲେ। ଶେଷରେ ବିଶ୍ୱନାଥ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ସେହିଭଳି ସେକ୍ଟର-୭ ସ୍ଥିତ ଦିବ୍ୟଜୀବନ ସଂଘ ପରିସରରେ ରାଜ୍ୟ ପ୍ରଦୂଷଣ ବୋର୍ଡ ରାଉରକେଲା ଆଞ୍ଚଳିକ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ପରିବେଶ ବୈଜ୍ଞାନିକ ତଥା ଆଞ୍ଚଳିକ ଅଧିକାରୀ ଡ. ଅନୁପ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଯୋଗ, ବ୍ୟାୟାମ, ଧ୍ୟାନ, ପ୍ରାଣାୟାମ ଆଦି କରାଯାଇଥିଲା। ଯୋଗ ପ୍ରଶିକ୍ଷକ କେ. ସି ବେହେରା ଓ ପର୍ଶୁରାମ ମଲ୍ଲିକ ଯୋଗ ଅଭ୍ୟାସ ପ୍ରଣାଳୀ ସମ୍ପର୍କରେ ଆଲୋଚନା କରିଥିଲେ। ବାସନ୍ତୀ ପାଠାଗାରରେ ଲାୟନ୍ସ କ୍ଲବ ଅଫ ରାଉରକେଲା ଛେଣ୍ଡ ଓ ଲାୟନ୍ସ କ୍ଲବ ରାଉରକେଲା ସ୍ମାର୍ଟ ସିଟିର ମିଳିତ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ପାଠାଗାର ସଭାପତି ପ୍ରସନ୍ନ କୁମାର ସାବତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଗୁରୁ ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ ଉପସ୍ଥିତ ରହି ଯୋଗ ଶିବିର ପରିଚାଳନା କରିଥିଲେ। ଲାୟନ୍ସ କ୍ଲବ ଉପସଭାପତି ଦୁର୍ଗେଶ ନନ୍ଦିନୀ ବିଶ୍ୱାଳ, ସରୋଜ ପାତ୍ର, ଲଲାଟେନ୍ଦୁ ଚୌଧୁରୀ, ସୂର୍ଯ୍ୟମଣି ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କବିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ବାସନ୍ତୀ ୟୁଥ୍ କ୍ଲବ ପକ୍ଷରୁ ଯୋଗ ଦିବସ ଡିଏଭି ପଡିଆରେ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ଲବର ବହୁ ସଦସ୍ୟ ଉପସ୍ଥିତ ରହି ଯୋଗାଭ୍ୟାସ କରିଥିଲେ।

## ସଂକ୍ଷେପରେ

### ପୁରୀ ରଥଯାତ୍ରା ଡ୍ୟୁଟିରେ ରାଉରକେଲାର ୨୩ ଅଧିକାରୀ

ରାଉରକେଲା, ୨୧।୬(ସଙ୍ଗୀତା ଜେନା): ଆସନ୍ତା ୨୭ ତାରିଖରେ ପୁରୀରେ ହେବାକୁ ଥିବା ଘୋଷଯାତ୍ରାରେ ଡ୍ୟୁଟି କରିବାକୁ ରାଉରକେଲା ପୋଲିସ ଜିଲାରୁ ଜଣେ ଡିଏସ୍ପି ପାହ୍ୟା ଅଧିକାରୀଙ୍କ ସମେତ ୨୩ ଜଣ ଅଧିକାରୀ ଏବଂ ୧ ପ୍ଲାଟୁନ ଫୋର୍ସ ଯାଇଥିବା ସୂଚନା ମିଳିଛି। ଶୁକ୍ରବାର ସନ୍ଧ୍ୟାରେ ଉକ୍ତ ପୋଲିସ ବାହିନୀ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। ରଥଯାତ୍ରା ଓ ବାହୁଡ଼ା ପରେ ସେମାନେ ରାଉରକେଲା ପ୍ରତ୍ୟାବର୍ତ୍ତନ କରିବେ ବୋଲି ରାଉରକେଲା ପୋଲିସ ଜିଲା ମୁଖ୍ୟାଳୟ ଡିଏସ୍ପି ରାମରାୟ ମୁର୍ମୁ ସୂଚନା ପ୍ରଦାନ କରିଛନ୍ତି।

### ଜୁଲାଇ ୯ରେ ସର୍ବଭାରତୀୟ ଶ୍ରମିକ ଧର୍ମଘଟ

ରାଉରକେଲା, ୨୧।୬(ସଙ୍ଗୀତା ଜେନା)

କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ନୀତି ଯଥା ଶ୍ରମ ଆଇନ ପରିବର୍ତ୍ତନ କରି କଳା ଶ୍ରମ କୋର୍ଡ ଲାଗୁ କରିବା, ଠିକା ଶ୍ରମିକଙ୍କୁ ସର୍ବନିମ୍ନ ଦରମା ନ ମିଳିବା, ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକର ଘରୋଇକରଣ, ସେଲ୍ କର୍ମଚାରୀଙ୍କ ଏନ୍ଜେସିଏସ୍ ଚୁକ୍ତିନାମା, ୩୯ ମାସର ଏରିଅର ସମେତ ୧୭ ଦଫା ଦାବି ପୂରଣ ପାଇଁ ସମସ୍ତ କେନ୍ଦ୍ରୀୟ ଶ୍ରମ ସଙ୍ଗଠନ ଏବଂ କର୍ମଚାରୀ ଫେଡେରେଶନ ପକ୍ଷରୁ ଆସନ୍ତା ଜୁଲାଇ ୯ତାରିଖରେ ଦେଶବ୍ୟାପୀ ସାଧାରଣ ଧର୍ମଘଟ ପାଇଁ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଛି। ଏହି କ୍ରମରେ ରାଉରକେଲାର ସମସ୍ତ ଶ୍ରମିକ ସଙ୍ଗଠନର ପ୍ରତିନିଧି ଦଳ ଶୁକ୍ରବାର ରାଉରକେଲା ଇସ୍ପାତ କାରଖାନାର ସିଜିଏମ୍ (ଏଚ୍ଆର୍) ମାନସ ରଥ ଏବଂ ଆର୍ଏଲ୍ସିଙ୍କୁ ଧର୍ମଘଟ ନୋଟିସ ଦେଇଥିଲେ। ଉକ୍ତ ଧର୍ମଘଟ ମେ ୨୦ରେ ହେବାକୁ ଥିବାବେଳେ ଦେଶରେ ଯୁଦ୍ଧ ପରିସ୍ଥିତି ଉପୁଜିଥିବାରୁ ଏହାକୁ ସ୍ଥଗିତ ରଖାଯାଇଥିଲା। ଉକ୍ତ ପ୍ରତିନିଧି ମଣ୍ଡଳୀରେ ରାଉରକେଲା ଶ୍ରମିକ ସଂଘର ଉପ ସାଧାରଣ ସମ୍ପାଦକ ଦିଲ୍ଲୀପ ମହାପାତ୍ର, ବରିଷ୍ଠ ଉପସଭାପତି ନିହାର ଦାସ, ବୀରକିଶୋର ଶେଖର ଦେଓ, ସିଟୁର ବିମାନ ମାଇତି, ଏଆଇସିସିଟିୟୁର ରାଜା ମହାନ୍ତି, ଏଆଇୟୁଟିୟୁସିର ଅଜିତ ନାୟକଙ୍କ ସମେତ ଅନ୍ୟ ଶ୍ରମ ସଙ୍ଗଠନର ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

## ଯୋଗ ଦିବସରେ କୁଇଜ୍ ପ୍ରତିଯୋଗିତା, ମା' ପାଇଁ ବୃକ୍ଷଟିଏ କାର୍ଯ୍ୟକ୍ରମ

ରାଉରକେଲା, ୨୧।୬(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ସେକ୍ଟର-୨ସ୍ଥିତ ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟରେ ଶନିବାର ଏନ୍ଏସ୍ଏସ୍, ଯୋଗା ୟୁନିଟ, ଆର୍ଟ ଅଫ୍ ଲିଭିଙ୍ଗ ପକ୍ଷରୁ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। କଲେଜ ଅଧକ୍ଷା ପ୍ରଫେସର ଇପ୍ସିବା ଏକ୍କା ଯୋଗଦେଇ ଯୋଗର ଉପକାରିତା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ମାନସ କୁମାର ବେହେରା ସାମ୍ପ୍ରତିକ ସମୟରେ ଛାତ୍ରୀଛାତ୍ରମାନଙ୍କ ପାଇଁ ଯୋଗର ଆବଶ୍ୟକତା ବିଷୟରେ ଦିଗ୍ଦର୍ଶନ ପ୍ରଦାନ କରିଥିଲେ। ଯୋଗ ପ୍ରଶିକ୍ଷକ ରାମକୃଷ୍ଣ ପ୍ରଧାନ ଓ ତପସ୍ୱିନୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ କଲେଜର ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହାପରେ ଏନ୍ଏସ୍ଏସ୍ ଏବଂ ଯୋଗା ୟୁନିଟ ପକ୍ଷରୁ ଛାତ୍ରୀମାନଙ୍କୁ ନେଇ କୁଇଜ୍ ଏବଂ ପୋଷ୍ଟର ମେକିଂ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଏଥିରେ କୃତୀ ଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସେହିପରି ଯୋଗ ଦିବସ ଉପଲକ୍ଷେ ମା' ପାଇଁ ବୃକ୍ଷଟିଏ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ କଲେଜ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଏନ୍ଏସ୍ଏସ୍ ଅଧିକାରୀ ତଥା ଯୋଗା ଅଧିକାରୀ ଅଧ୍ୟାପକ ପ୍ରକାଶ ସରେନ, ଅଧ୍ୟାପିକା ଡ. ଅଭିଲିପ୍ସା, ମଧୁଲିତା, ସୋନିଆ ମାଝୀ, ମାନସୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ପ୍ରମାଣପତ୍ର ସହ ଛାତ୍ରୀଗଣ।

## ଦାବି ପୂରଣ ହେଲାନି, ପଡ଼ିରହିଛି ମୃତଦେହ

**ଠିକା କର୍ମଚାରୀ ମୃତ୍ୟୁ ମାମଲା**

ରାଉରକେଲା, ୨୧।୬(ସଙ୍ଗୀତା ଜେନା)

ଇସ୍ପାତ କାରଖାନାର କୋକ୍ ଓଭେନ୍ ବିଭାଗରେ କାର୍ଯ୍ୟରତ ଜଣେ ଅର୍ଦ୍ଧକୁଶଳୀ ଠିକା କର୍ମଚାରୀ ଗୋପୀ ହେମ୍ବ୍ରମ୍(୨୯)ଙ୍କ ମୃତ୍ୟୁ ମାମଲାରେ ୩୬ ଘଣ୍ଟା ବିତିଯାଇଛି। ତେବେ ଦାବି ପୂରଣ ହୋଇ ନ ଥିବା ଯୋଗୁ ଆଇଜିଏଚ୍ ମର୍ଗ ହାଉସରେ ମୃତଦେହ ପଡିରହିଛି। କୋକ୍ ଓଭେନ୍ ବିଭାଗର ଠିକାସଂସ୍ଥା ଉତ୍କଳ ପ୍ରୋଜେକ୍ଟ ପ୍ରାଇଭେଟ୍ ଲିମିଟେଡ୍ରେ କାର୍ଯ୍ୟ କରୁଥିବା ଗୋପୀଙ୍କ ସମ୍ପର୍କୀୟମାନେ କରିଥିବା ଦାବି ଏଯାଏ ପୂରଣ ହୋଇପାରିନାହିଁ। ଶ୍ରମିକ ନେତା ନିହାର ଦାସଙ୍କ କହିବା ଅନୁସାରେ, ଠିକାସଂସ୍ଥାର ମାଲିକ ମନମୋହନ ସାମଲ ଗୋପୀଙ୍କ ଅନ୍ତ୍ୟେଷ୍ଟି କ୍ରିୟା ବାବଦ ୮୦ ହଜାର ଟଙ୍କା, ପରିବାରକୁ ପେନସନ୍ ନ ମିଳିବା ପର୍ଯ୍ୟନ୍ତ ମାସିକ ୮ ହଜାର ଟଙ୍କା ଲେଖାଏଁ ଦେବା ଲାଗି ସ୍ୱୀକୃତି ଦେଇଛନ୍ତି। ତେବେ କାରଖାନା କର୍ତ୍ତୃପକ୍ଷ ମୃତକଙ୍କ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ, ଯାହା ନିଷ୍ପତ୍ତି ନେବେ ବୋଲି କହିଥିବା ଦାସ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ, ମୃତକ ଟାଙ୍ଗରପାଲୀ ଥାନା ଲାଲଟାଙ୍କି ଅଞ୍ଚଳର। ସେ ଏ' ସିଫ୍ଟରେ କାମ କରୁଥିବାବେଳେ ଅଚେତ ହୋଇଯାଇଥିଲେ। ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାରବର୍ଗଙ୍କୁ ଅନୁକମ୍ପାମୂଳକ ଚାକିରି ଓ ୧୫ ଲକ୍ଷ ଟଙ୍କା ଦେବାକୁ ଦାବି ହୋଇଥିଲା। ଦାବି ପୂରଣ ନ ହେଲେ ମୃତଦେହ ଉଠିବ ନାହିଁ ବୋଲି ଶ୍ରମିକ ସଂଘଗୁଡ଼ିକ ଚେତାବନୀ ଦେଇଥିଲେ। ଏ ନେଇ ଶୁକ୍ରବାର ଆଇଜିଏଚ୍ରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

## ମାନସିକ ଶାନ୍ତିରେ ସଙ୍ଗୀତର ଭୂମିକା ରହିଛି

**ଓଡ଼ିଶୀ ସଙ୍ଗୀତର ବିଶେଷତ୍ୱ ସମ୍ବନ୍ଧୀୟ ଆଲୋଚନା**

ରାଉରକେଲା, ୨୧।୬(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଉଦିତ ନଗର ସ୍ଥିତ ମ୍ୟୁନିସିପାଲ ମହାବିଦ୍ୟାଳୟରେ ଶନିବାର ବିଶ୍ୱ ସଙ୍ଗୀତ ଦିବସ ଉପଲକ୍ଷେ ଓଡ଼ିଶୀ ସଙ୍ଗୀତର ବିଶେଷତ୍ୱ ସମ୍ବନ୍ଧୀୟ ଏକ ପ୍ରୟୋଗାତ୍ମକ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ. ସନାତନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଦିପ୍ତୀ ରଞ୍ଜନ ମହାନ୍ତି ସଂଯୋଜନା କରିଥିଲେ। ସ୍ୱାଗତ ଅଭିଭାଷଣରେ ଅଧକ୍ଷ ବ୍ୟକ୍ତିର ମାନସିକ ଓ ଆଧ୍ୟାତ୍ମିକ ବିକାଶରେ ସଙ୍ଗୀତର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ଓଡ଼ିଶୀ ସଙ୍ଗୀତ ଶିଳ୍ପୀ ପ୍ରଦୀପ କୁମାର ପଣ୍ଡା ଓ ଲକ୍ଷ୍ମୀପ୍ରିୟା ବେହେରା ଓଡ଼ିଶୀ ସଙ୍ଗୀତ ଗାନ କରିବା ସହିତ ଆଲୋଚନା କରିଥିଲେ। ଭୁବନେଶ୍ୱରର ଦୀପକ ନାୟକ ମର୍ଦ୍ଦଳ ବାଦନ କରିବା ସହିତ ମର୍ଦ୍ଦଳ ବାଦ୍ୟଯନ୍ତ୍ରର ବିଶେଷତ୍ୱ ବିଷୟରେ ଆଲୋକପାତ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡ. ଅପର୍ଣ୍ଣା ଧର ଚମ୍ପୂ ସମ୍ବନ୍ଧରେ ମନ୍ତବ୍ୟ ରଖିଥିଲେ। ଅଧ୍ୟାପକ ସଞ୍ଜୟ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବହୁ ସଂଖ୍ୟାରେ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## ଉତ୍କଳ ନବଜୀବନ ମଣ୍ଡଳ ପକ୍ଷରୁ ସିଲେଇ ତାଲିମ



ଅତିଥିମାନେ ସିଲେଇ ତାଲିମ ଶିବିରକୁ ଶୁଭାରମ୍ଭ କରୁଛନ୍ତି।

ରାଉରକେଲା, ୨୧।୬(ସଙ୍ଗୀତା ଜେନା)

ରାଉରକେଲା ଜଗଦାସ୍ଥିତ ଉତ୍କଳ ନବଜୀବନ ମଣ୍ଡଳ ପକ୍ଷରୁ କୁଟୀର ଶିଳ୍ପ ରୂପାୟନ ଅଭିଯାନରେ ନିଃଶୁଳ୍କ ସିଲେଇ ତାଲିମ, କ୍ରାଫ୍ଟ ପ୍ରଶିକ୍ଷଣ, ଖଦି ପୋଷାକ ବିକ୍ରି କରାଯାଉଛି। ନବ ଜୀବନ ମଣ୍ଡଳ ଅନୁଗୋଳ ଶାଖା ସୁପାରିଶରେ ଏହି ଅଭିଯାନ ଜାରି ରହିଛି। ଏହି କ୍ରମରେ ଜଗଦା ଶାଖା ସୁନନ୍ଦା ବରାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶନିବାର ପୂର୍ବାହ୍ନ ସାଢ଼େ ୧୦ଟାରେ ଏହି ନିଃଶୁଳ୍କ ସିଲାଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଅନୁଷ୍ଠାନର ସଦସ୍ୟା ବିଳାସିନୀ ଅଧିକାରୀ, ସଂଯୁକ୍ତା ପଣ୍ଡା ପ୍ରମୁଖ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ନିରୁପମା ବେହେରା, ରୁବି ପଣ୍ଡା, ଶିବାନୀ ସାହୁ ସମେତ ନୂତନ ପ୍ରଶିକ୍ଷାର୍ଥୀ ଉପସ୍ଥିତ ଥିଲେ। ପ୍ରଶିକ୍ଷିକା ସୀମା ସିଂ ତାଲିମ ଆରମ୍ଭ କରିଥିଲେ।

**ଟେଷ୍ଟ ହାଉସରେ ଲାଗିଲା ନିଆଁ**

ବ୍ରଜରାଜନଗର,(ବିଜୟ ବରାଡ଼): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ୨ନମ୍ବର୍ ଠାକୁରପଡା ସ୍ଥିତ କମଳ ଟେଷ୍ଟ ହାଉସରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଜଣାପଡ଼ିଛି। ଭିତରେ ଥିବା ଲୋକଙ୍କ ଅଳ୍ପକେ ଜୀବନ ରକ୍ଷା ହୋଇପାରିଛି। ଶୁକ୍ରବାର ଭୋର୍ ୫ ଟାରେ ଟେଷ୍ଟ ହାଉସ ଭିତରୁ ଧୂଆଁ ବାହାରିଥିଲା। ଭିତରେ ଥିବା ଶ୍ରମିକମାନେ ବାହାରକୁ ଆସି ହୋହଲ୍ଲା କରିଥିଲେ। ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ତୁରନ୍ତ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ କର୍ମଚାରୀ, ଓରିଏଣ୍ଟ କ୍ଷେତ୍ର ଖଣି ସୁରକ୍ଷା ଦଳ ପହଞ୍ଚି ନିଆଁକୁ ୩ଘଣ୍ଟା ପରିଶ୍ରମ ପରେ ଆୟତ୍ତ କରିଥିଲେ। ୫ ଲକ୍ଷରୁ ଅଧିକ ଟଙ୍କାର କ୍ଷତି ହୋଇଥିବା ମାଲିକ ଗୁଲୁବାବୁ ପ୍ରକାଶ କରିଛନ୍ତି।

# ସୁସ୍ଥ ରହିବାକୁ ହେଲେ ଯୋଗ ଆବଶ୍ୟକ



ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ଦେବଗଡ଼ରେ ସାମୂହିକ ଯୋଗ କାର୍ଯ୍ୟକ୍ରମ।

**ଦେବଗଡ଼ରେ ଅନ୍ତର୍ଜାତୀୟ ଯୋଗ ଦିବସ**

ଦେବଗଡ଼,୨୧।୬(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ନୂତନ ବସଷ୍ଟାଣ୍ଡ ନୂଆଁବାଲିରୋଇ ଠାରେ ଶନିବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ସୁସ୍ଥ ରହିବାକୁ ହେଲେ ଯୋଗ ଆବଶ୍ୟକ ବୋଲି ମତପ୍ରକାଶ ପାଇଛି। ଜିଲ୍ଲା କ୍ରୀଡ଼ା ଅଧିକାରୀ ତାପସ କୁମାର ମହନ୍ତଙ୍କ ଆହ୍ୱାନ କ୍ରମେ ଯୋଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଜିଲାପାଳ କବିନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି, ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଆର୍ଥିକ ପରାମର୍ଶଦାତା ତଥା ସ୍ୱତନ୍ତ୍ର ସଚିବ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ମନୁନାଥ ସେଠି, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଉପଜିଲାପାଳ ପରିକ୍ଷିତ ସାହୁ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଅରୁଣ କୁମାର ସାହୁ, ଭାରପ୍ରାପ୍ତ ପୌରପରିଷଦ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଅତିଥି ଭାବେ ଯୋଗଦେଇ ସକାଳ ୬ରେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ପରେ ପରିବାର ଫାଉଣ୍ଡେସନ ଏବଂ ବିବେକାନନ୍ଦ କନ୍ୟାକୁମାରୀ ଦେବଗଡ ମିଳିତ ଆନୁକୂଲ୍ୟରେ ଯୋଗ ଗୁରୁ ଆଚାର୍ଯ୍ୟ ଲେଖରାଜଙ୍କ ନିର୍ଦ୍ଦେଶିତ ଯୋଗ ଅଧିବେଶନ, ନିର୍ଦ୍ଦେଶିତ ଧ୍ୟାନ, ଶାନ୍ତିମନ୍ତ୍ର ଶପଥ ପାଠ କରାଇଥିଲେ। ଶରୀରକୁ ସୁସ୍ଥ ରଖିବାକୁ ହେଲେ ପ୍ରତିଦିନ ଯୋଗ ବ୍ୟାୟାମ କରିବା ଆବଶ୍ୟକ। ଯୋଗ କରିବା ଦ୍ୱାରା ମନ ପ୍ରଫୁଲ୍ଲିତ ରହେ। ତାହାର ସୁପ୍ରଭାବ ଶରୀର ଉପରେ ପଡେ। ନିୟମିତ ବ୍ୟାୟାମ କଲେ ଶରୀରରେ ରକ୍ତ ସଞ୍ଚାଳନ ହୁଏ। ସେହିପରି ଇଣ୍ଡୋର ଷ୍ଟାଡିୟମଠାରେ ପୌରପରିଷଦ ପକ୍ଷରୁ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁଙ୍କ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ, କର୍ମଚାରୀ, ଛାତ୍ରୀଛାତ୍ର, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ପୌରାଞ୍ଚଳର ଅଧିବାସୀ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରାରମ୍ଭିକ ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ନବ ଦାସଙ୍କ ବାସଭବନ, ବ୍ୟବସାୟ ପ୍ରତିଷ୍ଠାନରେ ଆୟକର ବିଭାଗର ଚଢ଼ାଉ ଜାରି



ଝାରସୁଗୁଡା ବୃନ୍ଦାମାଲ ତାରିଣୀ ଟ୍ରାନ୍ସପୋର୍ଟ ଆଗରେ ଆୟକର ବିଭାଗର ଗାଡି ରହିଛି।

ଝାରସୁଗୁଡ଼ା,୨୧।୬(ଆଶିଷରଞ୍ଜନ ଦାଶ)

**ନବଙ୍କ ପୁଅ ବିଶାଳ ୪ଟି ବେନାମୀ କମ୍ପାନୀ ଖୋଲିଥିବା ଦସ୍ତାବିଜ ଆୟକର ବିଭାଗ ହାତରେ**

ଝାରସୁଗୁଡା ସହର ସ୍ଥିତ ସରବାହାଲରେ ଥିବା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ବାସଭବନ ସହିତ ବଡ଼ମାଲ ଥାନା ଅନ୍ତର୍ଗତ ବୃନ୍ଦାମାଲ ଓ ବେହେରାପାଲିରେ ଶନିବାର ଆୟକର ବିଭାଗ ପକ୍ଷରୁ ଖୋଲତାଡ଼ କରାଯାଇଛି। ନବଙ୍କ ବାସଭବନ, ବ୍ୟବସାୟ ପ୍ରତିଷ୍ଠାନ ଉପରେ ଆୟକର ବିଭାଗର ଚଢାଉର ତୃତୀୟ ଦିନ ତଥା ଶନିବାର ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଆୟକର ବିଭାଗ ହାତରେ ଲାଗିଛି। ନବଙ୍କ ସହଯୋଗୀ ଥିବା ବୃନ୍ଦାମାଲର ତାରିଣୀ ଟ୍ରାନ୍ସପୋର୍ଟ ଓ ବେହେରାପାଲିଠାରେ ଥିବା ୟୁନାଇଟେଡ଼ କର୍ପୋରେଶନରେ ଘନଘନ ଯାଞ୍ଚ କରାଯାଇଛି। ବୃନ୍ଦାମାଲ ଓ ବେହେରାପାଲିରେ ଥିବା ଏହି ଦୁଇଟି କମ୍ପାନୀରେ ନବଙ୍କ ପୁଅ ବିଶାଳଙ୍କ ଅଂଶ ରହିଛି। ଏଠାରେ ମଧ୍ୟ କିଛି ବେନାମୀ କମ୍ପାନୀ ନାମରେ କୋଟି କୋଟି ଟଙ୍କା କାରବାର ହୋଇଥିବା ଆୟକର ବିଭାଗ ହାତରେ ଲାଗିଥିବା ସୂଚନା ମିଳୁଛି। ଏହା ସହିତ ବିଶାଳ ଚଳାଉଥିବା ସ୍କାଏକୋଲ କର୍ପୋରେସନ, ଫାଇବ ଷ୍ଟୋନ ମାଇନିଂ, ବ୍ଲାକ ଗୋଲଡ଼ ମାଇନିଂ, ବ୍ଲାକ ୱେଲ ଇମ୍ପା ୪ଟି କମ୍ପାନୀ ଥିବାବେଳେ କମ୍ପାନୀର କାର୍ଯ୍ୟାଳୟ ନାହିଁ କି କୌଣସି ଅଧିକାରୀ ନାହାନ୍ତି। ଯାହାକୁ ନେଇ ଆୟକର ବିଭାଗର ସନ୍ଦେହ ସୃଷ୍ଟି ହେବା ସହିତ ତଦନ୍ତ ଆହୁରି ଆଗକୁ ଯିବାର ସମ୍ଭାବନା ରହିଛି। ବର୍ତ୍ତମାନ ତଦନ୍ତର ପରିସର ଏତିକି ବଢ଼ିଗଲାଣି ଯେ, ଆୟକର ବିଭାଗ ଯାଞ୍ଚ କଲାବେଳେ ସବୁଠାରେ କେନ୍ଦ୍ରୀୟ ପୋଲିସ ବହୁ ସଂଖ୍ୟାରେ ମୁତୟନ ହେବାର ଦେଖିବାକୁ ମିଳୁଛି। ବର୍ତ୍ତମାନ ଦିଲ୍ଲୀରେ ବିଶାଳ ଦାସ ଓ ଭୁବନେଶ୍ୱରରେ ଦୀପାଳି ଦାସଙ୍କୁ ଆୟକର ବିଭାଗ ପଚରାଉଚୁରା କରୁଥିବା ସୂଚନା ମିଳିଛି।

## ବ୍ରଜରାଜନଗର ମହାବିଦ୍ୟାଳୟରେ ଯୋଗ ଦିବସ

ବ୍ରଜରାଜନଗର,୨୧।୬(ବିଜୟ ବରାଡ଼)

ଅନ୍ତର୍ଜାତୀୟ ଯୋଗ ଦିବସ ଶନିବାର ବ୍ରଜରାଜନଗର ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ବିଜୟ କୁମାର ସାହୁଙ୍କ ସଭାପତିତ୍ୱ ତଥା ପ୍ରତ୍ୟକ୍ଷ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବ୍ରଜରାଜନଗର ଅଞ୍ଚଳର ବରିଷ୍ଠ ଯୋଗ ଶିକ୍ଷକ ତଥା ଭାରତ ସ୍ୱାଭିମାନ ସଙ୍ଗଠନ ସମ୍ପାଦକ ଯୋଗେନ୍ଦ୍ର ବଡ଼ାଇ, ଯୋଗ ଶିକ୍ଷିକା କବିତା ବଡ଼ାଇ, ବିଭା ଗୁପ୍ତା ତଥା କୁନି ଯୋଗ ଶିକ୍ଷକ କୁମାରୀ ଇତିଶ୍ରୀ ବେହେରା ପ୍ରମୁଖ ଉପସ୍ଥିତ ରହି ଯୋଗର ମହତ୍ତ୍ୱ ସମ୍ପର୍କରେ ବୁଝାଇବା ସହ ପ୍ରତ୍ୟକ୍ଷ ଭାବରେ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା (ଏନଏସ୍‌ଏସ୍) ବିଭାଗ ସହଯୋଗରୁ ଆୟୋଜିତ କାର୍ଯ୍ୟକ୍ରମକୁ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ. ରତ୍ନୁପର୍ଣ୍ଣା ମହାନ୍ତି ସଂଯୋଜନା କରିଥିଲେ। ଅଧ୍ୟାପିକା ପଦ୍ମାବତୀ ମହାପାତ୍ର ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ସୁପ୍ରକାଶ ଚୌଧୁରୀ, ଅଧ୍ୟାପକ ବିକ୍ରମ ପ୍ରଧାନ, ଶ୍ରୀକର ଭୋଇ, ବିକାଶ ନାୟକ, ଅଜୟ ଦୀପ, ସୁମିତ ତିର୍କୀ, ସୌମ୍ୟ ରଞ୍ଜନ ସାହୁ, ଶିବା ତ୍ରିବେଦି, ଏସ.ମାରାଣ୍ଡି, ଏସ.ଏସ ପୃଷ୍ଟି, ଆଶିଷ ଅବସ୍ଥି, ପ୍ରକାଶ ପଟ୍ଟନାୟକ, ଅଧ୍ୟାପିକା ପୁଷ୍ପାଞ୍ଜଳି ସାହୁ, ସଙ୍ଗୀତା ସାହୁ, ଚାନ୍ଦନି ବିଶ୍ୱାଳ, ନଗମା ନିଶା ନନ୍ଦ, ଶ୍ୟାମା ଯାଦବ ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅଧ୍ୟକ୍ଷ ତଥା ଅନ୍ୟ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ କରାଯାଇଥିଲା।



ଜିଲା ପ୍ରଶାସନ ଦ୍ୱାରା ଓଏମ୍‌ପି ପଡିଆଠାରେ ଅନ୍ତର୍ଜାତୀୟ ଯୋଗ ଦିବସ।

## ସରକାରଙ୍କ ଜନହିତକର କାର୍ଯ୍ୟର ବାର୍ତ୍ତା ବାଣ୍ଟୁଛି ବିକାଶ ବାହନ

ଦେବଗଡ଼,୨୧।୬(ଶଶାଙ୍କଶେଖର ଝାଙ୍କର)

ଦେବଗଡ଼ ଜିଲାର ୩ ବ୍ଲକର ୭୦ଗ୍ରାମପଞ୍ଚାୟତରେ ବିକାଶ ବାହାନ ପରିକ୍ରମା କରି ସରକାରଙ୍କ ଜନହିତକର କାର୍ଯ୍ୟର ବାର୍ତ୍ତା ବାଣ୍ଟୁଛି। କଳାକାର ସଂଘ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ସରକାରଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ପାଲା, ଦଣ୍ଡ ନୃତ୍ୟ, ଦାସକାଠିଆ ଓ ଏଲିଡି ମାଧ୍ୟମରେ ଲୋକଙ୍କୁ ଅବଗତ କରିବା ସହ ଲୋକଙ୍କୁ ସଚେତନ କରାଯାଉଛି। ଶନିବାର ରିଆମାଳ ବ୍ଲକର ରିଆମାଳ ଗ୍ରାମପଞ୍ଚାୟତ, ଆଡସ ଗ୍ରାମପଞ୍ଚାୟତ, ବାରକୋଟ ବ୍ଲକର ଗୁରସଙ୍ଗ ଗ୍ରାମପଞ୍ଚାୟତ, ସରୁଆଳି ଗ୍ରାମପଞ୍ଚାୟତ, ଗୋଳାବନ୍ଧ ଗ୍ରାମ ପଞ୍ଚାୟତ, ତିଲେଇବଣି ବ୍ଲକର ତିଲେଇବଣି ଗ୍ରାମପଞ୍ଚାୟତରେ ସଚେତନତା ରଥ ପହଞ୍ଚିବା ପରେ ଅଞ୍ଚଳବାସୀ ସ୍ୱାଗତ କରିଥିଲେ। ଜିଲା ପ୍ରଶାସନ, ଅଙ୍ଗନୱାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ବିକାଶ ବାହାନକୁ ସ୍ୱାଗତ କରିବା ସହ ସରକାରଙ୍କର ବିଭିନ୍ନ ଯୋଜନା ଗୁଡ଼ିକ ପାଲା, ଦଣ୍ଡ ନୃତ୍ୟ, ଦାସକାଠିଆ ଓ ଏଲିଡି ମାଧ୍ୟମରେ ଲୋକଙ୍କୁ ପ୍ରଦର୍ଶିତ କରାଯାଇଥିଲା। ଉକ୍ତ ପଞ୍ଚାୟତରେ ବାର୍ଦ୍ଧକ୍ୟ ଭତ୍ତା, ଆଧାର କାର୍ଡ, ଶ୍ରମ କାର୍ଡ, ଅନ୍ତ୍ୟୋଦୟ କାର୍ଡ, ନୂତନ ରାଶନ କାର୍ଡ, ସିଏମ୍ କିଷାନ, ପିଏମ୍ କିଷାନ କାର୍ଡ ବଣ୍ଟନ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଜିଲାପାଳ କବିନ୍ଦ୍ର କୁମାର ସାହୁ, ଜିଲା ପର୍ଯ୍ୟବେକ୍ଷକ ମନୁନାଥ ସେଠି, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲାପାଳ ପରିକ୍ଷିତ ସାହୁ ବିଭିନ୍ନ ପଞ୍ଚାୟତକୁ ଯାଇ ଲୋକମାନଙ୍କର ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ।



ବିକାଶ ବାହାନକୁ ସ୍ୱାଗତ କରାଯାଉଛି।

## ସଡ଼କ ଦୁର୍ଘଟଣାରେ ୩ ଗୁରୁତର

ବ୍ରଜରାଜନଗର,୨୧।୬(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ଦେଇ ଯାଇଥିବା ୪୯ନଂ. ଜାତୀୟ ରାଜପଥର ବାଲାଜୀ ପେଟ୍ରୋଲ ପମ୍ପ ନିକଟରେ ଶୁକ୍ରବାର ରାତ୍ରି ୮ଟାରେ ଏକ ସଡକ ଦୁର୍ଘଟଣାରେ ୩ ଜଣ ଆହତ ହୋଇଛନ୍ତି। ଏକ ବୋଲେରୋ ଓଡି ୨୩ ଟି ୭୮୩୭ରେ ବନ୍ଧବାହାଲର କେତେକଜଣ ଯୁବକ ବେଲପାହାଡ଼ ପଟକୁ ଯାଉଥିଲେ। ବାଲାଜୀ ପେଟ୍ରୋଲ ପମ୍ପ ନିକଟରେ ଭାରସାମ୍ୟ ହରାଇ ଏକ ଗଛରେ ଗାଡି ପିଟି ହୋଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ତୁରନ୍ତ ଆହତମାନଙ୍କୁ ବେଲପାହାଡ଼ ସ୍ଥିତ ଟିଆର୍‌ଏଲ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ଝାରସୁଗୁଡ଼ାର ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଯୁବକମାନେ ବରଯାତ୍ରୀ ଭୋଜିଖାଇ ବନ୍ଧ ବାହାଲ ଫେରୁଥିଲେ ବୋଲି ଗାନ୍ଧୀଛକ ଫାଣ୍ଡି ଅଧିକାରୀ ମଦନ ନାୟକ ପ୍ରକାଶ କରିଛନ୍ତି।

## ଝାରସୁଗୁଡ଼ାରେ ବିଭିନ୍ନ ସ୍ଥାନରେ ଯୋଗ କାର୍ଯ୍ୟକ୍ରମ

ଝାରସୁଗୁଡା,୨୧।୬(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ସହରସ୍ଥିତ ଓଏମ୍‌ପି ପଡିଆ ଠାରେ ଜିଲା ପ୍ରଶାସନ ତରଫରୁ ଶନିବାର ସକାଳ ୬ଟାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲାପାଳ ଆବୋଲି ସୁନୀଲ ନରୱାଣେ, ଆରକ୍ଷୀ ଅଧୀକ୍ଷକ ସ୍ମିଥ ପି ପରମାର, ଭାଜପା ଜିଲା ସଭାପତି ରଘୁନନ୍ଦନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ କହିଥିଲେ, ଯୋଗ କଲେ ଶରୀର ସୁସ୍ଥ ରହେ। ଧ୍ୟାନ ସହିତ ଯୋଗ ଆମ ଶରୀରକୁ ଏକ ନୂଆଁ ଶକ୍ତି ପ୍ରଦାନ କରେ। ଏହି ଜିଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସରେ ଶତାଧିକ ଯୋଗପ୍ରେମୀ ଯୋଗ ଦେଇଥିଲେ। ସେହିପରି ବେଲପାହାଡ଼ଠାରେ ଥିବା ଟି.ଆର.ଏଲ. କ୍ରୋସାକୀ କମ୍ପାନୀ ପକ୍ଷରୁ ମଧ୍ୟ ଶନିବାର ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଟିଆରଏଲ କ୍ରୋସାକୀ ହସ୍ପିଟାଲର ନିର୍ଦ୍ଦେଶକ ଡ଼ା ତୁଷାର କାନ୍ତି ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଟିଆରଏଲ କ୍ରୋସାକୀ ଅଧିକାରୀ ସନ୍ତୋଷ ମିଶ୍ର, ଶଶାଙ୍କ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ। ଟିଆରଏଲ କ୍ରୋସାକୀର ଯୁବଲି ହଲଠାରେ ଏହି ଦିବସ ଆୟୋଜନ କରାଯାଇଥିଲା। ବେଲପାହାଡ଼ ପୌରାଞ୍ଚଳର ବରିଷ୍ଠ ନାଗରିକ ସଙ୍ଗଠନ, ରାଜନୈତିକ ଦଳର ନେତା, ସ୍କୁଲର ଛାତ୍ରୀଛାତ୍ର ଯୋଗଦେଇଥିଲେ। ଝାରସୁଗୁଡା ମରାକୁଠାସ୍ଥିତ ଓଡିଶା ମେଟାଲିକ କମ୍ପାନୀଠାରେ ମଧ୍ୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଯୋଗ ଦିବସରେ କମ୍ପାନୀର ୨ଶହ କର୍ମଚାରୀ ଯୋଗ ଦେବା ସହିତ କମ୍ପାନୀର ବରିଷ୍ଠ ଅଧିକାରୀ ଶଙ୍କର ପ୍ରସାଦ ପାଢ଼ୀ, ସନ୍ତୋଷ କୁମାର ସିଂ, ତ୍ରିନାଥ ବେହେରା, ସଞ୍ଜୟ ସିଂ, ମିଳିନ୍ଦ ଖଣ୍ଡକାର, ବବିରାମ ବେହେରା ଉପସ୍ଥିତ ଥିଲେ। ସ୍ଥାନୀୟ ବୁଢ଼ାପଡା ବୁରୋମାଲ ସ୍ଥିତ ଜିଲା ଦିବ୍ୟାଙ୍ଗ ସ୍ୱତନ୍ତ୍ର ବିଦ୍ୟାଳୟରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟ ପ୍ରତିଷ୍ଠାତା ବିବେକା ନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଚିବ ପଣ୍ଡିତ ନିକୁଞ୍ଜ ବିହାରୀ ଜ୍ୟୋତିଷ ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ବର୍ଷା ଦ୍ୱିରୋ ଫିଜିଓ ଥେରାପି ସେଣ୍ଟର ମୁଖ୍ୟ ଡାକ୍ତର ପ୍ରକାଶ ଚନ୍ଦ୍ର ରଣା ଯୋଗଦେଇଥିଲେ।

## ଜିଲାସ୍ତରୀୟ ଭିଜିଲାନ୍ସ ତଦାରଖ କମିଟି ବୈଠକ



ଭିଜିଲାନ୍ସ ଏବଂ ତଦାରଖ କମିଟି ବୈଠକରେ ଉପସ୍ଥିତ ଅଧିକାରୀ।

ଦେବଗଡ,୨୧।୬(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ବିକାଶ ଭବନଠାରେ ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣଙ୍କ ଆବାହକତ୍ୱରେ ଶନିବାର ଜିଲାସ୍ତରୀୟ ଭିଜିଲାନ୍ସ ଏବଂ ତଦାରଖ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲାପାଳ କବିନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଅନୁସୂଚିତ ଜାତି ଓ ଜନଜାତି ବର୍ଗର ବ୍ୟକ୍ତି ବିଶେଷଙ୍କ ପାଇଁ ଉଦ୍ଦିଷ୍ଟ (ଆଟ୍ରୋସିଟୀ) ଆକ୍ଟ ୧୯୮୯ ଓ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ନିୟମାବଳୀ ୧୯୯୫ ଅନୁଯାୟୀ ନିର୍ଯାତିତ ବ୍ୟକ୍ତି ବିଶେଷଙ୍କ ପାଇଁ ଆଇନଗତ ସହାୟତା ରାଶି ଓ ଆନ୍ତଃଜାତି ବିବାହ ନିମନ୍ତେ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଏ ସମ୍ବନ୍ଧରେ ବ୍ଲକସ୍ତରରେ ଅଧିକରୁ ଅଧିକ ସଚେତନତା ସୃଷ୍ଟି ଉପରେ ଜିଲାପାଳ ସାହୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧିରଜ ଚୋପଦାର, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝି, ତିଲେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଦେବଗଡ଼ ବିଧାୟକଙ୍କ ପ୍ରତିନିଧି ମନୋଜ କୁମାର ପ୍ରଧାନ,ପଳସମା ସରପଞ୍ଚ ଶୁଶୀଳ କୁମାର, କାଉଁଶିବାହଲ ଗ୍ରାମ ପଞ୍ଚାୟତର ସରପଞ୍ଚ ନମିତା ମାଝୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଜିତା'ର ସମ୍ପାଦିକା ଅନୁପମା ରାଉତ, 'ସପୋର୍ଟ'ର ନିର୍ଦ୍ଦେଶକ ଚନ୍ଦ୍ରଶେଖର ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର, ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟର କମଳିନୀ ରଥ ଓ ଆଶିଷ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ରଜରାଜନଗରରୁ ପୁରୀକୁ ଯିବ ରଥର ବ୍ରେକ କଣ୍ଟା

ଝାରସୁଗୁଡା,୨୧।୬(ଆଶିଷ ରଞ୍ଜନ ଦାଶ)



ଜଗୁ ବେନିଆଁ ଓ ସାଥୀ କମାରଶାଳରେ ବ୍ରେକ ଓ କଣ୍ଟା ତିଆରି କରୁଛନ୍ତି।

ପୁରୀରେ ତିନି ରଥ ଲାଗି ବ୍ରେକ୍ କଣ୍ଟା ଝାରସୁଗୁଡ଼ା ଜିଲାର ବ୍ରଜରାଜନଗରରୁ ଯିବ। ପୁରୀରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଥିବାବେଳେ ୩ବିଗ୍ରହଙ୍କ ତିନି ରଥରେ ବ୍ୟବହାର ହେଉଥିବା କଣ୍ଟା ଏବଂ ବ୍ରେକ ବ୍ରଜରାଜନଗରରେ ନିର୍ମିତ ହୋଇସାରିଛି। ରବିବାର ବ୍ରଜରାଜନଗରରୁ ଜଗୁ ବେନିଆଁ ଏବଂ ତାଙ୍କ ସହଯୋଗୀ ପୁରୀ ଯାଇ ତିନି ରଥରେ ଏହି ବ୍ରେକ ଲଗାଇବେ। ରଥ ବ୍ରେକ୍‌ରେ ବ୍ୟବହାର ହେଉଥିବା ବିଭିନ୍ନ ପ୍ରକାର କଣ୍ଟା, ୱାସର ଆଦି ବ୍ରଜରାଜନଗର ସାନଯୋବ ଗାଁର ଜଗୁ ବେନିଆଁ ଓ ସାଥି ନିଜ କମାର ଶାଳରେ ପ୍ରସ୍ତୁତ କରିଥାନ୍ତି। ଏହି ପ୍ରସ୍ତୁତ ସାମଗ୍ରୀ ଏବଂ ନାଇଲନ ରବର ବେଲ୍ଟକୁ ସାଙ୍ଗରେ ନେଇ ରଥଯାତ୍ରାର କିଛିଦିନ ପୂର୍ବରୁ ପୁରୀ ଅଭିମୁଖେ ଯାତ୍ରା ଆରମ୍ଭ କରିଥାନ୍ତି। ବ୍ରେକ ତିଆରି ଖର୍ଚ୍ଚ ତଥା ବ୍ରେକ ଲଗାଇବା ପାଇଁ ପୁରୀକୁ ଯିବା ଆସିବା ଖର୍ଚ୍ଚ ସମସ୍ତେ ନିଜେ ନିଜ ପକେଟରୁ ବହନ କରିଥାନ୍ତି। ଏଥିପାଇଁ ପୁରୀ ମନ୍ଦିର ପ୍ରଶାସନକୁ କିଛି ଖର୍ଚ୍ଚ ମାଗନ୍ତି ନାହିଁ। ଜଗୁ ବେନିଆଁ ଏବଂ ଅଶ୍ୱିନୀ ମିଶ୍ର ଏବଂ ସହଯୋଗୀମାନେ ନିଜ ଜ୍ଞାନକୌଶଳ ବ୍ୟବହାର କରି ରଥରେ ବ୍ରେକ ଖଞ୍ଜିବା ଦ୍ୱାରା ବଡ଼ଦାଣ୍ଡରେ ରଥ ଗଡ଼ିଥାଏ। ଆବଶ୍ୟକ ସମୟରେ ରଥ ରୋକିବା ପାଇଁ ବ୍ରେକର ବ୍ୟବହାର କରାଯାଏ। ବ୍ରେକରେ ବ୍ୟବହାର ହେଉଥିବା ନାଇଲନ ରବର ବେଲ୍ଟ ରାସ୍ତାରେ ଘର୍ଷଣ ହୋଇ ରଥର ଗତି ଠିକ ଭାବରେ ନିୟନ୍ତ୍ରିତ କରିଥାଏ। ତିନି ରଥର ଏହି ବ୍ରେକ ତିଆରି କରିବା ପାଇଁ ରବର ଓ ନାଇଲନ ଲେୟାର ଥିବା ବେଲ୍ଟ ଆବଶ୍ୟକ ହୋଇଥାଏ। ତିନି ରଥ ପାଇଁ ମୋଟ ୩୬ ଖଣ୍ଡ ବେଲ୍ଟ ଦରକାର ହୁଏ। ପ୍ରତି ବେଲ୍ଟର ଲମ୍ବ ୧ଫୁଟ, ଚଉଡା ୯ଇଞ୍ଚ, ମୋଟା ୧୬ମିଲିମିଟର ରଖାଯାଏ। ଏହାସହିତ ୧୫ କେଜି ନିହାଣ କଣ୍ଟା, ୫କେଜି ଜୁଖିଆ କଣ୍ଟା ଓ ୩କେଜି ୱାସର ବ୍ୟବହାର ହୋଇଥାଏ। ଏହି ସାମଗ୍ରୀ ଗୁଡିକୁ ଜଗୁ ନିଜେ ପୁଅ ଏବଂ ସାଥିଙ୍କ ସହ ନିଜ କମାରଶାଳରେ ପ୍ରସ୍ତୁତ କରୁଥିବାବେଳେ ମହାପ୍ରଭୁଙ୍କ ରଥରେ ଏହି ଯୋଗଦାନ ତାଙ୍କ ଏବଂ ପରିବାର ବର୍ଗଙ୍କ ପୁଣ୍ୟକର୍ମର ଫଳ ବୋଲି ଜଗୁ କହିଛନ୍ତି। ଗତ ୨୦୦୮ରୁ ପ୍ରାୟ ୧୬ ବର୍ଷ ହେଲାଣି ଝାରସୁଗୁଡ଼ା ବ୍ରଜରାଜନଗର ଅଞ୍ଚଳରେ ଥିବା ମହାନଦୀ କୋଇଲା ଖଣିର ପୂର୍ବତନ କର୍ମଚାରୀ ଜଗୁ ବେନିଆଁ ଓ ଇଞ୍ଜିନିୟର ଅଶ୍ୱିନୀ ମିଶ୍ର ମିଶି ପୁରୀ ରଥ ପାଇଁ ବ୍ରେକ ଓ ବ୍ରେକରେ ବ୍ୟବହାର ହେଉଥିବା କଣ୍ଟା ତିଆରି କରି ଆସୁଛନ୍ତି। ପୂର୍ବ ସମୟରେ ରଥ ଟଣାବେଳେ ରଥ ଗତିରେ ନିୟନ୍ତ୍ରଣ ରହୁ ନ ଥିବାରୁ ଦୁର୍ଘଟଣାର ଆଶଙ୍କା ରହୁଥିଲା। ତେଣୁ ଏହାକୁ ଦେଖି ଅଶ୍ୱିନୀ ପୁରୀ ଶ୍ରୀମନ୍ଦିର ପ୍ରଶାସନ ସହିତ ଯୋଗାଯୋଗ କରିଥିଲେ। ସେ ରଥ ଉପରେ ନୂତନ ଜ୍ଞାନକୌଶଳରେ ତିଆରି ବ୍ରେକ ବ୍ୟବହାର କରିବାକୁ ପ୍ରସ୍ତାବ ଦେଇଥିଲେ। ଅନୁମତି ମିଳିବା ପରେ ବ୍ରଜରାଜନଗର ସ୍ଥିତ କୋଇଲା ଖଣିର ସହକର୍ମଚାରୀ ଥିବା ଜଗୁ ବେନିଆଁ ଓ ଅନ୍ୟ ସାଥିମାନେ ମିଶି ୨୦୦୮ରୁ ତିଆରି କରିଚାଲିଛନ୍ତି ପୁରୀ ରଥ ପାଇଁ ବ୍ରେକ। ବଡ଼ ଠାକୁରଙ୍କ ଏହି ସେବା ପାଇଁ ଜୀବନରେ ଅପୂର୍ବ ଆନନ୍ଦ ଓ ଶାନ୍ତି ମିଳୁଥିବା ଜଗୁ କହନ୍ତି।

ଧରିତ୍ରୀ DHARITRI 51 Years
www.orissakhabar.com/ www.dharitri.com | ପୃଷ୍ଠା ୧୪ | Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ରବିବାର, ୨୨ ଜୁନ୍, ୨୦୨୫ | Bhubaneswar, Sunday, 22 June, 2025

# ପନ୍ତଙ୍କ ଶତକ: ଭାରତ ୪୭୧

## ପ୍ରଥମ ଟେଷ୍ଟ

ଲିଡ୍ସ,୨୧।୬

ଇଂଲଣ୍ଡ ବିପକ୍ଷରେ ଚାଲିଥିବା ପ୍ରଥମ ଟେଷ୍ଟରେ ଭାରତ ପ୍ରଥମ ଇନିଂସରେ ୪୭୧ ରନରେ ଅଲଆଉଟ୍ ହୋଇଯାଇଛି। ପ୍ରଥମ ଦିନ ଯଶସ୍ୱୀ ଜୟସ୍ୱାଲ ଓ ଅଧିନାୟକ ଶୁବମନ ଗିଲ ଶତକ ହାସଲ କରିଥିବା ବେଳେ ଦ୍ୱିତୀୟ ଦିନରେ ରିଷଭ ପନ୍ତ ଶତକ ପୂରଣ କରିଛନ୍ତି। ଜବାବରେ ଇଂଲଣ୍ଡ ତା'ର ପ୍ରଥମ ଇନିଂସରେ ଦ୍ୱିତୀୟ ଦିନର ଚା' ପାନ ବିରତି ସୁଦ୍ଧା ୧ ଉଇକେଟ ହରାଇ ୧୦୭ ରନ କରିଛି। ଭାରତ ପକ୍ଷରୁ ଯଶପ୍ରୀତ ବୁମରା ଏକମାତ୍ର ଉଇକେଟ ନେଇଛନ୍ତି। ରିପୋର୍ଟ ଲେଖା ହେଲା ବେଳକୁ ବେନ ଡକେଟ ୫୩ ଓ ଓଲି ପୋପ ୪୮ ରନରେ ବ୍ୟାଟିଂ କରୁଛନ୍ତି। ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିବା ପାଇଁ ଇଂଲଣ୍ଡ ହାତରେ ୯ ଉଇକେଟ ସୁରକ୍ଷିତ ରଖିଥିବା ବେଳେ ୩୬୪ ରନ ପଛରେ ରହିଛି।

ଶନିବାର ତଥା ମ୍ୟାଚ୍‌ର ଦ୍ୱିତୀୟ ଦିନ ଭାରତୀୟ ଦଳ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୫୯/୩ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବ ଦିନର ଦୁଇ ଅପରାଜିତ ବ୍ୟାଟର ଅଧିନାୟକ ଗିଲ ଓ ପନ୍ତ ଆଟାକିଂ ବ୍ୟାଟିଂ କରିଥିଲେ। ଦୁହେଁ ଚତୁର୍ଥ ଉଇକେଟ ପାଇଁ ୨୦୯ ରନର ଭାଗୀଦାରି କରିଥିଲେ। ଦିନର ପ୍ରଥମ ବ୍ୟାଟର ଭାବେ ଗିଲ ୧୯ ଚୌକା ଓ ୧ ଛକା ସହିତ ୧୪୭ ରନ କରି ଆଉଟ୍ ହୋଇଥିଲେ। ଏହାପରେ ଭାରତୀୟ ଦଳ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୪୩୦ ରନରେ ଚତୁର୍ଥ ଉଇକେଟ ହରାଇଥିବା ଭାରତ ପରବର୍ତ୍ତୀ ୬ ଉଇକେଟରେ ମାତ୍ର ୪୧ ରନ ଯୋଡ଼ିବାକୁ ସକ୍ଷମ ହୋଇଥିଲା। ଦୀର୍ଘ ୭ ବର୍ଷର ବ୍ୟବଧାନ ପରେ ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା କରୁଣ ନାୟର ଖାତା ଖୋଲିପାରି ନ ଥିଲେ। ପନ୍ତ ୧୨ ଚୌକା ଓ ୬ ଛକା ସହିତ ୧୩୪ ରନ କରି ପାଭିଲିଅନ ଫେରିଥିଲେ।



ଶତକ ହାସଲ ପରେ ରିଷଭ ପନ୍ତ।

ଏହା ତାଙ୍କ ଟେଷ୍ଟ କ୍ୟାରିୟରର ସପ୍ତମ ଶତକ ଥିଲା। ମହମ୍ମଦ ସିରାଜ ୩ ରନ କରି ଅପରାଜିତ ରହିଥିବା ବେଳେ ରବୀନ୍ଦ୍ର ଜାଡେଜା ୧୧, ଶାର୍ଦ୍ଦୁଳ ଠାକୁର ୧, ପ୍ରସିଦ୍ଧ କ୍ରିଷ୍ଣା ୧, ବୁମରା ବିନା ରନରେ ଆଉଟ୍ ହୋଇଥିଲେ। ଇଂଲଣ୍ଡ ପକ୍ଷରୁ ଅଧିନାୟକ ବେନ ଷ୍ଟୋକ୍ସ ଓ ଜୋଶ ଟଙ୍ଗ ୪ ଲେଖାଏ ଏବଂ ବ୍ରାଇଡନ କାର୍ସ ଓ ଶୋଏବ ବସୀର ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୪୭୧/ ଅଲଆଉଟ୍ (ଶୁବମନ ଗିଲ-୧୪୭, ରିଷଭ ପନ୍ତ-୧୩୪, ଯଶସ୍ୱୀ ଜୟସ୍ୱାଲ-୧୦୧, ଲୋକେଶ ରାହୁଲ-୪୨, ବେନ ଷ୍ଟୋକ୍ସ-୪/୬୬, ଜୋଶ ଟଙ୍ଗ-୪/୮୬)।

ଇଂଲଣ୍ଡ ପ୍ରଥମ ଇନିଂସ: ୨୪ ଓଭରରେ ୧୦୭/୧ (ବେନ ଡକେଟ-୫୩*, ଓଲି ପୋପ-୪୮*, ଯଶପ୍ରୀତ ବୁମରା-୧/୨୩)।

## ଧୋନୀଙ୍କୁ ପଛରେ ପକାଇଲେ ପନ୍ତ

ଟେଷ୍ଟ କ୍ରିକେଟ ଇତିହାସରେ ଭାରତୀୟ ଉଇକେଟକିପର ବ୍ୟାଟର ଭାବେ ସର୍ବାଧିକ ସଂଖ୍ୟକ ଶତକ କରିବାରେ ରିଷଭ ପନ୍ତ ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କୁ ଅତିକ୍ରମ କରିଛନ୍ତି। ପନ୍ତ ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ଛକା ମାରି ଶତକ ପୂରଣ କରିଥିଲେ। ସେ ୧୨ ଚୌକା ଓ ୬ ଛକା ସହିତ ୧୩୪ ରନ କରି ପାଭିଲିଅନ ଫେରିଥିଲେ। ଏହା ତାଙ୍କ କ୍ୟାରିୟରର ସପ୍ତମ ଟେଷ୍ଟ ଶତକ ଥିଲା। ଭାରତ ପାଇଁ ୯୦ ଟେଷ୍ଟ ଖେଳିଥିବା ଧୋନୀ ୬ ଶତକ ଓ ୩୩ ଅର୍ଦ୍ଧଶତକ ସହ ୪,୮୭୬ ରନ୍ କରିଥିଲେ। ସେ ଏବେ ବି ଭାରତ ପାଇଁ ଟେଷ୍ଟରେ ସର୍ବାଧିକ ରନ କରିଥିବା ଉଇକେଟ କିପର ବ୍ୟାଟର ହୋଇ ରହିଛନ୍ତି। ଶତକୀୟ ଇନିଂସ ଅବସରରେ ପନ୍ତ ଟେଷ୍ଟ କ୍ୟାରିୟରରେ ୩ ହଜାର ରନ ପୂରଣ କରିଛନ୍ତି। ଭାରତ ପାଇଁ ସର୍ବାଧିକ ଟେଷ୍ଟ ଶତକ କରିଥିବା ଉଇକେଟକିପର ବ୍ୟାଟରଙ୍କ ତାଲିକାରେ ରିଦ୍ଧିମାନ ଶାହା, ସୟଦ କିରମାନି ଓ ପାରୁଖ ଇଞ୍ଜିନିୟର ଦୁଇଟି ଲେଖାଏ ଶତକ ସହ ମିଳିତ ତୃତୀୟ ସ୍ଥାନରେ ରହିଛନ୍ତି।

# ନୀରଜଙ୍କୁ ଡାଇମଣ୍ଡ ଲିଗ୍ ଟାଇଟଲ




ପ୍ୟାରିସ, ୨୧।୬ (ପି.ଟି.)

ଅଲିମ୍ପିକ ପଦକ ବିଜେତା ଭାରତୀୟ ଜାଭେଲିନ ଥ୍ରୋ ସୁପରଷ୍ଟାର ନୀରଜ ଚୋପ୍ରା ଦୁଇ ବର୍ଷରେ ପ୍ରଥମ ଥର ଡାଇମଣ୍ଡ ଲିଗ୍ ଟାଇଟଲ ଜିତିବାରେ ସଫଳ ହୋଇଛନ୍ତି। ସେ ଯଦିଓ ୯୦ ମିଟର ଅଙ୍କ ସ୍ପର୍ଶ କରିପାରି ନାହାନ୍ତି ଏଠାରେ ୮୮.୧୬ ମିଟର ପ୍ରଥମ ରାଉଣ୍ଡ ଥ୍ରୋରେ ତାଙ୍କ ଜର୍ମାନ ପ୍ରତିଦ୍ୱନ୍ଦ୍ୱୀ ଜୁଲିଆନ ୱେବରଙ୍କୁ ପଛରେ ପକାଇ ଦେଇଛନ୍ତି। ଇଭେଣ୍ଟରେ ବିଶ୍ୱର ବହୁ ଷ୍ଟାର ଜାଭେଲିନ୍ ଥ୍ରୋୟର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ୫ଜଣ ୯୦ମିଟର କ୍ଲବର ଥିଲେ। ଚୋପ୍ରାଙ୍କ ଦ୍ୱିତୀୟ ଥ୍ରୋ ୮୫.୧୦ମିଟର ରହିଥିଲା। ତାଙ୍କର ପରବର୍ତ୍ତୀ ତିନୋଟି ଥ୍ରୋ ଫାଉଲ ରହିଥିଲା। ତାଙ୍କର ୬ଷ୍ଠ ତଥା ଫାଇନାଲ ପ୍ରୟାସ ୮୨.୮୯ ମିଟର ରହିଥିଲା। ୱେବର ତାଙ୍କର ୮୭.୮୮ମିଟର ଥ୍ରୋ ସହ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ବ୍ରାଜିଲର ଲୁଇଜ୍ ମୌରିସିଓ ଡା ସିଲ୍‌ଭା ତାଙ୍କ ତୃତୀୟ ରାଉଣ୍ଡ ପ୍ରୟାସ ୮୬.୬୨ ମିଟର ସହ ତୃତୀୟ ସ୍ଥାନ ଅଧିକାର କରିଥିଲେ। ନୀରଜ ତାଙ୍କ ଗତ ଡାଇମଣ୍ଡ ଲିଗ୍ ଟାଇଟଲ ୨୦୨୩ ଜୁନ୍‌ରେ ଲାଉସାନେଠାରେ ହାସଲ କରିଥିଲେ। ଏହାପରେ ସେ ଭାଗ ନେଇଥିବା ୬ଟି ଡାଇମଣ୍ଡ ଲିଗ୍‌ରେ ଦ୍ୱିତୀୟରେ ରହିଥିଲେ। ଏହି ମର୍ଯ୍ୟାଦାପୂର୍ଣ୍ଣ ସିରିଜର ପ୍ୟାରିସ ଲିଗ୍‌ରେ ଏହା ହେଉଛି ତାଙ୍କର ପ୍ରଥମ ବିଜୟ। ସେ ଶେଷ ଥର ଜୁନିୟର ବିଶ୍ୱ ଚାମ୍ପିୟନ ହିସାବରେ ୨୦୧୭ରେ ପ୍ୟାରିସ ଡାଇମଣ୍ଡ ଲିଗ୍‌ରେ ଭାଗ ନେଇଥିଲେ। ସେତେବେଳେ ସେ ୮୪.୭୬ ମିଟର ଥ୍ରୋ ସହ ୫ମ ସ୍ଥାନ ଅଧିକାର କରିଥିଲେ। ହରିୟାଣାର ଏହି ଆଥ୍‌ଲେଟ ଏଠାରେ ପ୍ରତିଯୋଗିତା ଶେଷରେ ବ୍ରଡକାଷ୍ଟରଙ୍କୁ ତାଙ୍କର ଏକ ସାକ୍ଷାତ୍‌କାରରେ କହିଛନ୍ତି, ଶୁକ୍ରବାର ରାତିରେ ତାଙ୍କ ରନ୍ ଅପ୍ ବହୁତ୍ ଦ୍ରୁତ ଥିଲା। ସେ ତାଙ୍କ ଗତିକୁ ନିୟନ୍ତ୍ରଣ କରିପାରୁ ନ ଥିଲେ। କିନ୍ତୁ ଫଳାଫଳ ଏବଂ ପ୍ରଥମ ସ୍ଥାନକୁ ନେଇ ସେ ବହୁତ ଖୁସି।

## ୫ମ ଟେଷ୍ଟରେ ଖେଳିପାରନ୍ତି ଉଡ୍

ଲଣ୍ଡନ, ୨୧।୬ (ପି.ଟି.)

ଆଘାତପ୍ରାପ୍ତ ଇଂଲଣ୍ଡ ଫାଷ୍ଟ ବୋଲର ମାର୍କ ଉଡ୍ ଜୁଲାଇ ୩୧ରୁ ଓଭାଲଠାରେ ହେବାକୁ ଥିବା ୫ମ ତଥା ଫାଇନାଲ ଟେଷ୍ଟ ବେଳକୁ ଫିଟ୍ ହୋଇଯାଇଥିବେ ଏବଂ ସିଲେକ୍ସନ ପାଇଁ ଉପଲବ୍ଧ ହେବେ ବୋଲି ଆଶା କରାଯାଉଛି। ଆଣ୍ଠୁରେ ଅସ୍ତ୍ରୋପଚାର ପରେ ଉଡ୍ ବର୍ତ୍ତମାନ ରିହାବିଲିଟେଶନରେ ଅଛନ୍ତି। ଚଳିତବର୍ଷ ପ୍ରାରମ୍ଭରେ ଚାମ୍ପିୟନ୍ସ ଟ୍ରଫି ବେଳେ ଏହି ୩୫ ବର୍ଷୀୟ କ୍ରିକେଟର ବାମ ଆଣ୍ଠୁରେ ଲିଗାମେଣ୍ଟ ଇଞ୍ଜୁରୀ ହୋଇଥିଲା। ମାର୍ଚ୍ଚରେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା।

# ଓଡ଼ିଶାର ସାତ୍ତ୍ୱିକ ଚାମ୍ପିୟନ

## ୯ ବର୍ଷରୁ କମ୍ ଜାତୀୟ ଓପନ ଚେସ୍

ଭୁବନେଶ୍ୱର,୨୧।୬(ଅନାଦି କର)

ଅଲ ଇଣ୍ଡିଆ ଚେସ୍ ଫେଡେରେଶନ (ଏଆଇସିଏଫ୍) ଆନୁକୂଲ୍ୟରେ ହରିୟାଣା ଚେସ୍ ଆସୋସିଏଶନ (ଏଚ୍‌ସିଏ) ଦ୍ୱାରା ଆୟୋଜିତ ୯ ବର୍ଷରୁ କମ୍ ଜାତୀୟ ଓପନ ଚେସ୍ ଟୁର୍ନାମେଣ୍ଟରେ ଓଡ଼ିଶାର ସାତ୍ତ୍ୱିକ ସ୍ୱାଇଁ ଚାମ୍ପିୟନ ହୋଇଛନ୍ତି। ଗତ ୧୫ ତାରିଖରୁ ଚାଲିଥିବା ଏହି ୧୧ ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟରେ ସାତ୍ତ୍ୱିକ ସର୍ବାଧିକ ୧୦ ପଏଣ୍ଟ ସ୍କୋର କରି ଏହି ସଫଳତା ପାଇଛନ୍ତି। ତାଙ୍କ ପଛକୁ କର୍ନାଟକର ଅଦ୍ୱିକ ଅଭିନବ କ୍ରିଷ୍ଣା ଓ ତେଲଙ୍ଗାନାର ଦ୍ୱିଭିଥ ରେଡ୍ଡୀ ଆଦୁଲା ଯଥାକ୍ରମେ ୯.୫ ଓ ୮.୫ ସ୍କୋର ସହ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଏହି ପ୍ରତିଯୋଗିତାରେ ମୋଟ ଉପରେ



ଟ୍ରଫି ସହ ସାତ୍ତ୍ୱିକ ସ୍ୱାଇଁ

୩୧୮ ଖେଳାଳି ଭାଗ ନେଇଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ଅନ୍ୟ ଓଡ଼ିଆ ଖେଳାଳି ସିଦ୍ଧାର୍ଥ ମଲିକ ୭ ଓ ଅଦ୍ୱିକ ଆଦିତ୍ୟ ସ୍ୱାଇଁ ୬ ପଏଣ୍ଟ ସହ ଯଥାକ୍ରମେ ୭୩ତମ ଓ ୧୦୦ତମ ସ୍ଥାନରେ ରହିଥିଲେ। ସାତ୍ତ୍ୱିକଙ୍କୁ ଏଭଳି ଉପଲବ୍ଧି ପାଇଁ ଅଲ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ସମ୍ପାଦକ ଦେବବ୍ରତ ଭଟ୍ଟ, କାର୍ଯ୍ୟକାରୀ ପରିଷଦ ସଦସ୍ୟ ରିତେଶ ରଥ, ପନମିନି ସିଂ, ଅନ୍ତର୍ଜାତୀୟ ଆର୍ବିଟର ତାପସ ମହାନ୍ତି ଅଭିନନ୍ଦନ ଜଣାଇଛନ୍ତି।

# ଛତିଶଗଡ଼ ପାଇଁ ଖେଳିବେ ସରୱଟେ

ମୁମ୍ବାଇ,୨୧।୬

ଭେଟେରାନ ସ୍ପିନ ଅଲରାଉଣ୍ଡର ଆଦିତ୍ୟ ସରୱଟେ ଆଗାମୀ ଘରୋଇ ସିଜନ ପୂର୍ବରୁ କେରଳ ଦଳରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି। ସେ ଚଳିତବର୍ଷ ଛତିଶଗଡ଼ ପାଇଁ ଖେଳିବେ। ସେ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ (ଏନ୍‌ଓସି) ଦାବି କରିଥିଲେ ଏବଂ ଆମେ ତାଙ୍କୁ ଦେଇଛୁ ବୋଲି କେରଳ କ୍ରିକେଟ ଆସୋସିଏଶନ (କେସିଏ) ସମ୍ପାଦକ ବିନୋଦ କୁମାର କହିଛନ୍ତି। ୩୫ ବର୍ଷୀୟ ସରୱଟେ କ୍ୟାରିୟରରେ ପ୍ରାୟତଃ ବିଦର୍ଭ ପାଇଁ ଘରୋଇ କ୍ରିକେଟ ଖେଳିଥିଲେ। ଗତବର୍ଷ ସେ କେରଳ ପାଇଁ ଖେଳିଥିଲେ। ସେ ଗତ ରଣଜୀ ସିଜନରେ ୨୭୪ ରନ କରିବା ସହ ୩୪ ଉଇକେଟ ନେଇଥିଲେ। ସରୱଟେଙ୍କ ପ୍ରତିନିଧିତ୍ୱରେ ବିଦର୍ଭ ୨୦୧୭-୧୮ ଓ ୨୦୧୮-୧୯ ସିଜନରେ ରଣଜୀ ଚାମ୍ପିୟନ ହୋଇଥିଲା।

## ଜାଫର ବିଦର୍ଭରେ ଯୋଗଦେଇପାରନ୍ତି

ପୂର୍ବତନ ଭାରତୀୟ କ୍ରିକେଟର ୱାଶିମ ଜାଫର ବ୍ୟାଟିଂ ପରାମର୍ଶଦାତା ଭାବେ ବିଦର୍ଭ ଦଳରେ ଯୋଗଦେଇପାରନ୍ତି। ସେ ଉସ୍ମାନ ଘନିଙ୍କ ନେତୃତ୍ୱାଧୀନ କୋଚିଂ ଟିମ୍‌ରେ କାର୍ଯ୍ୟ କରିବେ ବୋଲି ଆଶା କରାଯାଉଛି। ଗତ ସିଜନରେ ଘନିଙ୍କ ନେତୃତ୍ୱରେ ବିଦର୍ଭ ରଣଜୀ ଟ୍ରଫି ଚାମ୍ପିୟନ ହୋଇଥିଲା।

# କଟକ 'ଏ'-ଭୁବନେଶ୍ୱର 'ଏ' ଫାଇନାଲ

ଭୁବନେଶ୍ୱର , ୨୧।୬ (ବିଜୟ ରଣା)

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟ ୨୦୨୫ (ଦିନିକିଆ ଫର୍ମାଟ)ର ଫାଇନାଲ ଭୁବନେଶ୍ୱର 'ଏ' ଓ କଟକ 'ଏ' ମଧ୍ୟରେ ଖେଳାଯିବ। ଶନିବାର ସେମିଫାଇନାଲ ଖେଳାଯାଇଥିଲା। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର 'ଏ' ଡି/ଏଲ୍ ପଦ୍ଧତିରେ ୬ ରନରେ ସୁନ୍ଦରଗଡ଼କୁ ପରାସ୍ତ କରିଛି। ଏହି ମ୍ୟାଚରେ ଭୁବନେଶ୍ୱର 'ଏ' ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିଲା। ଦଳ ୩୩.୫ ଓଭରରେ ୧୨୧ ରନ କରି ଅଲ ଆଉଟ ହୋଇଯାଇଥିଲା। ଶ୍ରେୟାଂଶୁ ପଟ୍ଟନାୟକ ୩୫ (୬୩ ବଲ୍) ରନ ଓ ଆୟୁଷ କୁମାର ଚାନ୍ଦ ୩୦(୪୩ ବଲ୍) ରନ କରିଥିଲେ। ସୁନ୍ଦରଗଡ଼ ତରଫରୁ ଓମ୍ ବେହେରା ୨୦ ରନ ବିନିମୟରେ ୬ ଉଇକେଟ ଅକ୍ତିଆର କରିଥିବା ବେଳେ ନୀଲ ନିତେଶ ମହାନ୍ତି ୨୫ ରନ ଦେଇ ୩ ଉଇକେଟ ନେଇଥିଲେ। ଜବାବରେ ସୁନ୍ଦରଗଡ଼ ଦଳ ବର୍ଷା ପାଇଁ ଖେଳ ସ୍ଥଗିତ ହେବା ବେଳକୁ ୨୨.୨ ଓଭରରେ ୫ଉଇକେଟ ହରାଇ ୬୫ ରନ କରିଥିଲା। ଭୁବନେଶ୍ୱର 'ଏ' ତରଫରୁ ଚମତ୍କାର ବୋଲିଂ କରି ପ୍ରଜ୍ଞାନ କୁମାର ପତ୍ରୀ ୬ ଓଭରରେ ୧ ମେଡେନ ସହ ୧୫ ରନ ଦେଇ ୩ ଉଇକେଟ ନେଇଥିଲେ। ଚନ୍ଦ୍ରାଂଶୁ ବାଘେଲ ୧୩ ରନ ବିନିମୟରେ ୨ଟି ଉଇକେଟ ଅକ୍ତିଆର କରିଥିଲେ। ପ୍ରଜ୍ଞାନ କୁମାର ପତ୍ରୀ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅନ୍ୟପକ୍ଷରେ ରେଭେନ୍‌ଶା ଗ୍ରାଉଣ୍ଡ-୨ରେ କଟକ 'ଏ' ଓ ଭୁବନେଶ୍ୱର 'ବି' ମଧ୍ୟରେ ଖେଳାଯିବାକୁଥିବା ମ୍ୟାଚ ବର୍ଷା ଯୋଗୁ ସମ୍ଭବପର ହୋଇ ନ ଥିଲା। ନକ୍‌ଆଉଟ ପର୍ଯ୍ୟାୟରେ କ୍ୱାଲିଫିକେଶନ ନିୟମାନୁସାରେ ଲିଗ୍ ପର୍ଯ୍ୟାୟରେ ତୁଳନାତ୍ମକ ଭାବେ ଅଧିକ ପଏଣ୍ଟ ଅର୍ଜନ କରିଥିବା କଟକ 'ଏ' ଫାଇନାଲକୁ ଉନ୍ନୀତ ହୋଇଥିଲା।



ପ୍ରଜ୍ଞାନ କୁମାର ପତ୍ରୀ


ଓମ୍ ବେହେରା

## ଏଫ୍‌ଆଇଏଚ୍ ପ୍ରୋ-ଲିଗ୍

# ବେଲଜିୟମଠାରୁ ହାରିଲା ଭାରତ

ଆଣ୍ଟୱେର୍ପ (ବେଲଜିୟମ), ୨୧।୬ (ପି.ଟି.)

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ମହିଳା ହକି ଦଳର ଖରାପ ପ୍ରଦର୍ଶନ ଜାରି ରହିଛି। ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ବେଲଜିୟମ ନିକଟରୁ ସେମାନେ ୫-୧ ଗୋଲରେ ହାରିଯାଇଛନ୍ତି। ୟୁରୋପିଆନ ଲିଗ୍‌ରେ ଦଳର ଏହା ହେଉଛି କ୍ରମାଗତ ୫ମ ପରାଜୟ। ପୂର୍ବରୁ ଲଣ୍ଡନଠାରେ ଅଷ୍ଟ୍ରେଲିଆ ଓ ଆର୍ଜେଣ୍ଟିନା ବିପକ୍ଷରେ ଦଳ ଦୁଇଟି ଲେଖାଏ ମ୍ୟାଚରେ ହାରି ସାରିଛି। ଶନିବାର ମ୍ୟାଚରେ ଦୀପିକା ଖେଳର ୬ଷ୍ଠ ମିନିଟ୍‌ରେ ଏକ ଗୋଲ ସ୍କୋର କରି ଭାରତକୁ ପ୍ରଥମାର୍ଦ୍ଧ ସୁଦ୍ଧା ୧-୦ରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧରେ ବେଲଜିୟମ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ହେଲେନ ବ୍ରାସେଉର (୩୭ତମ ଓ ୫୫ତମ ମିନିଟ), ଲୁସି ବ୍ରେଇନ୍ (୪୧ତମ), ଆମ୍ବ୍ରେ ବାଲେଙ୍ଗହିନ୍ (୫୪ତମ) ଓ ଚାର୍ଲୋଟ ଏଙ୍ଗେଲବର୍ଟ (୫୮ତମ)ଙ୍କ ଗୋଲ ବଳରେ ମ୍ୟାଚକୁ ସହଜରେ ଜିତି ନେଇଥିଲା।









Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ